R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୨୩
ତିଥି : ଦ୍ୱିତୀୟା
୧୯ ମେ' ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 223
19 May 2026, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ତାତି ସାଙ୍ଗକୁ ଅସହ୍ୟ ଗୁଳୁଗୁଳି




ଭୁବନେଶ୍ୱର, ୧୮ ।୫ (ସବ୍ୟୁ) : ରାଜ୍ୟରେ ଭୟଙ୍କର ତାତିରେ କଲବଲ ହେଉଛନ୍ତି ଲୋକେ । ଆଭ୍ୟନ୍ତରରେ ସ୍ଥିତି ଅଣାୟତ ହୋଇଥିବା ବେଳେ ଉପକୂଳରେ ଗୁଳିଗୁଳି ନାକେଦମ କରୁଛି । ସୋମବାର ୧୭ ସହରର ତାପମାତ୍ରା ୪୦ ଡିଗ୍ରୀ କିମ୍ବା ତାଠାରୁ ଅଧିକ ରହିଛି। ତେବେ ଆଗାମୀ ୪ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ସାଙ୍ଗକୁ ଗରମ ଓ ଗୁଳିଗୁଳି ହେବାର ସମ୍ଭାବନା ଅଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି, ମୌସୁମୀ ଆଗକୁ ଅଗ୍ରସର ହେବା ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି । ସୋମବାର ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆରବସାଗରର ଅଧିକ ଅଞ୍ଚଳ, ସମଗ୍ର ଆଣ୍ଡାମାନ ଓ ନିକୋବର ଦ୍ୱୀପ ପୁଞ୍ଜ ଏବଂ ବଙ୍ଗୋପସାଗରର ଆଉ କିଛି ଅଞ୍ଚଳକୁ ପ୍ରବେଶ କରିଛି। ଆଗାମୀ ୩ରୁ ୪ ଦିନ ପର୍ଯ୍ୟନ୍ତ ଦକ୍ଷିଣ-ପଶ୍ଚିମ ଏବଂ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରର କିଛି ଅଞ୍ଚଳ, ଆଣ୍ଡାମାନ ସାଗରର ବାକି ଅଞ୍ଚଳକୁ ଛୁଇଁବା ତେବେ ଆସନ୍ତା ୨୬ ତାରିଖ ସୁଧା କେରଳ ମୌସୁମୀ ଛୁଇଁବା ଲାଗି ପାଗ ଅନୁକୂଳ ରହିଛି। (୯ ପୃଷ୍ଠାରେ)

## ନରୱେରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

# ଆଲୋଚନା ମାଧ୍ୟମରେ ପଶ୍ଚିମ-ଏସିଆରେ ଶାନ୍ତି ପ୍ରତିଷ୍ଠାକୁ ଗୁରୁତ୍ୱ



ନୂଆଦିଲ୍ଲୀ, ୧୮ ।୫ : ପଶ୍ଚିମ ଏସିଆ ସଙ୍କଟ ଓ ୟୁକ୍ରେନ ବିବାଦର ସମାଧାନ କୂଟନୀତି ଓ କଥାବାର୍ତ୍ତା ମାଧ୍ୟମରେ କରାଯାଉ। ସାମରିକ କାର୍ଯ୍ୟାନୁଷ୍ଠାନ ଶାନ୍ତି ଆଣିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ନରୱେ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ଆଜି ନରୱେର ପ୍ରଧାନମନ୍ତ୍ରୀ ଜୋନାସ ଥରଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ଉଭୟ ଦେଶର ଦ୍ୱିପାକ୍ଷିକ ସମ୍ପର୍କକୁ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା।

ଏହାପରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ, ଉଭୟ ଭାରତ ଓ ନରୱେ ନିୟମ ଆଧାରିତ ନିର୍ଦ୍ଦେଶ ଆଲୋଚନା ଓ କୂଟନୀତିରେ ବିଶ୍ୱାସ ରଖନ୍ତି। କୌଣସି ପ୍ରସଙ୍ଗ ସାମରିକ କାର୍ଯ୍ୟାନୁଷ୍ଠାନରେ କେବଳ ସମାଧାନ ହୁଏ ନାହିଁ। ୟୁକ୍ରେନ ଓ ପଶ୍ଚିମ ଏସିଆରେ ଆମେ ବିବାଦକୁ ଅପ୍ରସାରଣ କରି ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରୟାସ କରୁଛୁ। ପ୍ରଧାନମନ୍ତ୍ରୀ ମଧ୍ୟ ବିଶ୍ୱ ସଂସ୍ଥା ଗୁଡିକର ସଂସ୍କାର ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ, ଆତଙ୍କବାଦର ମୂଳପୋଛ ପାଇଁ ଆମେ ଉଭୟ ଆମ ପ୍ରତିବଦ୍ଧତା ଜାହିର କରୁଛୁ। ନରୱେ ଗତବର୍ଷ ପହେଲଗ୍ରାମ ଆତଙ୍କୀ ଆକ୍ରମଣରେ ଯେଉଁ ୨୬ ଲୋକଙ୍କର ପ୍ରାଣହାନୀ ହୋଇଥିଲା ଯେତେ ବେଳେ ଭାରତକୁ ସମର୍ଥନ (୯ ପୃଷ୍ଠାରେ)

# ଭୁବନେଶ୍ୱରରେ ଖୋଲିବ 'ସେବି' କାର୍ଯ୍ୟାଳୟ

ଭୁବନେଶ୍ୱର, ୧୮ ।୫ (ସବ୍ୟୁ) : ପୁଞ୍ଜି ବଜାରର ନିୟାମକ ସଂସ୍ଥା ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଭୁବନେଶ୍ୱରରେ ଏକ ନୂତନ କାର୍ଯ୍ୟାଳୟ ଖୋଲିବାକୁ ଯାଉଛି । ଆଜି(ସୋମବାର) ଏଥିପାଇଁ ଭଡ଼ା ଚୁକ୍ତି ସ୍ୱାକ୍ଷର ହୋଇଛି । ପ୍ରାଥମିକ ପର୍ଯ୍ୟାୟରେ ଏକ ଛୋଟ କାର୍ଯ୍ୟାଳୟ ଆରମ୍ଭ ହେବ । ପୂର୍ବରୁ ସେବିର ମୁମ୍ବାଇ ଓ କୋଲକାତା କାର୍ଯ୍ୟାଳୟ ଜରିଆରେ କରାଯାଉଥିବା କାମଗୁଡ଼ିକୁ ଆଗକୁ ଭୁବନେଶ୍ୱରରୁ କରାଯିବ । ଏଥି ସହିତ ଭବିଷ୍ୟତରେ ଏଠାରେ ଏକ ସ୍ଥାୟୀ କାର୍ଯ୍ୟାଳୟ ସ୍ଥାପନ କରାଯିବ ବୋଲି ସେବିର ଅଧ୍ୟକ୍ଷ ତୁହିନକାନ୍ତ ପାଣ୍ଡେ କହିଛନ୍ତି ।

ଆସୋସିଏସନ୍ ଅଫ୍ ମ୍ୟୁଚୁଆଲ୍ ଫଣ୍ଡ ଇନ୍ ଇଣ୍ଡିଆ (ଆମ୍ଫି) ପକ୍ଷରୁ ଆୟୋଜିତ ଆଞ୍ଚଳିକ ନିବେଶକ ସଚେତନତା କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶ୍ରୀ ପାଣ୍ଡେ ମ୍ୟୁନିସିପାଲିଟି ବଣ୍ଡର ବଢ଼ୁଥିବା ଗ୍ରହଣୀୟତା ଉପରେ ଆଲୋକପାତ କରିଥିଲେ । ସେ କହିଲେ, ମ୍ୟୁନିସିପାଲିଟିଗୁଡ଼ିକ

**◢ ମ୍ୟୁନିସିପାଲିଟି ବଣ୍ଡ ଜାରି କରିବାକୁ ଓଡ଼ିଶାକୁ ଆହ୍ୱାନ**

**◢ ଦେଶର ଅର୍ଥନୀତିରେ ଓଡ଼ିଶାର ଅବଦାନ ୩ ପ୍ରତିଶତ**

ପାଇଁ ପାଣ୍ଠି ସଂଗ୍ରହ କରିବାର ଏହି ବ୍ୟବସ୍ଥାକୁ ଓଡ଼ିଶା ଗମ୍ଭୀରତାର ସହ ଗ୍ରହଣ କରିବା ଦରକାର । ବର୍ତ୍ତମାନ ସୁଦ୍ଧା ଦେଶର ୨୨ଟି ସହରାଞ୍ଚଳ ପେର ସଂସ୍ଥା ୩୩ ମ୍ୟୁନିସିପାଲିଟି ବଣ୍ଡ ଜାରି କରି ୪୫୦୦ କୋଟି ଟଙ୍କା ସଂଗ୍ରହ କରିଛନ୍ତି । ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶର ମ୍ୟୁନିସିପାଲିଟିଗୁଡ଼ିକ ଏହି ବଣ୍ଡ ଜାରି କରିଛନ୍ତି । ଓଡ଼ିଶା ମଧ୍ୟ ସେଥିରେ ସାମିଲ ହୋଇ ସେହି ବଣ୍ଡର ଲାଭ ହାସଲ କରିବା ଉଚିତ । ଦ୍ରୁତ ଗତିରେ ବଢ଼ୁଥିବା ସହରାଞ୍ଚଳ ବିକାଶ ପାଇଁ ପାଣ୍ଠି ଆବଶ୍ୟକତା ପୂରଣ କରିବାରେ ଏହି ବଣ୍ଡ ସହାୟକ ହୋଇପାରିବ । କେନ୍ଦ୍ର ସରକାର ଏହି ବଣ୍ଡ ଉପରେ ଅନୁଦାନ ଆକାରରେ ପ୍ରୋତ୍ସାହନ ମଧ୍ୟ ଦେଉଛନ୍ତି ବୋଲି ଶ୍ରୀ ପାଣ୍ଡେ କହିଥିଲେ । (୯ ପୃଷ୍ଠାରେ)

# ସତୀଶନ କେରଳମ୍‌ର ନୂଆ ମୁଖ୍ୟମନ୍ତ୍ରୀ




ନୂଆଦିଲ୍ଲୀ, ୧୮ ।୫ : କେରଳମ୍‌ର ନୂଆ ମୁଖ୍ୟମନ୍ତ୍ରୀ ଭାବେ ବରିଷ୍ଠ କଂଗ୍ରେସ ନେତା ଭିଡି ସତୀଶନ ଶପଥ ନେଇଛନ୍ତି। ତାଙ୍କ ସହ ୨୦ ମନ୍ତ୍ରୀ ମଧ୍ୟ ଶପଥ ଗ୍ରହଣ କରିଛନ୍ତି। ତିରୁଭନନ୍ତପୁରମ୍ ସେଣ୍ଟ୍ରାଲ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଶପଥ ପାଠ ଉତ୍ସବରେ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍‌ଲେକର ମୁଖ୍ୟମନ୍ତ୍ରୀ ଭାବେ ଶ୍ରୀ ସତୀଶନ୍‌ଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। କଂଗ୍ରେସ ନେତୃତ୍ୱାଧୀନ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ (ୟୁଡିଏଫ୍) କେରଳ ବିଧାନସଭା ନିର୍ବାଚନରେ ସଂଖ୍ୟା ଗରିଷ୍ଠ ଭାବେ ଉଭା ହୋଇଥିଲା। ରାଜ୍ୟର ୧୪୦ ବିଧାନସଭା ଆସନରୁ ୧୦୨ ଆସନରେ ବିଜୟଲାଭ କରିଥିଲା।

୬୧ ବର୍ଷୀୟ ସତୀଶନ ୨୦୨୧ରୁ ୨୦୨୬ ଯାଏ କେରଳ ବିଧାନସଭାରେ କାର୍ଯ୍ୟ କରିଥିଲେ। ସତୀଶନଙ୍କ ଶପଥ ଗ୍ରହଣ ଉତ୍ସବଗ୍ରହଣରେ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ସମାଗମ ହୋଇଥିଲା। ଏହି ଶପଥ ଗ୍ରହଣ ସମାରୋହରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସତୀଶନଙ୍କୁ ଆଲିଙ୍ଗନ କରି ବଧାଇ ଦେଇଥିଲେ। ଶ୍ରୀ ସତୀଶନଙ୍କ ବ୍ୟତୀତ ପିକେ

**ଶପଥ ନେଲେ ୨୦ ମନ୍ତ୍ରୀ**

**ଶପଥ ଗ୍ରହଣ ଉତ୍ସବରେ ରାହୁଲ, ପ୍ରିୟଙ୍କା**

କୁନାଲ କୁଟି, ରମେଶ ଚେନିଥାଲା, ସନି ଜୋଶେଫ, କେ ମୁରଲୀ ଧରନ, ଏମ ଜୋସେଡ଼, ଶିବୁ ବାବିଚନ, ଅନୁପ ଜାକେପ, ସିପି ଜନ, ଏପି ଅନିଲ କୁମାର, ଏମ ସାମା ସୁଦିନ, ପିସି ବିଷ୍ଣୁନନ୍ଧ, ରୋଜି ଏମ ଜନ, ବିନ୍ଦୁ କ୍ରିଷ୍ଣା, (୯ ପୃଷ୍ଠାରେ)

## ନିଟ୍ ପ୍ରଶ୍ନପତ୍ର ଲିକ୍

# କୋଚିଂ ସେଣ୍ଟର ମାଲିକ ଗିରଫ

ନୂଆଦିଲ୍ଲୀ, ୧୮ ।୫ : ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ ଘଟଣାରେ ସିବିଆଇ ମହାରାଷ୍ଟ୍ରର ଏକ କୋଚିଂ ସେଣ୍ଟର ନିର୍ଦ୍ଦେଶକ ଶିବରାଜ ରଘୁନାଥ ମୋଟେ ଗାଁକରକୁ ଗିରଫ କରିଛି। ଶିବରାଜ ହେଉଛନ୍ତି ଆରସିସି କୋଚିଂ ଇନଷ୍ଟିଚ୍ୟୁଟ ଲାଟୁରର ମାଲିକ। ତାଙ୍କ କୋଚିଂ ଇନଷ୍ଟିଚ୍ୟୁଟରେ ନିଟ୍ ୟୁଜି ପରୀକ୍ଷା ପାଇଁ ପ୍ରଶିକ୍ଷଣ ଦିଆଯାଏ। ମହାରାଷ୍ଟ୍ରରେ ପ୍ରାୟ ୯ଟି ଶାଖା ରହିଛି।

ସିବିଆଇ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏନଟିଏ ସହଯୋଗରେ ଥିବା ରସାୟନ ବିଜ୍ଞାନ ଅଧ୍ୟାପକ ପିଭି କୁଲକର୍ଣ୍ଣିଙ୍କ ସହ ଶିବରାଜ ଘନିଷ୍ଠ ଥିଲେ। ଚଢ଼ାଉ ବେଳେ ତାଙ୍କ ପ୍ରତିଷ୍ଠାନ ଓ ବାସଭବନରୁ ରସାୟନ ବିଜ୍ଞାନ ପ୍ରଶ୍ନପତ୍ରର ବ୍ୟାଙ୍କ ମିଳିଥିଲା। ମେ ୩ରେ ନିଟ ପରୀକ୍ଷା ହୋଇଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ସିବିଆଇ ୫ଟି ସ୍ଥାନରେ ଚଢ଼ାଉ କରିଛି ଏବଂ ଅନେକ ଆପତ୍ତିଜନକ କାଗଜପତ୍ର, ଲ୍ୟାପଟପ, ମୋବାଇଲ ଫୋନ (୯ ପୃଷ୍ଠାରେ)

# ତୃଣମୂଳ ସ୍ତରରେ ରାଜସ୍ୱ ସେବା, ପ୍ରତି ପଞ୍ଚାୟତରେ କ୍ୟାମ୍ପ କୋର୍ଟ



**◗ 'ଆମ ଗାଆଁରେ ଆମ ତହସିଲ୍' କାର୍ଯ୍ୟକ୍ରମ**

**◗ ବରିଷ୍ଠ ଅଧିକାରୀଙ୍କୁ ନୋଡାଲ୍ ଅଫିସର ଦାୟିତ୍ୱ**

ଭୁବନେଶ୍ୱର, ୧୮ ।୫ (ସବ୍ୟୁ) : ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଗତ ଦୁଇ ବର୍ଷରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଭିନ୍ନ ସଫଳତା ଏବଂ ଉପଲବ୍ଧି ସମ୍ପର୍କରେ ସୁବିସ୍ତୃତ ଆଲୋଚନା କରି ପ୍ରତିଟି ଲୋକ ପାଖେ ରାଜସ୍ୱ ସେବା ପହଞ୍ଚାଇବା (୯ ପୃଷ୍ଠାରେ)

# ୨୦ରେ ଯୁକ୍ତ ଦୁଇ ପରୀକ୍ଷା ଫଳ



ଭୁବନେଶ୍ୱର, ୧୮ ।୫ (ସବ୍ୟୁ) : ଆସନ୍ତା ୨୦ ତାରିଖରେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇବ । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏକାସଙ୍ଗେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ରେଜଲଟ ବାହାରିବ । ସୂଚନାଯୋଗ୍ୟ, ଚଳିତ ଥର ଫେବୃଆରୀ ୧୮ରୁ ମାର୍ଚ୍ଚ ୨୮ ତାରିଖ ଯାଏଁ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ୪ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ।

## ବିଜେପି କୋର କମିଟି ବୈଠକରେ ନୀତିନ ନବୀନ

# ବିକଶିତ ଓଡ଼ିଶା ଗଠନ କରିବାକୁ ଦେଲେ ଆହ୍ୱାନ



ଭୁବନେଶ୍ୱର, ୧୮ ।୫ (ସବ୍ୟୁ): ବିଜେପି ନବନିଯୁକ୍ତ ରାଷ୍ଟ୍ରୀୟ ସଭାପତି ନୀତିନ ନବୀନ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ସୋମବାର ସକାଳୁ ପାର୍ଟିର କୋର କମିଟି ଟିମ୍ ସହ ବୈଠକ କରିଥିଲେ। ଜନତାଙ୍କ ଆସ୍ଥାକୁ ବହୁଗୁଣିତ କରି ଆଗାମୀ ଦିନରେ ବିକଶିତ ଓଡ଼ିଶା ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ଦଳର ସାଙ୍ଗଠନିକ ସ୍ଥିତିଠାରୁ ଆରମ୍ଭ କରି ସରକାର କିପରି ଲୋକଙ୍କ ବିଶ୍ୱାସଭାଜନ ହୋଇପାରିବ ସେବିଷୟରେ ମାର୍ଗଦର୍ଶନ କରିଥିଲେ। ସଂଗଠନକୁ ତୃଣମୂଳସ୍ତରରୁ ମଜଭୁତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ସମାଜର ଶେଷ ପାହାଚରେ ଥିବା ବ୍ୟକ୍ତିଙ୍କ ନିକଟରେ ଯେପରି ସରକାରୀ ଯୋଜନା ପହଞ୍ଚିପାରିବ ସେନେଇ ପଦକ୍ଷେପ ନେବାକୁ କହିଥିଲେ। ଏନେଇ କାର୍ଯ୍ୟକର୍ତାଙ୍କ ମଧ୍ୟରେ ସକ୍ରିୟତା ବଢ଼ାଇବାକୁ ଗୁରୁତ୍ୱ ଦେଇଥିଲେ।

ଶ୍ରୀ ତ୍ରିପାଠୀ କହିଛନ୍ତି, ଏହି

**ସରକାର ଲୋକଙ୍କ ବିଶ୍ୱାସଭାଜନ ଉପରେ କଲେ ଆଲୋଚନା**

**କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ସକ୍ରିୟତା ବଢ଼ାଇବା ଉପରେ ଗୁରୁତ୍ୱ**

କାର୍ଯ୍ୟକ୍ରମ ପରେ ରାଷ୍ଟ୍ରୀୟ ସଭାପତି ନୀତିନ ନବୀନ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ନେବା ପାଇଁ ପୁରୀ ଗସ୍ତ କରି ମହାପ୍ରସାଦ ସେବନ କରିଥିଲେ। ଏଥିରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ମଧ୍ୟ ସାମିଲ ହୋଇଥିଲେ। ସେଠାରୁ ଆସିବା ପରେ ରାଜ୍ୟ କାର୍ଯ୍ୟାଳୟଠାରେ ଦଳର ସମସ୍ତ ପଦାଧିକାରୀ, ସାଂସଦ ଓ ବିଧାୟକମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେଇଥିଲେ। ଉକ୍ତ ବୈଠକରେ ଦଳ, (୯ ପୃଷ୍ଠାରେ)

## ବାଲିଅନ୍ତା ସୌମ୍ୟ ହତ୍ୟା ମାମଲା

# ସବୁ ଅପରାଧୀ ଚିହ୍ନଟ, ଗିରଫ ପାଇଁ ଚଢ଼ାଉ ଜୋର୍‌ଦାର

ଭୁବନେଶ୍ୱର, ୧୮ ।୫ (ସବ୍ୟୁ) : ବାଲିଅନ୍ତାରେ ଜିଆର୍‌ପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟା ମାମଲାର ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିବା କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି । ସେମାନଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜୋର୍‌ଦାର କରାଯାଇଛି । ସବୁ ଦିଗକୁ ଆଧାର କରି ତଦନ୍ତ କରାଯାଉଛି, କାହାରିକୁ ଛଡାଯିବନାହିଁ ବୋଲି ସେ କହିଛନ୍ତି ।

ପୋଲିସର ଅବହେଳା ପାଇଁ ସୌମ୍ୟଙ୍କ ମୃତ୍ୟୁ ହେଲା । ହେଲେ ତାଙ୍କ ଉପରେ କେଉଁ ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀ ମିଶ୍ର କହିଥିଲେ, ୪ଜଣ ନିଲମ୍ବିତ ହୋଇଛନ୍ତି । କମିଶନରେଟ୍ ପୋଲିସ ସେମାନଙ୍କ ଉପରେ ବିଭାଗୀୟ ତଦନ୍ତ କରୁଥାଇପାରେ । ଦଣ୍ଡର ପ୍ରକ୍ରିୟା ଅଛି । ନିଲମ୍ବନ ହୋଇଛନ୍ତି, ତାଙ୍କ ଉପରେ ଅଧିକ କାର୍ଯ୍ୟାନୁଷ୍ଠାନ କମିଶନରେଟ୍ ପୋଲିସ ମୁଖ୍ୟ ନେଇପାରନ୍ତି । ନିଲମ୍ବିତ ୪ଜଣ ଓ ବାଲିଅନ୍ତା ଥାନା ଇନ୍‌ସପେକଟରଙ୍କ ବୟାନ ରେକର୍ଡ ହୋଇଛି । ମାମଲାରେ ୧୩ଜଣ ଗିରଫ ହୋଇଛନ୍ତି । ଫେରାର ସମସ୍ତ ଅଭିଯୁକ୍ତ ଚିହ୍ନଟ ହୋଇସାରିଥିବାରୁ ସେମାନେ ଖୁବ୍‌ଶୀଘ୍ର ଗିରଫ ହେବେ ବୋଲି ସେ କହିଥିଲେ ।

ସୌମ୍ୟ ହତ୍ୟାର ୧୨ଦିନ ବିତିଯାଇଥିବା ବେଳେ ବାପ-ମା' ଘରେ ଏକୁଟିଆ ରହି କେବଳ ପୁଅକଥା ଭାବୁଛନ୍ତି । ତାଙ୍କ କହିବା କଥା ଅପରାଧୀଙ୍କୁ ଫାଶୀ ଦିଆଯାଉ । ପୁଅ ହତ୍ୟାରେ ପୋଲିସ ଅବହେଳା ପ୍ରଦର୍ଶନ କରିଥିବାରୁ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଠିକ୍ ବାଟରେ ଯିବ ନାହିଁ ବୋଲି ସେ ସନ୍ଦେହ ପ୍ରକଟ କରୁଛନ୍ତି । ସେମାନଙ୍କ କହିବା କଥା ସିବିଆଇ ତଦନ୍ତ ହେଲେ ତାଙ୍କୁ ଉଚିତ୍ ନ୍ୟାୟ ମିଳିବ । ସୌମ୍ୟ ସହ ବାଇକ୍ ଚଲାଉଥିବା ଓମ୍‌ଙ୍କ ବୟାନ ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ରେକର୍ଡ କରିଛି । ଘଟଣାସ୍ଥଳରେ ଓମ୍‌ଙ୍କ ଭୂମିକା ଠିକ୍ ନଥିବା ଚର୍ଚ୍ଚା ହେଉଛି । ଓମ୍ ଯଦି କୌଣସି ପ୍ରକାର ପୋଲିସ କଣ୍ଟ୍ରୋଲ କିମ୍ବା ସୌମ୍ୟଙ୍କ ଘରକୁ ଜଣାଇ ପାରିଥାନ୍ତେ ତେବେ ହତ୍ୟାକାଣ୍ଡ ଘଟିନଥାନ୍ତା ବୋଲି ଅପରାଧ ବିଶେଷଜ୍ଞମାନେ ଚର୍ଚ୍ଚା କରୁଛନ୍ତି । ଅପରାଧୀଙ୍କ ଗିରଫଦାରୀ ପ୍ରକ୍ରିୟା ବିଳମ୍ବ ହେଉଥିବାରୁ (୯ ପୃଷ୍ଠାରେ)

# ଶୁଣାଯାଉନି ଗମ୍ଭୀର ସ୍ୱର

ଚୀନର ଶିୟାମେନ୍ ସହରରେ ଜଣେ ମହିଳା ସକାଳୁ ଉଠିବା ପରେ ହଠାତ୍ ତାଙ୍କୁ ନିଜ ବୟଫ୍ରେଣ୍ଡଙ୍କ ସ୍ୱର ଶୁଣାଯିବା ବନ୍ଦ ହୋଇଯାଇଥିଲା । ତେବେ ଏହା ପଛରେ ଏକ ବିରଳ ରୋଗ ରହିଥିବା ଜଣାପଡ଼ିଛି । ଚିକିତ୍ସା ବିଜ୍ଞାନରେ ଏହି ରୋଗକୁ 'ରିଭର୍ସ ସ୍ଲୋପ୍ ହିଅରିଂ ଲସ୍' କୁହାଯାଏ, ଯେଉଁଥିରେ ପୀଡ଼ିତ ବ୍ୟକ୍ତିଙ୍କୁ କମ୍ ଫ୍ରିକ୍ୱେନ୍ସି ଥିବା ଭାରୀ ତଥା ଗମ୍ଭୀର ସ୍ୱର ଶୁଣାଯାଏ ନାହିଁ । ସେହିଭଳି ସୂଚନା ଅନୁସାରେ ଅଧିକାଂଶ ପୁରୁଷଙ୍କ ସ୍ୱର ଏହି ରେଞ୍ଜ୍‌ରେ ଥିବାରୁ ମହିଳା ଜଣଙ୍କୁ ପୁରୁଷଙ୍କ ସ୍ୱର ଶୁଣିବାରେ ସମସ୍ୟା ହୋଇଥିଲା । ସାଧାରଣତଃ ଶ୍ରବଣ ଶକ୍ତି ହ୍ରାସ ପାଇଲେ ଲୋକଙ୍କୁ ପ୍ରଥମେ ତୀକ୍ଷ୍ଣ ବା ଉଚ୍ଚ ସ୍ୱର ଶୁଣାଯିବା ବନ୍ଦ ହୋଇଥାଏ, ମାତ୍ର 'ଅଡିଓଗ୍ରାମ୍' ଟେଷ୍ଟ୍ ଦ୍ୱାରା ଚିହ୍ନଟ ହେଉଥିବା ଏହି ରୋଗରେ ଏହାର ଓଲଟା ପ୍ରଭାବ ଦେଖାଯାଉଥିବାରୁ ଏହାକୁ ରିଭର୍ସ ସ୍ଲୋପ୍ କୁହାଯାଏ । ଏହି ରୋଗରେ ଭାରୀ ସ୍ୱର ଧୀରେ ଧୀରେ ଶୁଣାଯିବା ବନ୍ଦ ହେଉଥିବାରୁ ଲୋକେ ଏହାକୁ ସହଜରେ ଜାଣିପାରନ୍ତି ନାହିଁ ଏବଂ ଏହି କାରଣରୁ ଏହାକୁ ବେଶ୍ ବିପଜ୍ଜନକ ରୋଗ ଭାବେ ପରିଗଣିତ କରାଯାଇଥାଏ ।



# ଚିକେନ ଷ୍ଟ୍ୟୁ

**ସାମଗ୍ରୀ -** ଚିକେନ (ବ୍ରେଷ୍ଟ ଓ ଲେଗ ପିସ), ଆଳୁ, ଗାଜର, ଅମୃତଭଣ୍ଡା, ବିନ୍ସ, ବଟର, ଗୋଟା ଗରମ ମସଲା, ଟମାଟୋ, ଗୋଲ ମରିଚ ଗୁଣ୍ଡ, ଚିନି, ଲୁଣ, ଚାଟ ମସଲା, ଲେମ୍ବୁ, ଧନିଆ ପତ୍ର ।

**ପ୍ରଣାଳୀ-** ପ୍ରଥମେ ଚିକେନକୁ ଧୋଇ ସେଥିରେ ଅଳ୍ପ ଲୁଣ ପକାଇ ମାରିନେଟ କରି ନିଅନ୍ତୁ । ଏହାପରେ ଏକ ମୋଟା ପାତ୍ରରେ ବଟରକୁ ଗରମ କରନ୍ତୁ ଏଥିରେ ଗୋଟା ଗରମ ମସଲା ଓ ତେଜପତ୍ର ପକାନ୍ତୁ । ଏହାପରେ ଏଥିରେ ଚିକେନ ପକାଇ ଭଲ କରି ଗୋଳାନ୍ତୁ । ଏହାପରେ ଏଥିରେ ସମସ୍ତ ପରିବାକୁ , ଟମାଟୋ ଓ ଲେମ୍ବୁ କଟାକୁ ବଡବଡ ଖଣ୍ଡ କରି କାଟି ପକାନ୍ତୁ । ବର୍ତ୍ତମାନ ଏଥିରେ ଲୁଣ, ଗୋଲ ମରିଚ ଗୁଣ୍ଡ ଦେଇ ଭଲକରି କିଛି ସମୟ ପାଇଁ ଭାଜନ୍ତୁ । ଏହାପରେ ଟିକେ ଅଧିକ ପାଣି ଦେଇ ଅତି କମରେ ୩୦ ମିନିଟ ପର୍ଯ୍ୟନ୍ତ ଅଳ୍ପ ଆଞ୍ଚରେ ସିଝିବାକୁ ଛାଡି ଦିଅନ୍ତୁ । ଚିକେନ ଓ ପରିବା ସିଝିବା ପରେ ଏଥିରେ ସାମାନ୍ୟ ଲୁଣ ଓ ଚାଟ ମସଲା ପକାନ୍ତୁ । ଶେଷରେ ଧନିଆ ପତ୍ର ଦେଇ ପ୍ରସ୍ତୁତ କରନ୍ତୁ ଚିକେନ ଷ୍ଟ୍ୟୁ । ଏହାକୁ ବ୍ରେଡ ସହିତ ପରଷନ୍ତୁ ।



# ଶରୀରକୁ କରନ୍ତୁ ପ୍ରାକୃତିକ ଉପାୟରେ ଥଣ୍ଡା

ଗ୍ରୀଷ୍ମ ଋତୁରେ ପ୍ରଖର ଖରା, ଗରମ ଓ ରକ୍ତଚାପ ବୃଦ୍ଧିରୁ ତତ୍କାଳ ଆଶ୍ୱସ୍ତି ପାଇବା ପାଇଁ ଅଧିକାଂଶ ଲୋକ ଥଣ୍ଡା ପାଣି, କୋଲ୍ଡ ଡ୍ରିଙ୍କସ୍, ପ୍ୟାକେଜ୍‌ଡ ଜୁସ୍ ଏବଂ ଆଇସକ୍ରିମ ଭଳି ଜିନିଷ ଖାଇବାକୁ ପସନ୍ଦ କରିଥାନ୍ତି । ମାତ୍ର ବିଶେଷଜ୍ଞ ଅନୁସାରେ ଏହି 'ଟେମ୍ପୋରାରୀ କୁଲିଂ' ଦେଉଥିବା ଖାଦ୍ୟପେୟ ଶରୀରରେ ଜଳୀୟ ଅଂଶ କମାଇବା, ହଜମ ପ୍ରକ୍ରିୟାରେ ଗଡ଼ବଡ଼, ମେଦବହୁଳତା ଓ ରକ୍ତରେ ଶର୍କରା ସ୍ତର ବଢ଼ାଇବାର ମୁଖ୍ୟ କାରଣ ସାଜିଥାଏ । ଅତ୍ୟଧିକ ଥଣ୍ଡା ପାଣି ପିଇବା ଦ୍ୱାରା ପେଟର ରକ୍ତବାହିକା ସଂକୁଚିତ ହୋଇ ହଜମ ପ୍ରକ୍ରିୟା ଧୀମା ହେଉଥିବା ବେଳେ ବରଫ ଗୋଲା, ଆଇସକ୍ରିମ ଓ ସଫ୍ଟ ଡ୍ରିଙ୍କସରେ ଥିବା ପ୍ରିଜରଭେଟିଭ୍ସ, କୃତ୍ରିମ ରଙ୍ଗ ଓ ହାଇ-ଫ୍ରୁକ୍ଟୋଜ୍ କର୍ଣ୍ଣ ସିରପ୍ ଲିଭର୍ ଏବଂ କିଡନୀ ଉପରେ ଚାପ ପକାଇବା ସହ ଗଳାରେ ସଂକ୍ରମଣ ସୃଷ୍ଟି କରିଥାଏ । ତେଣୁ ଶରୀରକୁ ପ୍ରାକୃତିକ ଭାବେ ଭିତରୁ ଥଣ୍ଡା ରଖିବା ପାଇଁ ଆମ ଆଖପାଖରେ ମିଳୁଥିବା ପାରମ୍ପରିକ ତଥା ପ୍ରାକୃତିକ ବିକଳ୍ପ ଯେପରିକି- ପଇଡ଼ ପାଣି, ଘୋଳଦହି , ଲେମ୍ବୁ ପାଣି, ତରଭୁଜ, କାକୁଡ଼ି ଆଦିର ସେବନ କରିବା ଉଚିତ, ଯାହା ଶରୀରରେ ଇଲେକ୍ଟ୍ରୋଲାଇଟ୍ ସନ୍ତୁଳନ ବଜାୟ ରଖିବା ସହ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରିଥାଏ । ତେଣୁ ଯଥା ସମ୍ଭବ ବଜାରରେ ମିଳୁଥିବା କୋଲ୍ଡଡ୍ରିଙ୍କ ଏବଂ ଅନ୍ୟାନ ଥଣ୍ଡା ସାମଗ୍ରୀ ଠାରୁ ଦୂରରେ ରୁହନ୍ତୁ ।



# ସୋସିଆଲ କୋଟ୍ସ



ସୋସିଆଲ ମିଡିଆରେ ଅନେକ କିଛି ଭରି ରହିଛି । ଭଲପାଇବା, ସୂଚନା, ଘୃଣା । ସେହିଭଳି ସୋସିଆଲ ମିଡିଆରେ ଜରିଆରେ ସୋସାଇଟି ସମ୍ପର୍କରେ ମଧ୍ୟ ଜଣା ପଡିଥାଏ ।

ସୋନି ରାଜଦାନ, ଅଭିନେତ୍ରୀ



ବିଜୟଙ୍କୁ ମୁଁ ବିଗତ ସାତ ବର୍ଷ ଧରି ଜାଣିଛି । ତାଙ୍କର ଓ ମୋର ବନ୍ଧୁତା ଖୁବ ନିଆରା । ବର୍ତ୍ତମାନ କିଛି ଲୋକ ତାଙ୍କ ସମ୍ପର୍କରେ ଖରାପ କଥା ପ୍ରଚାର କରିବାକୁ ଚେଷ୍ଟା କରୁଛନ୍ତି । ମୋତେ ଏକ ଇଭେଣ୍ଟର ଏଭଳି କିଛି ପ୍ରଶ୍ନ କରାଗଲା, ଯାହାର କୌଣସି ଆବଶ୍ୟକତା ନଥିଲା ।

ମାଳଭିକା ମୋହନ, ଅଭିନେତ୍ରୀ



ଅରିଜିତ ପ୍ଲେବ୍ୟାକରୁ ଅବସର କିଛି ଭାବି ଚିନ୍ତି ନେଇଥିବେ । ମୋର ବିଶ୍ୱାସ ଅଛି ସମୟ ଆସିଲେ ତାହା ଜଣା ପଡିବ ।

ଅଦନାନ ସାମି, ସିଙ୍ଗର

# ପତ୍ନୀଙ୍କୁ ଅଟକାଇବାକୁ ଭାଙ୍ଗିଲେ ବନ୍ଧ

ସାଧାରଣତଃ ସମସ୍ତେ ପତ୍ନୀ ଘରେ ନଥିବାବେଳେ ଟିକେ ସାଙ୍ଗସାଥୀଙ୍କ ସହିତ ମଉଜ ମଜଲିସ ବା ପାର୍ଟି କରିଥାଆନ୍ତି । ତେବେ ଆମେରିକାର ଏକ ଘଟଣା ଆଜି ବି ଚର୍ଚ୍ଚାରେ, ଉକ୍ତ ଘଟଣାରେ ଜଣେ ବ୍ୟକ୍ତି ନିଜ ପତ୍ନୀଙ୍କୁ ଘରକୁ ଆସିବାକୁ ଅଟକାଇବା ପାଇଁ ଏକ ଅଜବ ନିଷ୍ପତ୍ତି ନେଇଥିଲେ । ସୂଚନା ଅନୁସାରେ ୧୯୯୩ ମସିହାରେ ଆମେରିକାର ମିସିସିପି ନଦୀ କୂଳରେ ରହୁଥିବା ଜେମ୍ସ ସ୍କଟ୍ ନାମକ ଜଣେ ବ୍ୟକ୍ତି ନିଜର ପାର୍ଟି ଜାରି ରଖିବା ପାଇଁ ଏବଂ ପତ୍ନୀଙ୍କୁ ଘର ଫେରିବାକୁ ରୋକିବା ପାଇଁ ଏକ ଅଜବ ପଦକ୍ଷେପ ନେଇଥିଲେ । ସେଥିପାଇଁ ଜାଣିଶୁଣି ନଦୀର ବନ୍ଧକୁ ଭାଙ୍ଗି ଦେଇଥିଲେ । ଏହିଭଳି ଏକ ଅଜବ ତଥା ଦାୟିତ୍ୱହୀନ କାର୍ଯ୍ୟ ଯୋଗୁଁ ସେହି ଅଞ୍ଚଳରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ଯାହାଦ୍ୱାରା ପ୍ରାୟ ୧୪,୦୦୦ ଏକର ଚାଷ ଜମି ଜଳମଗ୍ନ ହେବା ସହ ଅନେକ ଘରଦ୍ୱାର ନଷ୍ଟ ହୋଇଯାଇଥିଲା ଏବଂ ଏକ ବଡ଼ ପୋଲକୁ ମଧ୍ୟ ବନ୍ଦ କରିବାକୁ ପଡ଼ିଥିଲା । ଏହି ଜାଣିଶୁଣି ସୃଷ୍ଟି କରାଯାଇଥିବା ମହାବିପତ୍ତି ଓ ବ୍ୟାପକ କ୍ଷୟକ୍ଷତି ପାଇଁ ଅଦାଲତ ଜେମ୍ସ ସ୍କଟ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ ।



# ଇତିହାସ

୧୮୯୨ - କାରାଗାରରୁ ମୁକ୍ତ ହେଲେ ବହୁ ଚର୍ଚ୍ଚିତ ନାଟ୍ୟକାର ଓ କବି ଓ୍ୱାସ୍କର ଓ୍ୱାଇଲ୍ଡ ।

୧୯୧୦ - ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମ ଗଡସେଙ୍କ ଜନ୍ମ ।

୧୯୧୩ - ଦେଶର ଷଷ୍ଠ ରାଷ୍ଟ୍ରପତି ନିଲମ ସଞ୍ଜୀବ ରେଡ୍ଡୀଙ୍କ ଜନ୍ମ ।

୧୯୦୪ - ଭାରତର ପ୍ରଥମ ଉଦ୍ୟୋଗପତି ଭାବେ ପରିଗଣିତ ଜାମସେଦଜୀ ଟାଟାଙ୍କ ଦେହାନ୍ତ ।

୧୯୨୬ - ଇଟାଲୀଙ୍କୁ ଫାଶୀବାଦୀ ରାଷ୍ଟ୍ର ଘୋଷଣା କଲେ ବେନିଟୋ ମୁସୋଲିନ୍ ।

୧୯୭୧ - ମାର୍ସ -୨ ପ୍ରୋଗ୍ରାମ ଲଞ୍ଚ କଲା ରୁଷ ।

୧୯୭୯ - ପ୍ରସିଦ୍ଧ ହିନ୍ଦୀ ସାହିତ୍ୟକାର ହଜାରୀ ପ୍ରସାଦ ଦ୍ୱିବେଦୀଙ୍କ ପରଲୋକ ।

# ନୂଆ ଅନ୍ଦାଜରେ ଶଗୁନ

ଟିଭି ଅଭିନେତ୍ରୀ ଶଗୁନ୍ ଶର୍ମା ଏବେ ରିଆଲିଟି ଶୋ' 'ଖତ୍ରୋଁ କେ ଖିଲାଡୀ ୧୫'ରେ ନଜର ଆସିବାକୁ ଯାଉଥିବା ବେଳେ ଏକ ସାକ୍ଷାତକାରରେ ସେ ନିଜ କ୍ୟାରିୟର ଓ ମନର ଡର ସମ୍ପର୍କରେ ଖୋଲାଖୋଲି ଆଲୋଚନା କରିଛନ୍ତି । ହିମାଚଳ ପ୍ରଦେଶରୁ ଆସି କୌଣସି ପରିଚୟ ନଥାଇ ମୁମ୍ବାଇରେ ଅଭିନୟକୁ କ୍ୟାରିୟର୍ ଭାବେ ବାଛିବ ତାଙ୍କ ଜୀବନର ସବୁଠାରୁ ବଡ଼ ବିପଦ ଥିଲା ବୋଲି ପ୍ରକାଶ କରିଛନ୍ତି ଶଗୁନ । ଉଚ୍ଚତା ପ୍ରତି ଥିବା ତାଙ୍କର ସବୁଠାରୁ ବଡ଼ ଭୟକୁ ସେ ଏହି ଶୋ' ମାଧ୍ୟମରେ ଦୂର କରିବାକୁ ଚାହାନ୍ତି ବୋଲି ପ୍ରକାଶ କରିଛନ୍ତି । ସୂଚନା ଅନୁସାରେ ଶୋ'ର ନୂତନ ଥିମ୍ 'ଡର କା ନୟା ଦୌର'ରେ ପୁରୁଣା ଓ ନୂଆ ପ୍ରତିଯୋଗୀଙ୍କୁ ଦେଖିବାକୁ ମିଳିବ । ଏହି ଶୋରେ ତାଙ୍କର ରୁବିନା ଦିଲାଇକ୍, କରଣ ୱାହିଙ୍କ ଭଳି ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ମୁକାବିଲା କରିବାକୁ ଥିବାରୁ ସେ ବେଶ୍ ଉତ୍ସାହିତ ଅଛନ୍ତି । ଏଥିପାଇଁ ସେ ଜିମ୍, ସୁଇମିଂ ଓ କ୍ୟାଲିସ୍ଥେନିକ୍ସ ଜରିଆରେ ନିଜକୁ ଶାରୀରିକ ଓ ମାନସିକ ସ୍ତରରେ ପ୍ରସ୍ତୁତ କରୁଛନ୍ତି । 'କୁଛ୍ ତୋ ହୈ ତେରେ ମେରେ ଦରମିଆଁ', 'କ୍ୟୁଙ୍କି ସାସ୍ ଭି କଭି ବହୁ ଥି ୨' ଭଳି ଧାରାବାହିକରେ ଅଭିନୟ କରିଥିବା ଶଗୁନ୍ ଏହି ଶୋ' ଜରିଆରେ ଦର୍ଶକଙ୍କୁ ନିଜର ଆଉ ଏକ ଅନ୍ଦାଜ ଦେଖାଇବେ ବୋଲି ଆଶା ରଖିଛନ୍ତି ।



# ୧୧୩ ମିଲିଅନ ବର୍ଷର ଡାଏନୋସର

ଥାଇଲାଣ୍ଡ ବୈଜ୍ଞାନିକମାନେ ଦକ୍ଷିଣ-ପୂର୍ବ ଏସିଆର ସବୁଠାରୁ ବଡ଼ ଡାଇନୋସରର ଜୀବାଶ୍ମ ଆବିଷ୍କାର କରିଛନ୍ତି, ଯାହାର ନାମ 'ନାଗାଟାଇଟନ୍ ଚାଇୟାଫୁମେନ୍ସିସ୍' ରଖାଯାଇଛି । 'ନ୍ୟୁୟର୍କ ପୋଷ୍ଟ'ର ଏକ ରିପୋର୍ଟ ଅନୁଯାୟୀ, କ୍ରେଟାସିଅସ୍ ଯୁଗରେ ପ୍ରାୟ ୧୧୩ ମିଲିଅନ୍ ବର୍ଷ ପୂର୍ବେ ବାସ କରୁଥିବା ଏହି ବିଶାଳ ଶାକାହାରୀ ଡାଇନୋସରର ଲମ୍ବ ପ୍ରାୟ ୯୦ ଫୁଟ ବା ୨୭ ମିଟର ଥିଲା । ଏହା ସେ ସମୟର ନଦୀ, ଜଙ୍ଗଲ ତଥା ବୁଦାଭରା ଗରମ ଓ ଶୁଖିଲା ଅଞ୍ଚଳରେ ରହୁଥିଲା । ଥାଇଲାଣ୍ଡର ଚାଇୟାଫୁମ ପ୍ରଦେଶର ଜଣେ ଗ୍ରାମବାସୀ ପ୍ରଥମେ ଏହି ଜୀବାଶ୍ମ ଦେଖିବା ପରେ ବୈଜ୍ଞାନିକମାନେ ସେଠାରେ ଖନନ କରି ଏହାର ମେରୁଦଣ୍ଡ, ପାଞ୍ଜରା, ପେଲଭିସ୍ ଏବଂ ଗୋଡ଼ର ଅନେକ ହାଡ଼ ଉଦ୍ଧାର କରିଥିଲେ । ଯେଉଁଥିରେ ପ୍ରାୟ ୫.୮ ଫୁଟ (୧.୭୮ ମିଟର) ଲମ୍ବର ଏକ ହ୍ୟୁମେରସ୍ (ଉପର ସମ୍ମୁଖ ଗୋଡ଼ର ହାଡ଼) ମଧ୍ୟ ସାମିଲ ଅଛି । ଏହି ହାଡ଼ଗୁଡ଼ିକର ଆକାରକୁ ଆଧାର କରି ଗବେଷକମାନେ ଏହି ଜୀବାଶ୍ମର ଓଜନ ପ୍ରାୟ ୨୫ ରୁ ୨୮ ଟନ୍ ହୋଇଥିବାର ଅନୁମାନ କରିଛନ୍ତି । ଗବେଷକଙ୍କ ଅନୁସାରେ, ଏହି ଡାଇନୋସର ସାଉରୋପଡ୍ ଗୋଷ୍ଠୀର ଥିଲା, ଯେଉଁମାନେ ନିଜର ଲମ୍ବା ବେକ, ଲମ୍ବା ଲାଞ୍ଜ, ଛୋଟ ମୁଣ୍ଡ ଏବଂ ଖମ୍ବ ଭଳି ମୋଟା ଗୋଡ଼ ପାଇଁ ଜଣାଶୁଣା ଥିଲେ । ସୂଚନା ଅନୁସାରେ ଏହାର ମୁଣ୍ଡର ଖପୁରୀ କିମ୍ବା ଦାନ୍ତ ମିଳିନାହିଁ । ଏହି ଡାଇନୋସର ଚୋବାଇବା ବିନା ସିଧାସଳଖ ପ୍ରଚୁର ପରିମାଣରେ କୋନିଫର୍ ଏବଂ ସିଡ୍ ଫର୍ଣ୍ଣ ଭଳି ଗଛର ପତ୍ର ଖାଉଥିବା ନେଇ ସୂଚନା ମିଳିଛି ।





**ମେଷ:** ଧନଲାଭ, ବିଭିନ୍ନ କାର୍ଯ୍ୟରେ ସଫଳ, ଶରୀର ସୁସ୍ଥ, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ବନ୍ଧୁଲାଭ, ଅଳ୍ପ ଶତ୍ରୁ ସମସ୍ୟା, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ବିବାଦମୁକ୍ତ, ବିଦ୍ୟାରେ ସଫଳ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା- ୯, ଆରାଧନା-ଗୋସେବା ।

**ବୃଷ:** ମାନସିକ ଅସ୍ଥିର, ଶୁଭକାର୍ଯ୍ୟରେ ବିଳମ୍ବ, ଧର୍ମକାର୍ଯ୍ୟରେ ବିଳମ୍ବ, ବ୍ୟବସାୟରେ ସ୍ୱଳ୍ପଲାଭ, ଶତ୍ରୁସମସ୍ୟା, ଦୂରଯାତ୍ରା, ଶରୀର ସୁସ୍ଥ, ସମ୍ପତ୍ତିଲାଭ, ଲୋକସମ୍ପର୍କ ବୃଦ୍ଧି, ଅଳ୍ପ ସମସ୍ୟା, ସନ୍ତାନଖୁସି, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା-ମହାଲକ୍ଷ୍ମୀ ।

**ମିଥୁନ:** କାର୍ଯ୍ୟରେ ସଫଳ, ସମ୍ମାନ ବୃଦ୍ଧି, ବିଶିଷ୍ଟ କାର୍ଯ୍ୟରେ ଲାଭ, ଶତ୍ରୁ ପରାଜିତ, ପାରିବାରିକ ସହାୟତା, ଦାମ୍ପତ୍ୟ ଖୁସି, ନୂତନ କର୍ମନିଯୁକ୍ତି, ଯାତ୍ରା ସଫଳ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ପ୍ରଭୁ ହନୁମାନ ।

**କର୍କଟ:** ଅଯଥାଖର୍ଚ୍ଚ, ବ୍ୟବସାୟରେ ସ୍ୱଳ୍ପଲାଭ,ବିଶିଷ୍ଟ ବ୍ୟକ୍ତି ସହାୟତା, ଦ୍ରବ୍ୟପ୍ରାପ୍ତି, ଲୋକସମ୍ପର୍କରେ ଉନ୍ନତି, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୮, ଆରାଧନା-ମା' ଭୁବନେଶ୍ୱରୀ ।

**ସିଂହ:** ହସଖୁସି, ବିଭିନ୍ନ କାର୍ଯ୍ୟରେ ସଫଳ, ଲୋକସମ୍ପର୍କ ବୃଦ୍ଧି, ବନ୍ଧୁଲାଭ, ଦୂରଯାତ୍ରା ସଫଳ, ଶତ୍ରୁ ପରାଜିତ, ଗୃହେ ସହଯୋଗ, ସନ୍ତାନଲାଭ, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୭, ଆରାଧନା-ମା' ଭଗବତୀ ।

**କନ୍ୟା:** ଅର୍ଥଲାଭ, ବନ୍ଧୁବିଦ୍ରୋହ, ଅଯଥାଚିନ୍ତା, ଗୃହେ ସମସ୍ୟା, ପୁରାତନ ବନ୍ଧୁଦର୍ଶନ, ଦୂରଯାତ୍ରାରେ ଲାଭ, ନୂତନ କାର୍ଯ୍ୟ ଆରମ୍ଭ, ସମ୍ପତ୍ତିଲାଭ, କର୍ମକ୍ଷେତ୍ରେ ସନ୍ତୁଷ୍ଟ, ସନ୍ତାନଲାଭ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୫, ଆରାଧନା-ଲକ୍ଷ୍ମୀନାରାୟଣ ।

**ତୁଳା:** ସନ୍ତାନ ସମସ୍ୟା, ବ୍ୟବସାୟରେ ସ୍ୱଳ୍ପଲାଭ,ଅର୍ଥକଷ୍ଟ, କିଛି କାର୍ଯ୍ୟରେ ବିବାଦ, ସମ୍ମାନଲାଭ, ଦାମ୍ପତ୍ୟ ଖୁସି, ବନ୍ଧୁଲାଭ, ଗଣ୍ଡଗୋଳ ସମାଧାନ, ବିଶିଷ୍ଟ କାର୍ଯ୍ୟରେ ଲାଭ, ମାନସିକ ଶାନ୍ତି, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୮, ଆରାଧନା- ଶଙ୍କର ଭଗବାନ ।

**ବିଛା:** ମାନସିକ ଅସନ୍ତୁଷ୍ଟ, ଅର୍ଥ ସମସ୍ୟା, କାର୍ଯ୍ୟରେ ଅସହଯୋଗ, ଶତ୍ରୁ ସମସ୍ୟା, ବ୍ୟକ୍ତିସାହାଯ୍ୟ, ନୂତନ କାର୍ଯ୍ୟ ଆରମ୍ଭ, ଯାତ୍ରାରେ ସତର୍କ, ଶରୀର ଅସୁସ୍ଥ, ବିଦ୍ୟାଲାଭ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** ସମ୍ପତ୍ତିଖୁସି, ଲୋକସମ୍ପର୍କ ବୃଦ୍ଧି, ଶୁଭକାର୍ଯ୍ୟରେ ଧନବ୍ୟୟ, ଦେବଦର୍ଶନ, ଶତ୍ରୁ ପରାଜିତ, ବ୍ୟବସାୟିକ ଖୁସି, ଶରୀର ସୁସ୍ଥ, ଗୃହେ ସାହାଯ୍ୟ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ପିତାମାତାଙ୍କ ସେବା ।

**ମକର:** ସ୍ୱାସ୍ଥ୍ୟରେ ଉନ୍ନତି, ଅର୍ଥଖର୍ଚ୍ଚ, ବ୍ୟକ୍ତି ସାହାଯ୍ୟ, ନୂତନ ବନ୍ଧୁଲାଭ, ଶୁଭ ଆଲୋଚନା, ସମ୍ପତ୍ତିଲାଭ, ଶତ୍ରୁ ସମସ୍ୟା, ଅଚାନକ ଦୂରଯାତ୍ରା, ବ୍ୟବସାୟିକ ଖୁସି, ବିଦ୍ୟାଲାଭ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୮, ଆରାଧନା-ମା' ମଙ୍ଗଳା ।

**କୁମ୍ଭ:** ନୂତନ ସୁଯୋଗ, ଅର୍ଥଲାଭ, କର୍ମକ୍ଷେତ୍ରେ ସହାୟତା, ତୀର୍ଥାଟନ, ଅଳ୍ପ ଶତ୍ରୁ ସମସ୍ୟା, ଯାନ୍ତ୍ରିକ ସମସ୍ୟା, ହେବାକାର୍ଯ୍ୟ ବିଳମ୍ବ, ଉଚ୍ଚପଦାଧିକାରୀଙ୍କ ସହଯୋଗ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୬, ଆରାଧନା-ଶଙ୍କର ଭଗବାନ ।

**ମୀନ:** କଳହଯୋଗ, ଅର୍ଥସମସ୍ୟା,ବ୍ୟକ୍ତି ସାହାଯ୍ୟ, ଦୂରଯାତ୍ରାରେ ଲାଭ, ସମ୍ପତ୍ତିବିବାଦ, ଶତ୍ରୁଲାଗି କଷ୍ଟ, ବ୍ୟବସାୟରେ ସ୍ୱଳ୍ପଲାଭ,ଦାମ୍ପତ୍ୟ କଳହ, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା- ମା' ଦକ୍ଷିଣକାଳୀ ।

**ଜ୍ୟେଷ୍ଠ (ମଳ) ଶୁକ୍ଳପକ୍ଷ ତୃତୀୟା**
**୧୯.୫.୨୦୨୬, ମଙ୍ଗଳବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ



ପୁରୀ, (ସବ୍ୟୁ) : ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ସୋମବାର ଅପରାହ୍ନରେ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସପରିବାର ଦର୍ଶନ କରି ଆଶୀର୍ବାଦ ଲାଭ କରିଛନ୍ତି। ଏହି ଅବସରରେ ଶ୍ରୀ ନୀତିନ ନବୀନ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାପ୍ରଭୁଙ୍କ ପରମ ଭକ୍ତ । ମହାପ୍ରଭୁଙ୍କ ଅପାର କରୁଣାରୁ ମୋତେ ମଧ୍ୟ ଆଜି ଭକ୍ତ ହିସାବରେ ମହାପ୍ରଭୁଙ୍କ ଦର୍ଶନ କରିବାର ଅପୂର୍ବ ସୁଯୋଗ ମିଳିଲା। ମୁଁ ଛୋଟ ବେଳେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲି ।ଏତେ ବର୍ଷ ପରେ ଆଜି ପୁଣି ଥରେ ମହାପ୍ରଭୁଙ୍କ ଅପାର କରୁଣାରୁ ତାଙ୍କୁ ଦର୍ଶନ କରି ଆଶୀର୍ବାଦ ଓ ସାନିଧ୍ୟ ନେବାର ସୁଯୋଗ ମିଳିଲା। ଚାରି ଚାରୋଟି ରାଜ୍ୟରେ ବିଜେପିର ବିପୁଳ ବିଜୟ ପରେ ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ଆସିଛି। ଓଡ଼ିଶା ରାଜ୍ୟର ମଙ୍ଗଳ ହେଉ ,ରାଷ୍ଟ୍ର ଅର୍ଥାତ୍ ଦେଶର ମଙ୍ଗଳ ହେଉ ବୋଲି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛି। ଅପରାହ୍ନରେ ପରିବାର ସହ ବିଜେପି ରାଷ୍ଟ୍ରୀୟ ସଭାପତି ନୀତିନ ନବୀନ ଶ୍ରୀମନ୍ଦିର ଯାଇ ଭିତର କାଠ ନିକଟରୁ ରତ୍ନ ସିଂହାସନ ସ୍ଥିତ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଛନ୍ତି। ଏଥିସହ ସେ ମା ବିମଳା ଓ ମା ମହାଲକ୍ଷ୍ମୀଙ୍କୁ ଦର୍ଶନ କରିଛନ୍ତି । ପରେ ସେ ପୁରୀ ସାଂସଦ ଡଃ ସମ୍ବିତ ପାତ୍ରଙ୍କ ଘରକୁ ଯାଇ ମହାପ୍ରସାଦ ସେବନ କରିଛନ୍ତି ।ଶ୍ରୀମନ୍ଦିର ସିଂହଦ୍ଵାର ଠାରେ ତାଙ୍କ କୌଳିକ ପଣ୍ଡା ସତ୍ୟନାରାୟଣ ଗୁରୁ , ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ନୀତିନ ନବୀନଙ୍କ ଏହା ପ୍ରଥମ ପୁରୀ ଗସ୍ତ । ନୀତିନ ନବୀନଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା,ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ସାଂସଦ ଡଃ ସମ୍ବିତ ପାତ୍ର,ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର,ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା , ଏସପି ପ୍ରତୀକ ସିଂହ ,ଜିଲ୍ଲା ଓ ଶ୍ରୀମନ୍ଦିର ପ୍ରଶାସନର ଅନ୍ୟ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ ।ଦର୍ଶନ ସାରି ଫେରିବା ସମୟରେ ସେ ବାଇଶି ପାହାଚ ନିକଟରେ କିଛି ସମୟ ଅଟକି ରହିଥିଲେ।ପରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଯାତ୍ରୀ ପରିଚର୍ଯ୍ୟା ଖାତାରେ ଦସ୍ତଖତ କରିଥିଲେ।ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ସହ ପ୍ରଧାନମନ୍ତ୍ରୀ ଓ ଅନ୍ୟ ସମସ୍ତ ବରିଷ୍ଠ ନେତୃତ୍ୱଙ୍କୁ ପୁରୀ ଆସିବା ପାଇଁ ଅନୁରୋଧ କରିବି ବୋଲି କହିଛନ୍ତି ଯୁବ ଦଇତାପତି ଭବାନୀ ଦାସ ମହାପାତ୍ର।

## ରାଜ୍ୟରେ ପେଟ୍ରୋଲ୍ ଉତ୍ପାଦିତ ସାମଗ୍ରୀର ଉପଲବ୍ଧତା ନେଇ

# ମୁଖ୍ୟ ସଚିବଙ୍କ ସମୀକ୍ଷା, ରାଜ୍ୟ ସଙ୍କଟ ପରିଚାଳନା ଗ୍ରୁପ୍ ବୈଠକ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ପେଟ୍ରୋଲ୍, ଡିଜେଲ ଏବଂ ରନ୍ଧନ ଗ୍ୟାସ (ଏଲପିଜି) ସାମଗ୍ରୀର ଉପଲବ୍ଧତା ନେଇ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ସ୍ଥିତି ସମୀକ୍ଷା କରିଛନ୍ତି । ଏଥିସହିତ ରାଜ୍ୟ ସଙ୍କଟ ପରିଚାଳନା ଗ୍ରୁପ୍ ( ଷ୍ଟେଟ୍ କ୍ରାଇସିସ୍ ମ୍ୟାନେଜମେଣ୍ଟ ଗ୍ରୁପ) ବୈଠକ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଯୋଗଦେଇ ସଂପ୍ରତି ପ୍ରତିକୂଳ ସ୍ଥିତି ସତ୍ତ୍ୱେ ରାଜ୍ୟରେ ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ଯୋଗାଣ ସ୍ୱାଭାବିକ ରହିଥିବା ସୂଚନା ଦେଇଛନ୍ତି । ଏହି ବୈଠକରେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍ ସମେତ ବିଭିନ୍ନ ତୈଳ ମାର୍କେଟିଂ କମ୍ପାନୀର କର୍ତ୍ତୃପକ୍ଷମାନେ ଯୋଗ ଦେଇ ବର୍ତ୍ତମାନ ରାଜ୍ୟରେ ପେଟ୍ରୋଲ, ଡିଜେଲ ପରିମାଣ ମହଜୁଦ ସ୍ଥିତି ଦର୍ଶାଇଥିଲେ । ଏବେ ପେଟ୍ରୋଲ ପମ୍ପଗୁଡ଼ିକ ସ୍ୱାଭାବିକ ଭାବେ କାର୍ଯ୍ୟ କରୁଛି ଏବଂ କେତେକ ସ୍ଥାନରେ ପେଟ୍ରୋଲ ପମ୍ପଗୁଡ଼ିକ ଖାଲି ହୋଇଯାଇଥିବା ଜାଣିବା ପରେ ତୈଳ କମ୍ପାନୀଗୁଡ଼ିକର ସମନ୍ୱିତ ପ୍ରତିକାରାତ୍ମକ ପରିଚାଳନାରେ ସମସ୍ୟାର ସମାଧାନ କରାଯାଇଛି । ଘରୋଇ ଏଲ୍.ପି.ଜି ବଣ୍ଟନକୁ ଅଗ୍ରାଧିକାର ଦିଆଯାଇ ସହରାଞ୍ଚଳରେ ୨୧ରୁ ୨୫ ଦିନ ଓ ଗ୍ରାମାଞ୍ଚଳରେ ୪୫ ଦିନ ଭିତରେ ରନ୍ଧନ ଗ୍ୟାସ ଯୋଗାଇ ଦିଆଯାଉଛି । ଏହା ବ୍ୟତୀତ ଜିଲ୍ଲାୱାରୀ ପି.ଏନ୍.ଜି ବ୍ୟବହାରକୁ ବ୍ୟାପକ କରିବା ପାଇଁ ଉଦ୍ୟମ ଜାରି ରହିଛି । ଏଲପିଜିରୁ ପିଏନଜିକୁ ପରିବର୍ତ୍ତନ କରିବା ପାଇଁ ସରକାରୀ ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକୁ ପରାମର୍ଶ ଜାରି କରାଯାଇଛି । ସିଟି ଗ୍ୟାସ ବିତରଣ ନେଟଓ୍ୱାର୍କ ସଂପ୍ରସାରଣ ପାଇଁ ଉଦ୍ୟମ ଅବ୍ୟାହତ ରହିଛି । ୩୮୬୮୧ ସଂଖ୍ୟକ ୫ କେଜି ବିଶିଷ୍ଟ ଫ୍ରି ଟ୍ରେଡ୍ ଏଲପିଜି ସିଲିଣ୍ଡର ପ୍ରବାସୀ ଏବଂ ଛାତ୍ରଛାତ୍ରୀନଙ୍କୁ ସେମାନଙ୍କର ପରିଚୟ ପ୍ରମାଣପତ୍ର ଦେଖି ବଣ୍ଟନ କରାଯାଇଛି । ବେଆଇନ୍ ମହଜୁଦକାରୀ, କଳାବଜାରୀ ଏବଂ ଅନ୍ୟତ୍ର ଚୋରାଚାଲାଣ ପ୍ରତି କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୭୬୬୨ ଟି ସିଲିଣ୍ଡର ଜବତ କରାଯାଇଥିଲା । ଜବତ କରାଯାଇଥିବା ସିଲିଣ୍ଡରଗୁଡ଼ିକ ଅଏଲ୍ ମାର୍କେଟିଂ କମ୍ପାନୀଗୁଡ଼ିକୁ ହସ୍ତାନ୍ତର କରାଯାଇ ଯୋଗାଣ ଶୃଙ୍ଖଳ ପ୍ରକ୍ରିୟାରେ ସେଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ୩୬ ଜଣଙ୍କ ବିରୁଦ୍ଧରେ ମାମଲା ରୁଜୁ ପୂର୍ବକ ୮ ଜଣଙ୍କୁ ଗିରଫ କରାଯାଇ ଆଇନ୍ ଅନୁସାରେ ପଦକ୍ଷେପ ନିଆଯାଇଛି । ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ନିୟମିତ ଯୋଗାଣ ଉପରେ ଗୁରୁତ୍ୱ ଦେଇଛନ୍ତି ।



# ଆନ୍ଦୋଳନ : ୪୫ରୁଟ୍‌ରେ ୧୧୭ ଆମ ବସ୍ ବନ୍ଦ

ଭୁବନେଶ୍ୱର, (ସବ୍ୟୁ) : ପାତ୍ରପଡା ଆମ ବସ୍ ଡିପୋରେ କର୍ମଚାରୀମାନେ ଆନ୍ଦୋଳନ କରିଥିବାରୁ ୪୫ରୁଟ୍‌ରେ ୧୧୭ ଆମ ବସ୍ ଚାଲିନଥିଲା । ୪ଦଫା ଦାବି ନେଇ ଆମ ବସ୍ କର୍ମଚାରୀମାନେ ସୋମବାର ଭୋର୍ ୪ଟାରୁ ଆନ୍ଦୋଳନକୁ ଓହ୍ଲାଇଥିଲେ । ଚାରିଦଫା ଦାବି ମଧ୍ୟରେ ଦରମା ଠିକ୍ ଭାବରେ ମିଳିବା, ଇପିଏଲ୍, ଇଏସ୍ଆଇ କଟିବା ଓ କର୍ମଚାରୀଙ୍କ ସୁରକ୍ଷା ଅନ୍ତର୍ଭୁକ୍ତ । ଭୋର୍ ୪ଟାରୁ ପ୍ରଥମ ସିପଫରେ ବସ୍‌ରେ ଚଢିବାକୁ ଥିବା କର୍ମଚାରୀମାନେ ଡିପୋକୁ ଆସିଥିଲେ । ହେଲେ ବସ୍‌କୁ ନଯାଇ ସେଠାରେ ଥିବା ଏକ ଗଛ ଛାଇରେ ୪ଦଫା ଦାବି ନେଇ ଆନ୍ଦୋଳନରେ ବସିଥିଲେ ।

ଦ୍ୱିତୀୟ ସିଫ୍ଟ କର୍ମଚାରୀମାନେ ଦିନ ୨ଟାରେ ଆଜି ପହଞ୍ଚିବା ବେଳକୁ ଡିପୋରେ ଆନ୍ଦୋଳନ ଜାରି ରହିଥିଲା । ସେମାନେ ବସ୍‌କୁ ଯିବା ପରିବର୍ତ୍ତେ ଆନ୍ଦୋଳନରେ ସାମିଲ ହୋଇଥିଲେ । କେତେକାଂଶରେ କର୍ମଚାରୀଙ୍କ ଦରମା ମିଳିସାରିଥିବା ବେଳେ ସବୁ କର୍ମଚାରୀଙ୍କୁ ନମିଳିବା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଜିଦ୍ ଧରିଥିଲେ । କର୍ମଚାରୀଙ୍କ ଦରମା ପ୍ରତି ମାସରେ ୧୫/୨୦ଦିନ ଲେଖାଁଏ ବିଳମ୍ବ ହେଉଛି । ସେଥିପାଇଁ ସେମାନେ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇଥିଲେ । ଆନ୍ଦୋଳନରତ କର୍ମଚାରୀଙ୍କ କହିବା କଥା ଖରାରେ ଆମ ବସ୍ ଯାତ୍ରୀମାନେ ନାହିଁ ନଥିବା ହିନସ୍ତା ହେଉଛନ୍ତି । ହେଲେ ଆମ ସମସ୍ୟା ପାଇଁ ଆମେ ଆନ୍ଦୋଳନକୁ ଓହ୍ଲାଇଛୁ । କର୍ମଚାରୀମାନେ ଯଦି ଠିକ୍ ଭାବେ ଦରମା ନପାଇବେ ତେବେ କିପରି କାମକୁ ଆସିବେ ଓ କାମ କରିବେ । ଡିପୋ ପର୍ଯ୍ୟନ୍ତ ଆସିବା ପାଇଁ ବାଇକ୍‌ରେ ପେଟ୍ରୋଲ ଆବଶ୍ୟକ । ଦରମା ନପାଇଲେ ତାହା ଭରଣା ହେବ କିପରି? ପରିବାର ଖର୍ଚ୍ଚ ଓ ନିଜ ଖର୍ଚ୍ଚ ନହେଲେ କାର୍ଯ୍ୟରେ ଯୋଗଦେବା ସମ୍ଭବ ହେଉନାହିଁ । ସନ୍ଧ୍ୟା ସୁଦ୍ଧା ସମସ୍ତଙ୍କ ଦରମା ମିଳିବା ପରେ ବସ୍ ଚଳାଚଳ ସ୍ୱାଭାବିକ ହୋଇଥିଲା ବୋଲି ସୂଚନା ମିଳିଛି ।

## କାଳ ହେଲା ପାରିବାରିକ କଳହ

# ବାପଘରକୁ ଡାକି ଯୌନାଙ୍ଗ କାଟିଦେଲେ ସ୍ତ୍ରୀ, ସ୍ୱାମୀ ମୃତ

ଆଠଗଡ଼ ,(ସବ୍ୟୁ): କଟକ ବଡମ୍ବାରେ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ବାପଘରକୁ ଡାକିନେଇ ଯୌନାଙ୍ଗ କାଟି ସ୍ୱାମୀଙ୍କୁ ହତ୍ୟା କଲେ ସ୍ତ୍ରୀ । ବଡମ୍ବା ଥାନାରେ ମାମଲା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ପାରିବାରିକ କଳହକୁ କେନ୍ଦ୍ର କରି ଅଲରା ଗାଁର ଯୁବକ ମନୋଜ ମଲ୍ଲିକଙ୍କୁ ଶଶୁର ଘର ବଡମ୍ବା କରଡିବନ୍ଧ ଗାଁକୁ ଡାକି ସ୍ତ୍ରୀ ଲକ୍ଷ୍ମୀପ୍ରିୟା ରାଉତ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି ।ମୃତକ ମନୋଜଙ୍କର ବାପା ବସନ୍ତ ମଲ୍ଲିକ ବଡମ୍ବା ଥାନାରେ ଅଭିଯୋଗ କରିଛନ୍ତି । ବଡମ୍ବା ପୋଲିସ ଶବ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି । ଏନେଇ ବଡମ୍ବା ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି । ଅପରପକ୍ଷେ ମୃତକଙ୍କର ସ୍ତ୍ରୀ ଲକ୍ଷ୍ମୀପ୍ରିୟା ରାଉତ ନିଜ ସ୍ୱାମୀ ମନୋଜ ମଲ୍ଲିକ ଆତ୍ମହତ୍ୟା କରିଥିବା ଥାନାରେ ଅଭିଯୋଗ କରିଥିବା ବେଳେ ମୃତକ ମନୋଜ ମଲ୍ଲିକଙ୍କ ବାପା ବସନ୍ତ ମଲ୍ଲିକ ପୁଅର ଯୌନାଙ୍ଗ କାଟି ହତ୍ୟା କରିଥିବା ଅଭିଯୋଗ ଆଣିଛନ୍ତି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ହତ୍ୟା ନାଁ ଆତ୍ମହତ୍ୟା ତାହା ସାମ୍ନାକୁ ଆସିପାରିବ । ଏହି ଘଟଣାରେ ପୋଲିସର ପ୍ରତିକ୍ରିୟା ମିଳିପାରି ନାହିଁ ।

# ଭିଡ଼ର ହିଂସା ରୋକିବାକୁ ପୁଲିସର ମକଡ୍ରିଲ

ବାରଙ୍ଗ (ସବ୍ୟୁ): ଭୁବନେଶ୍ୱର କଟକ କମିସନରେଟ ପୁଲିସ ପକ୍ଷରୁ ଭୁବନେଶ୍ୱର ବାଲିଅନ୍ତା ଭିଡ଼ ହିଂସା ଘଟଣା ପରେ କଟକ କମିସନରେଟ ପୁଲିସ ତତ୍ପରତା ପ୍ରକାଶ ପାଇଛି । ସମ୍ଭାବ୍ୟ ଭିଡ଼ ହିଂସା ରୋକିବା ଓ ଅଭିଯୁକ୍ତଙ୍କୁ କାବୁ କରିବା ନେଇ ସୋମବାର ଏକ ମକ୍‌ଡ୍ରିଲ କରାଯାଇଛି । ଜୋନ-୪ ଏସିପି ଅମିତାଭ ମହାପାତ୍ରଙ୍କ ନେତୃତ୍ୱରେ ଏହି ମକଡ୍ରିରେ ସଦର ଥାନା ଅଧିକାରୀ ତୃଷାରକାନ୍ତ ସେଠୀ ଓ ବାରଙ୍ଗ ଥାନା ଅଧିକାରୀ ନିରଞ୍ଜନ ବେହେରା ଓ କର୍ମଚାରୀମାନେ ସାମିଲ ହୋଇଥିଲେ । ଏହି ମକଡ୍ରିଲଅନୁଯାୟୀ, ସୋମବାର ପୂର୍ବାହ୍ନ ୧୧:୨୦ ମିନିଟ ରେ କୁଆଖାଇ ସେତୁ ନିକଟସ୍ଥ ଏକ ଘରୋଇ ଆପାର୍ଟମେଣ୍ଟର ଛକଠାରେ ଦୁଇଗୋଷ୍ଠୀ ମଧ୍ୟରେ ପଇସା ଛଡାଛଡି ହୋଇ ମାରପିଟ ଘଟିଥିଲା । ଏହି ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ପୁଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ଅପରାଧୀଙ୍କୁ କାବୁ କରିନେଇଥିଲେ । ଆହତ ବ୍ୟକ୍ତିଙ୍କୁ କିଭଳି ତୁରନ୍ତ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନିଆଯିବ ଏବଂ ଏହି ସମୟରେ ବିଶେଷ କରି ଉପୁଜିଥିବା ଭିଡ଼କୁ କିଭଳି ନିୟନ୍ତ୍ରଣ କରାଯାଉଛି ତାହାର ଡେମୋ ଦେଖାଇଥିଲେ ।

# ଛାତରୁ ପଡ଼ି ଯୁବକ ମୃତ

ବାରଙ୍ଗ,(ସବ୍ୟୁ): ଗୋଡିସାହି ଫାଣ୍ଡି ଅନ୍ତର୍ଗତ ଷ,,ପୁର ଗ୍ରାମରେ ଦୁଇ ମହଲା ଛାତରୁ ପଡି ଜଣେ ଯୁବକ ମୃତ୍ୟୁ ବରଣ କରିଛନ୍ତି । ମୃତ ଯୁବକ ହେଉଛନ୍ତି ଜଗତସିଂହପୁର ଜିଲ୍ଲା ବାଲିକୁଦା ଅଂଚଳର ଆମ୍ବଶାଳ ଗ୍ରାମର ବିଶ୍ୱଜିତ ସାହୁ (୩୩) । ସେ ଏକ ଦୁଧ› କମ୍ପାନୀରେ ଠିକା ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବାର ଜଣାପଡିଛି । ଘଟଣାରୁ ପ୍ରକାଶଯେ, ବିଶ୍ୱଜିତ ଷ,,ପୁର ଗ୍ରାମରେ ଭଡାଘର ନେଇ ରହିଆସୁଥିଲେ । ରବିବାର ରାତିରେ ଅସହ୍ୟ ଗରମ ଗୁଳୁଗୁଳି ଯୋଗୁଁ ଭଡା ଘର ଦୁଇ ମହଲା ଛାତ ଉପରେ ଶୋଇବା ପାଇଁ ଯାଉଥିଲେ । କୌଣସି କାରଣ ବଶତଃ ବିଶ୍ୱଜିତ ଛାତ ଉପରୁ ଘର ପଛପଟକୁ ଗଳି ପଡ଼ିବାରୁ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକମାନେ ପୁଲିସକୁ ସୂଚନା ଦେବା ସହିତ ଗୁରୁତର ଆହତ ବିଶଜିତଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡ଼ାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ବିଶ୍ୱଜିତଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ସୋମବାର ସକାଳେ ପୋଲିସ ଡ଼ାକ୍ତର ଖାନାରେ ପହଂଚି ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲେ ।

## ଆଜିଠୁ ଭୁବନେଶ୍ୱରରେ ପୂର୍ବାଞ୍ଚଳ କୃଷି ସମ୍ମିଳନୀ

# କୃଷି ବିକାଶ ପ୍ରସଙ୍ଗ ଉପରେ ହେବ ବ୍ୟାପକ ବିଚାରବିମର୍ଶ

ଭୁବନେଶ୍ୱର(ସବ୍ୟୁ): ଭାରତ ସରକାରଙ୍କ କୃଷିଓକୃଷକକଲ୍ୟାଣମନ୍ତ୍ରଣାଳୟ ପକ୍ଷରୁ ଆସନ୍ତାକାଲି(ମଙ୍ଗଳବାର) ଓଡ଼ିଶାର ଭୁବନେଶ୍ୱରରେ ପୂର୍ବାଞ୍ଚଳ କୃଷି ସମ୍ମିଳନୀ ଆୟୋଜନ ହେବ । ଏହି ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀର ଅଧ୍ୟକ୍ଷତା କରିବେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ । ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବିଭିନ୍ନ ରାଜ୍ୟର କୃଷି ମନ୍ତ୍ରୀ, ବରିଷ୍ଠ ଅଧିକାରୀ, ବୈଜ୍ଞାନିକ, କୃଷକ ପ୍ରତିନିଧି, କୃଷି ବିଶେଷଜ୍ଞ, କୃଷକ ଉତ୍ପାଦକ ସଂଗଠନ (ଏଫପିଓ), ଷ୍ଟାର୍ଟଅପ୍, ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଅଂଶୀଦାରମାନେ ଯୋଗ ଦେବେ ।

ଏହି ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି କୃଷି କ୍ଷେତ୍ରର ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା, କୃଷକଙ୍କ ଆୟ ବୃଦ୍ଧି କରିବା ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା । ଏହି ସମୟରେ, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରାଯିବ । ଏଥିସହିତ କୃଷି କ୍ଷେତ୍ର ସହିତ ଜଡିତ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯିବ । କୃଷକ ରେଜିଷ୍ଟ୍ରିରେ ହୋଇଥିବା ପ୍ରଗତି, ଉଦ୍ୟାନ କୃଷି କ୍ଷେତ୍ରର ସମ୍ଭାବନା, ଡାଲି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ମିଶନ, ଜାତୀୟ ଖାଇବା ତେଲ-ତୈଳବୀଜ ମିଶନ (ଏନଏମଇଓ-ଓଏସ), ପିଏମ-ଆଶା, ଜାତୀୟ ପ୍ରାକୃତିକ କୃଷି ମିଶନ, କୃଷି ଋଣ ଏବଂ କିଷାନ କ୍ରେଡିଟ୍ କାର୍ଡ ସମ୍ପର୍କିତ ପ୍ରସଙ୍ଗ ଉପରେ ବିଶେଷ ଆଲୋଚନା କରାଯିବ । ବିଭିନ୍ନ ରାଜ୍ୟ ଦ୍ୱାରା ଗ୍ରହଣ କରାଯାଇଥିବା କୃଷି କ୍ଷେତ୍ରରେ ସଫଳ ପଦକ୍ଷେପ ଓ ନବସୃଜନକୁ ମଧ୍ୟ ପ୍ରଦର୍ଶିତ କରାଯିବ । ଓଡ଼ିଶା ଏହାର କୃଷି ସମ୍ପ୍ରସାରଣ କାର୍ଯ୍ୟ, ପଶ୍ଚିମବଙ୍ଗ ଏହାର ବିହନ ଉତ୍ପାଦନର ସର୍ବୋତ୍ତମ ଅଭ୍ୟାସ, ଝାଡ଼ଖଣ୍ଡ ଏହାର ଏଫପିଓ-ଆଧାରିତ ମୂଲ୍ୟ ଶୃଙ୍ଖଳ ଓ କୃଷି ଷ୍ଟାର୍ଟଅପ୍ ଇକୋସିଷ୍ଟମ ଏବଂ ବିହାର ମକା ଉତ୍ପାଦନ ଓ ବିପଣନ କ୍ଷେତ୍ରରେ ଏହାର ସଫଳ ଅଭିଜ୍ଞତା ବାଣ୍ଟିବ । ଏହି ସମ୍ମିଳନୀ କୃଷି କ୍ଷେତ୍ରରେ ବିଭିନ୍ନ ଆହ୍ୱାନର ମୁକାବିଲା, ନବସୃଜନ ବାଣ୍ଟିବା ଏବଂ କୃଷକମାନଙ୍କ ହିତକୁ ଦୃଷ୍ଟିରେ ରଖି ସ୍ଥାୟୀ ବିକାଶ ପାଇଁ ଭବିଷ୍ୟତ ରଣନୀତି ବିକଶିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ କାର୍ଯ୍ୟ କରିବ ।

## ତେଲ ସଙ୍କଟ ବେଳେ ଉଦାହରଣ ସୃଷ୍ଟି କଲେ ତିନି ବିଚାରପତି

# ସାଇକେଲ୍ ଚଲାଇ ଆସିଲେ ହାଇକୋର୍ଟ



କଟକ,(ସବ୍ୟୁ): ତେଲ ସଙ୍କଟ ବେଳେ ଓଡ଼ିଶା ହାଇକୋର୍ଟର ତିନି ବିଚାରପତି ଉଦାହରଣ ସୃଷ୍ଟି କରିଛନ୍ତି। ବିଚାରପତି ଜଷ୍ଟିସ୍ ସାବିତ୍ରୀ ରଥ, ଜଷ୍ଟିସ୍ ଭି. ନରସିଂହ ଏବଂ ଜଷ୍ଟିସ୍ ଶିବ ଶଙ୍କର ମିଶ୍ର ସାଇକେଲ୍ ଚଢ଼ି ହାଇକୋର୍ଟକୁ ଆସିଥିଲେ। ତିନି ବିଚାରପତିଙ୍କ ଏଭଳି କାର୍ଯ୍ୟକୁ ନେଇ ଚାରିଆଡୁ ପ୍ରଶଂସା କରାଯାଇଛି। ତେଲ ସଙ୍କଟକୁ ନେଇ ଦେଶର ପ୍ରଧାନମନ୍ତ୍ରୀ କମ୍ ତେଲ ଖର୍ଚ୍ଚ କରିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ପବ୍ଲିକ୍ ଟ୍ରାନ୍ସପୋର୍ଟକୁ ବ୍ୟବହାର, ସାଇକେଲ୍‌ର ବ୍ୟବହାର ଆଦି କରିବାକୁ ପରାମର୍ଶ ଦିଆଯାଇଛି। ଏହି ଆହ୍ୱାନକ୍ରମେ ହାଇକୋର୍ଟର ତିନି ବିଚାରପତି ଆଜି ସକାଳୁ ସେମାନଙ୍କ ଘରୁ ସାଇକେଲରେ ଆସି ଜୁଡିସିଆଲ ଏକାଡେମୀ ନିକଟରେ ଏକତ୍ର ହୋଇଥିଲେ। ସେଠାରୁ ପୁନର୍ବାର ତିନି ବିଚାରପତି ସାଙ୍ଗହୋଇ ସାଇକେଲ ଚଢ଼ି ହାଇକୋର୍ଟ ଅଭିମୁଖେ ବାହାରିଥିଲେ । ହାଇକୋର୍ଟ ପୋଟିକରେ ଯାଇ ସେମାନଙ୍କ ସାଇକେଲ୍ ଅଟକିଥିଲା । ତିନି ବିଚାରପତିଙ୍କ ଏହି ସାଇକେଲ୍ ଚଢ଼ି ହାଇକୋର୍ଟ ଆସିବା ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି।

# ବ୍ଲକ୍ ଅଧ୍ୟକ୍ଷଙ୍କ ଦସ୍ତଖତ ବିନା ବିଡିଓ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ : ହାଇକୋର୍ଟ

## ସରକାର ଆଣିଥିବା ସଂଶୋଧିତ ବିଜ୍ଞପ୍ତି କାଏମ

କଟକ,(ସବ୍ୟୁ): ବ୍ଲକ୍ ଅଧ୍ୟକ୍ଷଙ୍କ ଦସ୍ତଖତ ବିନା ବିଡିଓ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ ବୋଲି ରାଜ୍ୟ ସରକାର ଆଣିଥିବା ସଂଶୋଧିତ ବିଜ୍ଞପ୍ତିକୁ ହାଇକୋର୍ଟ କାଏମ୍ ରଖିଛନ୍ତି । ଏହି ସଂଶୋଧିତ ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ନିଆଳି ବ୍ଲକ୍ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ରାଜ୍ୟ ସରକାରଙ୍କ ଏହି ସଂଶୋଧିତ ବିଜ୍ଞପ୍ତି ଦ୍ୱାରା ବ୍ଲକ୍ ଅଧ୍ୟକ୍ଷଙ୍କ କ୍ଷମତା ସଙ୍କୁଚିତ ହେଉଛି ବୋଲି ଆବେଦନକାରୀ ଦର୍ଶାଇଥିଲେ । କିନ୍ତୁ ହାଇକୋର୍ଟ ଏହି ମାମଲାରେ ରାୟ ପ୍ରକାଶ କରି ଏହି ସଂଶୋଧିତ ବିଜ୍ଞପ୍ତି ଦ୍ୱାରା ବ୍ଲକ୍ ଅଧ୍ୟକ୍ଷଙ୍କ କ୍ଷମତା ସଙ୍କୁଚିତ ହେଉନାହିଁ ବୋଲି ଉଲ୍ଲେଖ କରିବା ସହ ମାମଲାର ଅନ୍ତ ଘଟାଇଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି ।

ଆବେଦନକାରୀ ପିଟିସନ୍‌ରେ ଦର୍ଶାଇଥିଲେ ଯେ, ରାଜ୍ୟ ସରକାର ୨୦୦୨ ମସିହାରେ ପ୍ରଥମେ ଓଡ଼ିଶା ପଞ୍ଚାୟତ ସମିତି ଆକାଉଣ୍ଟିଂ ପ୍ରୋସିଡ୍ୟୁରସ୍ ରୁଲ୍‌ରେ ଏକ ସଂଶୋଧନ ଆଣିଥିଲେ। ସେଥିରେ କୁହାଯାଇଥିଲା ଯେ, ବ୍ଲକ୍ ଅଧ୍ୟକ୍ଷଙ୍କ ଦସ୍ତଖତ ବିନା ବିଡିଓମାନେ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ । ୨୦୦୭ରେ ରାଜ୍ୟ ସରକାର ଏନେଇ ବିଧିବଦ୍ଧ ଭାବେ ନିର୍ଦ୍ଦେଶାନାମା ଜାରି କରିଥିଲେ । ଏଥିରେ ଆହୁରି କୁହାଗଲା ଯେ, ଯଦି ଜିଲ୍ଲାପାଳ ଚାହିଁବେ ତାହେଲେ ୨ଲକ୍ଷରୁ ଅଧିକ ବ୍ୟୟବରାଦ ସଂକ୍ରାନ୍ତ ବିଲ୍‌କୁ ଅନୁମୋଦନ ମଧ୍ୟ କରିପାରିବେ । ଏହା ଫଳରେ ଜଣେ ନିର୍ବାଚିତ ପ୍ରତିନିଧ ବ୍ଲକ୍ ଅଧ୍ୟକ୍ଷଙ୍କ କ୍ଷମତାକୁ ସଙ୍କୁଚିତ କରି ଦିଆଗଲା। ଏବେ ରାଜ୍ୟ ସରକାର ୨୦୨୫ରେ ଏକ ସଂଶୋଧିତ ବିଜ୍ଞପ୍ତି ଜାରି କରିଥିଲେ। ଏଥିରେ ବିଡିଓଙ୍କ ଖର୍ଚ୍ଚ କରିବାର କ୍ଷମତା ୨ଲକ୍ଷରୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ବ୍ଲକ୍ ଅଧ୍ୟକ୍ଷଙ୍କ ଦସ୍ତଖତ ବିନା ବିଡିଓ ଏହି ବିଲ୍ ପାସ୍ କରିପାରିବେ।

ରାଜ୍ୟ ସରକାରଙ୍କ ଏଭଳି ବିଜ୍ଞପ୍ତିକୁ ରଦ୍ଦ କରିବା ଲାଗି ଆବେଦନକାରୀ ହାଇକୋର୍ଟରେ ପ୍ରାର୍ଥନା କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ, ରାଜ୍ୟ ସରକାର ଏଭଳି ଏକ ବିଜ୍ଞପ୍ତି ଦ୍ୱାରା ଜନପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରୁଛନ୍ତି । ବିଡିଓମାନେ ମନମୁଖୀ ଭାବେ ଟଙ୍କା ଖର୍ଚ୍ଚ କରିବେ । ଏହି ଅର୍ଥର ଅପବ୍ୟୟ ହେବାର ମଧ୍ୟ ଆଶଙ୍କା ରହିଛି ବୋଲି କୁହାଯାଇଥିଲା। ଏହା ଉପରେ ରାଜ୍ୟ ସରକାର ଜବାବ ରଖି ଦର୍ଶାଇଥିଲେ ଯେ, ଯଦିଓ ଅଧ୍ୟକ୍ଷମାନଙ୍କ ବିନା ଦସ୍ତଖତରେ ଏହି ବିଲ୍ ପାସ୍ ହେବ କିନ୍ତୁ ସେମାନେ ଚାହିଁଲେ ଏହି ବିଲ୍‌କୁ ଅଟକାଇ ଦେଇପାରିବେ। ଯଦି ଏହି ଅର୍ଥ ଖର୍ଚ୍ଚରେ କିଛି ଭୁଲ ଥିବାର ସନ୍ଦେହ କରନ୍ତି ତାହେଲେ ଏହି ବିଲ୍ ଅଟକାଇ ପାରିବେ। ଏହି ଯୁକ୍ତିକୁ ଗ୍ରହଣ କରି ହାଇକୋର୍ଟ ଅଧ୍ୟକ୍ଷଙ୍କ କୌଣସି ପ୍ରକାର କ୍ଷମତା ସଙ୍କୁଚିତ ହୋଇନାହିଁ ବୋଲି କହିବା ସହ ମାମଲାର ଅନ୍ତ ଘଟାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୁକାନ୍ତ କୁମାର ଦଳେଇ ମାମଲା ପରିଚାଳନା କରୁଥିଲେ।

## ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିରରେ ଯୋଗଦେଲେ ରାଷ୍ଟ୍ରୀୟ ସଭାପତି

# ଦଳ,ସଂଗଠନକୁ ସଶକ୍ତ କରିବା ହେଉଛି ଆମ ସମସ୍ତଙ୍କ ମୂଳ ଉଦ୍ଦେଶ୍ୟ : ନୀତିନ ନବୀନ

ଭୁବନେଶ୍ୱର/ଜଟଣୀ (ସବ୍ୟୁ): ସରକାର ଗଠନ ପାଇଁ ସଂଘର୍ଷ ଆବଶ୍ୟକ। ଅନ୍ୟ ପକ୍ଷରେ ସରକାର ଚଲାଇବା ପାଇଁ ସମର୍ପଣ ଆବଶ୍ୟକ। ଆମ ସମସ୍ତଙ୍କୁ ଲମ୍ବା ସମୟର ସଂଘର୍ଷ ଓ ସମର୍ପଣ ମନୋଭାବ ଆବଶ୍ୟକ। କେବଳ ଶାସନ ଓ କ୍ଷମତା ହାସଲ କରିବା ଏକମାତ୍ର ଲକ୍ଷ୍ୟ ନୁହେଁ ବରଂ ବର୍ତ୍ତମାନ ଆମକୁ ସଂଘର୍ଷ ସହିତ ଆହ୍ୱାନକୁ ସଫଳତାର ସହ ସମ୍ମୁଖୀନ ହେବାକୁ ପଡ଼ିବ। ଦେଶ ସାରା ବିଜେପି ପ୍ରତି ସକରାତ୍ମକ ଲହର ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ବର୍ଷ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। "ରାଷ୍ଟ୍ର ସର୍ବୋପରି" ମନୋଭାବ ରଖି ପ୍ରଧାନମନ୍ତ୍ରୀ ମୋଦିଜୀ ନିଷ୍ଠାର ସହ କାର୍ଯ୍ୟ କରିଚାଲିଛନ୍ତି। ୨୦୪୭ ସୁଦ୍ଧା ଦେଶକୁ ବିକଶିତ ରାଷ୍ଟ୍ର ଭାବେ ଗଢି ତୋଳିବା ଲକ୍ଷ୍ୟ ନେଇ ସେ କାର୍ଯ୍ୟ କରୁଛନ୍ତି। ଅତୀତରେ ବିରୋଧୀ ଦଳ ଭୂମିକାରେ ରହି ତତ୍କାଳୀନ ସରକାରଙ୍କୁ ଗଠନାତ୍ମକ ଓ ସକରାତ୍ମକ ସହଯୋଗ କରୁଥିଲା। କିନ୍ତୁ ବର୍ତ୍ତମାନ ବିରୋଧୀ ଦଳ ଗୁଡ଼ିକର ଆଚରଣ ଓ ଉଚ୍ଚାରଣ ବ୍ୟାପକ ପରିବର୍ତ୍ତନ ଘଟିଛି। ନକରାତ୍ମକ ମନୋଭାବ ସ୍ପଷ୍ଟ ପରିପ୍ରକାଶ ପାଉଛି। ଭାରତୀୟ ଯୁବକ ନବସୃଜନ, ସୃଜନଶୀଳ, ରଚନାତ୍ମକ ଚିନ୍ତାଧାରା ପାଇଁ ପରିଚିତ। ଅନ୍ୟପଟେ ନକରାତ୍ମକ ମନୋଭାବ ରଖିଥିବା ବିରୋଧୀ ଦଳଗୁଡ଼ିକ ଏବେ ଜେନ୍‌ଜି ନାମରେ ଯୁବବର୍ଗକୁ ପଥଭ୍ରାନ୍ତ କରୁଛନ୍ତି। ଏହା ବିକାଶର ଧାରାକୁ ପ୍ରତିରୋଧ କରୁଛି ବୋଲି ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ତରଫରୁ ଆୟୋଜିତ "ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬" ରେ ଯୋଗ ଦେଇ ରାଷ୍ଟ୍ରୀୟ ସଭାପତି ନୀତିନ ନବୀନ କହିଛନ୍ତି।




ଶ୍ରୀ ନବୀନ କହିଛନ୍ତି ଯେ, ରାଷ୍ଟ୍ର ସମ୍ମୁଖରେ ଥିବା ଆହ୍ୱାନ ଓ ଏହାର ନିରାକରଣ ହେଉଛି ଆମ ସମସ୍ତଙ୍କ ମୂଳ କର୍ତ୍ତବ୍ୟ। ବିଶେଷ ଭାବେ "ଆତଙ୍କବାଦ, ଅନୁପ୍ରବେଶକାରୀ, ସୀମା ବିବାଦ, ତସ୍କରୀ" ଭଳି ବାହ୍ୟଶତ୍ରୁଙ୍କ ଆହ୍ୱାନକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଜୀ ସଫଳତାର ସହ ମୁକାବିଲା କରୁଛନ୍ତି। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଦେଶର ପଛୁଆ ଜିଲ୍ଲା ଭାବେ ପରିଗଣିତ ଅଂଚଳକୁ ଆକାଂକ୍ଷୀ ଜିଲ୍ଲା ଭାବେ ବିକାଶର ମୁଖ୍ୟ ସ୍ରୋତର ସାମିଲ କରିବାକୁ ସଫଳ ପ୍ରୟାସ କରିଛନ୍ତି। ଏବେ ନକ୍ସଲବାଦ ସମାପ୍ତପ୍ରାୟ। ଆତଙ୍କବାଦ ଉପରେ ରୋକ ଲଗାଯାଇପାରିଛି। ସଂସ୍କୃତିକୁ ଆଧାର କରି ବିକାଶ ହେବା ଉଚିତ୍। ଦେଶର ଉଭୟ ଆନ୍ତରୀଣ ଓ ବାହ୍ୟ ସୁରକ୍ଷା ସହ କୌଣସି ସାଲିସ କରାଯିବନାହିଁ। ପ୍ରଶିକ୍ଷଣ ହେଉଛି ଏକ ନିରନ୍ତର ପ୍ରକ୍ରିୟା। ଅଧ୍ୟୟନ ପ୍ରକ୍ରିୟା ଜାରି ରଖିବା। ଦଳ ଓ ସଂଗଠନକୁ ସଶକ୍ତ କରିବା ହେଉଛି ଆମ ସମସ୍ତଙ୍କ ମୂଳ ଉଦ୍ଦେଶ୍ୟ ବୋଲି ନୀତିନ ନବୀନ କହିଛନ୍ତି। ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ, ବିଜେପି ହେଉଛି କାର୍ଯ୍ୟକର୍ତ୍ତା ଆଧାରିତ ଜାତୀୟତାବାଦୀ ଦଳ। "ଜ୍ଞାନ ହେଉଛି ଶକ୍ତି ଏବଂ ଅଭିଜ୍ଞତା ହେଉଛି ମୂଲ୍ୟବାନ"। ଆଜିର ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସକ୍ଷମ କରିବା ସହ ସଂଗଠନକୁ ମଧ୍ୟ ସଶକ୍ତ କରିବ। ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ଓ ମଙ୍ଗଳବାର ଦୁଇ ଦିନ ଧରି ଚାଲିବାକୁ ଥିବା ପ୍ରଶିକ୍ଷଣ ଶିବିରକୁ ରାଷ୍ଟ୍ରୀୟ ସଭାପତି ନୀତିନ ନବୀନ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରୀୟ ପ୍ରଶିକ୍ଷଣ ଟୋଲିର ସହସଂଯୋଜିକା ତଥା ସାଂସଦ କବିତା ପଟିଦାର, କ୍ଷେତ୍ରୀୟ ସଂଯୋଜକ ଅଧ୍ୟାପକ ଦିନେଶାନନ୍ଦ ଗୋସ୍ୱାମୀ ଏବଂ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

### ଖୋର୍ଦ୍ଧା ବରୁଣେଇ ଠାରେ 'ପାଇକ ବିଦ୍ରୋହ ସ୍ମାରକୀ' ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା

# 'ପାଇକ ବିଦ୍ରୋହ' ଓଡ଼ିଆ ଜାତିର ସ୍ୱାଭିମାନର ଅନନ୍ୟ ପ୍ରତୀକ : ଧର୍ମେନ୍ଦ୍ର

ଭୁବନେଶ୍ୱର/ଖୋର୍ଦ୍ଧା, (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଖୋର୍ଦ୍ଧା ଜିଲ୍ଲା ବରୁଣେଇ



ଠାରେ 'ପାଇକ ବିଦ୍ରୋହ ସ୍ମାରକୀ' ସ୍ଥଳ ପରିଦର୍ଶନ କରିବା ସହ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ୧୮୧୭ ମସିହାରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ବ୍ରିଟିଶ ଶାସନ ବିରୁଦ୍ଧରେ ହୋଇଥିବା ଏହି ସଶସ୍ତ୍ର ଗଣବିଦ୍ରୋହ ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ । ଏହା ଓଡ଼ିଆ ଜାତିର ସ୍ୱାଭିମାନ, ଅସ୍ମିତା ଓ ଗୌରବର ଏକ ଅନନ୍ୟ ପ୍ରତୀକ । ଏହି ମାଟିର ବୀରମାନଙ୍କ ବଳିଦାନ ସମଗ୍ର ଦେଶକୁ ସ୍ୱାଧୀନତା ସଂଗ୍ରାମ ପାଇଁ ପ୍ରେରିତ କରିଥିଲା । ବରୁଣେଇ ପାହାଡ଼ ପାଦଦେଶରେ ନିର୍ମାଣ ହେଉଥିବା ଏହି ଭବ୍ୟ ସ୍ମାରକୀ ସ୍ଥଳ ଆଗାମୀ ଶତାବ୍ଦୀ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଆ ଜାତିର ବୀରତ୍ୱ ଓ ବିଜୟଗାଥାକୁ ସାରା ବିଶ୍ୱରେ ପ୍ରତିପାଦିତ କରିବ । ଓଡ଼ିଶାର ଅଦମ୍ୟ ସାହସର ମୂକସାକ୍ଷୀ ହୋଇ ରହିବାକୁ ଥିବା ଏହି ପ୍ରକଳ୍ପ ଆଗାମୀ ଦିନରେ ଆମ ଯୁବପିଢ଼ିଙ୍କୁ ନିଜ ସଂସ୍କୃତି ଓ ଦେଶପ୍ରେମରେ ସର୍ବଦା ଅନୁପ୍ରାଣିତ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ଓଡ଼ିଶାର ଗୌରବମୟ ଇତିହାସକୁ ବିଶ୍ୱ ଦରବାରରେ ସଠିକ୍ ପରିଚୟ ଦେବା ପାଇଁ ସଦାସର୍ବଦା ପ୍ରତିବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# ଏଲ୍‌ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ଦ୍ୱାରା ଚକ୍ଷୁ କର୍କଟ ରୋଗ ଉପରେ ସଚେତନତା ପଦଯାତ୍ରା

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ମିଠୁ ତୁଳସୀ ଚନରାଇ (ଏମଟିସି) କ୍ୟାମ୍ପସ ସ୍ଥିତ ଏଲ୍‌ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ପକ୍ଷରୁ ଗତ ୧୭ ତାରିଖ ରବିବାର ସକାଳ ସମୟରେ ବୁଦ୍ଧ ଜୟନ୍ତୀ ପାର୍କରେ ରେଟିନୋବ୍ଲାଷ୍ଟୋମା ସଚେତନତା ପଦଯାତ୍ରା, ହ୍ୱାଇଟାଥନ୍ ୨୦୨୬ ସଫଳତାର ସହ ଆୟୋଜନ କରାଯାଇଥିଲା। ଏଲଭିପିଇଆଇର କର୍ମଚାରୀ ବୃନ୍ଦ, ଭୁବନେଶ୍ୱର ଏବଂ କଟକ ସ୍ଥିତ ବିଭିନ୍ନ କର୍କଟ ହସ୍ପିଟାଲର ଅଙ୍କୋଲୋଜିଷ୍ଟ, ଏନଜିଓ, ଫାର୍ମାସ୍ୟୁଟିକାଲ୍ ଇଣ୍ଡଷ୍ଟ୍ରିରୁ ପ୍ରାୟୋଜକ, ରେଟିନୋବ୍ଲାଷ୍ଟୋମା ରୋଗରୁ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତିଗଣ ଓ ସେମାନଙ୍କ ପିତାମାତା ଏବଂ ବହୁ ଶୁଭେଚ୍ଛୁ ଏହି ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ। ରେଟିନୋବ୍ଲାଷ୍ଟୋମା ଏକ ବିରଳ ଜୀବନଘାତକ ଚକ୍ଷୁ କର୍କଟ ରୋଗ ଯାହା ପ୍ରାୟତଃ ୫ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ପ୍ରଭାବିତ କରେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଚିହ୍ନଟ ହେଲେ ଏଥିରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରାଯାଇପାରିବ। ବିଳମ୍ବରେ ରୋଗ ନିର୍ଣ୍ଣୟ ଏବଂ ପରବର୍ତୀ ପର୍ଯ୍ୟାୟରେ ରୋଗ ପହଂଚିଲେ ଆଖି ନଷ୍ଟ ହୋଇପାରେ ଏବଂ ରୋଗୀଙ୍କ ପାଇଁ ଘାତକ ମଧ୍ୟ ହୋଇପାରେ। ଏହି ପଦଯାତ୍ରା ଦୃଷ୍ଟିଶକ୍ତି ଏବଂ ଜୀବନ ଉଭୟକୁ ରକ୍ଷା କରିବା ପାଇଁ ଶୀଘ୍ର ରୋଗ ଚିହ୍ନଟର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରିଥିଲା।

# ତେଲ ସଙ୍କଟ ପାଇଁ ୧୯ ଓ ୨୧ ରେ ଆଭାସି ଜରିଆରେ ହାଇକୋର୍ଟରେ ହେବ ଶୁଣାଣୀ

## ଅବକାଶ କାଳୀନ ଅଦାଲତ ମଧ୍ୟ ଏହି ବ୍ୟବସ୍ଥାରେ ଚାଲିବ, ୫୦% କର୍ମଚାରୀ ରହିବେ ଉପସ୍ଥିତ

କଟକ,(ସବ୍ୟୁ): କରୋନା ପରେ ପୁନର୍ବାର ହାଇକୋର୍ଟରେ ଆଭାସୀ ଜରିଆରେ ଶୁଣାଣି ପାଇଁ ନିଷ୍ପତ୍ତି ନିଆଯାଇଛି । ତେଲ ସଙ୍କଟର ମୁକାବିଲା ତଥା ଭାରତ ସରକାରଙ୍କ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀକୁ ଆଧାର କରି ଓଡ଼ିଶା ହାଇକୋର୍ଟଙ୍କ ପକ୍ଷରୁ ଅଦାଲତର କାର୍ଯ୍ୟପ୍ରଣାଳୀ ଓ କର୍ମଚାରୀଙ୍କ ରୋଷ୍ଟର ବ୍ୟବସ୍ଥା ସମ୍ବନ୍ଧରେ ନୂତନ ବ୍ୟବସ୍ଥା ଜାରି କରାଯାଇଛି । ମେ ୧୯ ଏବଂ ୨୧ ତାରିଖରେ ହାଇକୋର୍ଟର ସମସ୍ତ ବେଞ୍ଚରେ କେବଳ ଆଭାସୀ ମାଧ୍ୟମରେ ମାମଲାଗୁଡ଼ିକର ଶୁଣାଣି କରାଯିବ। ଏଥିସହିତ ଆଗାମୀ ଗ୍ରୀଷ୍ମକାଳୀନ ଅବକାଶ ସମୟରେ ମଧ୍ୟ ସମସ୍ତ ବେଞ୍ଚ ଭର୍ଚୁଆଲ୍ ମାଧ୍ୟମରେ କାର୍ଯ୍ୟ କରିବେ ବୋଲି ହାଇକୋର୍ଟଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି ।

ଅଦାଲତ ଏବଂ ରେଜିଷ୍ଟ୍ରାର କାର୍ଯ୍ୟ ନିରବଚ୍ଛିନ୍ନ ଭାବେ ଚାଲୁ ରଖିବା ପାଇଁ ସମସ୍ତ ସୁପରିଟେଣ୍ଡେଣ୍ଟମାନଙ୍କୁ ତାଙ୍କ ଅଧୀନରେ କାର୍ଯ୍ୟରତ କର୍ମଚାରୀଙ୍କ ନିମନ୍ତେ ରୋଷ୍ଟର ତାଲିକା ପ୍ରସ୍ତୁତ କରିବାକୁ କୁହାଯାଇଛି। ଏହି ବ୍ୟବସ୍ଥାରେ ସର୍ବନିମ୍ନ ୫୦ ପ୍ରତିଶତ କର୍ମଚାରୀ ଉପସ୍ଥିତି ଅଦାଲତରେ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ କର୍ମଚାରୀମାନେ କାର୍ଯ୍ୟ ତାଲିକା ଅନୁଯାୟୀ ଅଦାଲତରେ ଉପସ୍ଥିତ ରହିବେ ନାହିଁ, ସେମାନେ କାର୍ଯ୍ୟାଳୟ ସମୟ ମଧ୍ୟରେ ଟେଲିଫୋନ, ମୋବାଇଲ ଓ ଇଲୋକ୍ଟ୍ରୋନିକ୍ ମାଧ୍ୟମରେ ସର୍ବଦା ଉପଲବ୍ଧ ରହିବେ । ଆବଶ୍ୟକ ପଡ଼ିଲେ ସେମାନଙ୍କୁ ତୁରନ୍ତ କାର୍ଯ୍ୟାଳୟରେ ଉପସ୍ଥିତ ହେବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। କୌଣସି ବିଭାଗରେ କାର୍ଯ୍ୟଶୈଳୀ ପ୍ରଭାବିତ ହେଉଥିଲେ ସମ୍ପୃକ୍ତ ସୁପରିଟେଣ୍ଡେଣ୍ଟ ସଂଶୋଧିତ କାର୍ଯ୍ୟ ତାଲିକା ରେଜିଷ୍ଟ୍ରାରଙ୍କ ନିକଟରେ ଦାଖଲ କରିପାରିବେ। ସମସ୍ତ ସମ୍ପୃକ୍ତ ଅଧିକାରୀମାନେ ବିଳମ୍ବ ନ କରି ସମୟସୀମା ମଧ୍ୟରେ ସମ୍ପୃକ୍ତ ବିଭାଗ/ ଶାଖାକୁ ନ୍ୟସ୍ତ କରାଯାଇଥିବା ସରକାରୀ କାର୍ଯ୍ୟ ଶେଷ କରିବା ନିଶ୍ଚିତ କରିବେ। ଏଥିସହିତ ସମ୍ଭବ ଥିଲେ ସମସ୍ତ ବୈଠକ ଆଭାସୀ ମାଧ୍ୟମରେ ଆୟୋଜନ କରିବାକୁ କୁହାଯାଇଛି। କେବଳ ଜରୁରୀକାଳୀନ ପରିସ୍ଥିତିରେ ପ୍ରତ୍ୟକ୍ଷ ବୈଠକ ଆୟୋଜିତ ହେବ ବୋଲି ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି।

# କିଟ୍‌ରେ ଭାରତୀୟ ଭାଷାରେ ବୈଷୟିକ ଓ ଉଚ୍ଚଶିକ୍ଷା ଉପରେ ଜାତୀୟ ଇଏସି ବୈଠକ

ଭୁବନେଶ୍ୱର, (ସବ୍ୟୁ): ଭାରତୀୟ ଭାଷାରେ ବୈଷୟିକ ଓ ଉଚ୍ଚଶିକ୍ଷାକୁ ସୁଦୃଢ଼ କରିବା ଦିଗରେ କିଟ ବିଶ୍ୱବିଦ୍ୟାଳୟରେ ୫ଦିନିଆ ବିଶେଷଜ୍ଞ ପରାମର୍ଶଦାତା କମିଟି ବୈଠକ ଉଦ୍‌ଘାଟିତ ହୋଇଯାଇଛି। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଅଧୀନରେ ଥିବା ବୈଜ୍ଞାନିକ ଏବଂ ବୈଷୟିକ ଶବ୍ଦାବଳୀ (ସିଏସଟିଟି) ପକ୍ଷରୁ ଏହି ଜାତୀୟସ୍ତରର ବୈଠକ ଆୟୋଜନ କରାଯାଇଛି। ମେ ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ଚଳିବାକୁ ଥିବା ଏହି ବୈଠକ ଇଲେକ୍ଟ୍ରୋନିକ୍ସ ଓ ରାଜନୀତି ବିଜ୍ଞାନର ମୌଳିକ ଶବ୍ଦକୋଷକୁ ଇଂରାଜୀ, ହିନ୍ଦୀ, ଓ ଓଡ଼ିଆ ଭାଷାରେ ଅଧିକ ସରଳ, ସଠିକ୍ ଓ ପ୍ରୟୋଗଯୋଗ୍ୟ କରିବା ହେଉଛି ବୈଠକର ମୁଖ୍ୟ ଲକ୍ଷ୍ୟ। ଉଚ୍ଚ ଶିକ୍ଷା ଓ ବୈଷୟିକ ଶିକ୍ଷାରେ ମାତୃଭାଷାର ବ୍ୟବହାର ବଢ଼ାଇବା ସହ ଜାତୀୟ ଶିକ୍ଷା ନୀତି ୨୦୨୦କୁ ସଫଳ କରିବା ନେଇ ଏଠାରେ



ବିସ୍ତୃତ ଭାବେ ଆଲୋଚନା କରାଯିବ। ଇଲେକ୍ଟ୍ରୋନିକ୍ସ ବିଷୟର ପ୍ରାୟ ୨୮୩୩ଟି ଓ ରାଜନୀତି ବିଜ୍ଞାନର ପ୍ରାୟ ୪ ହଜାର ପ୍ରଯୁକ୍ତିଗତ ଶବ୍ଦ ପାଇଁ ମାନକ ଓଡ଼ିଆ ଶବ୍ଦାବଳୀ ପ୍ରସ୍ତୁତ କରାଯାଉଛି। ପ୍ରତିଦିନ ୭୦୦ ରୁ ୯୦୦ ପର୍ଯ୍ୟନ୍ତ ପ୍ରାଯୁକ୍ତିକ ଶବ୍ଦକୁ ଓଡ଼ିଆରେ ରୂପାନ୍ତର କରିବା ଲକ୍ଷ୍ୟ ରଖାଯାଇଛି। କିଟ, ଆଇଆଇଟି ଭୁବନେଶ୍ୱର, ଆଇଆଇଆଇଟି, କିସ ଓ ଓୟୁଟିଆର ସହ ବିଭିନ୍ନ ପ୍ରତିଷ୍ଠିତ ସଂସ୍ଥାର ଭାଷା ବିଶେଷଜ୍ଞ, ଶିକ୍ଷାବିତ, ଗବେଷକ ଓ ବିଷୟ ବିଶେଷଜ୍ଞମାନେ ଏହି ବୈଠକରେ ଯୋଗଦେଇଛନ୍ତି। ଆଜିର ଏହାର ଉଦ୍‌ଘାଟନୀ ଅବସରରେ କିଟ ଉପସଭାପତି ଡ ଅଜୟ ପ୍ରଧାନ, କିଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂ ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ମାତୃଭାଷାରେ ପ୍ରାଯୁକ୍ତିକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କିଟ ପ୍ରଫେସର ତ ଥ । ସିଏସ ନିର୍ଦ୍ଦେଶକ ପ୍ରଫେସର ବେଣୁ ଗୋପାଳ ମହାପାତ୍ର ବୈଠକର ମୁଖ୍ୟ ସମନ୍ୱୟକାରୀ ଭାବେ ଯୋଗ ଦେଇଥିବା ବେଳେ କିଟ୍ ଇଲେକଟ୍ରୋନିକ୍ସ ବିଭାଗ ପ୍ରଫେସର ସୁଧାକର ସାହୁ ଓ ରାଜନୀତି ବିଜ୍ଞାନ ପାଇଁ ଡ଼ ରୁଦ୍ର ନାରାୟଣ ମହାନ୍ତି ସମନ୍ୱୟକାରୀ ଭାବେ କାର୍ଯ୍ୟ କରୁଛନ୍ତି । ଦିଲ୍ଲୀରୁ ସିଏସଟିଟିର ସହକାରୀ ନିର୍ଦ୍ଦେଶକ ଜେ ଏସ ରାଓ୍ୱତ ଓ ଡ ଏସ ଏ ଅନସାରି ଏହି କାର୍ମଶାଳାରେ ଯୋଗଦେଇ ଶବ୍ଦାବଳୀ ପ୍ରସ୍ତୁତି ଉପରେ ଆଲୋଚନା କରୁଥିବା ବେଳେ ନୂଆଦିଲ୍ଲୀସ୍ଥିତ ପ୍ରତିରକ୍ଷା ଉତ୍ପାଦନ ବିଭାଗ ସାଧାରଣ ଗୁଣବତ୍ତା ଆଶ୍ୱାସନା ନିର୍ଦ୍ଦେଶ (ଡି. ଜି. କ୍ୟୁ. ଏ.)ର ଡେପୁଟି ଡାଇରେକ୍ଟର ଦୀପକ କୁମାର ମିଶ୍ର ମଧ୍ୟ ଉଦଘାଟନୀ ଅଧିବେଶନରେ ଯୋଗଦେଇ ମତ ରଖିବା ସହିତ କିଟ୍‌ର ବ୍ୟବସ୍ଥାକୁ ପ୍ରଶଂସା କରି କିଟ କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇବା ସହ କିଟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଥିଲେ।

### ସହରାଞ୍ଚଳ ଶାସନ ବ୍ୟବସ୍ଥା ଉପରେ ୨୦୨୫ ବ୍ୟାଚ୍‌ର

# ଆଇଏଏସ୍ ପ୍ରୋବେସନରଙ୍କୁ ଦିଗଦର୍ଶନ ଦେଲା 'ଟିମ୍ ଅର୍ବାନ୍'

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର କ୍ରମବିକଶିତ ସହରାଞ୍ଚଳ ଶାସନ ଗଠନତନ୍ତ୍ର ଏବଂ ନାଗରିକ-କେନ୍ଦ୍ରିକ ଆଭିମୁଖ୍ୟ ବିଷୟରେ ବିସ୍ତୃତ ଧାରଣା ପ୍ରଦାନ କରିବା ଉଦ୍ଦେଶ୍ୟରେ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଓଡ଼ିଶା କ୍ୟାଡରର ୨୦୨୫ ବ୍ୟାଚ୍‌ର ୬ ଜଣ ଆଇଏଏସ୍ ପ୍ରୋବେସନରଙ୍କ ପାଇଁ ଏକ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପୌରପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଭାଗର ବରିଷ୍ଠ ଅଧିକାରୀ ଓ ବିଭିନ୍ନ ବିଭାଗୀୟ ମୁଖ୍ୟମାନେ ଯୋଗଦେଇ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ କାର୍ଯ୍ୟକଳାପ, ଫ୍ଲାଗସିପ୍ କାର୍ଯ୍ୟକ୍ରମ ଏବଂ ଆନୁଷ୍ଠାନିକ ବ୍ୟବସ୍ଥା ବିଷୟରେ ଉପସ୍ଥାପନା କରିଥିଲେ। ଏହି ଆଲୋଚନା ସମୟରେ 'ଟିମ୍ ଅର୍ବାନ୍' ପକ୍ଷରୁ ପ୍ରୋବେସନରମାନଙ୍କୁ ସହରାଞ୍ଚଳର ପ୍ରମୁଖ ଯୋଜନା ଯଥା— ସୁଲଭ ମୂଲ୍ୟରେ ବାସଗୃହ, ଜଳ ଯୋଗାଣ, ସ୍ୱଚ୍ଛତା, ବର୍ଜ୍ୟବସ୍ତୁ ପରିଚାଳନା, ସହରାଞ୍ଚଳ ଭିତ୍ତିଭୂମି ଏବଂ ପ୍ରଯୁକ୍ତିବିଦ୍ୟା ଆଧାରିତ ଶାସନ ପ୍ରଣାଳୀ ବିଷୟରେ ଅବଗତ କରାଯାଇଥିଲା।

# ଅଦିନିଆ ରଥଯାତ୍ରା ପାଳନକୁ ନେଇ ଶ୍ରୀମନ୍ଦିର ପ୍ରଶାସନର ପ୍ରତିବାଦ

ପୁରୀ, (ସବ୍ୟୁ): ଉତ୍ତର ପ୍ରଦେଶ ହାପୁର ଜିଲ୍ଲାର ଭଗବାନ ଶ୍ରୀଜଗନ୍ନାଥ ରଥଯାତ୍ରା ସେବା ସମିତି ପକ୍ଷରୁ ଆସନ୍ତା ତା୧୩.୬.୨୦୨୬ ରିଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନେତ୍ରୋତ୍ସବ ଓ ତା ୧୪.୬.୨୦୨୬ ରିଖରେ ରଥଯାତ୍ରା ପାଳନ କରାଯାଉ ଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ସମ୍ବାଦ ପ୍ରକାଶ ପାଇଥିଲା। ଏହି ଖବରକୁ ଆଧାର କରି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହାର ଦୃଢ଼ ପ୍ରତିବାଦ କରାଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟ ପ୍ରଶାସକ ଶ୍ରୀଜଗନ୍ନାଥ ମନ୍ଦିର,ପୁରୀ ହାପୁର ଜିଲ୍ଲାର ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ତାଙ୍କର ତା ୧୮.୫.୨୦୨୬ ରିଖ, ଏକ ପତ୍ର ଲେଖି ସଂପୃକ୍ତ ରଥଯାତ୍ରା ସେବା ସମିତିଙ୍କୁ ପାରମ୍ପରିକ ତିଥି ବ୍ୟତିତ ଅ - ତିଥିରେ ଏହି ଉତ୍ସବ ପାଳନରୁ ନିବୃତ୍ତ ରହିବା ପାଇଁ ଉଚିତ ବ୍ୟବସ୍ଥା ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ମୁଖ୍ୟ ପ୍ରଶାସକ ତାଙ୍କ ପତ୍ରରେ ହାପୁର ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦୃଷ୍ଟି ଆକର୍ଷଣ କରି କହିଛନ୍ତି ଯେ ଅ- ତିଥିରେ ପାଳନ କରାଯାଉଥିବା ରଥଯାତ୍ରାକୁ ବିରୋଧ କରି ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିଚାଳନା କମିଟି ସଂକଳ୍ପ ଗ୍ରହଣ କରିଛନ୍ତି, ଚଳିତ ବର୍ଷ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନେତ୍ରୋତ୍ସବ ଓ ରଥଯାତ୍ରା , ପାରମ୍ପରିକ ତଥା ଶାସ୍ତ୍ରାନୁମୋଦିତ ବିଧି ଅନୁସାରେ ଯଥାକ୍ରମେ ତା୧୪.୭.୨୦୨୬ରିଖ ଓ ତା ୧୬.୭.୨୦୨୬ରିଖ ରେ ଅନୁଷ୍ଠିତ ହେବ। ଏହି ଦିନ ଭିନ୍ନ ଅନ୍ୟ କୌଣସି ଦିନ ନେତ୍ରୋତ୍ସବ ଓ ରଥଯାତ୍ରା ପାଳନ କଲେ ଦେଶ ବିଦେଶର ଅଗଣିତ ଭକ୍ତ ମାନଙ୍କର ଧାର୍ମିକ ଭାବନାରେ ଆଘାତ ସୃଷ୍ଟି କରିବ ବୋଲି ମୁଖ୍ୟ ପ୍ରଶାସକ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।

# ଟ୍ରକ ସହ ପିକଅପ ଧକ୍କା

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ମହିନ୍ଦ୍ରା ସୋରୁମ ନିକଟରେ ଆଜି ଏକ ଟ୍ରକ ସହ ପିକଅପ ଧକ୍କା ହୋଇଥିବା ବେଳେ ପିକଅପ ଚାଳକ ଅଳ୍ପକେ ବର୍ତ୍ତି ଯାଇଛି। ପ୍ରକାଶଯେ ୧୬ ନମ୍ବର ଜାତୀୟ ରାଜପଥରେ ବଡବିଲରୁ ଲୁହାପଥର ନେଇ ଏକ ଟ୍ରକ (ଓଡି୦୫୦୭୩୮୭) ପାରାଦ୍ୱୀପ ଅଭିମୁଖେ ଯାଉଥିବା ବେଳେ ପାଣିକୋଇଲି ମହିନ୍ଦ୍ରା ସୋ ରୁମ ନିକଟରେ ଏକ ପିକ୍‌ଅପ (ଓଡି ୩୪ଏକ୍ସ ୯୦୫୧) ଙ୍ଗରୁଟରେ ସମ୍ମୁଖଭାଗରୁ ଆସି ଧକ୍କା କରିଥିଲା। ଫଳରେ ଦୁଇଟି ଗାଡି ଦୁର୍ଘଟଣା ହେବା ସହ ପିକଅପ ଚାଳକ ଯାଜପୁର ଟାଉନ ଅଂଚଳର ମହମ୍ମଦ ଅଜବୁଲ ଅଲ୍ଲୀ ଆହତ ହୋଇଥିଲେ। ଖବରପାଇ ଘଟଣାସ୍ଥଳେ ରାଜପଥ ପେଟ୍ରୋଲିଂଗ ଅଧିକାରୀ ଅଶୋକ ବଳ ପହଂଚି ପୁଲିସକୁ ଘଟଣା ଜଣାଇବା ସହ ଆହତ ପିକଅପ ଚାଳକକୁ ଏକ ଘରୋଇ ଚିକିତ୍ସାଳୟରେ ଭର୍ତି କରିଥିଲେ। ଥାନାଧିକାରୀ ରଂଜିତ ମହାନ୍ତି ଘଟଣାସ୍ଥଳେ ପହଂଚି ଗାଡି ଦୁଇଟିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛନ୍ତି।

### ସୁଦୂର ମରୁଭୂମିରେ ଗୁଞ୍ଜରିତ ହେଲା ଓଡ଼ିଶା ଗୌରବର ଗାଥା

# ଆବୁଧାବି 'ଉତ୍କର୍ଷ-୨୦୨୬'ରେ ଯୋଗ ଦେଲେ ବିଧାୟିକା ସୋଫିଆ

କଟକ, (ସ୍ୱପ୍ର) : ସୁଦୂର ପ୍ରବାସ ମାଟିରେ ଓଡ଼ିଆ ଅସ୍ମିତା, କଳା, ସଂସ୍କୃତି ଓ ଐତିହ୍ୟର ଏକ ମହାସମାରୋହ ଅନୁଷ୍ଠିତ ହୋଇଯାଇଛି । ସଂଯୁକ୍ତ ଆରବ ଏମିରେଟ୍ସର ଆବୁଧାବି ଏବଂ ପଡ଼ୋଶୀ ଅଞ୍ଚଳରେ ବସବାସ କରୁଥିବା ଓଡ଼ିଆ ଭାଷାଭାଷୀ ପ୍ରବାସୀଙ୍କ ମିଳିତ ପ୍ରୟାସରେ ଗଠିତ 'ଓଡ଼ିଆ ସମାଜ ଆବୁଧାବି' ପକ୍ଷରୁ ସ୍ଥାନୀୟ ପ୍ରତିଷ୍ଠିତ ଫୋକ୍ଲୋ ଥିଏଟର ଠାରେ ଉତ୍କଳ ଦିବସ ଉପଲକ୍ଷେ ଉତ୍କର୍ଷ-୨୦୨୬ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି । ଏହି ଭବ୍ୟ ଉତ୍ସବରେ ଓଡ଼ିଶାରୁ ବିଧାୟିକା ସୋଫିଆ ଫିରଦୋଷ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୋଭା ବର୍ଦ୍ଧନ କରିଥିଲେ । ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ବିଧାୟିକା ନିଜ ଅଭିଭାଷଣରେ କହିଥିଲେ ଯେ, ମାଟି ଠାରୁ ହଜାର ହଜାର କିଲୋମିଟର ଦୂରରେ ରହି



ମଧ୍ୟ ନିଜ ମାତୃଭାଷା, ସଂସ୍କୃତି ଏବଂ ପରମ୍ପରାକୁ ବଞ୍ଚାଇ ରଖିବା ସହ ବିଶ୍ୱ ଦରବାରରେ ଓଡ଼ିଆ ଜାତିର ପରିଚୟକୁ ସମୃଦ୍ଧ କରିବାରେ ପ୍ରବାସୀ ଓଡ଼ିଆ ମାନଙ୍କର ଏହି ପ୍ରୟାସ ପ୍ରଶଂସନୀୟ । ନିଜ ଭାଷା ଓ ଐତିହ୍ୟ ପ୍ରତିଥିବା ଏହି ଅକୁ= ଭାଲ ପାଇବା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବର ବିଷୟ ବୋଲି ସେ ପ୍ରକାଶ କରିଥିଲେ । ଏହି ଅବସରରେ ଆୟୋଜିତ ସାଂସ୍କୃତିକ ମହାକୁମ୍ଭରେ ପ୍ରବାସୀ ଓଡ଼ିଆ କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ, ପାରମ୍ପରିକ ସଙ୍ଗୀତ ଏବଂ ଓଡ଼ିଶାର ଗୌରବମୟ ଇତିହାସକୁ ନେଇ ପ୍ରସ୍ତୁତ ବିଭିନ୍ନ କାର୍ଯ୍ୟକ୍ରମ ସେଠାରେ ଉପସ୍ଥିତ ସମସ୍ତ ଦର୍ଶକଙ୍କୁ ବିମୋହିତ କରିଥିଲା । ଏହି ଉତ୍ସବରେ ଆବୁଧାବି ତଥା ଅନ୍ୟାନ୍ୟ ଏମିରେଟ୍ସରୁ ଶତାଧିକ ଓଡ଼ିଆ ପରିବାର ଏକତ୍ରିତ ହୋଇ ପରସ୍ପର ମଧ୍ୟରେ ଭାତୃତ୍ୱ ଭାବ ବିନିମୟ କରିବା ସହ ଉତ୍କଳ ଜନନୀଙ୍କ ବନ୍ଦନା କରିଥିଲେ । ସମଗ୍ର ଥିଏଟର ପରିସର ଏକ ମିନି-ଓଡ଼ିଶାର ଭ୍ରମ ସୃଷ୍ଟି କରୁଥିବାବେଳେ, ପ୍ରବାସୀ ଓଡ଼ିଆ ମାନ ଙ୍କ ଏଭଳି ନିଷ୍ଠା ଓ ସଂକଳ୍ପ ସମାରୋହକୁ ସଫଳତାର ଶୀର୍ଷରେ ପହଞ୍ଚାଇଥିଲା । ଶେଷରେ ଆୟୋଜକ କମିଟି ପକ୍ଷରୁ ସମସ୍ତ ଅତିଥି ଓ ସହଯୋଗୀଙ୍କୁ ସାଧୁବାଦ ସହ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

### ଆମ୍‌ଫି ପକ୍ଷରୁ ନିବେଶକ ସଚେତନତା କାର୍ଯ୍ୟକ୍ରମ

# ନିବେଶକଙ୍କ ସୁରକ୍ଷା ପାଇଁ ସେବିର ପ୍ରୋଜେକ୍ଟ ଜାଗରୁକ

ଭୁବନେଶ୍ୱର (ସବ୍ୟୁ): ଆସୋସିଏସନ୍ ଅଫ୍ ମ୍ୟୁଚୁଆଲ୍ ଫଣ୍ଡସ ଇନ୍ ଇଣ୍ଡିଆ (ଆମ୍‌ଫି) ପକ୍ଷରୁ ଭୁବନେଶ୍ୱରରେ ଏକ ନିବେଶକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ସେଥିରେ ନିୟାମକ, ନୀତି ନିର୍ମାତା, ଶିକ୍ଷାବିତ ଓ ନିବେଶକମାନେ ଏକତ୍ରିତ ହୋଇ ଭାରତର ଅର୍ଥନୈତିକ ଦୃଢ଼ତା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଅଗ୍ରଗତିକୁ ସୁଦୃଢ଼ କରିବାରେ ମ୍ୟୁଚୁଆଲ ଫଣ୍ଡର ବଢ଼ୁଥିବା ଭୂମିକା ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ର ଅଧ୍ୟକ୍ଷ ତୁହିନ କାନ୍ତ ପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ପଣ୍ଡା ସମ୍ମାନିତ ଅତିଥି ଯୋଦେଇଥିଲେ ଓ ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡି ଭି ରମଣା ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ ।

କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସେବିର ଅଧ୍ୟକ୍ଷ ଶ୍ରୀ ପାଣ୍ଡେ ଇକ୍ୱିଟି, ଡେବ୍ଟ, ଇନଭିଟ୍‌ସ ଓ ମୁନିସପାଲ୍ ଫଣ୍ଡ ଭଳି ଆର୍ଥିକ ଉପକରଣ ଜରିଆରେ ବ୍ୟବସାୟମାନଙ୍କୁ ବିବିଧ ପ୍ରକାରର ପାଣ୍ଠି ଉତ୍ସ ପ୍ରଦାନ କରିବାରେ ପ୍ରତିଭୂତି ବଜାରର ଭୂମିକା ଉପରେ ଆଲୋକପାତ କରିଥିଲେ । ସାରା ଦେଶର କୋଟି କୋଟି ଲୋକଙ୍କ ଅଂଶଗ୍ରହଣ ପାଇଁ ମ୍ୟୁଚୁଆଲ୍ ଫଣ୍ଡ ଏକ ପ୍ରମୁଖ ଚ୍ୟାନେଲ୍ ଭାବେ ଉଭା ହୋଇଥିବା




ସେ କହିଥିଲେ । ଏହି ଅବସରରେ ଶ୍ରୀ ପାଣ୍ଡେ ନିବେଶକମାନଙ୍କ ସୁରକ୍ଷା ପାଇଁ ସେବି ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଯଥାଯୁପିଆଇ ବ୍ୟବସ୍ଥା, ସେବି ଚେକ୍ ଓ ସରଳୀକୃତ ମନୋନୟନ ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ । ପ୍ରୋଜେକ୍ଟ ଜାଗରୁକ୍‌ର ଶୁଭାରମ୍ଭ ସମ୍ପର୍କରେ ସେ କହିଥିଲେ ଯେ ଏଥିରେ ବହୁଭାଷୀ ଆଭିମୁଖ୍ୟ, ୩୬୦ ଡିଗ୍ରି ମିଡିଆ ଆଉଟରିଚ୍ ଉପରେ ଗୁରୁତ୍ୱାରୋପ କରାଯାଇଛି ଏବଂ ସାରା ଦେଶରେ ନିବେଶକ ସଚେତନତା ଓ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ସେବି ଓ ପ୍ରତିଭୂତି ବଜାର ସହଯୋଗୀଙ୍କ ଏହା ହେଉଛି ଏକ ମିଳିତ ପ୍ରୟାସ । ଏହି ଅବସରରେ ଏଏମ୍‌ଏଫ୍‌ଆଇର କାର୍ଯ୍ୟନିର୍ବାହୀ ଭେଙ୍କଟ ଚାଲସାନି କହିଛନ୍ତି ଯେ, ଉଦୀୟମାନ ଭାରତର ଗଭୀର ଅଂଶଗ୍ରହଣ ଦ୍ୱାରା ମ୍ୟୁଚୁଆଲ ଫଣ୍ଡ ଶିଳ୍ପର ପରବର୍ତୀ ପର୍ଯ୍ୟାୟ ଅଭିବୃଦ୍ଧି ଆସିବ । ବର୍ଦ୍ଧିତ ସଚେତନତା, ଏସଆଇପି ଜରିଆରେ ଶୃଙ୍ଖଳିତ ନିବେଶ ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ସମ୍ପ୍ରସାରଣ କରିବା ଦ୍ୱାରା ଅଧିକରୁ ଅଧିକ ପରିବାର ଭାରତର ଦୀର୍ଘକାଳୀନ ଅଭିବୃଦ୍ଧି କାହାଣୀରେ ଅଂଶଗ୍ରହଣ କରିପାରିବେ ।

ଉଦୀୟମାନ ଭାରତରେ ମ୍ୟୁଚୁଆଲ ଫଣ୍ଡ ଶିଳ୍ପ ଦ୍ରୁତ ଗତିରେ ଆଗକୁ ବଢ଼ୁଥିବାରୁ କାର୍ଯ୍ୟକ୍ରମରେ ବି-୩୦ ସହର ଓ ମହିଳା ନିବେଶକମାନଙ୍କ ଅଂଶଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । କାର୍ଯ୍ୟକ୍ରମରେ ଉପସ୍ଥାପିତ ତଥ୍ୟରୁ ଜଣାପଡ଼ିଛି ଯେ ଶିଳ୍ପର ମୋଟ୍ ଏୟୁଏମ୍‌ରେ ବି-୩୦ ଅଂଚଳଗୁଡ଼ିକର ଅବଦାନ ପ୍ରାୟ ୧୯ ପ୍ରତିଶତ ରହିଥିବା ବେଳେ ସ୍ୱତନ୍ତ୍ର ମ୍ୟୁଚୁଆଲ ଫଣ୍ଡ ନିବେଶକଙ୍କ ମଧ୍ୟରେ ମହିଳାଙ୍କ ଖାତା ୨୬%ରୁ ଅଧିକ ରହିଛି । ଏହି କାର୍ଯ୍ୟକ୍ରମରେ ସେବି ପକ୍ଷରୁ ଜାରି ରଖାଯାଇଥିବା ନିବେଶକ ସୁରକ୍ଷା ଓ ସଚେତନତା ଅଭିଯାନ ଉପରେ ଆଲୋକପାତ କରାଯାଇଥିଲା ଯାହାର ଲକ୍ଷ୍ୟ ହେଉଛି ବ୍ୟାପକ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ପ୍ରସାର କରିବା ଏବଂ ଶିକ୍ଷା, ସ୍ୱଚ୍ଛତା ଓ ଦୃଢ଼ ବଜାର ଅଭ୍ୟାସ ଜରିଆରେ ନିବେଶକଙ୍କ ବିଶ୍ୱାସକୁ ସୁଦୃଢ଼ କରିବା ।

# ପାଣିକୋଇଲି ମା ହିଂଗୁଳା କମିଟି ଦାୟିତ୍ୱ ନେବାକୁ ନେଇ ଆକ୍ରମଣ, ଥାନାରେ ମାମଲା

ପାଣିକୋଇଲି, (ସବ୍ୟୁ) ପାଣିକୋଇଲିମା ହିଂଗୁଳା କମିଟିର ଦାୟିତ୍ୱକୁ ନେଇ ବିବାଦ ଘନେଇବାର ଲାଗିଛି। ରାଜନୈତିକ ପଶାପାଲିରେ ବଳି ପଡିଛନ୍ତି ମା ହିଂଗୁଳା କମିଟି। ହିଂଗୁଳା ପୂଜାରେ ଅତିଥି ମାନଙ୍କୁ କେନ୍ଦ୍ର କରି ବିବାଦ ଲାଗିରହିଥିଲା। ହିଂଗୁଳା କମିଟିର ଦାୟିତ୍ୱ ନେବାକୁ ଅଳତିରି ଗ୍ରାମର ଅଜୟ ମଲ୍ଲିକ କହିଥିଲେ। ଦାୟିତ୍ୱରେ ଥିବା ବ୍ୟକ୍ତି ମାନେ ସମୂହ ଗ୍ରାମବାସୀ ବସିଲେ ଦାୟିତ୍ୱ ଦିଆଯିବ ବୋଲି କହିଥିଲେ। ମାତ୍ର ଅଜୟଙ୍କ ଜାତିଭାଇମାନେ ତାଙ୍କୁ ସମର୍ଥନ ନକରିବାରୁ ଅଜୟ ଓ ତାଙ୍କ ସମର୍ଥକ କାର୍ତିକ, ଦୀପକ ଓ ପ୍ରଦୀପ ମିଳିତ ଭାବେ ସେମାନଙ୍କୁ ଗାଳିଗୁଲଜ କରିବା ସହ ମହିଳାଙ୍କୁ ମାଡ ମାରିବା ଓ ଧମକ ଦେବାର ଅଭିଯୋଗ ଥାନାରେ କରାଯାଇଛି। ଅପରପକ୍ଷେ ଅଜୟମଧ୍ୟ ପାଲଟା ଅଭିଯୋଗ କରିଛନ୍ତି। ପୁଲିସ ଉଭୟଙ୍କ ଅଭିଯୋଗକୁ ଭିତିକରି ତଦନ୍ତ ଜାରି ରଖିଛି।

# ବିଶ୍ୱମଞ୍ଚରେ ଡିଏଭି ୟୁନିଟ୍-୮ ର ସଫଳତା

ଭୁବନେଶ୍ୱର, (ସବ୍ୟୁ): ଆମେରିକାର ଫିନିକ୍ସ ସହରସ୍ଥିତ ଫିନିକ୍ସ କନଭେସନ୍‌ସେ ଣ୍ଟରରେ ଆୟୋଜିତ ବିଶ୍ୱର ସର୍ବବୃହତ ପ୍ରି-କଲେଜ ସାଇନ୍ସ ଏଣ୍ଡ ଇଞ୍ଜିନିୟରିଂ ପ୍ରତିଯୋଗିତା ରିଜେନେରନ୍ ଇଣ୍ଟରନ୍ୟାଶନାଲ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ଫେୟାର-୨୦୨୬ରେ ଭାରତର ପ୍ରତିନିଧିତ୍ୱ କରି ଡିଏଭି ପବ୍ଲିକ୍ ସ୍କୁଲ, ୟୁନିଟ୍-୮ର ଦୁଇ ମେଧାବୀ ଛାତ୍ର ସୂର୍ଯ୍ୟକାନ୍ତ ଲେଙ୍କା ଓ ତ୍ରିପାଠୀ ଦିବ୍ୟଜ୍ୟୋତି ସେନାପତି ଅନ୍ତର୍ଜାତୀୟ ସ୍ତରରେ ଅପୂର୍ବ କୃତିତ୍ୱ ହାସଲ କରିଛନ୍ତି। ପୃଥିବୀର ୬୦ରୁ ଅଧିକ ଦେଶରୁ ପ୍ରାୟ ୧୮୦୦ ଯୁବବିଜ୍ଞାନୀ ଓ ନବୋନ୍ମେଷୀ ଅଂଶଗ୍ରହଣ କରିଥିବା ଏହି ଗୌରବମୟ ମଞ୍ଚରେ ଉଭୟ ଛାତ୍ର ନିଜର ଅଭିନବ ଗବେଷଣା ପ୍ରତିଭା ପ୍ରଦର୍ଶନ କରି ସମ୍ମାନଜନକ "ସ୍ପେଆଲ୍ ପୁରସ୍କାର' ସହ ୭୫୦ ଡଲାର ନଗଦ ପୁରସ୍କାର ଅର୍ଜନ କରି ଦେଶ, ରାଜ୍ୟ ଓ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଜାତୀୟସ୍ତରରେ ଆୟୋଜିତ ଆଇରିସ୍‌ଫେ ୟାର ଚୟନ ପ୍ରକ୍ରିୟାରେ ସଫଳତାର ସହ ଯୋଗ୍ୟତା ଅର୍ଜନ କରିବା ପରେ ସେମାନେ ଆଇ.ଏସ୍.ଇ.ଏଫ୍‌ରେ ଅଂଶଗ୍ରହଣର ସୁଯୋଗ ପାଇଥିଲେ। ସେମାନଙ୍କର



ଗବେଷଣା ପ୍ରକଳ୍ପ "ସେରିସ୍କୋପ୍ - ଟସର ରେଶମ କୀଟର ପେବ୍ରିନ୍ ରୋଗର ବୁଦ୍ଧିମାନ ଚିହ୍ନଟ ପ୍ରଣାଳୀ' ଦେଶର ଶ୍ରେଷ୍ଠ ଗବେଷଣା ପ୍ରକଳ୍ପମାନଙ୍କ ମଧ୍ୟରେ ସ୍ଥାନ ପାଇଥିଲା ଏବଂ ଆମେରେକାରେ ଆୟୋଜିତ ବିଜ୍ଞାନ ମଞ୍ଚରେ ଭାରତର ପ୍ରତିନିଧିତ୍ୱ ପାଇଁ ଚୟନିତ ହୋଇଥିଲା। ଏହା ବିଶ୍ୱ ବୈଜ୍ଞାନିକ ପ୍ରତିଯୋଗୀମାନଙ୍କ ମଧ୍ୟରେ ଭାରତୀୟ ଛାତ୍ର ଗବେଷଣାର ବୁଦ୍ଧିଶୀଳ ପ୍ରତିଷ୍ଠା ଓ ସକ୍ରିୟ ଉପସ୍ଥିତିକୁ ଆହୁରି ସୁଦୃଢ଼ କରିଛି। ଉଭୟ ଛାତ୍ରଙ୍କର ଏହି ସଫଳତା ଡିଏଭି ବିଦ୍ୟାଳୟ ଓଡ଼ିଶା ସମୂହ ସହ ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଆନନ୍ଦ ବିଷୟ ହୋଇଥିବା ବେଳେ ବିଭିନ୍ନ ମହଲରୁ ସେମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିଛି। ବିଦ୍ୟାର୍ଥୀମାନଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ବିଦ୍ୟାଳୟର ସଭାପତି ଶ୍ରୀଯୁକ୍ତ ସନ୍ତୋଷ ଉପାଧ୍ୟାୟ, ଆଞ୍ଚଳିକ ନିର୍ଦ୍ଦେଶକ ଡଃ କେ. ସି. ଶତପଥି ଓ ଅଧ୍ୟକ୍ଷା ଇପ୍‌ସିତା ଦାସ ଦୁଇ ଛାତ୍ରଙ୍କର ପ୍ରଚେଷ୍ଟାକୁ ଐତିହାସିକ ସଫଳତା ରୂପେ ପରିଗଣିତ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ନାବାଳିକାଙ୍କୁ ଅସଦାଚରଣ, ଅଭିଯୁକ୍ତକୁ ୩ ବର୍ଷ ଜେଲ୍

ବ୍ରହ୍ମପୁର, (ସବ୍ୟୁ): ଜଣେ ନାବାଳିକାଙ୍କୁ ଅସଦାଚାରଣ ମାମଲାରେ ୬୨ ବର୍ଷୀୟ ବୃଦ୍ଧଙ୍କୁ ୩ ବର୍ଷ ଜେଲ ଦଣ୍ଡ ହୋଇଛି । ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣଙ୍କ ହେଲେ ସୋରଡା ଥାନା ଅଞ୍ଚଳର ବିଜୟ କୁମାର ସାହୁ । ତାଙ୍କୁ ଜେଲ ଦଣ୍ଡ ସହ ୨୦ ହଜାର ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି । ଜୋରିମାନା ଅନାଦାୟ ଅଧିକ ୩ ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଫାଷ୍ଟଟ୍ରାମ କପୋକେସୋ ଅଦାଲତର ଜଜ ରୋହିତ ଲାଲ ପଣ୍ଡା ନିଜ ରାୟରେ ଉଲ୍ଲେଖ କରିଛନ୍ତି । ସେହିପରି ପିଡିତା ନାବାଳିକାଙ୍କୁ ୧ ଲକ୍ଷ ଟଙ୍କା ଦେବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରକାଶଯେ, ୨୦୧୮ ମେ ୧୪ ତାରିଖରେ ସୋରଡା ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟ ନାବାଳିକା ନଳକୂପକୁ ଗାଧୋଇବାକୁ ଯାଇଥିଲେ । ଏହି ସମୟରେ ଅଭିଯୁକ୍ତ ବିଜୟ ନାବାଳିକାଙ୍କୁ ଏକୁଟିଆ ପାଇ ଅସଦାଚାରଣ କରିଥିଲା । ଘଟଣାକୁ ନେଇ ନାବାଳିକା ଜଣଙ୍କ ନିଜ ପରିବାର ଲୋକଙ୍କୁ ଜଣାଇବା ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବିଜୟଙ୍କୁ ଗିରଫ ପରେ ଅଦାଲତ ଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ସେ ଜାମିନରେ ମୁକୁଳିଥିଲେ । ମାମଲାର ବିଚାରଣ ବେଳେ ୮ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅଦାଲତର ଜଜ ଆଜି ଉପରୋକ୍ତ ରାୟ ଶୁଣାଇଥିଲେ । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଡ. ଶିବପ୍ରସାଦ ମିଶ୍ର ମକଦ୍ଦମା ପରିଚାଳନା କରୁଥିଲେ ।

# ସୁଧୁରିବ ରାଇରଙ୍ଗପୁରର ଦୀର୍ଘବର୍ଷ ମହାସ୍ନାନ ସମସ୍ୟା
## ବର୍ଷା ଜଳ ନିଷ୍କାସନ ପାଇଁ ମହାନାଳ ଉନ୍ନତିକରଣ ପ୍ରକଳ୍ପର ଶିଳାନ୍ୟାସ



ବାରିପଦା, (ସବ୍ୟୁ) : ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ଅଧିନସ୍ଥ ଯଶିପୁର କ୍ଷୁଦ୍ର ଜଳ ସେଚନ ବିଭାଜନ ଆନୁକୂଲ୍ୟରେ ରାଇରଙ୍ଗପୁର ସ୍ଥିତ ଲିଟିଲ ଫ୍ଲାୱାର ସ୍କୁଲ ସନ୍ନିକଟ ପୋଲ ପାଖରେ ରାଇରଙ୍ଗପୁର ସହରାଞ୍ଚଳ ବର୍ଷା ଜଳ ନିଷ୍କାସନ ପାଇଁ ମହାନାଳର ଉନ୍ନତିକରଣ ପ୍ରକଳ୍ପ ସମ୍ବନ୍ଧିତ ଏକ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ନବଚରଣ ମାଝୀ ଯୋଗଦେଇ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ସମ୍ମାନିତ ଅତିଥିଭାବେ ବିଧାୟକ ଜଲେନ ନାଏକ, ରାଇରଙ୍ଗପୁର ପୌରାଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ମୁଖ୍ୟଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ଭୁବନେଶ୍ୱର ଇଂ. ପୂର୍ଣ୍ଣଚନ୍ଦ୍ର ରଥ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ମାନ୍ୟବର ସାଂସଦ କହିଥିଲେ ଯେ, ରାଇରଙ୍ଗପୁର ସହରର ଦୀର୍ଘବର୍ଷର ମୁଖ୍ୟ ସମସ୍ୟା ହେଉଛି ବର୍ଷା ନିଷ୍କାସନ ପାଇଁ ନାଳ ସମସ୍ୟା। ସହରର ମହାନାଳ ଠାକୁରାଣୀ ବେଡାରୁ ବାହାରି ସହର ମଧ୍ୟ ଦେଇ ୧ ନମ୍ବର ୱାର୍ଡ ଏବଂ ପରେ ଖଡଖାଇ ନଦୀରେ ମିଶିଛି। ବର୍ଷାଦିନ ହେଲେ ନାଳ ପାଣି ନିଷ୍କାସନ ନହୋଇପାରି ଦୂଷିତ ପାଣି, ନାଳପାଖ ଘର ଗୁଡ଼ିକରେ ପଶିଯାଏ, ଲୋକେ ନାହିଁ ନଥିବା ଅସୁବିଧା ଭୋଗ କରନ୍ତି। ତେଣୁ ଦିର୍ଘବର୍ଷର ଜନସାଧାରଣଙ୍କ ସମସ୍ୟାକୁ ଉପଲବ୍ଧ କରି ଏହାର ସ୍ଥାୟୀ ସମାଧାନ ପାଇଁ ରାଷ୍ଟ୍ରପତି ସହରର ନାଳରୁ ଉନ୍ନତିକରଣ ପାଇଁ ଜଳ ସମ୍ପଦ ବିଭାଗକୁ ଜଣାଇଥିଲେ। ଏହି ମହାନାଳ ସହରର ଏକମାତ୍ର ବଡ଼ ନାଳ। ଜଳ ସମ୍ପଦ ବିଭାଗ ତରଫରୁ ପ୍ରଥମ ପର୍ଯ୍ୟାୟରେ ୮୫ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ପରେ ଜଳ ସମ୍ପଦ ବିଭାଗକୁ ୩୮କୋଟି ଟଙ୍କାର ଅଟକଳ ପାଇଁ ସୁପାରିଶ କରାଯାଇଛି। ଏହି ମହାନାଳର ଉନ୍ନତିକରଣ ଉଦେଶ୍ୟ ସହରକୁ ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟ କରଣ କରିବା, ବର୍ଷା ଜଳ ନିଷ୍କାସନକୁ ସୁନିଶ୍ଚିତ କରିବା ସହିତ ବର୍ଜ୍ୟଜଳକୁ ପୁନଃବ୍ୟବହାର କରିବା ଲକ୍ଷ୍ୟ ନେଇ ଏହି ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବର୍ଷା ଦିନେ ଆଉ ପୂର୍ବ ଭଳି ନାଳର ଆବର୍ଜନା ପାଣି ସ୍ଥାନେ ସ୍ଥାନେ ରାସ୍ତା ଉପରକୁ ଆସିବ ନାହିଁ ବା ଜମିବ ନାହିଁ ଏବଂ ସହର ସ୍ୱଚ୍ଛ ରହିବ। ଜଳ ବିଶୁଦ୍ଧିକରଣ ପ୍ଲାଣ୍ଟ ମଧ୍ୟ ସ୍ଥାପନା କରାଯିବ। ଫଳରେ ଅପରିଷ୍କାର ପାଣି ମହାନାଳ ଦେଇ ଖଡଖାଇ ନଦୀରେ ମିଶି ଦୂଷିତ ପାଣିକୁ ଟ୍ରିଟମେଣ୍ଟ କରାଯିବା ସହ ନଦୀକୁ ଦୂଷିତ ପାଣି ଛଡାଯିବ ନାହିଁ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ପ୍ରକଳ୍ପ କାର୍ଯ୍ୟ କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ଆରମ୍ଭ କରାଯାଉଛି । ଆଜିର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ତଥା ବରିଷ୍ଠ ନେତା ନବୀନ ରାମ, ସାଂସଦ ପ୍ରତିନିଧି ମନୋଜ କୁମାର ଦାସ, ଯଶିପୁର କ୍ଷୁଦ୍ର ଜଳସେଚନ ବିଭାଜନର ଅଧିକ୍ଷଣ ଯନ୍ତ୍ରୀ ଇଂ ମାନସ ପ୍ରଧାନ, ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଶକୁନ୍ତଳା ହାଂସଦା, କ୍ଷୁଦ୍ର ଜଳସେଚନ ରାଇରଙ୍ଗପୁର ଡିଭିଜନର ସୁପରିଣ୍ଟେଡେଣ୍ଟ ଇଞ୍ଜିନିୟର ଇଂ ମାନସ ପ୍ରଧାନ, ବାରିପଦାର ସୁପରିଣ୍ଟେଡେଣ୍ଟ ଇଞ୍ଜିନିୟର ମନୋରଞ୍ଜନ ହାଃସଦା, ଇଞ୍ଜିନିୟର ପ୍ରଦୀପ ଗିରି, କନିଷ୍ଠ ଯନ୍ତ୍ରୀ ଇଂ ବଲ୍ଲଭ ବେହେରା, କ୍ଷୁଦ୍ର ଜଳସେଚନ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖଙ୍କ ସମେତ ରାଇରଙ୍ଗପୁର କ୍ଷୁଦ୍ର ଜଳସେଚନ ବିଭାଗର ବିଭଗୀୟ ଅଧିକାରୀ, ରାଇରଙ୍ଗପୁର ପୌରପାଳିକା ମନ୍ତ୍ରୀ ଇଂ ମୃତ୍ୟୁଞ୍ଜୟ ପହି, ପୌରକାର୍ଯ୍ୟାଳୟର ବିଭାଗୀୟ ଅଧିକାରୀ, ସ୍ଥାନୀୟ ଅଂଚଳର ଜନସାଧାରଣ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ଏହି ନାଳରୁ ଉନ୍ନତିକରଣ ହେଲେ ଦୀର୍ଘବର୍ଷର ରାଇରଙ୍ଗପୁର ସହର ମୁଖ୍ୟ ନାଳ ସମସ୍ୟା ସମାଧାନ ହେବ ଏବଂ ନାଳ ପାର୍ଶ୍ୱବର୍ତ୍ତିରେ ସୌନ୍ଦର୍ଯ୍ୟ କରଣ କରାଯିବ।

# ଡକାୟତି ଯୋଜନା ପୂର୍ବରୁ ୩ ଜଣଙ୍କୁ ମାଡିବସିଲା ପୋଲିସ
## ଖଣ୍ଡା, ବୋମା, ଲୁହା ଛଡ ଜବତ

ବ୍ରହ୍ମପୁର, : ବଡବଜାର ପୋଲିସ ଏକ ଡକାୟତି ଯୋଜନା ପୂର୍ବରୁ ଏକ ଗ୍ୟାଙ୍ଗକୁ ପୋଲିସ ମାଡି ବସିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ରୁଦ୍ର ନାରାୟଣ ଗୌଡ଼(୧୯), ଆକାଶ ଭୂୟାଁ(୨୪) ଓ ଲକ୍ଷ୍ମଣ ଘଡେଇ(୨୪)। ଅଭିଯୁକ୍ତ ମାନେ ପେଷାଦାର ଅପରାଧି ଓ ସେମାନଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ବ୍ରହ୍ମପୁର ଏସପି ଏକ ପ୍ରେସନୋଟ ଜରିଆରେ ସୂଚନା ଦେଇଛନ୍ତି। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ଦୁଇଜଣ ନାବାଳକଙ୍କୁ ମଧ୍ୟ ଧରି ଜୁଭେନାଇଲ ଜଷ୍ଟିସ ବୋର୍ଡ଼ରେ ହାଜର କରିଛି। ସେମାନଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ପୋଲିସ ଘଟଣା ସ୍ଥଳରୁ ଦୁଇଟି ଖଣ୍ଡା, ଦୁଇଟି ବୋମା, ଦୁଇଟି ବାଇକ, ଲୁହାଛଡ ଇତ୍ୟାଦି ଜବତ କରିଛି। ଘଟଣାର ତଦନ୍ତ ଜାରି ରଖିଛି ପୋଲିସ ।

# ଲକ୍ଷ୍ୟ ସ୍ଥିର ହେଲେ ସଫଳତା ସୁନିଶ୍ଚିତ
## ଘୁମୁସର ସ୍କଲାର୍ସ ପକ୍ଷରୁ ମେଧାବୀ ସମ୍ବର୍ଦ୍ଧନା ସମାରୋହ




ଭଞ୍ଜନଗର, (ସବ୍ୟୁ) : ଆଗକୁ ଅନେକ ବଡ଼ ଆହ୍ୱାନ ଆସିବ । ବିଚଳିତ ହୁଅନି। ଲକ୍ଷ୍ୟ ସ୍ଥିର କର। ପରିଶ୍ରମ ଅଧ୍ୟବସାୟ ଜାରି ରହିଲେ ସଫଳତା ସୁନିଶ୍ଚିତ ମିଳିବ। ଘୁମୁସର ସ୍କଲାର୍ସ ରିକୋକନାଇଜେସନ କମିଟି ପକ୍ଷରୁ ଆୟୋଜିତ ମାଟ୍ରିକ ମେଧାବୀ ସମ୍ବର୍ଦ୍ଧନା ସମାରୋହରେ ଯୋଗଦେଇ ଏହି ମତ ପ୍ରକାଶ କରିଛନ୍ତି ଅତିଥିବୃନ୍ଦ। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ୨୦୦୬ ଆଲୁମିନ ବ୍ୟାଚ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ଅତିରିକ୍ତ ଉପଜିଲ୍ଲାପାଳ ପ୍ରଧାନ ଟୁଲ୍ଲୀ ଆତ୍ମା । ନିଜ ବକ୍ତବ୍ୟରେ ସେ କହିଥିଲେ, ଜୀବନରେ ଆଗକୁ ବଢ଼ିବାକୁ ହେଲେ ପ୍ରଥମେ ଲକ୍ଷ୍ୟ ସ୍ଥିର କର। ଭଲ ସାଙ୍ଗକୁ ଚିହ୍ନଟ କର। ଯେଉଁମାନେ ସବୁ ସୁବିଧା, ଅସୁବିଧାରେ ପାଖରେ ରହିବେ ଆଗକୁ ବଢ଼ିବାରେ ସହାୟକ ହେବେ। ମୁଖ୍ୟବକ୍ତା ଭାବେ ଯୋଗଦେଇ କଲେଜର ପୂର୍ବତନ ଅଧ୍ୟକ୍ଷ ତଥା ବରିଷ୍ଠ ଶିକ୍ଷାବିତ କୃତ୍ତିବାସ ବିଶ୍ୱାଳ କହିଲେ, ପୁରାତନ ଛାତ୍ରଙ୍କ ଏହା ଏକ ନିଆରା ପଦକ୍ଷେପ। ବିଗତ କିଛି ବର୍ଷ ହେଲା ଏହି ପରମ୍ପରା ବନ୍ଦ ହୋଇଯାଇଥିଲା। ଭୋଜିଭାତରୁ ବାହାରି ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଏବଂ ଆଗକୁ ବଢ଼ିବାରେ ସହାୟକ ହେବା ଅନ୍ୟ ଛାତ୍ରଛାତ୍ରୀଙ୍କୁ ଆଗକୁ ବଢ଼ିବାରେ ଅନୁପ୍ରେରିତ କରିବ। ଭଲ ମଣିଷ ହେବା ସହ ସମାଜପ୍ରତି ଥିବା ନିଜ କର୍ତ୍ତବ୍ୟକୁ ଭୁଲ ନାହିଁ ବୋଲି ଉପସ୍ଥିତ ମେଧାବୀଙ୍କୁ ଆହ୍ୱାନ ଦେଇଥିଲେ ଶ୍ରୀ ବିଶ୍ୱାଳ। ସମ୍ମାନିତ ଅତିଥି ଭାବେ କଲେଜର ପ୍ରାଣୀ ବିଭାଗ ପ୍ରାଧ୍ୟାପକ ହର ପ୍ରସାଦ ଶତପଥୀ ଯୋଗଦେଇ କହିଥିଲେ ନିଷ୍ଠାର ସହ ଉଦ୍ୟମ ଜାରି ରଖିଲେ ସଫଳତା ଆପେ ଆପେ ଆସିବ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଇତିହାସ ବିଭାଗ ପ୍ରାଧ୍ୟାପକ ଡ. ରବୀନ୍ଦ୍ର କୁମାର ମିଶ୍ର କହିଲେ, ନିରନ୍ତର ଉଦ୍ୟମ ଜାରି ରଖିଲେ ସଫଳତା ବେଶୀ ଦୂର ନୁହେଁ ବୋଲି କହିଥିଲେ। ଏହି ଅବସରରେ ଭଞ୍ଜନଗର ପୌର ପରିଷଦ ଅଧୀନରେ ଥିବା ୯ଟି ହାଇସ୍କୁଲର କୃତୀ ଛାତ୍ରଛାତ୍ରୀ ଓ ପ୍ରଧାନ ଶିକ୍ଷକଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏଣିକି ପ୍ରତିବର୍ଷ ଗରିବ ମେଧାବୀଙ୍କୁ ଉଚ୍ଚ ଶିକ୍ଷା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଆଲୁମିନ ପକ୍ଷରୁ ଘୋଷଣା କରାଯାଇଥିଲା।। ପୁରାତନ ଛାତ୍ର ନବୀନ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ରାଜେଶ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୁଭ୍ରାଂଶୁ ଜେନା, ସାଧୁ ଚରଣ ଦାସ, ଅଜିତ ସାହୁ, ଶିବାଶିଷ ହୋତାଙ୍କ ସମେତ ୨୦୦୬ ଆଲୁମିନ ବ୍ୟାଚର ଅଧିକାଂଶ ପୁରାତନ ଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସ୍କୁଲରୁ ଚୋରି ବେଳେ ପ୍ରଧାନ ଶିକ୍ଷକ ଓ ସଭାପତିଙ୍କୁ ଧରିଲେ ଗ୍ରାମବାସୀ

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ବ୍ଲକ ଅନ୍ତର୍ଗତ କରସିଙ୍ଗି ଗ୍ରାମସ୍ଥ ଉନ୍ନୀତ ଉଚ୍ଚ ବିଦ୍ୟାଳୟରୁ ଚୋରି ବେଳେ ମାଡ଼ିବସିଲେ ଗ୍ରାମବାସୀ। ସୂଚନା ଅନୁସାରେ ସଂନ୍ଧ୍ୟା ୫ଟା ସମୟରେ ବିଦ୍ୟାଳୟ ଭିତରେ କିଛି ଭାଙ୍ଗିବାର ଶବ୍ଦ ଶୁଣି କେତେକ ଗ୍ରାମବାସୀ ବିଦ୍ୟାଳୟକୁ ଯାଇ ଦେଖିଲାବେଳେ ବିଦ୍ୟାଳୟ ଫାଟକ ଖୋଲା ରହିଛି । ବିଦ୍ୟାଳୟ ଭିତରେ ଦୁଇଜଣ ବ୍ୟକ୍ତି ବସ୍ତା ଭିତରେ କିଛି ଜିନିଷ ଭର୍ତ୍ତି କରୁଛନ୍ତି। ଲୋକେ ପାଖକୁ ଯାଇ ଦେଖିଲା ବେଳକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ ବେହେରା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋବିନ୍ଦ ସେନାପତି ବିଦ୍ୟାଳୟ ଖୋଲି ପିଲାଙ୍କ ରୋଷେଇ ପାଇଁ ବ୍ୟବହୃତ ରସ ସାମଗ୍ରୀ ଗୁଡିକୁ ବସ୍ତାରେ ଭର୍ତ୍ତି କରିଥିବାବେଳେ କମ୍ପ୍ୟୁଟର ରୁମରୁ ଏକ ଫ୍ୟାନ ଖୋଲି ରଖିଥିଲେ। ଏନେଇ ଗ୍ରାମବାସୀ ପଚାରିବାରୁ ସେ ଦୁହେଁ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ଗ୍ରାମବାସୀ ବୁଗୁଡ଼ା ପୋଲିସକୁ ଖବର ଦେଇଥିଲେ । ବୁଗୁଡ଼ା ପୋଲିସ ଏଏସଆଇ ବାପୁଜୀ ଖଣ୍ଡଗିରି ଘଟଣା ସ୍ଥଳରେ ପହଞ୍ଚି ପ୍ରଧାନ ଶିକ୍ଷକଙ୍କୁ ତାଗିଦ୍ କରିବା ସହ ଗ୍ରାମବାସୀ ଏବଂ ବିଦ୍ୟାଳୟ ପରିଚାଳନା କମିଟିକୁ ଡକାଇ ଏହାର ବିଚାର କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଘଟଣାକୁ ନେଇ ସାଧାରଣରେ ନିନ୍ଦା ପ୍ରକାଶ ପାଇଥିବାବେଳେ ସମସ୍ତଙ୍କ ମୁହଁରେ ଗୋଟିଏ କଥା ବାଡ଼ ଯଦି ଫସଲ ଖାଇବ ଫସଲ ସୁରକ୍ଷା ଦବ କିଏ?

# ଦୁଆର ମୁହଁରେ ସ୍ୱାସ୍ଥ୍ୟସେବା
## ଲୋକଙ୍କ ଭରସା ଜିତୁଛି ଆଦାନୀ ଫାଉଣ୍ଡେସନର ଭ୍ରାମ୍ୟମାଣ ଚିକିତ୍ସା ଯାନ

ଛତ୍ରପୁର, (ସବ୍ୟୁ) : ଗୋପାଳପୁର ବନ୍ଦର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଆରମ୍ଭ ହୋଇଥିବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଯାନ ଲୋକମାନଙ୍କ ପାଇଁ ଏକ ବଡ଼ ଆଶୀର୍ବାଦ ହୋଇପାରିଛି । ଗତବର୍ଷ ଅକ୍ଟୋବର ମାସରେ ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତିଙ୍କ ଦ୍ୱାରା ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଯାନର ଶୁଭାରମ୍ଭ କରାଯାଇଥିଲା। ଆଦାନୀ ଫାଉଣ୍ଡେସନ ଓ ହେଲ୍ପଏଜ୍ ଇଣ୍ଡିଆର ମିଳିତ ସହଯୋଗରେ ଆରମ୍ଭ ହୋଇଥିବା ଏହି ପଦକ୍ଷେପର ମୂଳ ଉଦ୍ଦେଶ୍ୟ ହେଉଛି ସ୍ୱାସ୍ଥ୍ୟ ସେବାକୁ ଲୋକଙ୍କ ଘର ଦ୍ୱାରରେ ପହଞ୍ଚାଇବା । ଏହା ଆରମ୍ଭ ହେବା ପରଠାରୁ ଏହି ସେବା ମାଧ୍ୟମରେ ଗୋପାଳପୁର ବନ୍ଦର ପାର୍ଶ୍ୱବର୍ତ୍ତୀ ଗ୍ରାମର ପ୍ରାୟ ୧୩ ହଜାରରୁ ଅଧିକ ହିତାଧିକାରୀ ଉପକୃତ ହୋଇସାରିଛନ୍ତି। ସେଥିରେ ପ୍ରାୟ ୫୫୦୦ ପୁରୁଷ ଓ ୭୫୦୦ ମହିଳା ଅନ୍ତର୍ଭୁକ୍ତ ଅଛନ୍ତି। ଏହି ଭ୍ରାମ୍ୟମାଣ ଯାନ ବର୍ତ୍ତମାନ ଆର୍ଯ୍ୟପଲ୍ଲୀ, କଣମଣା, କାଳିପଲ୍ଲୀ, ଶ୍ରୀରାମଚନ୍ଦ୍ରପୁର ଓ ଚମାଖଣ୍ଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୨୭ଟି ଗ୍ରାମରେ ପ୍ରାୟ ୪୬୫୦୦ ଜନସାଧାରଣଙ୍କୁ ସେବା ପ୍ରଦାନ କରୁଛି। ପ୍ରତିଦିନ ୨ରୁ ୩ଟି ଗ୍ରାମକୁ ପହଞ୍ଚି ଚିକିତ୍ସା ଶିବିର ଆୟୋଜନ କରାଯାଉଛି। ଗାଁରେ ପହଞ୍ଚିବା ପରେ ସାଇରନ ମାଧ୍ୟମରେ ଲୋକଙ୍କୁ ସୂଚନା ଦିଆଯାଉଥିବାରୁ ଗ୍ରାମବାସୀ ସହଜରେ ଶିବିର ସ୍ଥଳରେ ପହଞ୍ଚି ପାରୁଛନ୍ତି। ଏହି ଯାନରେ ଜଣେ ଭେଷଜ ବିଶେଷଜ୍ଞ ଡାକ୍ତର, ଫାର୍ମାସିଷ୍ଟ ଓ ସାମାଜିକ ସୁରକ୍ଷା ସଂଯୋଜକ ନିୟୋଜିତ ଅଛନ୍ତି। ରୋଗୀଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ମଧୁମେହ, ରକ୍ତଚାପ ଭଳି ରୋଗର ପରୀକ୍ଷା କରାଯାଇ ମାଗଣା ଔଷଧ ବଣ୍ଟନ କରାଯାଉଛି। ଏହା ସହିତ ସ୍ୱଚ୍ଛତା, ପୌଷ୍ଟିକ ଖାଦ୍ୟ, ସୁସ୍ଥ ଜୀବନ ଶୈଳୀ ଓ ଋତୁଜନିତ ରୋଗ ସମ୍ପର୍କରେ ମଧ୍ୟ ସଚେତନତା କରାଯାଉଛି। ଯେଉଁ ରୋଗୀଙ୍କୁ ଅଧିକ ଚିକିତ୍ସା ଆବଶ୍ୟକ ହୁଏ, ସେମାନଙ୍କୁ ଉଚିତ ମେଡିକାଲ୍ କେନ୍ଦ୍ରକୁ ରେଫର କରାଯାଉଛି। ଏହି ସେବାରୁ ଉପକୃତ ହୋଇଥିବା ପୁରୁଣା ଛତ୍ରପୁର ଅଞ୍ଚଳର ୫୫ ବର୍ଷୀୟା ସତ୍ୟ ବେହେରା କହିଛନ୍ତି, ମୁଁ ପ୍ରତିଦିନ କିଆ ଫୁଲ ତୋଳିବାକୁ ଯାଏ। ବହୁ ଦିନ ଧରି ଆଣ୍ଠୁ ଗଣ୍ଠି ବ୍ୟଥା ଓ ରକ୍ତଚାପ ସମସ୍ୟାରେ ପୀଡ଼ିତ ଥିଲି। ସମୟ ଅଭାବରୁ ହସ୍ପିଟାଲ୍ ଯିବା ସମ୍ଭବ ହେଉନଥିଲା। ଏବେ ପ୍ରତି ସପ୍ତାହରେ ଆମ ଗାଁକୁ ଏହି ସ୍ୱାସ୍ଥ୍ୟସେବା ଯାନ ଆସୁଛି। ଡାକ୍ତରଙ୍କ ପରାମର୍ଶ ଓ ନିୟମିତ ଔଷଧରୁ ମୋର ସ୍ୱାସ୍ଥ୍ୟରେ ଅନେକ ସୁଧାର ଆସିଛି। ଘର ପାଖରେ ଏଭଳି ସୁବିଧା ମିଳୁଥିବାରୁ ମୁଁ ଆଦାନୀ ଫାଉଣ୍ଡେସନ ଓ ଗୋପାଳପୁର ବନ୍ଦରକୁ ଧନ୍ୟବାଦ ଜଣାଉଛି। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଯାନର ଡାକ୍ତର ସଂଗ୍ରାମ ଶତପଥୀ କହିଛନ୍ତି ଯେ ବିଶେଷ କରି ରକ୍ତଚାପ, ମଧୁମେହ, ଆଣ୍ଠୁ ଗଣ୍ଠି ବ୍ୟଥା, ଚର୍ମରୋଗ ଓ ପୌଷ୍ଟିକ ଅଭାବ ଭଳି ସମସ୍ୟା ନେଇ ଅଧିକାଂଶ ଲୋକ ଶିବିରକୁ ଆସୁଛନ୍ତି । ରୋଗୀଙ୍କ ଆବଶ୍ୟକତା ଅନୁସାରେ ପରୀକ୍ଷା, ପରାମର୍ଶ ଓ ମାଗଣା ଔଷଧ ଦିଆଯାଉଛି। ଆବଶ୍ୟକ ପଡ଼ିଲେ ଉଚ୍ଚତର ଚିକିତ୍ସା ପାଇଁ ରେଫରାଲ୍ ସୁବିଧା ମଧ୍ୟ ଯୋଗାଇ ଦିଆଯାଉଛି। ଚିକିତ୍ସା ସେବାକୁ ଲୋକଙ୍କ ଘର ଦ୍ୱାରରେ ପହଞ୍ଚାଇ ଆଦାନୀ ଫାଉଣ୍ଡେସନ କେବଳ ସ୍ୱାସ୍ଥ୍ୟ ସୁରକ୍ଷା ନୁହେଁ, ବରଂ ଗ୍ରାମବାସୀଙ୍କ ମନରେ ଆଶା ଓ ଭରଶାର ଏକ ନୂତନ ସେତୁ ନିର୍ମାଣ କରିପାରିଛି ବୋଲି ସ୍ଥାନୀୟ ବହୁ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି ।




# ଆରଟିଆଇରେ ମିଳୁନି ତଥ୍ୟ
## କଣ୍ଟିଜେନ୍ସି ଫଣ୍ଡ ତଥ୍ୟ ୧୫ ଦିନରେ ଦେବାକୁ ଡିସିପିଙ୍କ ନିର୍ଦ୍ଦେଶ

କଟକ, (ସ୍ୱପ୍ର): ରାଜ୍ୟରେ ଥିବା ପ୍ରତି ଥାନାରେ ଅତି ଜରୁରୀକାଳୀନ ସମୟରେ ଆକସ୍ମିକ ପାଣ୍ଠିରୁ ଅର୍ଥ ବ୍ୟବହାର ନିମନ୍ତେ ଗ୍ରାମାଞ୍ଚଳ ଥାନାକୁ ମାସିକ ୨୦ ହଜାର ଟଙ୍କା ଓ ସହରାଞ୍ଚଳରେ ଥିବା ଥାନାକୁ ମାସିକ ୪୦ହଜାର ଆର୍ଥିକ ଅନୁଦାନ ମିଳିଥାଏ। ଏହି ଅର୍ଥ ବେବହାର ର ସଠିକ ତଥ୍ୟ, ହିସାବପତ୍ର ଜାଣିବା ପାଇଁ ସୂଚନାଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ ଗତ ଜାନୁଆରୀ ୨୨ ତାରିଖରେ କଟକ ଚାଉଳିଆଗଞ୍ଜ ଓ ଦରଘାବଜାର ଥାନାକୁ ୨୦୨୪ ଠାରୁ ୨୦୨୬ ପର୍ଯ୍ୟନ୍ତ ବ୍ୟୟ ହୋଇଥିବା କଣ୍ଟିଜେନ୍ସି ଫଣ୍ଡ ତଥ୍ୟ କମିଶନରେଟ ପୁଲିସ, ଭୁବନେଶ୍ୱର କାର୍ଯ୍ୟାଳୟ ଜନସୂଚନା ଅଧିକାରୀଙ୍କୁ ଆରଟିଆଇରେ ତଥ୍ୟ ମାଗିଥିଲେ। ଏହି ତଥ୍ୟ ପ୍ରଦାନ କରିବା ନିମନ୍ତେ କମିଶନରେଟ ପୁଲିସ କାର୍ଯ୍ୟାଳୟ ଜନସୂଚନା ଅଧିକାରୀ ସୂଚନାଅଧିକାର ଆଇନ ଧାରା ୬(୩)ରେ ଦେବାପାଇଁ ଡିସିପି କାର୍ଯ୍ୟାଳୟ ଭୁବନେଶ୍ୱର, କଟକ ଓ ଚାଉଳିଆଗଞ୍ଜ, ଦରଘାବଜାର ଥାନାକୁ ଚିଠି କରିଥିଲେ। ୨୦୨୪ ଜାନୁଆରୀ ଠାରୁ ୨୦୨୬ ଫେବୃୟାରୀ ପର୍ଯ୍ୟନ୍ତ ଚାଉଳିଆଗଞ୍ଜ ଓ ଦରଘାବଜାର ଥାନାକୁ ୧୦ଲକ୍ଷ ୪୦ହଜାର ଟଙ୍କା ପ୍ରତି ଥାନାକୁ ଦିଆଯାଇଛି ଏବଂ ଏହାର ତଥ୍ୟ ଉକ୍ତ ଥାନାରୁ ମିଳିପାରିବ ବୋଲି ଭୁବନେଶ୍ୱର-କଟକ ଅତିରିକ୍ତ ଡିସିପି ଏକ ଚିଠି ମାଧ୍ୟମରେ ଜିତେନ୍ଦ୍ରଙ୍କୁ ଜଣାଇଥିଲେ। କିନ୍ତୁ ୩୦ଦିନରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ସୁଦ୍ଧା ଉକ୍ତ କଣ୍ଟିଜେନ୍ସି ଫଣ୍ଡର ତଥ୍ୟ ସଂପୂର୍ଣ୍ଣ ନମିଳିବାରୁ ଗତ ଅପ୍ରେଲ ୨୬ ତାରିଖରେ ଜିତେନ୍ଦ୍ର କଟକ ଡିସିପିଙ୍କ କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ ଉକ୍ତ ୨ଟି ଥାନାର କଣ୍ଟିଜେନ୍ସି ଫଣ୍ଡର ତଥ୍ୟ ପାଇବା ପାଇଁ ପ୍ରଥମ ଅପିଲ କରିଥିଲେ। ଏହି ଅପିଲ ଶୁଣାଣୀ ପରେ ଚାଉଳିଆଗଞ୍ଜ ଥାନା ଓ ଦରଘାବଜାର ଥାନା ଅଧିକାରୀଙ୍କୁ ସଂପୂର୍ଣ୍ଣ ତଥ୍ୟ ନିଃଶୁଳ୍କରେ ୧୫ଦିନରେ ଦେବାପାଇଁ ଡିସିପି ନିର୍ଦ୍ଦେଶ ଦେଇଛନ୍ତି। ଯଦି ଏହାର ସଂପୂର୍ଣ୍ଣ ତଥ୍ୟ ନମିଳେ ତେବେ ରାଜ୍ୟ ସୂଚନାକମିଶନରଙ୍କ ନିକଟରେ ଦ୍ୱିତୀୟ ଅପିଲ କରିବେ ବୋଲି ଜିତେନ୍ଦ୍ର ଜଣାଇଛନ୍ତି।

# ପାଳିତ ହେଲା ମାତୃ ଦିବସ
## ମାଆଙ୍କ ସମ୍ମାନରେ ଭାବବିହ୍ୱଳ ହେଲା ବାରିପଦା



ବାରିପଦା, (ସବ୍ୟୁ) : ମାଆଙ୍କ ଅସୀମ ସ୍ନେହ, ନିରବ ତ୍ୟାଗ ଓ ଅମୂଲ୍ୟ ସଂସ୍କାରକୁ ସମ୍ମାନ ଜଣାଇ ପ୍ରତୀକ ଅରଗାନାଇଜେସନ୍ ଏବଂ ଯମୁନା ଭେରାଇଟି ଷ୍ଟୋରର ମିଳିତ ଆୟୋଜନରେ ଷ୍ଟାଡିୟମ ସମ୍ମିଳନୀ କକ୍ଷ, ବାରିପଦା ଠାରେ ମାତୃ ଦିବସ-୨୦୨୬ ଉତ୍ସବ ଅତ୍ୟନ୍ତ ଭବ୍ୟ ଓ ଭାବଗମ୍ଭୀର ପରିବେଶରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମାଆଙ୍କ ପ୍ରତି ଶ୍ରଦ୍ଧା, ଭଲପାଇବା ଓ ସମ୍ମାନର ଅନନ୍ୟ ଝଲକ ଦେଖିବାକୁ ମିଳିଥିଲା। ଏହି ଭବ୍ୟ ଉତ୍ସବରେ ମୁଖ୍ୟଅତିଥି ଭାବେ ଏଡିଏମ୍ ଦୁଃଖବନ୍ଧୁ ନାୟକ, ମୁଖ୍ୟବକ୍ତା ଭାବେ କରଞ୍ଜିଆ ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା ଏବଂ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ଆରକ୍ଷୀ ଅଧିକ୍ଷୀକା ସବିତା ମାଝୀ, ବିଶିଷ୍ଟ ସମାଜସେବୀ, ଶିକ୍ଷାବିତ୍ ଓ ଆଧାତ୍ମିକ ଦିଗଦ୍ରଷ୍ଟା ପୂର୍ଣ୍ଣଚନ୍ଦ୍ର ବୁଗୁଡାଇ, ବାରିପଦା ଆରଏମ୍ସି ଭାଇସ୍ ଚେୟାରମ୍ୟାନ୍ ମଳୟ ଜେନା, ବାରିପଦା ମ୍ୟୁନିସିପାଲଟିର ୨୭ନମ୍ବର ୱାର୍ଡ କାଉନ୍ସିଲର ଶିବଶଙ୍କର ପାତ୍ର, ସମାଜସେବୀ ଅନାଦି ପଣ୍ଡିତ, ଆଦର୍ଶ ଶିକ୍ଷକ ସୋମନାଥ ସିଂହ, ଯମୁନା ଭେରାଇଟି ଷ୍ଟୋରର ଏମ୍.ଡି ସ୍ନେହାଶିଷ ପାଲ୍, ପିଏସଡିର ସଭାପତି ପ୍ରତିମା ବାରିକ ଏବଂ ସମ୍ପାଦକ ପ୍ରବୀର କୁମାର ବାରିକ ପ୍ରମୁଖ ଯୋଗଦେଇ ସଭାମଞ୍ଚର ଶୋଭାକୁ ଦ୍ୱିଗୁଣିତ କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଦେବପ୍ରତିମ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ମାତୃପୂଜନ ପରେ ମାଆମାନଙ୍କୁ ଉପଢୌକନ, ସମ୍ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୧୧ଜଣ ମାଆଙ୍କୁ ସମ୍ମାନିତ କରାଯାଇଛି। ସବୁଠାରୁ ବଡ଼ ଗୌରବ ପ୍ରତୀକ ଅର୍ଗାନାଇଜେସନ୍ ଆଜି ଦଶମ ଓଡ଼ିଶା ଟପ୍ପର ପାର୍ଥ ସାରଥୀ ମହାନ୍ତଙ୍କ ମାଆ ସାବିତ୍ରୀ ମହାନ୍ତ ଓ ଦ୍ୱାଦଶ ସିବିଏସଇ ବାଣିଜ୍ୟରେ ସର୍ବଭାରତୀୟ ସ୍ତରରେ ଟପ୍ପର ହୋଇଥିବା ବାରିପଦା ଝିଅ ପ୍ରିୟା ପାଲ୍ ବାବୁଙ୍କ ମାଆ ଲିଲା ପାଲ୍ ବାବୁଙ୍କୁ ମଧ୍ୟ ସମ୍ମାନିତ କରିଯାଇଛି। କୋରିଓଗ୍ରାଫର ସୁରଜ କୁମାର ପୃଷ୍ଟି ଓ ଶୁଶ୍ରୀ ମଧୁସ୍ମିତା ବାରିକଙ୍କ ତାଲିମପ୍ରାପ୍ତ ଇନ୍ସପାୟାର ଡ୍ୟାନ୍ସ ଗ୍ରୁପ୍ର କୁନିକୁନି ପିଲାମାନେ ମାଆଙ୍କ ଉଦ୍ଦେଶ୍ୟରେ ସୁନ୍ଦର ନୃତ୍ୟ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କ ହୃଦୟ ଜିତି ନେଇଥିଲେ। ମାଆ ଜାନକୀ ପାଲଙ୍କ ଜନ୍ମଦିନ ଅବସରରେ ତାଙ୍କର ୬ବର୍ଷର ପ୍ରିୟ ନାତି ଦିବ୍ୟାଂଶ ପାଲଙ୍କ ନୃତ୍ୟ ପରିବେଷଣ ସମସ୍ତଙ୍କୁ ଆନନ୍ଦିତ କରିଥିଲା। ଏହାସହ ସମସ୍ତ ବକ୍ତାଙ୍କ ମାଆଙ୍କ ଉପରେ ଆଧାରିତ ହୃଦୟସ୍ପର୍ଶୀ ଅଭିଭାଷଣ ଉପସ୍ଥିତ ଶ୍ରୋତାମାନଙ୍କୁ ଭାବବିହ୍ୱଳ କରିଥିଲା। ବିଶେଷକରି ମୁଖ୍ୟବକ୍ତା ଡଃ ଦୟାସିନ୍ଧୁ ପରିଡ଼ାଙ୍କ ଭାବପୂର୍ଣ୍ଣ ଅଭିଭାଷଣରେ ଅନେକଙ୍କ ଆଖିରୁ ମାଆ ପାଇଁ ଲୁହ ଝରୁଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଖରାଦିନକୁ ଦୃଷ୍ଟିରେ ରଖି ଉପସ୍ଥିତ ସମସ୍ତଙ୍କୁ ଛତା ବଣ୍ଟନ କରାଯାଇଥିଲା। ଶିକ୍ଷକ ସୋମନାଥ ସିଂହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ପୋଲିସ୍ ଧମକରେ ନାବାଳିକା ଚେତାଶୂନ୍ୟ ଘଟଣା
## ବିଚାର ବିଭାଗୀୟ ତଦନ୍ତ ଦାବିକଲା ମିଳିତ ବିରୋଧୀ ଦଳ

ବାରିପଦା, (ସବ୍ୟୁ) : ମିଳିତ ବିରୋଧୀ ଦଳ କଂଗ୍ରେସ, ସିପିଆଇ, ସିପିଏମ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ମୋରଡା ଥାନା ଅଧିକାରୀଙ୍କ ଧମକରେ ପୀଡିତା ନାବାଳିକା ଚେତାଶୂନ୍ୟ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେବା ସମ୍ପର୍କରେ ବିଚାର ବିଭାଗୀୟ ତଦନ୍ତ ପାଇଁ କଂଗ୍ରେସ ନେତା ଶାନ୍ତନୁ ପାଲଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ । ଜିଲ୍ଲାପାଳଙ୍କୁ ଦାବି ଜଣାଇବାକୁ ଯାଇ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କୁ କଂଗ୍ରେସ ନେତା ଶାନ୍ତନୁ ପାଲଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି। ଗତ କିଛିଦିନ ତଳେ ମୋରଡା ଥାନା ଅଞ୍ଚଳର ଜନୈକ ଯୁବକ, ଅଭିଯୋଗକାରୀଣି ନାବାଳିକା ଛାତ୍ରୀଙ୍କୁ ବାରମ୍ବାର ପ୍ରେମ ନିବେଦନ ସହ ଅସଦାଚରଣ କରିବାକୁ ନେଇ ପିଡିତା ଛାତ୍ରୀ ଅତିଷ୍ଠ ହୋଇ ସଂପୃକ୍ତ ଥାନାରେ ଏତଲା ଦେବାକୁ ଯାଇଥିବା, ଥାନା ଏତାଲା ଫେରାଇବା ପରେ ବେତନଟୀ ଏସଡ଼ିପିଓକୁ ଘଟଣା ସମ୍ପର୍କରେ ଅବଗତ କରାଇ ପୁନଶ୍ଚ ଥାନାକୁ ଯିବା ପରେ ଥାନାବାବୁ କ୍ଷୁବ୍ଧ ଓ ପ୍ରତିଶୋଧ ପରାୟଣ ହୋଇ ତୁମକୁ ୭ବର୍ଷ ଜେଲ୍ ଦଣ୍ଡାଦେଶ କରାଇ ଦେବାରେ ଧମକ ଯୋଗୁଁ ଛାତ୍ରୀ ସଞ୍ଜ୍ଞାହୀନ ହେବା ଏବଂ ପରେ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହେବା ସମ୍ବାଦ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି। ଯାହାକୁ ନେଇ ଜିଲ୍ଲାର ବୁଦ୍ଧିଜୀବୀ, ଅଭିଭାବକ ପୋଲିସର ଏତାଦୃଶ କାର୍ଯ୍ୟକୁ ଘୋରନିନ୍ଦା କରିବା ସହ, ଆଇନ୍‌ର ରକ୍ଷକ ପୋଲିସ ରାଜନୈତିକ ଚାପରୁ ଉର୍ଦ୍ଧରେ ନରହିଲେ ମହିଳା, ଜନସାଧାରଣ ନ୍ୟାୟ ପାଇବାରୁ ବଞ୍ଚିତ ହେବେ ବୋଲି ପ୍ରକାଶ କରାଯାଇଛି। ଏଭଳି ସମ୍ବେଦନଶୀଳ ଘଟଣାର ସତ୍ୟତାକୁ ଲୋକଲୋଚନକୁ ଆଣିବା ଓ ଥାନାରେ ପୋଲିସର କାର୍ଯ୍ୟଶୈଳୀକୁ ସୁଧାରିବାକୁ, ଜିଲ୍ଲାର ମାଜିଷ୍ଟ୍ରେଟ୍ ଭାବେ ନିରପେକ୍ଷ ବିଚାର ବିଭାଗୀୟ ତଦନ୍ତ କରିବାକୁ ଆମେ ଦୃଢ଼ବିଶ୍ୱାସ ରଖୁଛୁ। ଏହି ଦାବିପତ୍ର କଂଗ୍ରେସ ଦଳ ତରଫରୁ ଚୈତନ୍ୟ ହାଁସଦାଃ, ବିଜୟ ଦାଶ ଓକିଲ, ସନ୍ତୋଷ କୁମାର ଓତା ଓକିଲ, ପ୍ରଭାତ କୁମାର ଦାଶ ଓକିଲ, ନିର୍ମଳ ପ୍ରଧାନ, ଭବାନୀ ଶଙ୍କର ସାହୁ, ନିହାର ରଞ୍ଜନ ମଡୁଆଳ, ଗୋସାଇଁ ଚରଣ ମହାନ୍ତ, ରତିକାନ୍ତ ଚୌଧୁରୀ, ସିପିଆଇ ତରଫରୁ ଜଗବନ୍ଧୁ ମିଶ୍ର, ଶ୍ରୀକାନ୍ତ ସାମଲ, ଦମୟନ୍ତୀ ନାୟକ, ଭୋବୋତୋଷ ପାତ୍ର, ସିପିଏମ ତରଫରୁ ରବି ଗୋସ୍ୱାମୀ ଓ ଗଙ୍ଗାଧର ସାମଲ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

# ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରେ ବିଜେପିର ମଣ୍ଡଳ ସ୍ତରୀୟ ବୈଠକ



ବ୍ରହ୍ମପୁର, (ସବ୍ୟୁ): ଭାରତୀୟ ଜନତା ପାର୍ଟିର ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରେ ମଣ୍ଡଳ ସ୍ତରୀୟ ବୈଠକ ହୋଇଥିଲା। ବ୍ରହ୍ମପୁରର ୭ ଟି ମଣ୍ଡଳରୁ ପୂର୍ବରୁ ୬ଟି ମଣ୍ଡଳରେ ଅନୁଷ୍ଠିତ ହୋଇଥିବାବେଳେ ଗତକାଲି ବ୍ରହ୍ମପୁର ଗେଟ ବଜାର ମଣ୍ଡଳ (ୱାର୍ଡ ନମ୍ବର ୧୫,୧୬,୧୭,୨୧,୨୪) ର ସାଙ୍ଗଠନ ବୈଠକ ମଣ୍ଡଳ ସଭାପତି ବିକ୍ରମ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ନାୟକ ଏହାର ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଥିବା କାର୍ଯ୍ୟକର୍ତ୍ତାଙ୍କୁ ବୁଝାଇଥିଲେ । ଆଗକୁ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ, ପୌର ନିର୍ବାଚନ, ନିଗମ ନିର୍ବାଚନ ପୂର୍ବରୁ ସଙ୍ଗଠନ କିପରି ସୁଦୃଢ଼ ହେବ ପ୍ରତ୍ୟେକ ଶକ୍ତି କେନ୍ଦ୍ରରେ ଭାଜପାର ସକ୍ରିୟ ସଦସ୍ୟଙ୍କ ଭୂମିକା, ଏସଆଇଆର ସର୍ଭେ ସମୟରେ ବିଏଲଓଙ୍କ ସହିତ ଘରକୁ ଘର ବୁଲି ସଠିକ ତଥ୍ୟ ସଂଗ୍ରହ କରିବାରେ ସହଯୋଗ କରିବା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ନିଜ ନିଜ ଅଂଚଳରେ ପ୍ରଚାର କରିବା, ବିଭିନ୍ନ ଯୋଜନାରୁ ବଞ୍ଚିତ ହିତାଧିକାରୀଙ୍କୁ ସେମାନଙ୍କ ହକ ପାଇଁ ଯୋଡିବା ଓଡିଶା ସରକାରଙ୍କ ଦୁଇ ବର୍ଷର ସଫଳତା ବିଷୟରେ ଜନସାଧାରଣଙ୍କୁ ବୁଝାଇବା, ପ୍ରଧାନମନ୍ତ୍ରୀଙ୍କ ମନ କି ବାତକୁ ମଣ୍ଡଳ ସ୍ତରରେ ଆୟୋଜନ କରି ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାକୁ ନିଜେ ଜାଣିବା ଓ ଅନ୍ୟଙ୍କୁ ଜଣାଇବା ସମସ୍ତ ବିଷୟରେ ଆଲୋଚନା କରିଥିଲେ । ଏହି ବୈଠକରେ ଉପସ୍ଥିତ ଥିଲେ ସିଏଚ ବିକ୍ରମ ଦାସ, ଭିକି ଆଚାରି, ଶିବ ଯାଦବ, ଶଙ୍କର ପ୍ରସାଦ ଦାସଙ୍କ ସମେତ ଅଂଚଳର ବହୁ ବୁଦ୍ଧିଜୀବୀ, ଜନସାଧାରଣ ଯୋଗ ଦେଇଥିଲେ। ଏହି ବୈଠକ ପ୍ରତି ମାସରେ ଅନୁଷ୍ଠିତ ହେବ ବୋଲି ମଣ୍ଡଳ ସଭାପତି ଶ୍ରୀ ଦାସ ପ୍ରକାଶ କରିଥିଲେ ।

# ଚିକିଟି ବ୍ଲକରେ ଜିଲ୍ଲା ସ୍ତରୀୟ ଜନ ଅଭିଯୋଗ ଶୁଣାଣି

ଚିକିଟି, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ପରିସରରେ ସୋମବାର ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସ୍ତରୀୟ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର, ବ୍ରହ୍ମପୁର ଏସପି ଶ୍ରବଣା ବିବେକ ପ୍ରମୁଖଙ୍କ ସହ ଚିକିଟି ତହସିଲଦାର, ଚିକିଟି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଏହି ଜନ ଶୁଣାଣିରେ ପେନସନ, ରାସନ କାର୍ଡ, ପାଣି ସମସ୍ୟା, ରାସ୍ତା ମରାମତି, ଆବାସ ଯୋଜନା ଓ ବିଦ୍ୟୁତ ସମସ୍ୟା ସମ୍ବନ୍ଧୀୟ ସହ ଚିକିଟି ଡିଜିଟାଲ ଓ ପ୍ରିଣ୍ଟ ମିଡ଼ିଆ ମହାସଂଘ ଏବଂ ଭଏସ ଅଫ ମିଡ଼ିଆ ପକ୍ଷରୁ ସାମ୍ବାଦିକ ମାନଙ୍କୁ ବ୍ଲକ ପ୍ରଶାସନର ଅଣଦେଖା ନେଇ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ମୋଟ ୫୦ ଗୋଟି ଅଭିଯୋଗ ଆସିଥିଲା । ସେଥି ମଧ୍ୟରୁ ୪୫ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ଅନ୍ୟ ୫ ଟି ସାମୁହିକ ଅଭିଯୋଗ ଥିଲା। ଅଧିକାରୀମାନେ ୩ ଟି ଅଭିଯୋଗର ତୁରନ୍ତ ସମାଧାନ କରିଥିବା ବେଳେ ସେଥି ମଧ୍ୟରୁ ଜଣକୁ ରେଡକ୍ରସ ପକ୍ଷରୁ ଆର୍ଥିକ ଦଶ ହଜାର ଟଙ୍କା ସାହାର୍ଯ୍ୟ କରାଯାଇଥିଲା। ଅନ୍ୟାନ୍ୟ ଅଭିଯୋଗ ଗୁଡିକର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ଜାହାଜ ଭିତରେ ଲୁଚି ଆସିଛନ୍ତି ଇଥିଓପିଆ ନାଗରିକ

ପାରାଦୀପ ,( ଜି. ପ୍ର ): ଜାହାଜ ଭିତରେ ଲୁଚି ଆସିଛନ୍ତି ଯୁବକ । ପାରାଦୀପ ନିଷିଦ୍ଧାଞ୍ଚଳ ମଧ୍ୟରେ ପହଁଞ୍ଚିଛି ଜାହାଜ । ଆରମ୍ଭ ହେଲାଣି ତନାଘନା । ଏମଭି କାଜଆଇ ପର୍ଲ ବାଙ୍ଗଲାଦେଶୀ ପତାକାଧାରୀ ଜାହାଜ ମଧ୍ୟରେ ଏହି ଯୁବକଙ୍କୁ ଠାବ କରାଯାଇଛି । ଯୁବକ ଜଣଙ୍କ ଇଥିଓପିଆ ନାଗରିକ ଓ ତାଙ୍କ ନାମ ଆବାୟା ତଡାସେ ଅଣ୍ଡଟେ ବୋଲି କୁହାଯାଉଛି । ଜାହାଜଟି ଗତ ୨୦୨୫ ମସିହା ଡିସେମ୍ବର ମାସରେ ସାଉଥ ଆଫ୍ରିକାର ଏକ ପୋର୍ଟରେ ଥିବାବେଳେ ଏହି ଯୁବକ ଜଣଙ୍କ କୌଣସି ମତେ ଜାହାଜକୁ ଲୁଚି ପଶି ଆସିଥିଲେ । ଜାହାଜର ଉପର ଭାଗରେ ଥିବା ଏକ ଜାଗାରେ ଲୁଚି ରହିବା ସହ ରାତିରେ ଖାଦ୍ୟ ଚୋରେଇ ଖାଉଥିଲେ । କିନ୍ତୁ ଯୁବକଙ୍କ ଏହି କାରନାମା ଜାହାଜର ସଦସ୍ୟ ଦେଖିବା ପରେ ତାଙ୍କୁ ଗୋଟିଏ କୋଠରୀ ମଧ୍ୟରେ ରଖିଥିବା କୁହାଯାଉଛି । ପାରାଦୀପରେ



ଜାହାଜଟି କଙ୍ଗାବରମ ପୋର୍ଟରୁ ଆସି ପହଂଚି ଥିବା ବେଳେ ଜାହାଜ ଉପରେ ତିକ୍ଷ୍ଣ ନଜର ରଖିଛି କଷ୍ଟମ ବିଭାଗ । କଷ୍ଟମ ବିଭାଗ ଓ ଇମିଗ୍ରେସନ ବିଭାଗ ତାକୁ ପାରାଦୀପରେ ତଳକୁ ଆସିବାକୁ ଦେଇ ନଥିବା ବେଳେ ଜାହାଜ ଟି ଆଜି ବାଂଲାଦେଶ ଅଭିମୁଖେ ଯାତ୍ରା କରିଛି । ଜାହାଜର କ୍ୟାପଟେନ ନିୟମ ମୁତାବକ ପାରାଦୀପରେ ରାଜନୈତିକ ସହାୟତା ଲୋଡିଥିଲେ । ଏଠାରେ ଉକ୍ତ ଯୁବକଙ୍କୁ ଅଟକ ରଖାଯାଇ ତାଙ୍କ ଦେଶ ଅମ୍ବାସି ସହ କଥାବାର୍ତ୍ତା ଆରମ୍ଭ ହୋଇଥାନ୍ତା । ସମ୍ପୂର୍ଣ୍ଣ ଭାବେ ତଦନ୍ତ ଆରମ୍ଭ କରାଯାଇ ସେ କଣ ପାଇଁ ଆସିଥିଲେ ଓ ତାଙ୍କର ଉଦ୍ଦେଶ୍ୟ କଣ ଏବଂ ସେ କିଭଳି ଭାବେ ଏହି ଜାହାଜରେ ଚଢିଲେ ତାକୁ ନେଇ ଖୋଳତାଡ଼ ଆରମ୍ଭ କରାଯାଇଥାନ୍ତା । କିନ୍ତୁ ଆଜି ଜାହାଜଟି ସେଲିଂ କରିଥିବା ଓ ଉକ୍ତ ଯୁବକ ଜଣଙ୍କ ସେହି ଜାହାଜ ଭିତରେ ସେପରି ଥିବା କୁହାଯାଉଛି ।

# ମହିଳାଙ୍କୁ ନୃଶଂସ ହତ୍ୟା : ଅଭିଯୁକ୍ତ ଥାନାରେ ଅଟକ

କୁଆଁପାଳ,(ସବ୍ୟୁ) :ଜମିବାଡି ଜନିତ ବିବାଦକୁ ନେଇ ପୂର୍ବ ଆକ୍ରୋସରୁ ଜନୈକା ମହିଳାଙ୍କୁ ଅତି ନୃଶଂସ ଭାବେ ହତ୍ୟା କରାଯାଇଥିବା ଜଣାଯାଇଛି। ମାହାଙ୍ଗା ଥାନା ପଣସପୁର ପଂଚାୟତ ଅନ୍ତର୍ଗତ ଅକରପଡା ଗ୍ରାମରେ ଖୁଡୁତାଶ୍ୱଶୁରର କଟୁରୀ ଚୋଟରେ ପୁତୁରା ବୋହୁର ମୃତ୍ୟୁ ହୋଇଥିବା ଜଣାଯାଇଛି। ଆଜି ସୋମବାର ସକାଳ ପ୍ରାୟ ସାଢେ ସାତଟା ସମୟରେ ଅକରପଡା ଗ୍ରାମର ଦିବ୍ୟାଙ୍ଗ ରଞ୍ଜନ କୁମାର ସାହୁଙ୍କ ପନୀ ସୂର୍ଣ୍ଣଲତା(୪୦) ପ୍ରତିଦିନ ପରି ଘରୁ ଗାଇ ସାଙ୍ଗରେ ନେଇ ପଡିଆ କ୍ଷେତକୁ ଯାଇଥିଲେ। ସେ ସେଠାରେ ଗାଇକୁ ବାନ୍ଧି ଅକରପଡା ଏବଂ ସୋରଲ ମଧ୍ୟସ୍ଥଳୀ ପାଟ ବିଲରେ ଘାସ କାଟୁଥିବା ବେଳେ ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଅଭିଯୁକ୍ତ କୁହାଯାଉଥିବା ଦାଦା ଚନ୍ଦ୍ରମଣି ସାହୁ ଓରଫ ହଗୁରା ହଠାତ୍ ସେଠାରେ ପହଂଚି ବ୍ୟାଗରେ ରଖିଥିବା କଟୁରୀ ଓ କୋଦାଳ ବାହାର କରି ସୂର୍ଣ୍ଣଲତାର ପଛପଟୁ ତାର ବେକ ,ଗଳା ,ଛାତି କୁ ଚୋଟ ପରେ ଚୋଟ ମାରି ଚାଲିଥିଲେ। ସୂର୍ଣ୍ଣଲତା ସଜ୍ଞାହୀନ ହୋଇ ପଡିଯିବା ପରେ କୋଦାଳରେ ପିଠି ଓ ମୁଣ୍ଡକୁ ହାଣି ଚାଲିଥିଲା। ସେହି ସମୟରେ କିଛି ଦୂରରେ ଘାସ କାଟୁଥିବା ପଡୋଶୀ ମହିଳା ମଞ୍ଜୁଲତା ହଗୁରାକୁ ବିରୋଧ କରିବାରୁ ସେ ମଧ ତାକୁ କୋଦାଳରେ ମାରିବାକୁ ଉଦ୍ୟମ କରିଥିଲା। ପଡୋଶୀ ମଞ୍ଜୁଲତା ନିଜ ଜୀବନ ବଂଚାଇ ସେଠାରୁ ଦୌଡି ଦୌଡି ଗାଁକୁ ପଳାଇ ଆସି ପରିବାର ଲୋକଙ୍କୁ ଘଟଣା ସଂପର୍କରେ କହିଥିଲେ। ଗ୍ରାମବାସୀମାନେ ତୁରନ୍ତ ଘଟଣା ସ୍ଥଳରେ ପହଂଚି ସୂର୍ଣ୍ଣଲତାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୦୮ ଆମ୍ବୁଲାନ୍ସରେ ନେଇଥିଲେ। ସେଠାରେ ତାଙ୍କର ଅବସ୍ଥା ସଂକଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ଅଧିକ ଚିକିସା ନିମନ୍ତେ କଟକ ବଡ ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ଜାଣିବା ପରେ ମାହାଙ୍ଗା ଥାନା ଅଧିକାରୀ ଯୁଗଳ କିଶୋର ଦାସଙ୍କ ସହ ଏକ ଟିମ ସେଠାରେ ପହଂଚି ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତ ଚନ୍ଦ୍ରମଣି ଓରଫ ହଗୁରାଙ୍କୁ ଗିରଫ କରି ଥାନାରେ ଅଟକ ରଖିଛନ୍ତି। ମୃତକଙ୍କ ଝିଅ ଲକ୍ଷ୍ମୀପ୍ରିୟା ହତ୍ୟାକାଣ୍ଡ ସଂପର୍କରେ ଲିଖିତ ଅଭିଯୋଗ କରିବା ପରେ ଥାନା କେସ ନଂ ୧୮୦/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାଯାଇଛି। ବର୍ତମାନ ଘଟଣାସ୍ଥଳରେ ଏକ ସେକ୍ସନ ଫୋର୍ସ ମୁତୟନ କରାଯିବା ସହ ସାଲେପୁର ଏସଡିପିଓ ବିରଂଚି ନାରାୟଣ ପତି ଘଟଣା ସ୍ଥଳରେ ପହଂଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସୂର୍ଣ୍ଣଲତାଙ୍କ ସ୍ୱାମୀ ଜଣେ ଦିବ୍ୟାଙ୍ଗ ହୋଇଥିବାବେଳେ ତାଙ୍କ ପରିବାରର ସୂର୍ଣ୍ଣଲତା ମୁଖ୍ୟ ରୋଜଗାରକ୍ଷମ ଥିବା ବେଳେ ତାଙ୍କୁ ଦାଦା ହଗୁରା କାହିଁକି ଓ କେଉଁ ଉଦ୍ଦେଶ୍ୟ ନେଇ ହତ୍ୟା କଲେ ତାହା ସାଧାରଣରେ ରହସ୍ୟାବୃତ ହୋଇ ରହିଛି। ଏହା ଏକ ଜମିବାଡି ବିବାଦ ହତ୍ୟାକାଣ୍ଡ ହୋଇଥିବା ବେଳେ ଗ୍ରାମବାସୀଙ୍କ ସହଯୋଗରେ ପୂର୍ବରୁ ଏହି ବିବାଦର ଆପୋଷ ସମାଧାନ କରାଯାଇଥିଲା। ତେବେ ବିବାଦ ସମାଧାନ ପରେ ଚନ୍ଦ୍ରମଣି କାହିଁକି ଏଭଳି ଚରମ ନିଷ୍ପତି ନେଇ ସୂର୍ଣ୍ଣଲତାକୁ ଅତି ବିଭତ୍ସ ଭାବେ ହାଣି ହତ୍ୟା କଲା ତାହାକୁ ନେଇ ସାଧାରଣରେ ନାନା କଥା ଶୁଣିବାକୁ ମିଳୁଛି। ଏପରିକି ସେହି ଗ୍ରାମର ନୃସିଂହ ସାହୁ ଏହି ହତ୍ୟାକାଣ୍ଡ ଘଟଣାର ମୁଖ୍ୟ ଖଳନାୟକ ଥିବା ମୃତକଙ୍କ ଝିଅ ଲକ୍ଷ୍ମୀପ୍ରିୟା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ନୃସିଂହଙ୍କ ଘର ସମ୍ମୁଖରେ ସୂର୍ଣ୍ଣଲତାଙ୍କ ଏକ ଜମି ଥିବାରୁ ଏହାକୁ ହାତେଇବା ପାଇଁ ସେ ଚନ୍ଦ୍ରମଣିଙ୍କ ପରିବାର ସହ ମିଶି ଏଭଳି ବର୍ବର କାଣ୍ଡ ଘଟାଇଥିବା ସାଧାରଣରେ ଶୁଣିବାକୁ ମିଳୁଛି। ହତ୍ୟାକାଣ୍ଡର ଶିକାର ହୋଇଥିବା ସୂର୍ଣ୍ଣଲତା ନୀଜ ପରିବାରକୁ ଭରଣପୋଷଣ କରୁଥିଲେ। ତାଙ୍କ ସ୍ୱାମୀ ପକ୍ଷାଘାତ ରୋଗରେ ପିଡିତ ହୋଇ ଅର୍କମଣ୍ୟ ହୋଇଯାଇଥିବାରୁ ପରିବାରର ସମସ୍ତ ବୋଝ ସୂର୍ଣ୍ଣଲତା ଉପରେ ନ୍ୟସ୍ତ ଥିଲା। ସେ ସ୍ଥାନୀୟ ଏକ ବିଦ୍ୟାଳୟରେ ପାଚିକା ଭାବେ କାର୍ଯ୍ୟ କରିବା ସହ ଗାଇଗୋରୁ ରଖି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କର ଝିଅ ଓ ପୁଅ ପାଠ ପଢୁଥିବାବେଳେ ସୂର୍ଣ୍ଣଲତାଙ୍କ ମୃତ୍ୟୁ ଯୋଗୁ ସେମାନଙ୍କ ପାଠପଢାରେ ଡୋରୀ ବନ୍ଧା ହେବ ବୋଲି ଦିବ୍ୟାଙ୍ଗ ପିତା ରଞ୍ଜନ କହିବା ସହ ସୂର୍ଣ୍ଣଲତାର ହତ୍ୟାକାରୀ ଓ ଏଥିରେ ସଂପୃକ୍ତ ଅନ୍ୟ ବ୍ୟକ୍ତିଙ୍କ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଆକୁଳ ନିବେଦନ କରିବା ସହ ଚନ୍ଦ୍ରମଣିଙ୍କୁ ଫାଶି ଦେବାକୁ ସେ ସରକାରଙ୍କ ନିକଟରେ ଦାବୀ କରିଛନ୍ତି। ଅପର ପକ୍ଷରେ ସନ୍ଧ୍ୟାରେ ସୂର୍ଣ୍ଣଲତାଙ୍କ ଶବ ବ୍ୟବଚ୍ଛେଦ ପରେ ମର ଶରୀର ନିଜ ବାସଭବନକୁ ଅଣାଯାଇ ଏକ ଶୋକାକୂଳ ପରିବେଶରେ ଗ୍ରାମ ଶ୍ମଶାନରେ ସଂକାର କରାଯାଇଛି। ପୋଲିସ ଏହି ହତ୍ୟାକାଣ୍ଡ ଘଟଣାର ଅଭିଯୁକ୍ତ ଚନ୍ଦ୍ରମଣିକୁ ଗିରଫ କରି ଥାନାରେ ଅଟକ ରଖିବା ସହ ତଦନ୍ତ ଚଳାଇଛି। ଅପର ପକ୍ଷରେ ପ୍ରଚ୍ଛଦରେ ଏହି ହତ୍ୟାକାଣ୍ଡରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତ ମାନେ ଘଟଣା ସ୍ଥଳରୁ ଫେରାର ହୋଇଥିବା ଜଣାଯାଇଛି। ତୁରନ୍ତ ଏଥିରେ ସାମିଲ ଥିବା ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ସାଧାରଣରେ ଦାବୀ ହୋଇଛି।

# ୨୦ଟନରୁ ଉର୍ଦ୍ଧ୍ୱ ଗୋରୁ ଚମଡ଼ା ବୋଝେଇ ଟ୍ରକ ଜବତ

ବାଲିଚନ୍ଦ୍ରପୁର,(ସବ୍ୟୁ) : ବାଲିଚନ୍ଦ୍ରପୁର ପୋଲିସ ରବିବାର ରାତ୍ରୀରେ ଏକ ୨୦ଟନ ରୁ ଉର୍ଦ୍ଧ୍ୱର୍ ଗୋରୁ ଚମଡ଼ା ବୋଝେଇ ଟ୍ରକ ଜବତ କରିବା ସହ ଗାଡ଼ିର ଡ୍ରାଇଭର ଓ ହେଲପରକୁ ଗିରଫ କରିଛି । ରବିବାର ରାତ୍ରୀରେ (ଓ ଡ଼ି ୦୯ ବି ୭୩୮୭) ଟ୍ରକରେ ଗୋରୁ ଚମଡ଼ା ବୋଝେଇ ହୋଇ ଯାଉଥିବା ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ତାର ପିଛା କରିଥିଲା । ଏହି ଟ୍ରକଟି ବାଲିଚନ୍ଦ୍ରପୁର ଥାନା ନଳୀପୁର ଅଂଚଳରୁ ବାହାରି କଲିକତା ଅଭିମୁଖେ ଯାଉଥିବା ସମୟରେ ପୋଲିସ ଚଣ୍ଡିଖୋଲ-ପାରାଦୀପ ଏନ ଏଚ ୫୩ର ଭାକୁଡ଼ ଛକ ଠାରେ ଟ୍ରକକୁ ଅଟକାଇ ଥାନାକୁ ଆଣିଥିଲା । ତେବେ ଟ୍ରକରେ ଗୋରୁ ଚମଡ଼ା ବୋଝେଇ ହୋଇଥିବା ପୋଲିସ ଜାଣିବାକୁ ପାଇଥିଲା । ଏହି ଟ୍ରକରେ ୪ ହଜାର ରୁ ଉର୍ଦ୍ଧ୍ୱର୍ ପ୍ରାୟ ୨୦ ଟନ ଚମଡ଼ା ବୋଝେଇ ହୋଇ ଚାଲାଣ ହେଉଥିବା ପୋଲିସ ପାଖରେ ଗିରଫ ଡ୍ରାଇଭର ପ୍ରକାଶ କରିଥିଲା । ସରକାରୀ ଭାବେ ନଳୀପୁର, ଚାରିନଙ୍ଗଳ ଠାରେ କିମ୍ବା ଯାଜପୁର ଜିଲ୍ଲାରେ ଚମଡ଼ା ଗୋଦାମ ଲାଇସେନସ୍ କାହାରି ନଥିବା ବେଳେ ଏତେ ପରିମାଣର ଚମଡ଼ା କିପରି ଚାଲାଣ ହେଉଛି ତାହା ପୋଲିସକୁ ଆଶ୍ଚର୍ଯ୍ୟ କରିଥିଲା । ପୋଲିସ ଆପ୍ରୋଜ ଟ୍ରେଡ଼ର ନଳୀପୁର ଠାରୁ ଏହା ଚାଲାଣ ହେଉଥିବା ଏବଂ ଜି.ଏସ.ଟି ବିଲ ମହମ୍ମଦନଗର ନଳୀପୁର ଅଂଚଳର ସେକ୍ ଆବୁତାଲିମ୍ ଙ୍କ ପୁଅ ସେକ୍ ଓ୍ୱାଜିଦ୍ ଅଲ୍ଲି ନାମରେ ଥିବା ଜାଣିବାକୁ ପାଇଥିଲା । ପୋଲିସ ଏ ନେଇ ଏକ ମାମଲା ୧୭୯/୨୬ରେ ରୁଜୁ କରି ତଦନ୍ତ ଜାରିରଖିବା ସହ ଗିରଫ ଡ୍ରାଇଭବ ମଠସାହି ଭଦ୍ରକ ଟାଉନଥାନା ଅଂଚଳର ସେକ୍ ସାହିଦ୍ (୪୮) ଓ ଚାନ୍ଦବାଲି ଥାନା ଅନ୍ତର୍ଗତ ହେଲପର ମଟୋ ପରମାଣପୁର ଅଂଚଳର ନବାବ ଖାନ୍ (୨୨) କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବାଲିଚନ୍ଦ୍ରପୁର ଥାନାଧିକାରି ଦୀଲ୍ଲିପ କୁମାର ମହାନ୍ତିଙ୍କ ଠାରୁ ପ୍ରକାଶ । ସୋମବାର ଦର୍ପଣ ତହସିଲର ଅତିରିକ୍ତ ତହସିଲଦାର ବିରଜା ରାୟଙ୍କ ଉପସ୍ଥିତିରେ ଚମଡ଼ା ବୋଝେଇ ଗାଡ଼ିଟିକୁ ଜବତ କରାଯାଇଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି ।

# ହରିଜନ ସାହି ଯାତାୟତ ରାସ୍ତାକୁ ବାଡ ବୁଜି ବନ୍ଦ, ଆମରଣ ଅନଶନ ଚେତାବନୀ

କେନ୍ଦ୍ରାପଡା ,(ସବ୍ୟୁ) :କେନ୍ଦ୍ରାପଡା ଜିଲ୍ଲା ହାଟବାଣପୁର ହରିଜନ ସାହିର ଯାତାୟତ କରୁଥିବା ମୁଖ୍ୟ ରାସ୍ତାକୁ ସେହି ଗ୍ରାମର ଜଣେ ପ୍ରଭାବଶାଳୀ ବ୍ୟକ୍ତି ବାଡ ବୁଜି ବନ୍ଦ କରିଦେଇଥିବାରୁ ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ହାଟବାଣପୁର ହରିଜନ ସାହିର ସରକାରୀ ରାସ୍ତାକୁ ଜୋର ଜବରଦସ୍ତ ଦୀର୍ଘଦିନ ହେଲା ପ୍ରଭାବଶାଳୀ ବ୍ୟକ୍ତି ଜଣକ ବନ୍ଦ କରିଦେଇଥିଲା । ଉକ୍ତ ସମୟରେ ତତ୍କାଳୀନ ଜିଲ୍ଲାପାଳ ରେଘୁଜୀ ଏବଂ ଡେରାବିଶ ତହସିଲଦାର ଘଟଣାସ୍ଥଳରେ ପହଁଚି ମାପଚୁପ କରି ବୁଜିଥିବା ବାଡ ଉଠାଇ ଫୋପାଡି ବାଡ ବୁଜିଥିବା ବ୍ୟକ୍ତିଙ୍କୁ ତାଗିଦ୍ କରିଥିଲେ । ସେମାନଙ୍କର ବଦଳି ଓ ଦୀର୍ଘଦିନ ବ୍ୟବଧାନ ପରେ ଏହି ପ୍ରଭାବଶାଳୀ ବ୍ୟକ୍ତିଜଣକ ପୁନର୍ବାର ଏହି ଯାତାୟତ ରାସ୍ତାକୁ ପୁଣି ବନ୍ଦ କରିଦେଇଥିବାରୁ ଶତାଧିକ ଗ୍ରାମବାସୀ ଏ ନେଇ ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାର୍, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ରବିନ୍ଦ୍ର କୁମାର ମଲ୍ଲିକ ଓ ଡେରାବିଶ ତହସିଲଦାର ସରୋଜ କୁମାର ନାୟକଙ୍କୁ ଦାବିପତ୍ର ପ୍ରଦାନ କରି ତୁରନ୍ତ ଏହାର ସମାଧାନ କଲେ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ କରିବେ ବୋଲି ଜଣାଇଛନ୍ତି ।

## ଜିଲ୍ଲା କାର୍ଯ୍ୟାଳୟର ପାନୀୟଜଳ ଫ୍ରିଜ୍ ଅଚଳ

କେନ୍ଦ୍ରାପଡା, (ସବ୍ୟୁ) :କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟକୁ ଦୈନିକ ଶହ ଶହ ବ୍ୟକ୍ତି ନିଜ କାର୍ଯ୍ୟ ନେଇ ଓ ବିଭିନ୍ନ ଅଭିଯୋଗ ନେଇ ଆସିଥାନ୍ତି । କିନ୍ତୁ ଜିଲ୍ଲା କାର୍ଯ୍ୟାଳୟରେ ଏମାନଙ୍କ ସୁବିଧା ପାଇଁ ଆବଶ୍ୟକ ଚେୟାର ବେଞ୍ଚର ସୁବିଧା ନାହିଁ । ଦୀର୍ଘ ଏକ ସପ୍ତାହ ହେଲା ସାରା ରାଜ୍ୟରେ ଗ୍ରୀଷ୍ମତାପ ଅହେତୁକ ଭାବରେ ବଢିଥିବାରୁ କେନ୍ଦ୍ରାପଡାରେ ଏହାର ପାରା ମାତ୍ରାଧିକ ରହୁଛି । ଦୂରଦୂରାନ୍ତରୁ ଆସୁଥିବା ଅଭିଯୋଗକାରୀ ଓ ବରିଷ୍ଠ ନାଗରିକମାନେ ପିଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଥିବା ଏକ ପାନୀୟ ଜଳ ଫ୍ରିଜ୍ ଦୀର୍ଘ ଏକମାସ ହେଲା ଅଚଳ ହୋଇ ପଡିଥିବାରୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

# ଆଇନଜୀବୀ ବାସୁଦେବଙ୍କ ନାରୀ ବେଶରେ ନିଆରା ପ୍ରତିବାଦ

ଜଗତସିଂହପୁର, (ସବ୍ୟୁ) :ଅସହ୍ୟ ଗୁଳୁଗୁଳିରେ ଜନ ଜୀବନ ଅସ୍ତବ୍ୟସ୍ତ।ଦିନ ୯ ଟାରୁ ଖରାର ପ୍ରକୋପ ଏତେ ଯେ ଘରୁ ବାହାରିବା ମୁସ୍କିଲ।ଗତ କିଛି ଦିନ ହେବ ଜଗତସିଂହପୁର ଜିଲ୍ଲାରେ ପାରଦ ୩୫ ଡିଗ୍ରୀ ଉପରେ ରହିଛି।ଖରା ତାପରୁ ରକ୍ଷା ପାଇବା ପାଇଁ ଲୋକେ ଯଥାଶିଘ୍ର କାର୍ଯ୍ୟ ସାରି ଘରକୁ ପଳାଇ ଯାଉଥିଲେ ହେଁ ବେଆଇନ ବିଦ୍ୟୁତ କାଟ ଯୋଗୁ ଲୋକେ ଆହୁରି ଅତିଷ୍ଠ ହୋଇ ପଡୁଛନ୍ତି।ଘଣ୍ଟା ଘଣ୍ଟା ବିଦ୍ୟୁତ କାଟ ଯୋଗୁ ଲୋକେ ଅସହ୍ୟ ଗରମରେ ସନ୍ତୁଳି ହୋଇଯାଉଛନ୍ତି।କୌଣସୀ କାରଣ ନଥାଇ ବିଦ୍ୟୁତ କାଟ ହେଉଥିବା ଲୋକେ ବାରମ୍ବାର ଅଭିଯୋଗ କରୁଥିଲେ ହେଁ ବିଭାଗୀୟ ଅଧିକାରୀ ମାନେ କର୍ଣ୍ଣପାତ କରିନଥାନ୍ତି।ଏହା



ସହିତ ଆକାଶରେ ମେଘ ଦେଖିବା ମାତ୍ରେ ମଧ ଜଗତସିଂହପୁର ସଦର ମହକୁମାରେ ବିଦ୍ୟୁତ କାଟ ମଧ ହୋଇଥାଏ। ଏହି ମନମାନୀ ବିରୋଧରେ ଜଗତସିଂହପୁର ସଦର ମହକୁମାର ଲୋକେ ଅତିଷ୍ଠ ହୋଇ ଆନ୍ଦୋଳନକୁ ଓହ୍ଲାଇବାକୁ ସଜବାଜ ହେଉଛନ୍ତି। ବେଆଇନ ବିଦ୍ୟୁତ କାଟକୁ ବିରୋଧ କରି ପୁଣି ରାସ୍ତାକୁ ଓହ୍ଲାଇଛନ୍ତି ବରିଷ୍ଠ ସମାଜସେବୀ ତଥା ଆଇନଜିବୀ ବାସୁଦେବ।ଯୁବକ ସମୟରୁ ସାଧାରଣ ଲୋକମାନଙ୍କୁ ନ୍ୟାୟ ଦେବା ପାଇଁ ଲଢେଇ କରି ଆସୁଥିବା ୭୩ ବର୍ଷ ବୟସର ବାସୁଦେବଙ୍କ ବେଆଇନ ବିଦ୍ୟୁତ କାଟ ବିରୋଧରେ ଆନ୍ଦୋଳନ ପାଇଁ ଆରମ୍ଭ ହୋଇଥିବା ଆଜିର ସଚେତନତା ବାର୍ତ୍ତା ଥିଲା ନିଆରା।ବାସୁଦେବ ନିଜକୁ ଜଣେ ନାରୀ ବେଶରେ ସଜେଇ ହୋଇ ମାଇକ ଯୋଗେ ସହର ପରିକ୍ରମା କରି ସଚେତନାର ବାର୍ତ୍ତା ବାଣ୍ଟିବା ସହିତ ଆସନ୍ତା ୨୧ ତାରିଖରେ ଆନ୍ଦୋଳନ ପାଇଁ ଡାକରା ଦେଇଥିଲେ।

# ହତ୍ୟା ଅଭିଯୋଗ ପରେ ମାଟି ତଳୁ ଶିଶୁର ମୃତଦେହ ଉଦ୍ଧାର

ଧର୍ମଶାଳା,(ସବ୍ୟୁ) :ଧର୍ମଶାଳା ଥାନା କୋଟପୁର ଫାଣ୍ଡି ଅନ୍ତର୍ଗତ କୋଟପୁର ପଂଚାୟତ ଗେହ୍ଲେଇ ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଦେଖିବକୁ ମିଳିଛି । ମୃତ୍ୟୁର ୯ ଦିନ ପରେ ହତ୍ୟା ଅଭିଯୋଗ କ୍ରମେ ପୁଲିସ ମାଜିଷ୍ଟ୍ରେଟ ଉପସ୍ଥିତିରେ ଅଢ଼େଇ ବର୍ଷ ଶିଶୁର ମୃତଦେହକୁ ମାଟି ତଳୁ ଖୋଳି ବାହାର କରଛି । ସୂଚନା ଅନୁଯାୟୀ ନଅ ଦିନ ପୂର୍ବରୁ ପରିବାର ଲୋକଙ୍କ ଅଜାଣତରେ ଘର ପାଖ କେଲୁଅ ନଦୀରେ ଛୋଟ ପିଲା ଟି ବୁଡ଼ି ଯାଇଥିଲା । ପରିବାର ଲୋକେ ତାକୁ ପାଣିରୁ ଉଦ୍ଧାର କରି ତୁରନ୍ତ ଧର୍ମଶାଳା ମେଡିକାଲ୍‌କୁ ନେଇଯାଇଥିଲେ ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲା । ଧର୍ମଶାଳା ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ୧୮/୨୬ ରୁଜୁ କରାଯାଇଥିଲା । ହେଲେ ପରିବାର ଲୋକେ ଶବ ବ୍ୟେବଚ୍ଛେଦ ନିମନ୍ତେ ମନା କରିବାରୁ ପୁଲିସ୍ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଥିଲା । ପରିବାର ଲୋକେ ଘର ନିକଟ ନଦୀ ପଠାରେ ଶିଶୁ ଟିକୁ ହିନ୍ଦୁ ରୀତି ନୀତି ଅନୁଯାୟୀ ସମାଧି ଦେଇଥିଲେ । ମୃତ ଶିଶୁର ମାମୁ କୃପାସିନ୍ଧୁ ମହାନ୍ତି ଥାନାରେ ଗତକାଲି ଅଭିଯୋଗ କରିଥିଲେ ଯେ ତାଙ୍କ ଭଣଜାକୁ କେହି ଗାଡ଼ି ବାଡେଇ ମାରି ନଈ ରେ ଫିଙ୍ଗି ଦେଇ ହତ୍ୟା କରିଛନ୍ତି । ତେଣୁ ତାଙ୍କ ଅଭିଯୋଗ କ୍ରମେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଆଜି ପୁଲିସ ମାଟି ଖୋଳି ଶିଶୁର ମୃତଦେହକୁ ବାହାର କରି ବ୍ୟବଚ୍ଛେଦ ନିମେନ୍ତ ଯାଜପୁର ମେଡିକାଲ୍‌କୁ ପଠାଇ ଘଟଣାର ତଦନ୍ତ ଚଳାଇଛି ବୋଲି କୋଟପୁର ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ସୂଚନା ଦେଇଛନ୍ତି।

# ମା କୁତାମଚଣ୍ଡୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ନାଉଗାଁ,(ସବ୍ୟୁ) : ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁ ପଞ୍ଚାୟତ କାନୁନଗୋସାହି ସ୍ଥିତ ପ୍ରସିଦ୍ଧ ମା କୁତାମ ଚଣ୍ଡୀଙ୍କ ପୀଠରେ ୧୬ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ସର୍ବପୁରାତନ ମା କୁତାମ ଚଣ୍ଡୀଙ୍କ ପବିତ୍ର ପୀଠରେ ଚଳିତ ବର୍ଷ ୧୬ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ରବିବାର ଠାରୁ ଆରମ୍ଭ ହୋଇ ମଙ୍ଗଳବାର ପର୍ଯ୍ୟନ୍ତ ଦୀର୍ଘ ତିନି ଦିନଧରି ଅନୁଷ୍ଠିତ ହେବ । ପ୍ରଥମେ ଆଜି ଗ୍ରାମର ମହିଳା ମାନେ ଏକ ବିଶାଳ କଳସ ଶୋଭାଯାତ୍ରା କାନୁନଗୋସାହି ଗ୍ରାମ ରୁ ବାହାରି ନାଉଗାଁ ହାଟ ଏବଂ କୋକିଡିହ ଗ୍ରାମ ଦେଇ ଘଣ୍ଟ, ବାଜା, ଢୋଲ ମହୁରୀ ଓ ନାମ ସଂକୀର୍ତନ ଇତ୍ୟାଦି ପୁରାତନ ପ୍ରଥା ଅନୁଯାଇ ପରିକ୍ରମା କରିଥିଲେ । ତେବେ ତିନି ଦିନ ବ୍ୟାପି ହେବାକୁ ଥିବା ଏହି ବିଶ୍ୱଶାନ୍ତି ମହାଯଜ୍ଞ ରେ ସୂର୍ଯ୍ୟ ପୂଜା, ଗୋପୂଜା, କରାଯିବା ସହିତ ବିଶ୍ୱ ଶାନ୍ତି ପାଇଁ ଘୃତ ଯଜ୍ଞାନୁଷ୍ଠାନ ସହିତ ଅନ୍ନଯଜ୍ଞ କରାଯାଇ ବିଶ୍ୱର ମଙ୍ଗଳ ପ୍ରାର୍ଥନା କରାଯାଉ ଥିବାର ଦେଖା ଯାଇଛି । ଆଜି ପ୍ରଥମ ଦିବସରେ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ଦୁଇ ଦିନ ସନ୍ଧ୍ୟା ସମୟରେ ଶ୍ରୀ ଜଗନ୍ନାଥ କଥାମୃତ ଅନୁଷ୍ଠିତ ହେଉଥିବା ବେଳେ ମୁଖ୍ୟ ବକ୍ତା ଭାବେ ପ୍ରବଚକ ବେଦାନ୍ତ କେଶରୀ ବ୍ରହ୍ମଚାରୀ ଶ୍ରୀ ସନ୍ତୋଷ ଚୈତନ୍ୟ ମହାରାଜ, ବାବାଜି ଦିବ୍ୟକୃଷ୍ଣ ଦାସ ମହାରାଜଙ୍କୁ ଦେଖିବା ପାଇଁ ମାଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିବାର ଦେଖାଯାଇଛି । ଏହି କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀଙ୍କ ସମ୍ପୁର୍ଣ୍ଣ ସହଯୋଗ ଦେଖିବାକୁ ମିଳିଛି ।

# ଭୋଟ ପୁନଃ ଗଣତି ପରେ ସରପଞ୍ଚ ପଦବୀ ବଜାୟ ରଖିଛନ୍ତି ମଞ୍ଜୁଲତା

ମହାକାଳପଡ଼ା, (ସବ୍ୟୁ) : ୨୦୨୨ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ରେ ମହାକାଳପଡ଼ା ପଂଚାୟତ ସମିତି ଅଧୀନ ମଙ୍ଗଳ ପୁର ପଂଚାୟତ ସରପଞ୍ଚ ପଦବୀରେ ମଞ୍ଜୁଲତା ସାମନ୍ତରାୟ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ଭାରତୀ ସ୍ୱାଇଙ୍କ ଠାରୁ ୧୮ଖଣ୍ଡ ଅଧିକ ଭୋଟ ପାଇ ବିଜୟ ଲାଭ କରିଥିଲେ । ବିଜେତା ମହିଳାଙ୍କର ନିର୍ବାଚନୀ ସଂକେତ ମାଛ ଥିବା ବେଳେ ପରାଜିତ ମହିଳା ପ୍ରାର୍ଥୀନୀଙ୍କର ଖୋଲା ବହି ନିର୍ବାଚନୀ ସଂକେତ ଥିଲା । ପଂଚାୟତର ୧୨ଗୋଟି ବୁଥରେ ସମୁଦାୟ ୩୪୮୮ଖଣ୍ଡ ଭୋଟ ପୋଲିଙ୍ଗ ହୋଇଥିବା ବେଳେ ୬୪ଖଣ୍ଡ ନାକଚ ବୋଲି ତତ୍କାଳୀନ ନିର୍ବାଚନୀ ଅଧିକାରୀ ଘୋଷଣା କରିଥିଲେ । ଘୋଷଣା ମୁତାବକ ଖୋଲାହି ସପକ୍ଷରେ ୧୬୦୩ଖଣ୍ଡ ଓ ମାଛ ସପକ୍ଷରେ ୧୬୨୧ଖଣ୍ଡ ଭୋଟ ମିଳିଥିବାରୁ ମଞ୍ଜୁଲତା ବିଜୟୀ ଘୋଷିତ ହୋଇଥିଲେ । ମାତ୍ର ପରାଜିତ ପ୍ରାର୍ଥୀନୀ ବିଜୟକୁ ଅସିଦ୍ଧ ଘୋଷଣା ନେଇ କେନ୍ଦ୍ରାପଡ଼ା ସିଭିଲ କୋର୍ଟ ରେ ନିର୍ବାଚନ ନ୍ୟାୟାଧିକରଣଙ୍କ ନିକଟରେ ୮ଗୋଟି ବୁଥରେ ପୁନଃ ଗଣତି ପାଇଁ ଅଭିଯୋଗ କରିଥିଲେ । ତଦନୁଯାୟୀ ଚଳିତ ମାସ ୫ତାରିଖରେ ନ୍ୟାୟାଧିକରଣଙ୍କ ସମ୍ମୁଖରେ ପୁନଃ ଗଣତି ହୋଇଥିଲା ।ଗଣତି ପରେ ବିଜୟୀ ପ୍ରାର୍ଥୀନୀ ମଞ୍ଜୁଲତାଙ୍କ ର ୨ଖଣ୍ଡ ଭୋଟ ନାକଚ ହେବା ପରେ ଆଗୁଆ ଭୋଟ ୧୮ ପରିବର୍ତ୍ତେ ୧୭ କୁ ଖସିଛ । ସେହିପରି ପରାଜିତ ପ୍ରାର୍ଥୀନୀଙ୍କର ଖଣ୍ଡେ ଭୋଟ ନାକଚ ହୋଇଥିବା ବେଳେ ସମୁଦାୟ ୧୨ଗୋଟି ବୁଥରେ ନାକଚ ଭୋଟ ସଂଖ୍ୟା ୬୭ରେ ପହଁଚିଛି । ଯାହା ଫଳରେ ପରାଜିତ ମହିଳାଙ୍କ ଭୋଟ ସଂଖ୍ୟା ୧୭୦୨ହୋଇଥିବା ବେଳେ ବିଜୟୀ ମହିଳାଙ୍କ ସମୁଦାୟ ୧୭୧୯ରହିଛି । ପୁନଃ ଗଣତି ପରେ ମଞ୍ଜୁଲତା ୧୭ଖଣ୍ଡ ଅଧିକ ଭୋଟ ହାସଲ କରି ସରପଞ୍ଚ ପଦବୀ ବଜାୟ ରଖିଛନ୍ତି ।

# ବସନ୍ତପୁରରେ ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ଗରଦପୁର ,(ସବ୍ୟୁ) : ଗରଦପୁର ବ୍ଲକ ଅଧିନ ତେଣ୍ଡାକୁଡା ପଞ୍ଚାୟତ ର ବସନ୍ତପୁର ଗ୍ରାମ ନିବାସୀ କିଶଳୟକାନ୍ତ ମହାପାତ୍ରଙ୍କର ପରଲୋକ ଘଟିଛି । ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ରେ ଉଚ୍ଚ ପଦବୀରେ କାର୍ଯ୍ୟ କରି ସେ ବହୁ ସୁନାମ ଅର୍ଜନ କରିଥିଲେ । ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ରେ ଚିକିତ୍ସାଧିନ



ଅବସ୍ଥାରେ ତାଙ୍କର ୮୦ ବର୍ଷ ବୟସରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କ ପାଖରେ ସ୍ତ୍ରୀ, ଏକମାତ୍ର ପୁଅ ଓ ଦୁଇଝିଅ ଉପସ୍ଥିତ ଥିଲେ । ତାଙ୍କ ବଡପୁଅ ଶାଶ୍ୱତ ଶୁଭଦର୍ଶୀ ପୁରୀ ସ୍ୱର୍ଗ ଧାମରେ ତାଙ୍କର ଶେଷକୃତ୍ୟ ସମାପନ କରିଛନ୍ତି । ତାଙ୍କ ପରଲୋକରେ ସିରିଡି ସାଇ ଟ୍ରଷ୍ଟ ବାସନ୍ତପୁରର ସମ୍ପାଦକ ସୁନିଲ ମହାନ୍ତି ଓ ପରିଚାଳନା ଟ୍ରଷ୍ଟି ଡ଼କ୍ଟର ରୁଦ୍ର ମହାନ୍ତି ଶୋକ ପ୍ରକାଶ କରିଛନ୍ତି ।

# କାର ସହ ଧକ୍କା, ୨ ଆହତ

ପାଣିକୋଇଲ,(ସବ୍ୟୁ) :ପାଣିକୋଇଲି ଥାନା ଅନ୍ତର୍ଗତ ଶର୍ମା ପେଟ୍ରୋଲ ପମ୍ପ ନିକଟରେ ବାଇକ ସହ କାର ଧକ୍କା ହେବାରୁ ବାଇକ ଚାଳକ ସହ ସହଯାତ୍ରୀ ଆହତ ହୋଇଛନ୍ତି। ପ୍ରକାଶଯେ ବାଲେଶରରୁ କଟକ ଯାଉଥିବା ଏକ କାର ସହ ଗୋଳେଇପୁର ପଂଚାୟତ ହାଟସାହି ଗ୍ରାମର ବିଜୟ ମଲ୍ଲିକ ଓ ଅଚ୍ୟୁତାନନ୍ଦ ମଲ୍ଲିକଙ୍କର ଧକ୍କା ହୋଇଥିଲା। ଫଳରେ ବିଜୟ ଓ ଅଚ୍ୟୁତାନନ୍ଦ ଆହତ ହୋଇଥିଲେ। ଦୁର୍ଘଟଣା ଖବର ପାଇ ରାଜପଥ ପେଟ୍ରୋଲିଂଗ ଅଧିକାରୀ ଅଶୋକ ବଳ ପହଂଚି ଆହତ ମାନଙ୍କୁ ଚିକିସା କରାଇଥିବା ବେଳେ କାରଟି ପଳାଇଯାଇଥିଲା। ପୁଲିସ ଘଟଣାସ୍ଥଳେ ପହଂଚି ତଦନ୍ତ ଆରମ୍ଭ କରିଛି।

# ମାଟି ତଳୁ ଉଦ୍ଧାର ହେଲେ ଗଙ୍ଗସମୟର ପ୍ରାଚୀନ ବରାହ ବିଗ୍ରହ

ସାଲେପୁର, (ସବ୍ୟୁ) :ସାଲେପୁର ଅଞ୍ଚଳରୁ ଉଦ୍ଧାର ହୋଇଛି ବହୁ ପୁରାତନ ପଥର ବିଗ୍ରହ । ସହ ସହ ବର୍ଷ ପୂର୍ବେ ବିଧର୍ମୀଙ୍କ ଆକ୍ରମଣରୁ ଲୁଚାଯାଇଥିବା ପ୍ରାଚୀନ ବିଗ୍ରହ ଏବେ ଲୋକଲୋଚନ ଆସୁଛି । ଯାହାକୁ ଐତିହ୍ୟ ପ୍ରେମୀମାନେ ମାଟିତଳୁ ଉଦ୍ଧାର କରୁଛନ୍ତି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ସାଲେପୁର ବ୍ଲକ ଅନ୍ତର୍ଗତ ମଧକଚ୍ଛ ପଂଚାୟତ ପୂର୍ବକଚ୍ଛ ଗ୍ରାମ ପୁରୁଣା ଚନ୍ଦନ ପୋଖରୀ ହୁଡା ନିକଟ ମାଟିକୁଦରୁ । ଯାହା ଅନୁମାନ କରାଯାଏ ଏହି ମୂର୍ତ୍ତିଟି ଓଡିଶାରେ ଗଙ୍ଗଶାସନ ସମୟର ଏକ ବରାହଙ୍କ ପ୍ରସ୍ତର ମୂର୍ତ୍ତି । ପୂର୍ବକଚ୍ଛ ଗ୍ରାମର ପୁରୁଣା ଚନ୍ଦନ ପୁଷ୍କରିଣୀ ହୁଡ଼ା ନିକଟରେ ଥିବା ଏହି ମାଟି କୁଦଟିରେ ବଣଲତା ମଧ୍ୟରେ ମୂର୍ତ୍ତିଟିର ମସ୍ତକର କିଛି ଅଂଶ ଉପରକୁ ଦିଶୁ ଥିବା ବେଳେ ଏହାକୁ ସ୍ଥାନୀୟ ଐତିହ୍ୟପ୍ରେମୀ ବିଶ୍ୱଜିତ ସିଂହ ଦେଖିବାକୁ ପାଇଥିଲେ । ପରେ ସେ ଏ ସମ୍ପର୍କରେ ଆରଏଲଏଚ୍‌ଟିର ସଦସ୍ୟ ନୃପତି ନିହାର ସିଅଳଙ୍କୁ ସୂଚନା ପ୍ରଦାନ କରିଥିଲେ । ଗତ ୧୭ ତାରିଖ ରବିବାର



ଆରଏଲଏଚ୍‌ଟିର ଏକ ଐତିହ୍ୟ ଅନୁସନ୍ଧାନକାରୀ ଦଳ ପୂର୍ବକଚ୍ଛ ଗସ୍ତ କରି ସ୍ଥାନୀୟ ଐତିହ୍ୟପ୍ରେମୀମାନଙ୍କ ସହଯୋଗରେ ଏହି ପ୍ରାଚୀନ ଐତିହ୍ୟ ବରାହ ମୂର୍ତ୍ତିଟିକୁ ଖୋଳି ବାହାର କରିଥିଲେ ।ବର୍ତ୍ତମାନ ମୂର୍ତ୍ତିଟିକୁ ପୂର୍ବକଚ୍ଛ କପିଳେଶର ମହାଦେବଙ୍କ ମନ୍ଦିରରେ ସୁରକ୍ଷିତ ଭାବରେ ଏକ ବୃକ୍ଷ ମୂଳରେ ରଖାଯାଇଛି ।ଏହି ମୂର୍ତ୍ତିଟି ପ୍ରାୟ ୩ ଫୁଟ ଉଚ୍ଚତା ବିଶିଷ୍ଟ । ଗଠନ ଶୈଳୀ ଦୃଷ୍ଟିରୁ ଏହା ପୂର୍ବ ଗଙ୍ଗବଂଶୀମାନଙ୍କ ରାଜୁତି ସମୟରେ ନିର୍ମିତ ହୋଇଥିବାର ସମ୍ଭାବନା ରହିଛି । ମୂର୍ତ୍ତିଟିର କିଛି ଅଂଶ ଅନେକ ବର୍ଷ ମାଟିତଳେ ଅସୁରକ୍ଷିତ ଅବସ୍ଥାରେ ରହିବାରୁ କ୍ଷୟପ୍ରାପ୍ତ ହୋଇଛି ।ପୂର୍ବକଚ୍ଛର ପ୍ରାଚୀନ ଲକ୍ଷ୍ମୀ ନୃସିଂହମନ୍ଦିର ବିଧର୍ମୀ କଳାପାହାଡ଼ ଆକ୍ରମଣ କରି ଭାଙ୍ଗିଦେଇଥିବାର ଜନଶ୍ରୁତି ରହିଛି । ହୁଏତ ସେହି ସମୟରେ ଦେବତାମାନଙ୍କ ବିଗ୍ରହ ସବୁକୁ ଆକ୍ରମଣରୁ ରକ୍ଷା କରିବା ନିମନ୍ତେ ବିଭିନ୍ନ ସ୍ଥାନରେ ଲୁଚାଇ ରଖାଯାଇଥିଲା ବୋଲି ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି ।ଏହାର ପ୍ରମାଣ ସଓ୍ୱରୂପ ଆଜି ମଧ ପୂର୍ବକଚ୍ଛ ଚନ୍ଦନ ପୋଖରୀ ମଧ୍ୟରେ ଲକ୍ଷ୍ମୀନୃସିଂହଙ୍କ ଏକ ବିଶାଳ କମନୀୟ ମୂର୍ତ୍ତି ବୁଡି ରହିଛନ୍ତି ବୋଲି ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି । କିଛି ବର୍ଷ ତଳେ ଚନ୍ଦନପୋଖରୀ ର ପାଣି ଶୁଖାଯାଇଥିବା ସମୟରେ ଏହି ମୂର୍ତ୍ତିଟି ଦୃଷ୍ଟିଗୋଚର ହୋଇଥିଲା । ଏହାହିଁ ପୂର୍ବକଚ୍ଛ ଲକ୍ଷ୍ମୀ ନୃସିଂହ ମନ୍ଦିରର ପ୍ରକୃତ ସର୍ବପୁରାତନ ବିଗ୍ରହ ହୋଇପାରେ ତଥା ମାଟିକୁଦରୁ ମିଳିଥିବା ବରାହ ମୂର୍ତ୍ତିଟି ସେହି ପୁରାତନ ମନ୍ଦିରର ପାଶ୍ୱର୍ଦେବତା ହୋଇପାରନ୍ତି ବୋଲି ସାଧାରଣ ରେ ଚର୍ଚ୍ଚା ।ଲୁଚି ରହିଥିବା ସେହି ପୁରାତନ ମୂର୍ତ୍ତି ମାନଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ଭାବେ ରଖାଗଲେ ଭବିଷ୍ୟତ ପିଢ଼ି ପୁରାତନ ସଂକୃତି, ସଭ୍ୟତା ବିଷୟରେ ସୂଚନା ପାଇ ପାରିବେ ।

# କାମ ବନ୍ଦ ଆନ୍ଦୋଳନ ଦାବୀ ମାନିନେଲେ କର୍ତ୍ତୃପକ୍ଷ

ବ୍ୟାସନଗର,(ସବ୍ୟୁ) : ଚୋରଦା ସ୍ଥିତ ରିଲିଆନ୍ସ ମାର୍ଟ ଅଧୀନରେ କାର୍ଯ୍ୟକରୁଥିବା ଭେଣ୍ଡର ଗ୍ରାବଇଣ୍ଡିଆ ଦ୍ୱାରା ୮୦ ରୁ ଉର୍ଦ୍ଧ୍ୱ ଡ଼େଲିଭରି କର୍ମଚାରୀ ପ୍ୟାକେଟ ପିଛା ୨୭ ଟଙ୍କା ପାଇଆସୁଥିବା ବେଳେ ଗତ ୧୦ ତାରିଖରୁ ଏହାକୁ ଦର ପରିବର୍ତ୍ତନ କରି ୧୫ ଟଙ୍କା କୁ ହ୍ରାସ କରିଥିବାରୁ ଅସନ୍ତୋଷ ଦେଖା ଦେଇଥିଲା । ଏହାକୁ ସମର୍ଥନ କରି ଯାଜପୁର ରୋଡ ଶିଳ୍ପଶ୍ରମିକ ସଂଘର ସଭାପତି ବିଦ୍ୟାଧର ମହାନ୍ତି ଶ୍ରମବିଭାଗ ଓ ସ୍ଥାନୀୟ ପୋଲିସ ଙ୍କ ଠାରେ ଅଭିଯୋଗ କରି ଆଜି ଶତାଧିକ କର୍ମଚାରୀ ମହଲ ଆଗରେ ପ୍ରତିବାଦ



କରିବାପରେ ଏହାକୁ ନେଇ ଉଚକର୍ତ୍ତୃପକ୍ଷ ପହଂଚି ଲିଖିତ ଭାବେ ଦେଇ ସମସ୍ତ କର୍ମଚାରୀ କାମରେ ଯୋଗ ଦେବା ସହିତ ପୂର୍ବରେଟ ଦେବାକୁ ସହମତ ପ୍ରକାଶ କରିଥିଲେ ଓ ଏହାର ସମାଧାନ କରିଥିଲେ,ମିଳିତ ଆଲୋଚନାରେ ଯାଜପୁର ରୋଡ ଆଇ, ଆଇ, ସି,ଆଶିଷ କୁମାର ସାହୁ, ସହ- ଶ୍ରମ ଅଧିକାରିଣୀ ସୁଶ୍ରୀ ସଂଗୀତା ସ୍ୱାଇ ଓ ଗ୍ରାବଇଣ୍ଡିଆ ଏରିଆ ମ୍ୟାନେଜର ରଜନିଷ ତ୍ରିପାଠୀଓ ଶ୍ରମିକ ନେତା ବିଜୟ କୁମାର ବାରିକ ପ୍ରମୁଖ ଆଲୋଚନାରେ ଉପସ୍ଥିତ ଥିଲେ ।

# ସମ୍ପାଦକୀୟ



## ଭାରତର କଷ୍ଟଲବ୍ଧ ସାଫଲ୍ୟ

ଗତ ମେ ୧୬ (୨୦୨୬)ରେ ନେଦରଲେଣ୍ଡ ଗସ୍ତରେ ଯାଇଥିବାବେଳେ ଭାରତୀୟ ବଂଶୋଦ୍ଭବ ତଥା ପ୍ରବାସୀ ଭାରତୀୟମାନଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ୨୦୧୪ରୁ ଭାରତ ତାହାର ସାଫଲ୍ୟ ପାଇଁ ସଂଗ୍ରାମ କରି ଆସିଛି ଏବଂ ସେହି କଷ୍ଟଲବ୍ଧ ସଫଳତା ପରେ ଭାରତ ଦେଖୁଛି ଯେ ନୂଆ ନୂଆ ଆହ୍ୱାନ ମଧ୍ୟରେ ସାରା ବିଶ୍ୱ ମଧ୍ୟ ତାହାର ସଂଗ୍ରାମ ଜାରି ରଖିଛି ।

ସେ କହିଲେ ଯେ ପ୍ରଥମେ କରୋନା ପରି ମହାମାରୀ ଆଉ ତା' ପରେ ଯୁଦ୍ଧର ଘନଘଟା ଆସିଲା । ଏବେ ସାରା ବିଶ୍ୱରେ ଶକ୍ତିର ସଙ୍କଟ ମୁଣ୍ଡ ଟେକି ଉଠିଛି । ଠିକ୍ ବାର ବର୍ଷ ତଳେ ମୋଦିଜୀ ଭାରତର ପ୍ରଧାନମନ୍ତ୍ରୀ ହୋଇଥିଲେ ଏବଂ ସେହି ଦିନରୁ ସେ ସତତ ଭାରତୀୟ ଓ ପ୍ରବାସୀ ଭାରତୀୟଙ୍କଠାରୁ ପ୍ରେରଣା ପାଇ ଆସି ଭାରତକୁ ଆଗକୁ ବଢାଇବା ଲାଗି ଉଦ୍ୟମ ଜାରି ରଖିଛନ୍ତି ବୋଲି ପ୍ରକାଶ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦିଜୀ ଭାବପ୍ରବଣ ହୋଇ ଏହା ପ୍ରକାଶ କରିବା ସହିତ ଭାରତର ବିକାଶ ପାଇଁ ସେ ଚିନ୍ତିତ ବୋଲି ମଧ୍ୟ ପ୍ରକାଶ କରିଥିଲେ ।

**ମୋଦିଜୀ ନେଦରଲେଣ୍ଡର ପ୍ରବାସୀ ଭାରତୀୟମାନଙ୍କୁ ବିପୁଳ ହର୍ଷ ଓ ଉଲ୍ଲାସ ଧ୍ୱନି ମଧ୍ୟରେ କହିଥିଲେ ଯେ ୨୦୧୪ରେ ବାର ବର୍ଷ ତଳେ ଯେଉଁ ସାଧାରଣ ନିର୍ବାଚନ ଲୋକସଭା ପାଇଁ ହୋଇଥିଲା, ତାହା ବିଜେପି ଦଳକୁ ପ୍ରଥମ ଥର ଲାଗି ଲୋକସଭାରେ ସଂଖ୍ୟା ଗରିଷ୍ଠ ଦଳରେ ପରିଣତ କରି ଏକ ସ୍ଥିର ଶାସନର ପରିଚୟ ପ୍ରଦାନ କରି ପାରିଥିଲା । ଅସ୍ଥିର ଓ ଅନିଶ୍ଚିତତାର ଶାସନରୁ ଭାରତ ମୁକ୍ତି ଲାଭ କରିଥିଲା । 'ସେହି ଦିନରୁ ଏ ଦିନ ଯାଏଁ ବାର ବର୍ଷ କାଳ ଭାରତର କୋଟି କୋଟି ଜନତା ମୋ ଉପରେ ବିଶ୍ୱାସ ଓ ଭରସା ରଖି ଆସିଛନ୍ତି ଏବଂ ସେମାନେ ମୋତେ କୌଣସି କଥାରେ ଅଟକାଇ ନାହାନ୍ତି ବା ହାଲିଆ ହେବାକୁ ଦେଇ ନାହାନ୍ତି' ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ।**

ମୋଦିଜୀ ନେଦରଲେଣ୍ଡର ପ୍ରବାସୀ ଭାରତୀୟମାନଙ୍କୁ ବିପୁଳ ହର୍ଷ ଓ ଉଲ୍ଲାସ ଧ୍ୱନି ମଧ୍ୟରେ କହିଥିଲେ ଯେ ୨୦୧୪ରେ ବାର ବର୍ଷ ତଳେ ଯେଉଁ ସାଧାରଣ ନିର୍ବାଚନ ଲୋକସଭା ପାଇଁ ହୋଇଥିଲା, ତାହା ବିଜେପି ଦଳକୁ ପ୍ରଥମ ଥର ଲାଗି ଲୋକସଭାରେ ସଂଖ୍ୟା ଗରିଷ୍ଠ ଦଳରେ ପରିଣତ କରି ଏକ ସ୍ଥିର ଶାସନର ପରିଚୟ ପ୍ରଦାନ କରି ପାରିଥିଲା । ଅସ୍ଥିର ଓ ଅନିଶ୍ଚିତତାର ଶାସନରୁ ଭାରତ ମୁକ୍ତି ଲାଭ କରିଥିଲା । 'ସେହି ଦିନରୁ ଏ ଦିନ ଯାଏଁ ବାର ବର୍ଷ କାଳ ଭାରତର କୋଟି କୋଟି ଜନତା ମୋ ଉପରେ ବିଶ୍ୱାସ ଓ ଭରସା ରଖି ଆସିଛନ୍ତି ଏବଂ ସେମାନେ ମୋତେ କୌଣସି କଥାରେ ଅଟକାଇ ନାହାନ୍ତି ବା ହାଲିଆ ହେବାକୁ ଦେଇ ନାହାନ୍ତି' ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ।

ସେ କହିଥିଲେ ଯେ ଭାରତ ଯେତିକି ପୁରାତନ, ସେତିକି ମଧ୍ୟ ଆଧୁନିକ । ତେଣୁ ପ୍ରବାସୀ ଭାରତୀୟମାନେ ନେଦରଲେଣ୍ଡରେ ରହି ମଧ୍ୟ ଭାରତ ସହିତ ଯୋଡି ହୋଇ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଦିଗରେ ସମସ୍ତେ ସହଯୋଗ କରିବାକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ନିବେଦନ କରିଥିଲେ ।

ଉଲ୍ଲେଖନୀୟ ଯେ ୧୯୪୭ରେ ଭାରତ ସ୍ୱାଧୀନତା ଲାଭ କରିବା ପରେ ଯେଉଁ ବୈଦେଶିକ ନୀତି ଭାରତରେ ପ୍ରଚଳିତ ଥିଲା, ପରବର୍ତ୍ତୀ ସମୟରେ ତାହାର ପ୍ରଭୂତ ପରିବର୍ତ୍ତନ ହୋଇଛି, ଏଥିରେ ସନ୍ଦେହ ନାହିଁ । ସ୍ୱାଧୀନତାର ଦୀର୍ଘ ୭୯ ବର୍ଷ ପରେ ଏବେ ଅନେକ କିଛି ନୀତିରେ ପରିବର୍ତ୍ତନ ଘଟିଥିବା ବେଳେ ଏବେ ବିଦେଶ ନୀତିରେ ପରିବର୍ତ୍ତନ ଘଟିବା ସ୍ୱାଭାବିକ । ୧୯୯୦ରେ ତତ୍କାଳୀନ ଭାରତର ପ୍ରଧାନମନ୍ତ୍ରୀ ନରସିଂହ ରାଓଙ୍କ ନିର୍ଦ୍ଦେଶରେ ତତ୍କାଳୀନ ଅର୍ଥମନ୍ତ୍ରୀ ମନମୋହନ ସିଂ ଭାରତର ଆର୍ଥିକ ନୀତିରେ ସଂସ୍କାର ଆଣିଥିଲେ । ତାହା ଅବଶ୍ୟ ଭଲ ଥିଲା । ମାତ୍ର ପ୍ରଥମେ ପଡୋଶୀ ରାଷ୍ଟ୍ରମାନଙ୍କ ସହିତ ସୁସମ୍ପର୍କ ସ୍ଥାପନ କରି ମୋଦିଜୀ ବିକାଶ ପ୍ରାପ୍ତ ରାଷ୍ଟ୍ରମାନଙ୍କ ସହିତ ନିବିଡ ସମ୍ପର୍କ ରଖି ବାଣିଜ୍ୟିକ ଓ ସାଂସ୍କୃତିକ କାର୍ଯ୍ୟ ଆରମ୍ଭ କରିଥିଲେ । ଦକ୍ଷିଣ ଏସିଆରେ ଶାନ୍ତି ସ୍ଥାପନ ପାଇଁ ଭାରତ ସବୁବେଳେ ଉଦ୍ୟମ କରି ଆସିଛି । ଏହା ମୋଦିଜୀଙ୍କ ନିର୍ଦ୍ଦେଶକ୍ରମେ ଯେ ସଫଳତା ଲାଭ କରିଛି, ଏଥିରେ ସନ୍ଦେହ ନାହିଁ ।

ନେଦରଲେଣ୍ଡର ପ୍ରଶାସନିକ ରାଜଧାନୀ ହେଗ୍‌ଠାରେ ପ୍ରବାସୀ ଭାରତୀୟମାନଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦି ଗୁରୁତ୍ୱାରୋପ କରି କହିଥିଲେ ଯେ ଭାରତ ଓ ନେଦେରଲେଣ୍ଡ ମଧ୍ୟରେ ଥିବା ବନ୍ଧନକୁ ସୁଦୃଢ଼ କରିବା ସହିତ ଏକ ବିଶ୍ୱସ୍ତ ଓ ସ୍ୱଚ୍ଛ ଭବିଷ୍ୟତ ନିର୍ମାଣ ପାଇଁ ତଥା ମାଲ ପରିବହନ କ୍ଷେତ୍ରରେ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ସୃଷ୍ଟି କରିବାକୁ ସେ ଉଦ୍ୟତ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

ଆଜିର ଅନୁଚିନ୍ତା :

## ଅସ୍ମିତାର ଅସ୍ତିତ୍ୱ ଭାଷା



ରତ୍ନାକର ରାଉତ

ଯେ କୌଣସି ଜାତିର ଅସ୍ମିତାର ଅସ୍ତିତ୍ୱ ଭାଷା ଦ୍ୱାରା ହିଁ ସୁରକ୍ଷିତ ହୋଇଥାଏ । ଓଡ଼ିଆ ଭାଷା ନ ରହିଲେ ଓଡ଼ିଆ ଜାତିର ଅସ୍ତିତ୍ୱ ହଜିଯିବ । ଯେତେବେଳେ ଓଡ଼ିଆ ଜାତିର ଅସ୍ତିତ୍ୱ ବିପଦରେ ରହିବ, ସେତେବେଳେ ଓଡ଼ିଆମାନଙ୍କର ଅସ୍ମିତାର ପ୍ରଶ୍ନ କେଉଁଠୁ ଉଠିବ? ଭାଷା ଦୁର୍ବଳ ହୋଇଗଲେ ଜାତି ଦୁର୍ବଳ ହୋଇଯିବା ସ୍ୱାଭାବିକ । ସେହି ସନ୍ଧିକ୍ଷଣରେ ଓଡ଼ିଆ ଜାତିର ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବ । ଜାତି ଯଦି ନ ରହିବ, ଆଉ କଣ ରହିବ ନିଜ ନିଜର ପରିଚିତି ଜାହିର କରିବାର ସବୁଠୁ ପ୍ରମୁଖ ଓ ଗୁରୁତ୍ୱପୂର୍ଣ୍ଣ ଆଧାର । ସେଥିପାଇଁ ସ୍ୱଭାବ କବି ଗଙ୍ଗାଧର ମେହେର କହିଥିଲେ, 'ମାତୃଭୂମି ମାତୃଭାଷାରେ ମମତା/ ଯା ହୃଦେ ଜନମି ନାହିଁ/ ତାକୁ ଯଦି ଜ୍ଞାନୀ ଗଣରେ ଗଣିବା/ ଅଜ୍ଞାନ ରହିବେ କାହିଁ?

ସେଥିନିମନ୍ତେ ପ୍ରତ୍ୟେକ ଭାଷାଭାଷୀ ଲୋକେ ସଂପ୍ରତି ସେମାନଙ୍କ ମାତୃଭାଷାର କେବଳ ବ୍ୟାପକ ପ୍ରଚାର ପ୍ରସାର ନୁହେଁ ବରଂ ନିଜ ନିଜ ମାତୃଭାଷାର ସମୃଦ୍ଧି ଓ ସୁରକ୍ଷା ପାଇଁ ସତତ ଚେଷ୍ଟିତ । ବିଂଶ ଶତାବ୍ଦୀର ଶେଷ ଭାଗ ଓ ଏକବିଂଶ ଶତାବ୍ଦୀର ଚଳିତ ଦଶନ୍ଧି ପର୍ଯ୍ୟନ୍ତ ଦେଖାଯାଇଛି, ବୈଷୟିକ ଜ୍ଞାନ କୌଶଳର ବ୍ୟାପକ ପ୍ରଭାବ ସମଗ୍ର ଜନଜୀବନକୁ ପ୍ରଭାବିତ କରିଛି । ଦକ୍ଷତାର ବିକାଶ, ବୃତ୍ତିଗତ ଶିକ୍ଷାର ଚାହିଦା, ଜଗତିକରଣ, ସାମାଜିକ ଗଣ ମାଧ୍ୟମର ବ୍ୟାପକତା, ବିଶ୍ୱାୟନ, ଉଦାରବାଦୀ ଅର୍ଥନୀତି, ଇଣ୍ଟରନେଟର ଆଧିପତ୍ୟ, କୃତ୍ରିମ ବୁଦ୍ଧିମତ୍ତାର ପ୍ରସାର, ଯାନ୍ତ୍ରିକକରଣ ଆଦି ମଣିଷ ଜୀବନର ଗତିଶୀଳତାକୁ ଦ୍ରୁତତର କରିଛି, ଯାହା ଫଳରେ ନିଜ ପରିବାର ଓ ସମାଜ ଛଡ଼ା ବାହାର ଦୁନିଆର ପ୍ରଭାବ ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ସମୟରେ ସବୁଠାରୁ ଅଧିକ ଆହ୍ୱାନର ସମ୍ମୁଖୀନ ହେଉଛି ଆଞ୍ଚଳିକ ଭାଷା । କାରଣ ବୃତ୍ତିଗତ ସଫଳତା ପାଇଁ ଇଂରାଜୀ ଭାଷାରେ ଦକ୍ଷ ହେବା ଏବେ ନିହାତି ଜରୁରୀ ହୋଇପଡ଼ିଛି । ଏହା ବ୍ୟତିରେକ, ବୃତ୍ତିର ଦାୟରେ ଯେଉଁ ଅଞ୍ଚଳରେ ଜଣେ କାର୍ଯ୍ୟନିର୍ବାହ କରୁଛି, ତାକୁ ସେହି ଅଞ୍ଚଳର ଭାଷାକୁ ଆୟତ୍ତ କରିବାକୁ ପଡୁଛି ।

ଫଳତଃ ନିଜର ମାତୃଭାଷା ବିଭିନ୍ନ ଭାଷା ଦ୍ୱାରା ପ୍ରଭାବିତ ହେବା ସ୍ୱାଭାବିକ । ପରିବର୍ତ୍ତନଶୀଳ ଦୁନିଆରେ ଭାଷା ମଧ୍ୟ ବିବର୍ତ୍ତନ ମଧ୍ୟଦେଇ ଗତି କରୁଛି । ତେଣୁ ଗୋଟେ ଗୋଟେ ପ୍ରତିଷ୍ଠିତ ଭାଷାର ଅନେକ ଉପଭାଷା ଏବଂ କଥିତ ଭାଷା ସୃଷ୍ଟି ହୋଇଯାଉଛି ଆପେ ଆପେ କାଳକ୍ରମେ । ତେଣୁ ପରିବର୍ତ୍ତିତ ପରିସ୍ଥିତିରେ ଭାଷାକୁ ସୁରକ୍ଷା ଓ ସମୃଦ୍ଧ କରିବାକୁ ହେଲେ ରକ୍ଷଣଶୀଳ ନ ହୋଇ ଉଦାର ଚିତ୍ତରେ ଅନ୍ୟ ଭାଷାର ଶବ୍ଦମାନଙ୍କୁ ଆହରଣ କରିବା ଜରୁରୀ । ପରିବେଶ ଓ ପରିସ୍ଥିତିକୁ ଅନୁଧ୍ୟାନ କରି, ସମାଜରେ ନାନାଦି ପରିବର୍ତ୍ତନକୁ ନଜର ଅନ୍ଦାଜ ନ କରି, ଯେଉଁ ପଦକ୍ଷେପ ନେଲେ ଭାଷା ଗ୍ରହଣୀୟ ହେବ, ସେହିସବୁ ଗଠନମୂଳକ ପଦକ୍ଷେପ ନେବା ଦରକାର ।

ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସର୍ବପ୍ରଥମେ ୧୯୩୬ ମସିହା ଅପ୍ରେଲ ପହିଲାରେ ପ୍ରଥମ ଭାଷାଭିତ୍ତିକ ପ୍ରଦେଶ ବା ରାଜ୍ୟ ଭାବେ ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା । ପରେ ପରେ ଅନ୍ୟ ରାଜ୍ୟ ସବୁ ଗଠନ ହେଲା । ପ୍ରାଚୀନ ଭାଷା ଓ ସାହିତ୍ୟର ସମ୍ଭାରକୁ ବିଚାରକୁ ନେଇ ଓଡ଼ିଆ ଭାଷା ସାହିତ୍ୟ ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି । ମାତ୍ର ପରିତାପର ବିଷୟ ହେଉଛି, ବିଭିନ୍ନ କାରଣରୁ ଓଡ଼ିଆ ଭାଷା ଯୁବଗୋଷ୍ଠୀଙ୍କୁ ଆକୃଷ୍ଟ କରିପାରୁନି । ଏହାର ଅନେକ କାରଣ ମଧ୍ୟରୁ ମୁଖ୍ୟ କାରଣଗୁଡ଼ିକ ହେଉଛି, ଇଂରାଜୀ ମିଡିଅମ୍ ସ୍କୁଲଗୁଡ଼ିକର ଅନିୟନ୍ତ୍ରିତ ପ୍ରତିଷ୍ଠା, ସେହି ବିଦ୍ୟାଳୟଗୁଡ଼ିକରେ ବାଧ୍ୟତାମୂଳକ ଓଡ଼ିଆ ଭାଷା ସାହିତ୍ୟ ପ୍ରଚଳନ ନିମନ୍ତେ ବିମୁଖତା ଓ ସର୍ବୋପରି ଯୁବଗୋଷ୍ଠୀଙ୍କୁ ଆକୃଷ୍ଟ କଲାଭଳି ଭାଷାଭିତ୍ତିକ କାର୍ଯ୍ୟକ୍ରମର ଅଭାବ ।

ଏହି ପ୍ରସଙ୍ଗରେ ଅନୁଶୀଳନ କରିବା ସମୟରେ ମନକୁ ଆନ୍ଦୋଳିତ କରୁଛି ଏବେ ଚାଲିଥିବା ଟାଟା ଆଇ. ପି. ଏଲ୍. (TATA IPL) ର କ୍ରିକେଟ୍ ମ୍ୟାଚ୍ ଓ ପ୍ରସାରିତ ହେଉଥିବା ସେହି ଖେଳଗୁଡ଼ିକର ଧାରା ବିବରଣୀ । କହିବାର ତାତ୍ପର୍ଯ୍ୟ ହେଉଛି, ପ୍ରାୟତଃ ଯୁବଗୋଷ୍ଠୀ କ୍ରିକେଟ ଖେଳ ସହିତ ଓତପ୍ରୋତ ଭାବେ ଜଡ଼ିତ । ଏପରିକି ସବୁ କାମ ଛାଡ଼ି ସେମାନେ କ୍ରିକେଟର ପ୍ରତ୍ୟେକ ମ୍ୟାଚ୍ ଦେଖୁଛନ୍ତି ଏବଂ ସେ ସଂପର୍କରେ ଆଲୋଚନା ମଧ୍ୟ କରୁଛନ୍ତି । ତେଣୁ ଯୁବଗୋଷ୍ଠୀଙ୍କୁ ଆକୃଷ୍ଟ କରିବା ପାଇଁ ଇଂରାଜୀ ଓ ହିନ୍ଦୀ ଭାଷା ସହିତ ବିଭିନ୍ନ ଆଞ୍ଚଳିକ ଭାଷାରେ ଧାରା ବିବରଣୀ ପ୍ରସାରିତ ହେଉଛି । ବଂଗଳା, ତେଲଗୁ, ତାମିଲ, ଭୋଜପୁରୀ, ହରିଆଣଭି, ପଞ୍ଜାବୀ, ମୈଥିଳୀ ଆଦି ବିଭିନ୍ନ ଭାଷାରେ କ୍ରିକେଟ ଖେଳର ଧାରାବିବରଣୀ ପ୍ରସାରଣ କରାଯାଉଛି । ଜିଓ ହଟଷ୍ଟାର୍ ଯିଏ ଖେଳ ପ୍ରସାରଣର ସତ୍ତ୍ୱାଧିକାରୀ, ସେହି ସଂସ୍ଥା ଏସବୁ ଆଞ୍ଚଳିକ ଭାଷାରେ ଖେଳର ବିବରଣୀ ପ୍ରସାର କରିବାର ବ୍ୟବସ୍ଥା କରିଛନ୍ତି ।

**କିନ୍ତୁ ଶାସ୍ତ୍ରୀୟ ମାନ୍ୟତା ଲାଭ କରିଥିବା ଓଡ଼ିଆ ଭାଷାରେ ଏ ବ୍ୟବସ୍ଥା ନାହିଁ । ଦୁଃଖର କଥା କ୍ରିକେଟ କମେଣ୍ଟ୍ରି ଯାହା ଯୁବ ପିଢ଼ିକୁ ବେଶୀ ଆକୃଷ୍ଟ କରୁଛି, ତାହା ଅନ୍ୟ ଭାଷାରେ ଥିଲାବେଳେ, ଓଡ଼ିଆ ଭାଷାରେ କାହିଁକି ନାହିଁ? ବର୍ତ୍ତମାନ ଭାରତରେ କ୍ରିକେଟ କେବଳ ଖେଳ ନୁହେଁ, ଏହା ଯୁବ ପିଢ଼ିର ପ୍ରତିଦିନର ଉତ୍କଣ୍ଠା, ଆବେଗ, ସ୍ପନ୍ଦନ ଓ ଭାବପ୍ରବଣତା ସହିତ ଜଡ଼ିତ । ସପ୍ତାହର ପ୍ରତ୍ୟେକ ଦିନ ପାଖାପାଖି ୪ ଘଣ୍ଟା ଏହି ଆଇ. ପି. ଏଲ୍. ମ୍ୟାଚ୍( ଶନିବାର ଓ ରବିବାର ପ୍ରାୟ ୮ ଘଣ୍ଟା) ଖେଳା ଯାଉଛି । କେବଳ ସେତିକି ନୁହେଁ, ଏହି ଖେଳକୁ ନେଇ କେତେକେତେ ରିଲ୍ସ, ମିମ୍ସ, ଏପରି କେତେ କଣ ତିଆରି ହୋଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟିଂ ହେଉଛି, ସେସବୁ ମୁଖ୍ୟତଃ କମେଣ୍ଟ୍ରିର ଭାଷା ଉପରେ ନିର୍ଭରଶୀଳ ।**

କିନ୍ତୁ ଶାସ୍ତ୍ରୀୟ ମାନ୍ୟତା ଲାଭ କରିଥିବା ଓଡ଼ିଆ ଭାଷାରେ ଏ ବ୍ୟବସ୍ଥା ନାହିଁ । ଦୁଃଖର କଥା କ୍ରିକେଟ କମେଣ୍ଟ୍ରି ଯାହା ଯୁବ ପିଢ଼ିକୁ ବେଶୀ ଆକୃଷ୍ଟ କରୁଛି, ତାହା ଅନ୍ୟ ଭାଷାରେ ଥିଲାବେଳେ, ଓଡ଼ିଆ ଭାଷାରେ କାହିଁକି ନାହିଁ? ବର୍ତ୍ତମାନ ଭାରତରେ କ୍ରିକେଟ କେବଳ ଖେଳ ନୁହେଁ, ଏହା ଯୁବ ପିଢ଼ିର ପ୍ରତିଦିନର ଉତ୍କଣ୍ଠା, ଆବେଗ, ସ୍ପନ୍ଦନ ଓ ଭାବପ୍ରବଣତା ସହିତ ଜଡ଼ିତ । ସପ୍ତାହର ପ୍ରତ୍ୟେକ ଦିନ ପାଖାପାଖି ୪ ଘଣ୍ଟା ଏହି ଆଇ. ପି. ଏଲ୍. ମ୍ୟାଚ୍( ଶନିବାର ଓ ରବିବାର ପ୍ରାୟ ୮ ଘଣ୍ଟା) ଖେଳା ଯାଉଛି । କେବଳ ସେତିକି ନୁହେଁ, ଏହି ଖେଳକୁ ନେଇ କେତେକେତେ ରିଲ୍ସ, ମିମ୍ସ, ଏପରି କେତେ କଣ ତିଆରି ହୋଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟିଂ ହେଉଛି, ସେସବୁ ମୁଖ୍ୟତଃ କମେଣ୍ଟ୍ରିର ଭାଷା ଉପରେ ନିର୍ଭରଶୀଳ । ଆମ ଯୁବଗୋଷ୍ଠୀ ଶିଖୁଛନ୍ତି, Has gone big! That's massive! Out of the park(ଇଂରାଜୀ) । ୟେ ଗୟା ବାଉଣ୍ଡରି କେ ବାହାର । ( ହିନ୍ଦୀ) । ୧୪/୧୫ ବର୍ଷର ପିଲା Yorker, Slog over, Finisher ଜାଣେ, କିନ୍ତୁ ମିଡିଅମ୍ ପେସ୍, ଛକା, ଅଲରାଉଣ୍ଡର ଓଡ଼ିଆରେ କେମିତି କହିବ ଜାଣେନି ।

ଏହାର ପ୍ରଭାବରେ ଭାଷା ଧୀରେ ଧୀରେ ମରିବା ଦିଗରେ ଅଗ୍ରସର ହେବ । ଏହାର କାରଣ ହେଉଛି:୧- ଶବ୍ଦ ଭଣ୍ଡାର ହଜିବା:- କ୍ରିକେଟରୁ ପ୍ରତିଦିନ ୫୦ଟା ନୂଆ ଶବ୍ଦ ଯୁବପିଢ଼ି ଶିଖେ । ଓଡ଼ିଆରେ କମେଣ୍ଟ୍ରି ନ ରହିଲେ, ଓଡ଼ିଆ ଶବ୍ଦ ଭଣ୍ଡାର ୫୦ଟା ଶବ୍ଦ ପ୍ରତିଦିନ ହରେଇବ । ୨- ଆଶା ଆକାଂକ୍ଷାର ଭାଷା ବଦଳିଯିବା:- ପିଲାଟିଏ ଧୋନି ଭଳି Cool ହେବାକୁ ଚାହେଁ, କିନ୍ତୁ ଏହି ପ୍ରକ୍ରିୟାରେ ଶାନ୍ତ ଶବ୍ଦ ପାସୋରି ଯାଏ । କାରଣ କୁଲ ହେବାର ଭାଷା ସେ ଇଂରାଜୀ କିମ୍ବା ହିନ୍ଦୀରେ ଶୁଣୁଛି । ୩- ହୀରୋ ବନିବାର ଭାଷା ବଦଳିଯିବା:- କମେଣ୍ଟ୍ରିରେ ଯାହା ବିଷୟରେ କୁହାଯାଏ ଏବଂ ଯାହା କଥା ବାରମ୍ବାର ଶୁଣାଯାଏ, ସେ ହିଁ ହୀରୋ । ଓଡ଼ିଆ କମେଣ୍ଟ୍ରି ନ ହେଲେ, ଓଡ଼ିଆ ପିଲା କେବେ ଭାବିବ ନାହିଁ, ମୁଁ ମଧ୍ୟ କୋହଲି ଭଳି ହୋଇପାରିବି, ଓଡ଼ିଆ କହିବି, ଓଡ଼ିଆ ଜାତିକୁ ଗୌରବାନ୍ୱିତ କରିବି । ଏହାର ତାତ୍ପର୍ଯ୍ୟ ହେଉଛି, ଯେଉଁ ଭାଷାରେ ସ୍ୱପ୍ନର କମେଣ୍ଟ୍ରି ହୁଏନି, ସେ ଭାଷାରେ ପିଲା ସ୍ୱପ୍ନ ଦେଖେନି । ତେଣୁ ସ୍ୱପ୍ନ ଦେଖିବାକୁ ହେଲେ, ସେହି ଭାଷାରେ ତାଙ୍କ ମନ ଯାହା ଚାହୁଁଛି ସେହି କଥା ବାରମ୍ବାର ଶୁଣେଇବାକୁ ପଡ଼ିବ ।

ଓଡ଼ିଆ ଭାଷାରେ କ୍ରିକେଟ କମେଣ୍ଟ୍ରି ନ ହେବାର ମୁଖ୍ୟତଃ ନିମ୍ନଲିଖିତ ତିନୋଟି କାରଣ ହୋଇପାରେ: ୧- ବଜାର ମିଥ୍ :- ଚ୍ୟାନେଲ ଭାବେ ଓଡ଼ିଆରେ ଦେଖିବ କିଏ? ଟି. ଆର୍. ପି. (TRP) ମିଳିବନି । ଯଦିଓ ଭୋଜପୁରୀ, ମୈଥିଳୀରେ କମେଣ୍ଟ୍ରି ଆରମ୍ଭ ହୋଇଗଲାଣି ଏବଂ ସେଥିରେ ଟି. ଆର୍.ପି.ର ସମସ୍ୟା ନାହିଁ । ୨- ଦକ୍ଷତା ଗ୍ୟାପ୍:-ଓଡ଼ିଆରେ ଫାଷ୍ଟ, ମଜାଦାର, ଯୁବ- ଭାଷାରେ କହିପାରୁଥିବା କମେଣ୍ଟେଟର ତିଆରି କରିବା ନିହାତି ଆବଶ୍ୟକ । ବୋଲର ଜଣକ ବଲ ପକାଇଲେ, ବ୍ୟାଟର ଜଣକ ମାରିଲେ ସ୍ୱରରେ ଧାରା ବିବରଣୀ ପ୍ରସାରଣ କଲେ ତାହା କେହି ଶୁଣିବାକୁ ପସନ୍ଦ କରିବେ ନାହିଁ । କମେଣ୍ଟ୍ରିରେ କୌତୁହଳ ଓ ଉଦ୍ଦୀପନା ସୃଷ୍ଟି ହେଲେ ଅଧିକରୁ ଅଧିକ ଯୁବପିଢ଼ି ତାହାକୁ ଶୁଣିବାକୁ ଆକୃଷ୍ଟ ହେବେ । ୩- ଷ୍ଟାର ସ୍ପୋର୍ଟସ୍ ଓ ଜିଓ ହଟଷ୍ଟାର ସହିତ ଓଡ଼ିଆ ଭାଷାରେ ପ୍ରଚାର ପ୍ରସାର କରିବା ନିମନ୍ତେ ଅନୁବନ୍ଧିତ ହେବା ଦରକାର । ଏଥିପାଇଁ ଓଡ଼ିଶା ତରଫରୁ ଦାବି ହେବା ଜରୁରୀ । ଏହା ଓଡ଼ିଶା କ୍ରିକେଟ ଆସୋସିଏସନ ଓ ରାଜ୍ୟ ସରକାର ହିଁ କରିପାରିବେ ।

ଆପାତତଃ ଏହି ସବୁ ଆହ୍ୱାନର ସମ୍ମୁଖୀନ ହେବାକୁ ହେଲେ ସମ୍ଭାବିତ ସମାଧାନର ବାଟ ବାହାର କରିବାକୁ ପଡ଼ିବ । ପ୍ରଥମତଃ ଫ୍ୟାନ୍ କମେଣ୍ଟ୍ରି ପାଇଁ ଯୁବପିଢ଼ିଙ୍କୁ ପ୍ରୋତ୍ସାହିତ କରି କିଭଳି ୟୁଟ୍ୟୁବ, ଇନଷ୍ଟାଗ୍ରାମରେ ଆଇ. ପି. ଏଲ୍. ମ୍ୟାଚକୁ ଲାଇଭ୍ ଓଡ଼ିଆ କମେଣ୍ଟ୍ରି କରିବେ ସେଥିପାଇଁ ମୋବାଇଲ୍, ମାଇକ୍, ଜୋସର ବନ୍ଦୋବସ୍ତ କରି ଉତ୍ସାହୀ ଯୁବପିଢ଼ିଙ୍କୁ ପ୍ରଶିକ୍ଷିତ କରିବାର ବ୍ୟବସ୍ଥା ହେଉ । ଅନ୍ୟାନ୍ୟ ଆଞ୍ଚଳିକ ଭାଷାରେ ଏହାକରି ଲକ୍ଷ ଲକ୍ଷ ଭ୍ୟୁ ଓ କମେଣ୍ଟ କ୍ରିଏଟରମାନେ ପାଇ ପାରୁଛନ୍ତି । କ୍ରିକେଟ ସହିତ ଜଡ଼ିତ ଅଧିକରୁ ଅଧିକ ଆବଶ୍ୟକୀୟ ଶବ୍ଦକୁ ଓଡ଼ିଆ ଭାଷାରେ ଆହରଣ କରି ତାହାକୁ ଲୋକପ୍ରିୟ ଓ ଗ୍ରହଣୀୟ କରିବାର ଆବଶ୍ୟକତା ମଧ୍ୟ ଅଛି । ଓଡ଼ିଶା କ୍ରିକେଟ ଆସୋସିଏସନ ସବୁ ଘରୋଇ ମ୍ୟାଚ୍ - ଓଡ଼ିଶା ପ୍ରିମିୟର ଲିଗ୍, ରଣଜୀ ମ୍ୟାଚ୍ ଗୁଡ଼ିକର ଓଡ଼ିଆ କମେଣ୍ଟ୍ରି ଲାଇଭ୍ ୟୁ ଟ୍ୟୁବରେ ପ୍ରସାରଣ କରୁ । ଖର୍ଚ୍ଚ ଯାହା ହେଲେ ମଧ୍ୟ ଏ ପ୍ରସାରଣ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ପାଖାପାଖି ଏକ କୋଟି ଓଡ଼ିଆ ଯୁବଗୋଷ୍ଠୀ ଓଡ଼ିଆ ଭାଷାରେ ଶୁଣିବେ । ଏହାଛଡ଼ା କମେଣ୍ଟେଟର ହଣ୍ଟର ଆରମ୍ଭ ହେଉ ଅର୍ଥାତ୍ ଧାରା ବିବରଣୀ ଦେବା ନିମନ୍ତେ ଦକ୍ଷତା ଚୟନ କରାଯାଉ । କଲେଜମାନଙ୍କରେ ଓଡ଼ିଆ କ୍ରିକେଟ କମେଣ୍ଟ୍ରି ପ୍ରତିଯୋଗିତା ଆୟୋଜନ କରି ଯେଉଁମାନେ (ପାଖାପାଖି ୫୦ ଜଣ) ସଫଳ ହେବେ ସେମାନଙ୍କୁ ପ୍ରୋତ୍ସାହନ ରାଶି ସହ ଷ୍ଟାର ସ୍ପୋର୍ଟସ୍ ଏବଂ ଜିଓ ହଟଷ୍ଟାର ସହ ଇଣ୍ଟର୍ଣ୍ଣସିପ୍ ପାଇଁ ଅନୁବନ୍ଧିତ କରାଗଲେ, ହର୍ଷ ଭୋଗଲେ, ରବି ଶାସ୍ତ୍ରୀ, ନବଜିତ୍ ସିଂ ସିଦ୍ଧୁଙ୍କ ଭଳି ଓଡ଼ିଆ ଭଏସ୍ ତିଆରି ହୋଇ ପାରିବେ । ଏହି ପ୍ରକ୍ରିୟାରେ ମଧ୍ୟ କିଛି ଯୁବଗୋଷ୍ଠୀ ସଫଳ ରୋଜଗାରର ପନ୍ଥା ପାଇବେ ।

ଏତଦ୍‌ବ୍ୟତୀତ ରାଜ୍ୟ ସରକାର ଏକ ନୀତିଗତ ନିଷ୍ପତ୍ତି ନେଇ ଓଡ଼ିଶାରେ ହେଉଥିବା ସବୁ ଆନ୍ତର୍ଜାତୀୟ ମ୍ୟାଚର ଟିଭି ରାଇଟ୍ସରେ ସର୍ତ୍ତ ମୁତାବକ ଓଡ଼ିଆ କମେଣ୍ଟ୍ରି ପ୍ରସାରଣ ଚାହିଁଲେ ବାଧ୍ୟତାମୂଳକ କରିପାରିବେ । ତାମିଲନାଡୁ ଏମିତି କରି ତାମିଲ ଭାଷାରେ କମେଣ୍ଟ୍ରିର ବ୍ୟବସ୍ଥା କରିପାରିଛି । ମନେରଖିବାକୁ ହେବ, ସାଂପ୍ରତିକ ସମୟରେ ଯେଉଁ ଭାଷାରେ ପିଲାମାନେ ଖେଳ ଦେଖନ୍ତି, ପ୍ରେମ କରନ୍ତି, ଗାଳି ଦିଅନ୍ତି ଓ ନିଜ ନିଜ ଭିତରେ ନିୟମିତ ବାର୍ତ୍ତାଳାପ କରନ୍ତି, ସେ ଭାଷା କେବେ ମରେନି ବରଂ ପିଢ଼ିରୁ ପିଢ଼ି ବଢ଼ିଚାଲେ ଏବଂ ବେଳକୁ ବେଳ ସମୃଦ୍ଧ ହୁଏ ।

ଆଜି ସେମିତି ଦେଖିଲେ ଓଡ଼ିଶାର ଯୁବପିଢ଼ି ପ୍ରେମ ହିନ୍ଦୀ ଭାଷାରେ, ଗାଳି ଇଂରାଜୀରେ, ଖେଳ ଇଂରାଜୀ- ହିନ୍ଦୀରେ ଦେଖୁଛି ଏବଂ ସହରାଞ୍ଚଳରେ ଯୁବପିଢ଼ି ହିନ୍ଦୀ ଓ ଇଂରାଜୀରେ ପରସ୍ପର ମଧ୍ୟରେ ବାର୍ତ୍ତାଳାପ କରୁଛନ୍ତି । ଓଡ଼ିଆ ଭାଷା କେବଳ ନିଜ ଘରେ କହୁଛନ୍ତି ଏବଂ ପରୀକ୍ଷାରେ ଲେଖୁଛନ୍ତି । ପରୀକ୍ଷାରେ ଲେଖୁଥିବା ଭାଷା ସବୁବେଳେ କେବେ ମାତୃଭାଷା ହୋଇ ନ ଥାଏ । ଏହା କୌଣସି ଅଭିଯୋଗ ନୁହେଁ । ମନେରଖିବାକୁ ହେବ ଏହା ଆଗକୁ ଆସୁଥିବା ଆହ୍ୱାନ ସଂପର୍କରେ ଆଲାର୍ମ ବେଲ୍ ।

ଏହି ସତର୍କବାଣୀ ନ ଶୁଣି ଯଦି ଅଣଦେଖା କରାଯାଏ, ତେବେ ଏହା ନିଶ୍ଚିତ ଦଶ କୋଡ଼ିଏ ବର୍ଷ ଭିତରେ ଓଡ଼ିଆ ଜାତିର ଅସ୍ତିତ୍ୱ ଶୀର୍ଷକ ନିବନ୍ଧ ଲେଖିବା ପାଇଁ ଗୁଗୁଲ ଟ୍ରାନ୍ସଲେଟରର ସହାୟତା ନେବାକୁ ପଡ଼ିବ । ଅତଏବ, ବେଳହୁଁ ସାବଧାନ ହୋଇ ଆସୁଥିବା ଆହ୍ୱାନର ନିରାକରଣ ନିମନ୍ତେ ବ୍ୟବସ୍ଥା କରିବା ନିହାତି ଜରୁରୀ ହେଉଛି ଆଜିର ପ୍ରାଥମିକତା । ଆସନ୍ତୁ କବିବର ସ୍ୱଭାବ କବତ ଗଙ୍ଗାଧର ମେହେରଙ୍କ ସେହି ଉଦାତ୍ତ ଆହ୍ୱାନ ସହ ଏ ଆଲେଖ୍ୟର ପରିସମାପ୍ତି କରିବା, 'ଉଚ୍ଚ ହେବା ପାଇଁ କର ଯେବେ ଆଶା/ ଉଚ୍ଚ କର ଆଗେ ନିଜ ମାତୃଭାଷା' ।

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ଅବସରପ୍ରାପ୍ତ ଅଧିକାରୀ ଓ ସୁଲେଖକ)**
**ପ୍ଲଟ ନମ୍ବର -୭୬୭(ପାର୍ଟ)ଜୟଦୁର୍ଗା ନଗର,ଭୁବନେଶ୍ୱର,ପିନ୍-୭୫୧୦୦୬,**
**ମୋ- ୯୪୩୭୩୮୨୨୮୧**

## ଅଜ୍ଞାତର ଆକର୍ଷଣ



ଦିଲୀପ ରାଜ ବେହେରା

ଜୀବନ ଏକ ଦୁର୍ବାର ଜୟଯାତ୍ରାର ଆହ୍ୱାନ । ମାନବ ସଭ୍ୟତା ଏହି ଯୁଦ୍ଧ ଖୋର ପ୍ରବୃତ୍ତି ନେଇ, ଆହ୍ୱାନ ଓ ପ୍ରତିଆହ୍ୱାନର ମୁକାବିଲା କରିବା ସହିତ ବିକଶିତ ହୋଇଛି । ଜଟିଳ ଓ କଠିନ ପରିସ୍ଥିତିର ସମ୍ମୁଖୀନ ହୋଇ ବିଜୟ ହାସଲ କରିବା ପରେ ମିଳୁଥିବା ଆନନ୍ଦ ଓ ଉଲ୍ଲାସର ସ୍ୱାଦ ଅଲଗା ପ୍ରକାର ହୋଇଥାଏ ।

ଅସମ୍ଭବକୁ ସମ୍ଭବ କରିବା ପାଇଁ ଏହି ପ୍ରଚେଷ୍ଟା । ଅଜଣାକୁ ଜାଣିବା ପାଇଁ ଅଦମ୍ୟ ଉତ୍ସୁକତା ।

ନୂଆ ଆବିଷ୍କାର, ଉଦ୍ଭାବନ, ସୃଜନ ଓ ନିର୍ମାଣ ପାଇଁ ଅନୁପ୍ରେରଣା ସେହି ଅଜ୍ଞାତରୁ ଆସିଥାଏ । କଳ୍ପନାତୀତ, ବ୍ୟାଖ୍ୟାହୀନ, ଦୁର୍ବୋଧ୍ୟ ଜଗତ ସନ୍ଧାନରେ ଆମେ ବ୍ରତୀ । ଏହାହିଁ ବୁଦ୍ଧତ୍ୱର ଅନ୍ୱେଷଣ ।

ଶୂନ୍ୟତା ନେଇ ଗବେଷଣା, କାମନା ରହିତ ସାଧନା ଏବଂ ନିର୍ବିଚାର ଧ୍ୟାନ । ଆମ ଜୀବନର କ୍ରମବିକାଶ ଧାରାରେ ଏହି ନବୀନ ପ୍ରତି, ଅଜ୍ଞାତ ପ୍ରତି, କାଳ୍ପନାର ଅସରନ୍ତି ସମ୍ଭାବନା ପ୍ରତି ଆକର୍ଷଣ ରହିଛି । ଅନ୍ତର ମନର ମୂଳ ଉତ୍ସରେ, ବ୍ରହ୍ମ ପିଣ୍ଡରେ, ଆତ୍ମାରେ ସେହି ଅନୁପ୍ରେରଣା ସଦା ଗୁଞ୍ଜରିତ ହୋଇଛି ।

ଆମେ କିଏ ! ଏ ସଂସାର, ଏହି ଜଗତ କଣ ପାଇଁ ! ଜୀବନ ମୃତ୍ୟୁର ଏ ନାଟକ କାହିଁକି ! ମହା ଜାଗତିକ ଚେତନାର ଦିଗ୍‌ବଳୟ ସେପାରିରେ ଆଉ କିଛି ଅଛି କି ? ଆମ ଉତ୍ସୁକତାର ଅନ୍ତ ନାହିଁ, ଜାଣିବା ଇଚ୍ଛାର ଶେଷ ନାହିଁ ! ଯେଉଁଠି ରାସ୍ତା ସରି ଯାଇଛି, ନା ଭୂମି, ନା ଜଳ, ନା ଅଗ୍ନି, ନା ଆକାଶ ଆମେ ସେହି ଅଜ୍ଞାତରେ ଲମ୍ଫ ଦେବା ପାଇଁ ଉଦ୍ୟତ ହେବା ।

ଏହାହିଁ ଆତ୍ମଜ୍ଞାନ ଉପଲବ୍ଧି ପାଇଁ ଜିଜ୍ଞାସା, ବ୍ରହ୍ମଜ୍ଞାନ ପାଇଁ ଆଗ୍ରହ, ଈଶ୍ୱରଙ୍କୁ ଜାଣିବା ପାଇଁ ସଙ୍କଳ୍ପ । ତେବେ ଏକାକୀ ଚାଲିବାକୁ ହୁଏ ଏହି ପଥରେ, ଏହି ଅସରନ୍ତି ରାସ୍ତାରେ । ଲକ୍ଷ୍ୟ ହୀନ, ଉଦ୍ଦେଶ୍ୟ ହୀନ, ଅନନ୍ତ, ଅସୀମ ଯାତ୍ରାର ପଥିକ ଆମେ ଛ ଅଜ୍ଞାତ ଆମ ଗନ୍ତବ୍ୟ ସ୍ଥଳ ।

ଏହି ବିଶ୍ୱ ଅସୀମ ରହସ୍ୟର ଏକ ଅଜ୍ଞାତ ଦୁନିଆ । ଯାହା ଆମେ ଦେଖୁଛୁଁ, ଜାଣୁଛୁଁ ଏବଂ ବୁଝୁଛୁଁ, ତାହା କେବଳ ଅସୀମ ସତ୍ୟର ଅତି କ୍ଷୁଦ୍ର ଅଂଶ ।

ମନୁଷ୍ୟର ଜ୍ଞାନ ଯେତେ ବଢୁଛି, ତେତେ ଅଜ୍ଞାନତାର ଗଭୀରତା ଆଉ ସେତେ ବିସ୍ତୃତ ହେଉଛି । ଆକାଶର ଅନନ୍ତତା, ସମୁଦ୍ରର ଗଭୀରତା, ମନର ନିରବତା ଏବଂ ଆତ୍ମାର ସୂକ୍ଷ୍ମତା, ସବୁଠି ଅନେକ ଅନାବିଷ୍କୃତ ରହସ୍ୟ ଲୁଚି ରହିଛି ।

**ଅଜ୍ଞତା ଭୟର କାରଣ ନୁହେଁ, ଏହା ଅନ୍ୱେଷଣର ପ୍ରେରଣା । ଅନ୍ଧକାର ରାତି ଯେପରି ତାରା ମଣ୍ଡଳର ସୌନ୍ଦର୍ଯ୍ୟକୁ ଦେଖାଏ, ସେପରି ଅଜ୍ଞାତ ରହସ୍ୟ ମନୁଷ୍ୟକୁ ଜ୍ଞାନର ଆଲୋକ ଖୋଜିବାକୁ ପ୍ରେରିତ କରେ । ଯଦି ସବୁ କିଛି ପୂର୍ବରୁ ଜଣା ଥାନ୍ତା, ତେବେ ଜୀବନରେ ଆଶ୍ଚର୍ଯ୍ୟ, ବିସ୍ମୟ ଏବଂ ଆତ୍ମିକ ଯାତ୍ରାର ଆନନ୍ଦ ରହୁ ନଥାନ୍ତା ।**

ମନୁଷ୍ୟ ନିଜକୁ ବୁଦ୍ଧିମାନ ବୋଲି ଭାବେ, କିନ୍ତୁ ସେ ନିଜ ଅସ୍ତିତ୍ୱର ରହସ୍ୟକୁ ସମ୍ପୂର୍ଣ୍ଣ ଭାବେ ଜାଣି ପାରି ନାହିଁ ଛ ଜନ୍ମ କେଉଁଠାରୁ ? ମୃତ୍ୟୁ ପରେ କ'ଣ ? ଚେତନାର ମୂଳ ସ୍ୱରୂପ କ'ଣ ? ସମୟ ଓ ସୃଷ୍ଟିର ଆଦି ସତ୍ୟ କ'ଣ ? ଏହି ପ୍ରଶ୍ନଗୁଡ଼ିକ ଆଜିବି ଅଜ୍ଞାତ ଦୁନିଆର ଦ୍ୱାରରେ ନିରବ ଭାବେ ରହିଛି ।

ଅଜ୍ଞତା ଭୟର କାରଣ ନୁହେଁ, ଏହା ଅନ୍ୱେଷଣର ପ୍ରେରଣା । ଅନ୍ଧକାର ରାତି ଯେପରି ତାରା ମଣ୍ଡଳର ସୌନ୍ଦର୍ଯ୍ୟକୁ ଦେଖାଏ, ସେପରି ଅଜ୍ଞାତ ରହସ୍ୟ ମନୁଷ୍ୟକୁ ଜ୍ଞାନର ଆଲୋକ ଖୋଜିବାକୁ ପ୍ରେରିତ କରେ । ଯଦି ସବୁ କିଛି ପୂର୍ବରୁ ଜଣା ଥାନ୍ତା, ତେବେ ଜୀବନରେ ଆଶ୍ଚର୍ଯ୍ୟ, ବିସ୍ମୟ ଏବଂ ଆତ୍ମିକ ଯାତ୍ରାର ଆନନ୍ଦ ରହୁ ନଥାନ୍ତା ।

ମନର ଗଭୀରତାରେ ମଧ୍ୟ ଏକ ଅଜ୍ଞାତ ଦୁନିଆ ଅଛି । ଅନେକ ସୁପ୍ତ ଶକ୍ତି, ଅନୁଭୂତି ଓ ଚେତନାର ସୂକ୍ଷ୍ମ ତରଙ୍ଗ ଆମ ଭିତରେ ନିରବ ଭାବେ ବିଦ୍ୟମାନ । ଧ୍ୟାନ, ନିରବତା ଏବଂ ଆତ୍ମଚିନ୍ତନ ଦ୍ୱାରା ମନୁଷ୍ୟ ଏହି ଅନ୍ତର୍ଜଗତର ଦ୍ୱାରକୁ ଧୀରେ ଧୀରେ ଖୋଲିପାରେ ।

ଅଜ୍ଞାତ ଦୁନିଆ ଆମକୁ ଶିଖାଏ ନମ୍ର ହେବାକୁ, ଖୋଜିବାକୁ ଏବଂ ଅନନ୍ତ ସତ୍ୟ ପ୍ରତି ଆକର୍ଷିତ ହେବାକୁ । ଜ୍ଞାନର ଶେଷ ସୀମାରେ ମନୁଷ୍ୟ ଅନୁଭବ କରେ, ସବୁଠାରୁ ବଡ଼ ସତ୍ୟ ହେଉଛି ଅଜ୍ଞତା ନିଜେ ।

**୧୨୭, ଖଣ୍ଡଗିରି ଏନକ୍ଲେଭ, ହାଉସିଂ ବୋର୍ଡ କଲୋନୀ, କୋଳଥିଆ, ଭୁବନେଶ୍ୱର**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ତାତି...

ସୋମବାର ଝାରସୁଗୁଡାରେ ସର୍ବାଧିକ ତାପମାତ୍ରା ୪୩.୪ ଡିଗ୍ରୀ ରହିଥିବା ବେଳେ ବୌଦ୍ଧରେ ୪୨.୮ ଡିଗ୍ରୀ, ଅନୁଗୁଳ ଓ ସମ୍ବଲପୁରରେ ୪୨.୩ ଡିଗ୍ରୀ, ହୀରାକୁଦରେ ୪୨ ଡିଗ୍ରୀ, ତାଳଚେରରେ ୪୧.୬ ଡିଗ୍ରୀ, ଭବାନୀପାଟଣା ଓ ବଲାଙ୍ଗୀରରେ ୪୧.୫ ଡିଗ୍ରୀ, ନୟାଗଡ଼ରେ ୪୧.୭ ଡିଗ୍ରୀ, ଟିଟିଲାଗଡ଼ରେ ୪୧.୫ ଡିଗ୍ରୀ, ସୋନପୁରରେ ୪୦.୮ ଡିଗ୍ରୀ, ଖୋର୍ଦ୍ଧାରେ ୪୦.୫ ଡିଗ୍ରୀ, ବରଗଡ଼ରେ ୪୦.୪ ଡିଗ୍ରୀ, ବାଲେଶ୍ୱରରେ ୪୦.୨ ଡିଗ୍ରୀ, ଭଦ୍ରକରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ଭୁବନେଶ୍ୱରରେ ୩୯ ଡିଗ୍ରୀ, କଟକରେ ୩୯.୬ ଡିଗ୍ରୀ, ଚାନ୍ଦବାଲିରେ ୩୯ ଡିଗ୍ରୀ, ପାରଳାଖେମୁଣ୍ଡିରେ ୩୯.୫ ଡିଗ୍ରୀ, ଢେଙ୍କାନାଳ ଓ ନୂଆପଡ଼ାରେ ୩୯ ଡିଗ୍ରୀ, କେନ୍ଦ୍ରାପଡ଼ାରେ ୩୯.୨ ଡିଗ୍ରୀ ଓ ରାଉରକେଲାରେ ୩୯.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

ଆସନ୍ତାକାଲି ମଙ୍ଗଳବାରେ ଠାରୁ ୨୨ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀ ସହିତ ଗରମ ଓ ଗୁଳିଗୁଳି ଅନୁଭୂତ ହେବା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଅନୁଗୁଳ, ସୋନପୁର ଓ ବୌଦ୍ଧ ଜିଲ୍ଲାକୁ ଗରମ ସହିତ ଗୁଳି ଗୁଳି ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାସହ ପଶ୍ଚିମ ଓଡ଼ିଶାର କିଛି ଜିଲ୍ଲାର ଗ୍ରୀଷ୍ମ ଲହରୀ ପ୍ରବାହିତ ହୋଇପାରେ। ସେହିପରି ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନାଗିରି ଜିଲ୍ଲାକୁ କାଳବୈଶାଖୀ ବର୍ଷା ଲାଗି ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ପାଗ ଏଭଳି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

## ଆଲୋଚନା...

କରିଥିଲେ। ଗତବର୍ଷ ମୋର ନରୱେ ଆସିବାର ଥିଲା। ପହେଲଗାମ ଆତଙ୍କ ଆକ୍ରମଣ ପରେ ଏହି ଗସ୍ତକୁ ସ୍ଥଗିତ କରାଯାଇଥିଲା। ନରୱେ ଆତଙ୍କବାଦ ବିରୋଧରେ ଭାରତ ସହ ଛିଡା ହୋଇଛି। ମୁଁ ନରୱେ ଆସି ସେମାନଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଛି। ଆମ ଦୁଇ ଦେଶର ବିସ୍ତୃତ ବେଳାଭୂମି ରହିଥିବାରୁ ସାମୁଦ୍ରିକ ଅର୍ଥନୀତି, ସାମୁଦ୍ରିକ ସୁରକ୍ଷା ଓ ଦକ୍ଷତା ଗଠନରେ ଆମେ ପରସ୍ପରକୁ ସହଯୋଗ କରିବୁ।

## ଭୁବନେଶ୍ୱରରେ...

ଦେଶର ମ୍ୟୁଚୁଆଲ୍ ଫଣ୍ଡ ବଜାର ସମ୍ପର୍କରେ ସେ କହିଥିଲେ, ୨୦୧୫-୧୬ରେ ଏହାର ଆକାର ୧୨ ଲକ୍ଷ କୋଟି ଟଙ୍କା ଥିଲା ଯାହା ବର୍ତ୍ତମାନ ୮୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ସେଥିପ୍ରତି ଓଡ଼ିଶାର ଅବଦାନ ପ୍ରାୟ ୭୧ ହଜାର କୋଟି ଟଙ୍କା ରହିଛି ଯାହା ଜାତୀୟ ବଜାରର ୧ ପ୍ରତିଶତରୁ ମଧ୍ୟ କମ୍ । ଦେଶର ଅର୍ଥନୀତି ପ୍ରତି ଓଡ଼ିଶାର ଅବଦାନ ପାଖାପାଖି ୩ ପ୍ରତିଶତ ରହିଛି । ମ୍ୟୁଚୁଆଲ୍ ଫଣ୍ଡ ବଜାରର ଅବଦାନ ଅନ୍ତତଃ ୩ ପ୍ରତିଶତକୁ ବୃଦ୍ଧି ପାଇବା ଦରକାର ବୋଲି ସେ କହିଥିଲେ । ସିଷ୍ଟମେଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍ଆଇପି) ର ମାସିକ ଅଭିବୃଦ୍ଧିରେ ଓଡ଼ିଶା ବଜାର ସାରା ଦେଶରେ ଅଗ୍ରଣୀ ସ୍ଥାନରେ ଥିବା ସେ ସୂଚନା ଦେଇଥିଲେ ।

## ସତୀଶନ...

ଏମ ଲିଜୁ, କେ ଏମ ସାଜି, ପିକେ ବାସିର, ଭିଇ ଅବଦୁଲ ଗଫର, ଟି ସିଦ୍ଧିକ୍, କେ ଏ ତୁଲସୀ, ଓ ଜେ ଜାନେସ ଶପଥ ଗ୍ରହଣ କରିଥିଲେ। ତେବେ ସମସ୍ତେ ମାଲାୟନ ଭାଷାରେ ଶପଥ ନେଇଥିବା ବେଳେ କେ ମୁରଲୀ ଧରନ ଇଂରାଜୀରେ ଶପଥ ଗ୍ରହଣ କରିଥିଲେ। ନୂଆ ମନ୍ତ୍ରୀ ମଣ୍ଡଳରେ କଂଗ୍ରେସର ୧୨ ଜଣ ସାମିଲ ହୋଇଥିବା ବେଳେ ଆଇୟୁଏମଏଲର ୫, କେରଳ କଂଗ୍ରେସ (ଜୋସେଫ), କେରଳ କଂଗ୍ରେସ (ଜ୍ୟାକବ), ଆରଏସପି ଓ ସିଏମପିର ଜଣେ ଲେଖାଏଁ ମନ୍ତ୍ରୀ ଶପଥ ଗ୍ରହଣ କରିଥିଲେ। ପିନାରାଇ ବିଜୟନଙ୍କ ପରେ ସାଥୀ ଶାନ କେରଳ ନୂଆ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ୧ ଘଣ୍ଟା ୧୫ ମିନିଟ୍ ଧରି ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ରାଷ୍ଟ୍ରୀୟ ସଭାପତି ମଲିକାର୍ଜୁନ ଖଡଗେ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧି, ସାଂସଦ ପ୍ରିୟଙ୍କା ଗାନ୍ଧୀ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା, ଉପମୁଖ୍ୟମନ୍ତ୍ରୀ ଡିକେ ଶିବ କୁମାର, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ, ଶୁଖୁବିନ୍ଦର ସିଂ ଶୁକ୍ଲୁ, ପୂର୍ବ ମୁଖ୍ୟମନ୍ତ୍ରୀ ପିନାରାୟ ବିଜୟନ, ଏଆଇସିସି ସାଧାରଣ ସମ୍ପାଦକ କେସି ଭେନୁ ଗୋପାଳ ପ୍ରମୁଖ ଉପସ୍ଥିତ ଥିଲେ।

## କୋଚିଂ...

ଜବତ କରିଛି। ଗତ ୧୨ ତାରିଖରେ ନିଟ ୟୁଜି ପ୍ରଶ୍ନପତ୍ର ଲିକ ଘଟଣାର ତଦନ୍ତ ଭାର ସିବିଆଇକୁ ଦିଆଯାଇଥିଲା। ସିବିଆଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଚଢ଼ାଉ ଜାରି ରଖିଛି। ବର୍ତ୍ତମାନ ସୁଧା ୧୦ ଅଭିଯୁକ୍ତଙ୍କୁ ଦିଲ୍ଲୀ, ଜୟପୁର, ଗୁରୁଗ୍ରାମ, ନାସିକ, ପୁନେ, ଲାଟୁର ଓ ଅହଲ୍ୟାନଗରରୁ ଗିରଫ କରାଯାଇଛି। ପୂର୍ବରୁ ଗିରଫ ହୋଇଥିବା ୯ ଜଣଙ୍କୁ ସିବିଆଇ କୋର୍ଟରେ ହାଜର କରି ନିଜ ହେପାଜତକୁ ନେଇଛି। ଦଶମ ଅଭିଯୁକ୍ତକୁ ମଧ୍ୟ କୋର୍ଟରେ ହାଜର କରାଯିବ। ସିବିଆଇର ସ୍ୱତନ୍ତ୍ର ଟିମ ତଦନ୍ତ ଜାରି ରଖିଛନ୍ତି। ରସାୟନ ବିଜ୍ଞାନ ଓ ଯୁବ ବିଜ୍ଞାନର ପ୍ରଶ୍ନପତ୍ର କିଭଳି ଲିକ ହେଲା ତା ଉପରେ ଅନୁସନ୍ଧାନ ଚାଲିଛି। ଏହାଛଡା ଯେଉଁ ଦଲାଲ ମାନେ ଏଥିରେ ସମ୍ପୃକ୍ତ ଯେଉଁ ଛାତ୍ରମାନଙ୍କ ଠାରୁ ସ୍ୱତନ୍ତ୍ର କୋଚିଂ କ୍ଲାସ ପାଇଁ ଲକ୍ଷେ ଲକ୍ଷେ ଟଙ୍କା ଆଦାୟ କରୁଥିଲେ ସେ ସମ୍ପର୍କରେ ଖୋଲତାଡ ଚାଲିଛି। ସିବିଆଇ ପକ୍ଷରୁ ନିରପକ୍ଷତାର ସହ ଏହି ତଦନ୍ତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

## ତୃଣମୂଳ...

ସୁନିଶ୍ଚିତ କରିବା ନିମନ୍ତେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ମନ୍ତ୍ରୀ କହିଛନ୍ତି ଯେ, "ଯାହା ଆମେ ଉପଲବ୍ଧି କରୁଛେ, ତାହା ଆମ ସଫଳତା ନୁହେଁ; ବରଂ ଯେଉଁ ଯୋଜନା ଅଥବା ପଦକ୍ଷେପକୁ ସାଧାରଣ ଲୋକେ ସଫଳ ବୋଲି ବିବେଚନା କରୁଛନ୍ତି; ତାହା ହିଁ ଆମ ଉପଲବ୍ଧି।" ଏହି ପରିପ୍ରେକ୍ଷୀରେ ଆଗାମୀ ଦିନର ବିଭିନ୍ନ ନୂତନ ପଦକ୍ଷେପ ଏବଂ କାର୍ଯ୍ୟପନ୍ଥା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଛି।

ରାଜ୍ୟସ୍ତରୀୟ ବରିଷ୍ଠ ଅଧିକାରୀମାନଙ୍କୁ ବିଭିନ୍ନ ଜିଲ୍ଲାମାନଙ୍କର ନୋଡାଲ୍ ଅଫିସର୍ ଭାବେ ଦାୟିତ୍ୱ ଦିଆଯିବା ସହ ଆଗାମୀ ଦିନରେ ସେମାନେ ଉକ୍ତ ଜିଲ୍ଲାମାନଙ୍କର ପରିଦର୍ଶନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିଦର୍ଶନ ସମୟରେ ବରିଷ୍ଠ ଅଧିକାରୀ ଜିଲ୍ଲାମାନଙ୍କରେ ରାତ୍ରରହଣି ସହ ସରକାରଙ୍କ ରାଜସ୍ୱ ସେବା ସମ୍ପର୍କରେ ସାଧାରଣ ଲୋକଙ୍କ ମତାମତ ନେଇ ସେମାନଙ୍କୁ ବିଭାଗର ପ୍ରମୁଖ ଉପାଦେୟ ସେବା ସମ୍ପର୍କରେ ସଚେତନ କରାଇବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ରାଜସ୍ୱ ବିଭାଗ ପକ୍ଷରୁ ତହସିଲକୁ ତୃଣମୂଳସ୍ତରରେ ପହଞ୍ଚାଇବା ନିମନ୍ତେ ନୂତନ ପଦକ୍ଷେପସ୍ୱରୂପ ଖୁବ୍ ଶୀଘ୍ର 'ଆମ ଗାଁରେ ଆମ ତହସିଲ୍' କାର୍ଯ୍ୟକ୍ରମ ହାତକୁ ନିଆଯିବ । ଏହି ପରିପ୍ରେକ୍ଷୀରେ ଆଗାମୀ ଦିନରେ ଗ୍ରାମ ଅଥବା ପଞ୍ଚାୟତସ୍ତରରେ ତହସିଲ୍ କ୍ୟାମ୍ପ୍ କୋର୍ଟ୍ କରାଯିବ ବୋଲି ମାନ୍ୟବର ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ବିଭିନ୍ନ କାମ ପାଇଁ ଲୋକମାନଙ୍କୁ ତହସିଲ୍ କାର୍ଯ୍ୟାଳୟ ଆସିବାକୁ ପଡୁଥିବା ବେଳେ ଏଣିକି କ୍ୟାମ୍ପ୍ କୋର୍ଟ ମାଧ୍ୟମରେ ଗାଆଁ-ଗାଆଁରେ ତହସିଲ୍ କାର୍ଯ୍ୟାଳୟର ଅଧିକାରୀମାନେ ଲୋକମାନଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବା ସହ ପ୍ରଜା ଖାନା ସଂଶୋଧନ, ଡିମାର୍କେସନ୍ ଆଦି ବିଭିନ୍ନ ରାଜସ୍ୱ ସେବା ଯୋଗାଇଦେବେ। ଏଥିସହିତ କ୍ୟାମ୍ପ କୋର୍ଟ ମାଧ୍ୟମରେ ରାଜସ୍ୱ ସେବା ସମ୍ପର୍କିତ ଲୋକମାନଙ୍କ ଅଭିଯୋଗ ଶୁଣାଣି କରାଯାଇ ତ୍ୱରିତ ସେବା ପ୍ରଦାନ କରିବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ସହରାଞ୍ଚଳ ଚାଷ ଜମି କିସମ ପରିବର୍ତ୍ତନ ନିୟମକୁ ସରଳୀକରଣ କରାଯିବା ନେଇ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବିଗତ ଦୁଇ ବର୍ଷରେ ଓଡ଼ିଶା ରାଇଟ୍ ଟୁ ପବ୍ଲିକ୍ ସର୍ଭିସେସ୍ (ORTPS) ଆଇନ୍ ଆଧାରରେ ୨.୫ କୋଟିରୁ ଉର୍ଦ୍ଧ୍ୱ ସେବା ଯୋଗାଇ ଦିଆଯାଇଥିବା ବେଳେ ଆଗାମୀ ଦିନରେ ଏହାକୁ ଆହୁରି ଅଧିକ ଲୋକାଭିମୁଖୀ କରିବା ନିମନ୍ତେ ବୈଠକରେ ଆଲୋଚନା କରାଯାଇଛି। ଖୁବ୍ ଶୀଘ୍ର ବିସ୍ଥାପିତ ଲୋକମାନଙ୍କ ପାଇଁ ନୂତନ ପୁନର୍ବାସ ଓ ଥଇଥାନ ଆଇନର ରୂପରେଖ ପ୍ରସ୍ତୁତ କରାଯାଇ କାର୍ଯ୍ୟକାରୀ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. କମଳ ଲୋଚନ ମିଶ୍ର ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମସ୍ତ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

## ସବୁ ଅପରାଧୀ...

ସୌମ୍ୟ ବାପା-ମା'ଙ୍କ ମନ ବିଭ୍ରାନ୍ତ ହେଉଛି । କ୍ରାଇମ୍‌ବ୍ରାଞ୍ଚ ଡିଜି ଶ୍ରୀ ମିଶ୍ରଙ୍କ କହିବାନୁଯାୟୀ ଚିହ୍ନଟ ଅଭିଯୁକ୍ତମାନେ ବିଭିନ୍ନ ଆଡେ ଫେରାର ଥିବାରୁ ଗିରଫଦାରୀ ସମୟସାପେକ୍ଷ ହେଉଛି ।

## ବିକଶିତ...

ସଂଗଠନ କିପରି ଆଗକୁ ବଢ଼ିବ, ବିଧାୟକ ଓ ସାଂସଦମାନେ ଲୋକଙ୍କ ସେବା କରି କିପରି ଲମ୍ବା ସମୟ ଧରି କାର୍ଯ୍ୟ କରିପାରିବେ, ଦୀର୍ଘଦିନ ଧରି କିପରି ନିର୍ବାଚନ ରାଜନୀତିରେ ରହିପାରିବେ ସେସବୁ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ପରବର୍ତ୍ତୀ ସମୟରେ ମନ୍ତ୍ରୀ ପରିଷଦର ସମସ୍ତ ସଦସ୍ୟଙ୍କ ସହ ମଧ୍ୟ ଚର୍ଚ୍ଚା ଆଲୋଚନା କରି ମନ୍ତ୍ରୀମାନଙ୍କ କାମ କାର୍ଯ୍ୟଠାରୁ ଆରମ୍ଭ କରି ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ଓ ସଫଳତାଗୁଡ଼ିକୁ କାର୍ଯ୍ୟକର୍ତ୍ତାଙ୍କ ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ୍ ଓରାମ୍, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ରାଜ୍ୟପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସହପ୍ରଭାରୀ ସୁଶ୍ରୀ ଲତା ଉଷେଣ୍ଡିଙ୍କ ସମେତ ସମସ୍ତ ମନ୍ତ୍ରୀ, ସାଂସଦ, ବିଧାୟକ ଓ ରାଜ୍ୟ ପ୍ରଦାଧିକାରୀମାନେ ଉପସ୍ଥିତ ଥିଲେ। ଏହାପରେ ନୀତିନ ନବୀନ ଭୁବନେଶ୍ୱର ବିମାନ ବନ୍ଦରରୁ ଦିଲ୍ଲୀ ଫେରିଯାଇଥିଲେ।

# ମିଳୁନି ପିଇବା ପାଣି : ଗରା, ବାଲ୍ଟି, ହାଣ୍ଡି ରଖି ରାସ୍ତା ଅବରୋଧ



ନୀଳଗିରି, (ସବ୍ୟୁ) : ପାନୀୟଜଳ ସଙ୍କଟ ଦେଖାଦେଇଛି । ପିଇବା ପାଣି ନମିଳିବାରୁ ହାଣ୍ଡି, ଗରା, ବାଲଟି ରଖି ରାସ୍ତା ଅବରୋଧ କରିଛନ୍ତି ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ମାଟିଆଳି ପଞ୍ଚାୟତ ଅଞ୍ଚଳି ଲୋକେ । ବାଇଁଚାରୁ ମାଟିଆଳି ନରଣପୁରକୁ ସଂଯୋଗ କରୁଥିବା ରାସ୍ତାର ମାଟିଆଳି ଛକ ନିକଟରେ ରାସ୍ତା ଅବରୋଧ କରାଯାଇଥିବା ବେଳେ ଉଭୟ ପଟରେ ଗାଡ଼ିମଟର ଅଟକି ରହିଥିବା ଦେଖିବାକୁ ମିଳିଥିଲା । ମାଟିଆଳି ପଂଚାୟତ ଅଧୀନ ଆଡିଆସାହି, ଡୁମୁରିଆ ସାହି, ମୁଖିସାହି ଓ ରାମସିଂସାହି ଗ୍ରାମକୁ ମେଗା ଜଳ ଯୋଜନାରେ ପାନୀୟଜଳ ଯୋଗାଇ ଦିଆଯାଇଥିଲେ ହେଁ ଗତ ଚାରି ଦିନ ଧରି ଜଳଯୋଗାଣ ବନ୍ଦ ରହିଥିଲା । ଫଳରେ ପାନୀୟଜଳ ପାଇଁ ନାହିଁ ନଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି ସ୍ଥାନୀୟ ବାସିନ୍ଦା । ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏହାର ସମାଧାନ ହୋଇ ପାରି ନଥିଲା । ଶେଷରେ ସୋମବାର ସକାଳେ ଶହଶହ ମହିଳା ଗରା, ବାଲଟି, ହାଣ୍ଡି ରଖି ରାସ୍ତାଅବରୋଧ କରିଥିଲେ । ଦୀର୍ଘ ୩ ଘଣ୍ଟାଧରି ରାସ୍ତା ଅବରୋଧ ଜାରି ରହିଥିଲା । ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲେ । ପରେ ଗ୍ରାମ୍ୟ ଜଳଯୋଗାଣ ବିଭାଗର କନିଷ୍ଠଯନ୍ତ୍ରୀ ପ୍ରିତିପ୍ରଭା ବାରିକ ଓ ଅନ୍ୟ ଅଧିକାରୀ, ମେଗା ଜଳ ଯୋଜନାର ଠିକାସଂସ୍ଥା କର୍ମଚାରି ଘଟଣାସ୍ଥଳରେ ପହଁଚି ଲୋକଙ୍କୁ ବୁଝାସୁଝା କରିବା ସହିତ ଖୁବଶୀଘ୍ର ସ୍ଥାୟୀ ସମାଧାନ କରାଯିବାକୁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

# ରେମୁଣା ବାଘାଯତୀନ ମଣ୍ଡଳରେ ଜନ ଆକ୍ରୋଶ ମହିଳା ପଦଯାତ୍ରା

ବାଲେଶ୍ୱର, (ସବ୍ୟୁ) : ଶୁକ୍ରବାର ଅପରାହ୍ନ ୫ ଘଟିକା ସମୟରେ ରେମୁଣା ନିର୍ବାଚନ ମଣ୍ଡଳୀର ବାଘାଯତୀନ ମଣ୍ଡଳରେ ଜନ ଆକ୍ରୋଶ ମହିଳା ପଦଯାତ୍ରା ଅନୁଷ୍ଠିତ ହୋଇଅଛି । ମଣ୍ଡଳ ସଭାପତି ଉମାକାନ୍ତ ଜେନା ଏବଂ ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ଶୁଭସ୍ମିତା ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରେମୁଣା ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁସ୍ମିତା ପଣ୍ଡା, ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଚିତ୍ତରଞ୍ଜନ ପଣ୍ଡା, ଜିଲ୍ଲା ଉପସଭାପତି ସୁକୁମାର ଦାସ, ଜିଲ୍ଲା ସମ୍ପାଦିକା ରବିତା ଦାସ, ଜିଲ୍ଲା ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ସମୟ ଟୁଡୁ, ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଏହି ପଦଯାତ୍ରା ସରସ୍ୱତୀପୁର ପଞ୍ଚାୟତର ସମଲପୁର ଶିବ ମନ୍ଦିର ଠାରୁ ଆରମ୍ଭ ହୋଇ ନୂଆସାହି ଛକ ବାସନ୍ତୀ ମଣ୍ଡପ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ଆମ ସମାଜରେ ସର୍ବଦା ନାରୀ ପୂଜନ ଓ ନାରୀ ବନ୍ଦନର ବାର୍ତ୍ତା ଦେବା, ପ୍ରକୃତିକୁ ମାଋ ସ୍ଥାନ ଦେବା ଏବଂ ରାଷ୍ଟ୍ରକୁ ମାତା ବୋଲି ସମ୍ବୋଧନ କରାଯାଉଥିବା ବେଳେ ଦେଶର ସରକାର ବିରୋଧୀ ରାଜନୈତିକ ଦଳ ମାନଙ୍କ ମାତୃବିରୋଧୀ ଆଚରଣ ଅତ୍ୟନ୍ତ ନିନ୍ଦନୀୟ । ସେମାନଙ୍କ ଏହି ମହିଳା ବିରୋଧୀ ଆଚରଣ ପାଇଁ ରାଜ୍ୟ ତଥା ଦେଶର ମା-ଭଉଣୀମାନେ ସେମାନଙ୍କୁ କେବେ ବି କ୍ଷମା ଦେବେ ନାହିଁ ବୋଲି ବିଧାୟକ ଶ୍ରୀ ଦାସ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ସାହା, ମଣ୍ଡଳ ସାଧାରଣ ସମ୍ପାଦକ କମଳ ଲୋଚନ ପ୍ରଧାନ, ବିପିନ ମାରାଣ୍ଡି, ସରପଞ୍ଚ ଝରଣା ମହାନ୍ତି, ରମା ମଣୀ ସେନାପତି, ସମିତି ସଭ୍ୟ ତ୍ରିଲୋଚନ ପ୍ରଧାନ, ମିନାକ୍ଷୀ ମହାପାତ୍ର, ଅଜୟ ଦାସ, ଗଜେନ୍ଦ୍ର ସେଠୀ, କାର୍ତ୍ତିକ ମହାନ୍ତି, ବିଜୟ କୁମାର ପଲେଇ, ରଶ୍ମି ରଞ୍ଜନ ରାଉତ, ମାନସ କୁମାର ପଣ୍ଡା, ବାସନ୍ତୀ ଦାସ, ଚନ୍ଦ୍ରମଣି ମହାପାତ୍ର ଇତ୍ୟାଦି ଉପସ୍ଥିତ ଥିଲେ ।

## ବରିଷ୍ଠ ନାଗରିକ ମହାସଂଘକୁ ସମାଜସେବୀଙ୍କ ଆମ୍ବୁଲାନ୍ସ ଦାନ

ଭଦ୍ରକ,(ସବ୍ୟୁ): ସମାଜସେବୀ ତିହିଡି ଅଂଚଳର ଧୀରେନ୍ଦ୍ର କୁମାର ସାହୁ (ବାବି) ସୋମବାର ଦିନ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟସେବା ଉଦ୍ଦେଶ୍ୟରେ ଏକ ଆମ୍ବୁଲାନ୍ସ ଉତ୍ସର୍ଗ କରିଥିଲେ । ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ ଡଃ ଦିଲୀପ ରାଉତରାଏ ଆମ୍ବୁଲାନ୍ସ ସେବା ଉଦ୍‌ଘାଟନ କରିଛନ୍ତି । ବାବି ବାବୁଙ୍କ ଏହି ମହତ୍ ଉଦ୍ଦେଶ୍ୟକୁ ଜିଲାପାଳ ପ୍ରଶଂଶା କରିବା ସହ ଆମ୍ବୁଲାନ୍ସ ସେବାର ସୁବିନିଯୋଗ କାମନା କରିଥିଲେ । ଏହି ଅବସରରେ ଜିଲାପାଳ ଡଃ ରାଉତରାଏ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟପକ୍ଷରେ ସମାଜସେବୀ ଶ୍ରୀ ସାହୁ କହିଲେ ଯେ ପିତାମାତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ମୋର ସମାଜସେବା ପ୍ରତି ଆଗ୍ରହ ପ୍ରକାଶ ପାଇଛି । ବରିଷ୍ଠ ନାଗରିକମାନଙ୍କ ଆଶୀର୍ବାଦ ମୋ ପ୍ରତି ରହିଲେ ଆହୁରି ଆଗକୁ ବଢିଚାଲିବି ବୋଲି ସେ କହିଥିଲେ । ଆସନ୍ତା ଦିନରେ ଜିଲାର ୭ଟି ବ୍ଲକ୍‌କୁ ଏଭଳି ଆମ୍ବୁଲାନ୍ସ ସେବା ଯୋଗାଇଦେବାକୁ ସେ ନିଷ୍ପତି ନେଇଥିବା ମଧ୍ୟ କହିଛନ୍ତି ।


**ଦ.ପୂ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ନୋଟିସ୍ ନଂ: ୪୬୩୪-କିଆରସି-ସିଭ-ସି-୧୧-୧୩-୨୦୨୬ । ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ପାଇଁ, ମୁଖ୍ୟ ଇଞ୍ଜିନିୟର(କନ)/II ଗାର୍ଡେନ ରିଚ୍, କୋଲକାତା-୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ନିମ୍ନଲିଖିତ ଟେଣ୍ଡର ୱେବସାଇଟ୍ www.ireps.gov.in ରେ ଅପଲୋଡ୍ କରାଯାଇଛି । ଟେଣ୍ଡର ଧାର୍ଯ୍ୟ ତାରିଖରେ ଦିନ ୧୨.୦୦ ଟାରେ ବନ୍ଦ ହେବ । **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଡେପୁଟି ସିଇ/କନ/ଆଡ୍ରାଙ୍କ ଅଧିକାରକ୍ଷେତ୍ର ଅଧୀନରେ ଆଦ୍ରା-ଖଙ୍ଗା-ରୁକନି ଦୋହରୀକରଣ ପ୍ରକଳ୍ପ ସହିତ ଜଡିତ ଆଦ୍ରା-ଖଙ୍ଗା-ରୁକନିରେ ୟାର୍ଡ ପୁନଃନିର୍ମାଣ କାର୍ଯ୍ୟ ପାଇଁ କାର୍ଯ୍ୟ ସମ୍ପାଦନ ପାଇଁ ଇଲେକ୍ଟ୍ରିକ୍ କାର୍ଯ୍ୟ **ଆନୁମାନିକ ମୂଲ୍ୟ:** ଟ. ୮୨.୧୯ କୋଟି । ବିଡ୍ ସୁରକ୍ଷା: ଟ.୧,୬୪,୩୮,୩୦୦/- । **ସମାପ୍ତି ଅବଧି:** ୨୪ ମାସ । **ବନ୍ଦ ତାରିଖ:** ୧୨.୦୬.୨୦୨୬ ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି ବିଡ଼ଗୁଡ଼ିକ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବିଶେଷ ସୂଚନା:** ଆଗ୍ରହୀ ବିଡରମାନେ ଅନ୍ୟାନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ । (PR-183)



**AFFIDAVIT**

By virtue of an affidavit sworn before Notary Public, Bhubaneswar dated 18.05.2026 I, Sri Udaya Natha Malik resident of At/PO-Barada, PS/Via-Balichandrapur, District - Jajapur, Odisha, Pin-754205 declare that I have changed the name of my doughter from Paranika Pariyadarsani Malik to Parinika Malik. Hence, he shall be known as Parinika Malik for all purposes.

Udaya Natha Malik


# ପ୍ଲଟିଂ ରାସ୍ତାରେ ବେଆଇନ ମୋରମ୍, ବ୍ୟାପକ ରାଜସ୍ୱହାନୀ

କେନ୍ଦୁଝର,(ସବ୍ୟୁ) : କେନ୍ଦୁଝର ସହର ଆଖପାଖ ଅଂଚଳରେ ଚାଷ ଜମିକୁ ଖଣ୍ଡ ଖଣ୍ଡ କରି ବିକ୍ରୀ କରିବା ପରେ ରାସ୍ତା ନିର୍ମାଣ ହେଉଛି । ଚାଷ ଜମିକୁ ପୋତିବା ଏବଂ ରାସ୍ତା ନିର୍ମାଣ ପାଇଁ ବ୍ୟାପକ ମାଟି ଓ ମୋରମ ବ୍ୟବହାର ହେଉଛି । ରାଜସ୍ୱ ଏବଂ ଖଣି ବିଭାଗ ଚୁପ ରହୁଥିବାରୁ ମାଫିଆ ମାନେ ସରକାରୀ ଏବଂ ଦେବୋତ୍ତର ଜମିରୁ ବେଆଇନ ଖନନ କରି ଏହି ସବୁ ସ୍ଥାନରେ ପକାଇ ଲକ୍ଷ ଲକ୍ଷ ଟଙ୍କା ଲାଭ କରୁଥିବାବେଳେ ସରକାରଙ୍କ ବ୍ୟାପକ ରାଜସ୍ୱହାନୀ ହେଉଛି । କେନ୍ଦୁଝର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟ ମୋଚିଗାଁରେ ଏକର ଏକର ଚାଷ ଜମି ରିଏଲ ଇଷ୍ଟେଟ ଉଦ୍ଦେଶ୍ୟରେ ବିକ୍ରୀ ହେଉଛି । ଏହି ଚାଷ ଜମିରେ ରାସ୍ତା ପାଇଁ ଶହ ଶହ ଟ୍ରିପ ଚୋରା ମୋରମ ବିଭିନ୍ନ ସ୍ଥାନରୁ ଆଣି ପକାଯାଇଛି । କେନ୍ଦୁଝର ସଦର ତହସିଲ ସଦର ସର୍କଲ ମୋଚିଗାଁ ମୌଜାର ଖାତା ନମ୍ବର ୭୩/୨୬ ପ୍ଲଟ ନମ୍ବର ୫ ରେ ଚୋରା ମୋରମ ମହଜୁଦ ରହିଛି । ବିଶେଷ କରି ବାଂଶପାଳ ତହସିଲ ଠାକୁରଡିହି ଠାରେ ସରକାରୀ ଜମିରୁ ଶହ ଶହ ଟ୍ରିପ ମୋରମ ଚୋରୀ ହୋଇ ଏହି ସ୍ଥାନରେ ପକାଯାଇଛି । ସଦର ପୋଲିସ ପକ୍ଷରୁ ଅପ୍ରିଲ ୨୪ ତାରିଖ ରାତିରେ ଅତର୍କିତ ଚଢଉ କରାଯାଇ ୨ଟି ହାଇୱା, ଗୋଟିଏ ଜେସିବି ସହିତ ୨ଜଣଙ୍କୁ ଗିରଫ କରିଥିବାବେଳେ ମୁଖ୍ୟ ଆସାମୀ ଫେରାର ଅଛି । ମୁଖ୍ୟ ଆସାମୀ ଧରାପଡିଲେ କେଉଁ ସ୍ଥାନରେ ଏବଂ କେଉଁ ଲୋକଙ୍କୁ କେତେ ଟ୍ରିପ ମୋରମ ବିକ୍ରୀ କରିଛି ତାହା ଜଣାପଡିବ ବୋଲି ପୋଲିସ କହିଛି । ବେଆଇନ ମୋରମ ଖଣି ବିପଦସଂକୁଳ ଅବସ୍ଥାରେ ଥିବା ଯୋଗୁଁ ସାଧାରଣ ଲୋକେ ଓ ଜୀବଜନ୍ତୁଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ବର୍ଷା ଦିନରେ ଉକ୍ତ ଗାତରେ ପାଣି ଭର୍ତ୍ତି ହେଲେ ବିପଦ ଆଶଙ୍କା ରହିଛି । ଉକ୍ତ ସ୍ଥାନ ଠାରୁ ଜଙ୍ଗଲ ମାତ୍ର ୧ କିଲୋମିଟର ଦୂରରେ ରହିଛି । ପର୍ଯ୍ୟଟନ ଋତୁରେ ଉକ୍ତ ରାସ୍ତା ଦେଇ ପର୍ଯ୍ୟଟକମାନେ ବଣ ଭୋଜିରେ ଆସିଥାନ୍ତି । ରାଜସ୍ୱ ବିଭାଗ ଏବଂ ଖଣି ବିଭାଗ ର ବିନା ଅନୁମତିରେ ବେଆଇନ ଭାବେ ମୋରମ ଉତ୍ତୋଳନ ହୋଇଛି । ମାଟି ମୋରମ ଖୋଳା ପରେ ସଂପୃକ୍ତ ସ୍ଥାନଗୁଡିକୁ ଖୋଲାମୁକୁଳା କରି ପକାଇ ଦିଆଯିବା କାରଣରୁ ବନ୍ୟ ଜୀବଜନ୍ତୁଙ୍କ ପାଇଁ ବିପଦ ସୃଷ୍ଟି କରିଛି । ମୋରମ ଖନନ ପରେ ବଡ ବଡ ପୋଖରୀ ସଦୃଶ ଗର୍ତ୍ତମାନ ସୃଷ୍ଟି ହୋଇଛି । ବେଆଇନ ଖନନ ଯୋଗୁଁ କେବଳ ଯେ ଜନସାଧାରଣ ଅସୁବିଧାରେ ପଡୁଛନ୍ତି ତା'ନୁହେଁ ଗୃହପାଳିତ ଓ ବନ୍ୟପ୍ରାଣୀମାନେ ମଧ୍ୟ ଏହି ବଡ ବଡ ଗର୍ତ୍ତରେ ପଡି ଜୀବନ ହରାଉଛନ୍ତି । ଅନେକ ସମୟରେ ବଣୁଆ ଜୀବଜନ୍ତୁମାନେ ଗର୍ତ୍ତରେ ପଡି ମୃତ୍ୟୁବରଣ କରୁଥିବା କାହାକୁ ଅଛପା ନାହିଁ । ବିଗତ ଦିନରେ ଏଭଳି ବିପଦପୂର୍ଣ୍ଣ ମୋରମ ଗର୍ତ୍ତଗୁଡିକରେ ପଡି ଅନେକ ଲୋକଙ୍କ ଜୀବନ ମଧ୍ୟ ଯାଇଥିବା ନଜିର ରହିଛି । ଏ ନେଇ କେନ୍ଦୁଝର ସଦର ଉପଖଣ୍ଡ ଲଘୁ ଖଣିଜ ଅଧିକାରୀ ତାରିଣୀ ସିଂ ଙ୍କ ସହ ଯୋଗଯୋଗ କରିବାରୁ ବାଂଶପାଳ ତହସିଲ ଠାକୁରଡିହିଠାରେ ବେଆଇନ ଖନନ ଘଟଣାର ଯାଂଚ ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।


**OFFICE OF THE CHIEF ENGINEER, MEGA LIFT BHUBANESWAR**

Plot no. A 8/2, Bhoinagar, Bhubaneswar, Odisha, PIN-751022

32001/235/2627 E-Mail : cemlpwr.od@gmail.com

**Government of Odisha "e" Procurement Notice**

**Bid Identification No. 03ML /2026-27**

**On Line open tender is invited for EPC Contract (Turn Key Basis) for Mega Lift, Odisha**

1. **Name of Work** : Operation and Maintenance of existing 14 nos. schemes with intake points on Rushikulya river, Bada Nadi, Padma River, Bahuda River and Bhanjanagar Reservoir having command area between 500 Ha. to 2000 Ha. in Megalift Cluster-VII in the districts of Ganjam comprising all electro-mechanical & instrumentation equipments installed in pump house & MCC room including pumps and motors, switchyard & Transmission lines, intake well, Sump well, Rising main, Distribution chamber, complete distribution network by UGPL covering culturable command area of 14353.28 Ha. with operation of maintenance of all its 14 completed schemes including its power system connectivity, proper distribution of water to the ayacut including watch & ward with testing and calibration of all electro-mechanical components before the start of each irrigation period in the O & M period of 05 years on "Turn-key basis".
2. O & M Period : 60 (Sixty) calendar months.
3. Date & time of availability of bid document in the portal : 20.05.2026 10 A.M.
4. Last date/Time for receipt of bids in the portal : 09.06.2026 up to 5.00 P.M
5. Name & address of the officer inviting Bid : Chief Engineer, Megalift A-8/2, Bhoi Nagar, Bhubaneswar,Pin - 751022

Further details can be seen from the e-procurement portal **"https://tendersodisha.gov.in"**

Sd/- Chief Engineer, Megalift Bhubaneswar

OIPR : 32001/32504/1/26-27/0005


# ଆଗରପଡ଼ାରେ ଅସହ୍ୟ ତାତି

ଆଗରପଡ଼ା, (ସବ୍ୟୁ) : ଗତ କିଛିଦିନ ହେଲା ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବାରେ ଲାଗିଛି । ଅସହ୍ୟ ତାତି ସହ ଗୁଳୁଗୁଳି ଯୋଗୁଁ ଲୋକେ ଅସ୍ତବ୍ୟସ୍ତ ହୋଇ ପଡ଼ିଲେଣି । ବଜାର ଘାଟ ଦିନ ୧୧ଟା ପରେ ପୁରାପୁରି ଶୂନଶାନ ହୋଇଯାଉଛି । ବଜାରରେ ଲୋକେ ରହୁ ନଥିବାରୁ ବ୍ୟବସାୟ ଉପରେ ଏହାର ପ୍ରଭାବ ପକାଉଛି । କ୍ରମଶଃ ଆଦ୍ରତା ହ୍ରାସ ପାଉଥିବାରୁ ଜଳ ଉତ୍ସଗୁଡ଼ିକ ଶୁଖି ଗଲାଣି । ଅଧିକାଂଶ ସ୍ଥାନରେ ଟିଉବେଲ ଗୁଡ଼ିକରୁ ପାଣି ଆଉ ବାହାରୁ ନାହିଁ । ଗଡ଼ିଆ, ପୋଖରୀ ଶୁଖିଯିବାରୁ ପଶୁପକ୍ଷୀମାନେ ପିଇବା ପାଇଁ ପାଣି ପାଉ ନାହାଁନ୍ତି । ବସୁଧା ଯୋଜନାରେ ନିର୍ମିତ ନଭଶ୍ଚୁମ୍ବି ଓଭର ହେଡ ଟାଙ୍କିରୁ ଲୋକେ ନିୟମିତ ସବୁ ସମୟରେ ପାନୀୟ ଜଳ ପାଇପାରୁ ନାହାଁନ୍ତି । କିଛି ସ୍ଥାନରେ ସକାଳବେଳା ୨ଘଣ୍ଟା ଜଳ ଯୋଗାଣ ପରେ ତାହା ସଂପୂର୍ଣ୍ଣ ବନ୍ଦ । ପୁଣି କେଉଁଠି ପାଇପ ଫାଟି ଅପରିଷ୍କାର ପାଣି ବାହାରୁଛି । ତୃଟି ପାଇଁ ଅନେକ ସ୍ଥାନରେ ପାଣି ନବାହାରି ମାସମାସ ଧରି ଅଚଳ ହୋଇପଡ଼ିଛି । କାଁ ଭାଁ ସ୍ଥାନକୁ ଛାଡ଼ିଦେଲେ ପଂଚାୟତ ପକ୍ଷରୁ ଜଳ ଛତ୍ର ଖୋଲାଯାଇ ନାହିଁ ଆଜି ଯାଏ ।


24001/129/2627 **Collectorate : Malkangiri (Social Welfare Section)**

**Email.dswomalkangiri@nic.in**

**No.1579/2026** **Dated. 16.05.2026**

**TENDER CALL NOTICE**

Sealed tender papers are Invited from the intending Firms/ companies/ Individuals/ Corporations for undertaking the Transportation of Rice/Wheat under the Supplementary Nutrition Programme (WBNP-SNP) Programme and Scheme for Adolescent Girts (SAG) of Malkangiri District during the Financial Year 2026-27. The bidders need to submit the tender papers along with the other required documents in a sealed packet in the office of the District Social Welfare Office, Malkangiri , till 1.00 PM of 03.06.2026 by Regd. Post/ Speed Post only. The tender papers received beyond the mentioned time and date shall not be considered. The tender papers will be opened on Dt 04.06.2026 at 11 AM in the presence of Tender/Purchase Committee members and also the participating Bidder/ or his authorized representative if present.

The tender paper will be available at District Social Welfare Office, Malkangiri during the office hour on payment of Rs.10,000/- (Rupees Ten Thousand only) (i.e. towards cost of Tender Paper), in shape of Bank Draft in favour of District Social Welfare Officer, Malkangiri payable at SBI Malkangiri .The cost of tender paper is non-refundable.

The Tender paper and details of the Terms & Conditions of the Tender are available on the website malkangiri.odisha.gov.in. The Tenderer can obtain the Tender paper from the Office of the DSWO or download it from the Website. In case the Tenderer downloads the tender paper from the Website, then they will deposit the said amount, failing which the Tender shall be cancelled.

The undersigned reserves the rights to reject/cancel/withdraw any or all the tender paper without assigning any reason thereof.

Sd/- COLLECTOR, MALKANGIRI

OIPR : 24001/24382/1/26-27/0003


# ଆଇସିଆଇସିଆଇ ପ୍ରୁଡେ଼ନସିଆଲର ଇଣ୍ଡେକ୍ସ ଫଣ୍ଡ ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ) : ଆଇସିଆଇସିଆଇ ପ୍ରୁଡେ଼ନସିଆଲ ଲାଇଫ ଇନ୍ସୁରାନ୍ସ ଏହାରୟୁନିଟ୍ ଲିଙ୍କଡ୍ ଇନ୍ସୁରାନ୍ସ ପ୍ଲାନ୍ (ୟୁଏଲଆଇପିଏସ) ଅଧୀନରେ ଆଇସିଆଇସିଆଇ ପ୍ରୁଡେ଼ନସିଆଲ ଲାଇଫ ବିଏସଇ ଏନହାନ୍ସଡ଼ ଭ୍ୟାଲୁ ୩୦ ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ କରିଛି। ଏହି ଫଣ୍ଡ ଲାର୍ଜ ଓ ମିଡ୍-କ୍ୟାପ୍ ବିଭାଗର ଆକର୍ଷଣୀୟ ମୂଲ୍ୟରେ ଉପଲବ୍ଧ କମ୍ପାନୀ ମାନଙ୍କରେ ନିବେଶ ସୁଯୋଗ ଦେଇ ଦୀର୍ଘମିଆଦି ସମୟରେ ସମ୍ପଦ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି।

ଏହି ଶୁଭାରମ୍ଭ ସମ୍ପର୍କରେ ମତ ପ୍ରକାଶକରି ଆଇସିଆଇସିଆଇ ପ୍ରୁଡେ଼ନସିଆଲ ଲାଇଫ ଇନ୍ସୁରାନ୍ସ କମ୍ପାନୀ ଲିମିଟେଡ଼ ପକ୍ଷରୁ, ଏହାର ଚିଫ୍ ଇନଭେଷ୍ଟମେଂଟ ଅଫିସର, କହିଛନ୍ତିଯେ, ଆଇସିଆଇସିଆଇ ପ୍ରୁଡେ଼ନସିଆଲ ଲାଇଫ ବିଏସଇ ଏନହାନ୍ସଡ଼ ଭ୍ୟାଲୁ ୩୦ ଇଣ୍ଡେକ୍ସ ଫଣ୍ଡ ଗ୍ରାହକମାନଙ୍କୁ ଇକ୍ୟୁଟି ବଜାରରେ ଶୃଙ୍ଖଳିତ ଓ ପାରଦର୍ଶୀ ଭାବରେ ଭାଗ ନେବାର ସୁଯୋଗ ଦେଉଛି। ଏହା ମୂଳଭିତି ସହିତ ତୁଳନାମୂଳକ ଭାବେ ଆକର୍ଷଣୀୟ ମୂଲ୍ୟାୟନ ଥିବା କମ୍ପାନୀ ଉପରେ କେନ୍ଦ୍ରିତ।

# ବିରୂପା ନଦୀରେ ବୁଡ଼ି ଛାତ୍ର ନିଖୋଜ

ସାଲେପୁର,(ସବ୍ୟୁ) :ସାଲେପୁର ସୋମବାର ସାଙ୍ଗ ମାନଙ୍କ ସହ ବିରୂପା ନଦୀରେ ଗାଧୋଇବା ସମୟରେ ପାଣିରେ ବୁଡି ଜଣେ କଲେଜ ଛାତ୍ର ନିଖୋଜ ହୋଇଛନ୍ତି । ନିଖୋଜ ଛାତ୍ର ଜଣକ ସାଲେପୁର ସୌରୀ ପଂଚାୟତ ଯୋଗେନ୍ଦ୍ର ସାହୁଙ୍କ ପୁତ୍ର ସୁଭମ ସାହୁ । ଏଭଳି ଅଭାବନୀୟ ଘଟଣା ସାଲେପୁର ଗୋପୀନାଥପୁର ନିକଟ ବିରୂପା ନଦୀରେ ଘଟିଛି ୯ ଶୁଭମ ଓ ତାର ଦୁଇ ଜଣ ସାଙ୍ଗ ବିରୂପା ନଦୀକୁ ଗାଧୋଇବାକୁ ଯାଇଥିଲେ । ନଦୀରେ ଗାଧୋଇବା ସମୟରେ ଅସାବଧାନତା ହେତୁ ଶୁଭମ ନଦୀର ସ୍ରୋତକୁ ଖସି ଯାଇଥିଲା । ସାଙ୍ଗ ଦୁଇ ଜଣ ଚେଷ୍ଟା କରି ମଧ୍ୟ ଶୁଭମକୁ ଉଦ୍ଧାର କରିପାରିନଥିଲେ । ଶୁଭମ ପାଣିରେ ବୁଡି ନିଖୋଜ ହୋଇ ଯାଇଥିଲା । ଖବର ପାଇ ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗ ପହଂଚି ଖୋଜାଖୋଜି ଜାରି ରଖିଥିବା ବେଳେ ଶୁଭମର କୌଣସି ପତ୍ତା ମିଳିପାରି ନାହିଁ । ଶୁଭମ ବହୁଗ୍ରାମ ଜୁନିୟର କଲେଜର ୨ ର ଛାତ୍ର ବୋଲି ଜଣା ପଡିଛି ।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୩୫୩୦୭, ଗଞ୍ଜାମ-ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍-୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ଛାତ୍ରଙ୍କ ପାଇଁ କେନ୍ଦ୍ର ସରକାରଙ୍କ 'ଅମୃତ କାଳ'

# ବିଷ କାଳରେ ପରିଣତ ହୋଇଛି : କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ନିଟ ପରୀକ୍ଷାରେ ଘଟିଥିବା ଲଜ୍ୟାଜନକ ପ୍ରଶ୍ନ ପତ୍ର ଲିକ ଘଟଣାକୁ ନେଇ କଂଗ୍ରେସ ଭବନଠାରେ ସୋମବାର ପୂର୍ବାହ୍ନରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଲେ ଯେ ଦେଶର ଛାତ୍ରଙ୍କ ଭବିଷ୍ୟତ ସହିତ ଖେଳିବା ଅତ୍ୟନ୍ତ ଘୃଣିତ କାର୍ଯ୍ୟ ଏବଂ ଏହାକୁ କେବେ କ୍ଷମା କରାଯାଇ ପାରିବ ନାହିଁ । କଂଗ୍ରେସ ସରକାରଙ୍କ ସମୟରେ ଯେତେବେଳେ ମଧ୍ୟ ଦୁର୍ନୀତି ଘଟିଛି ମନ୍ତ୍ରୀଙ୍କୁ ନୈତିକତା ଦୃଷ୍ଟିରୁ ବିଦାୟ କରାଯିବା ସହିତ ଦୋଷୀଙ୍କୁ ଦଣ୍ଡ ଦିଆଯାଇଛି କିନ୍ତୁ ବିଜେପି ସରକାରରେ ଉତ୍ତରଦାୟିତ୍ୱ ମନ୍ତ୍ରୀଗଣ ନ ନେବା ଗଣତନ୍ତ୍ର ପାଇଁ ବିପଦ ।



ବିଧାୟକ ଅଶୋକ ଦାସ କହିଲେ ଯେ ପ୍ରଶ୍ନପତ୍ର ପ୍ରଘଟ ଏକ ନିତିଦିନିଆ ଘଟଣା ହୋଇ ଯାଇଛି । ସରକାରଙ୍କ ସମସ୍ତ ପରୀକ୍ଷାରେ ପ୍ରଶ୍ନ ପତ୍ର ଲିକ ଓ ବିକ୍ରୀ ସିଣ୍ଡିକେଟ ଚାଲିଛି । ଓଡିଶାରେ ପୁଲିସ ଏସଆଇ ଭର୍ତ୍ତିରେ ଦୁର୍ନୀତିରେ ଛୋଟମାଛକୁ ଧରି ସରକାର ବାହାବା ନେଉଥିବାବେଳେ ବଡ଼ ମାଛ ସବୁ ଖସିକି ପଳାଉଛନ୍ତି । ନୀତି ଓ ନୈତିକତାର ପାଠ ପଢ଼ାଉଥିବା ଦଳ ନିଜ ଉପରକୁ ଆସିଲାବେଳେ ସବୁ ନୀତି ନୈତିକତାକୁ ଜଳାଞ୍ଜଳି ଦେଇ ଦେଉଛି । ତେଣୁ କଂଗ୍ରେସ ଦାବି କରୁଛି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇସ୍ତଫା ଦେଇ ନୀତି ନୈତିକତାର ଦୃଷ୍ଟାନ୍ତ ସୃଷ୍ଟି କରନ୍ତୁ ବୋଲି ବିଧାୟକ ଶ୍ରୀ ଦାସ ପ୍ରକାଶ କରିଥିଲେ । ସମ୍ମିଳନୀରେ ଗଣମାଧ୍ୟମକୁ ପିସିସି ମିଡ଼ିଆ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଲେ ଯେ, ଜାତୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି ଯେ, ମୋଦୀ ସରକାରରେ ଅମୃତ କାଳ ନିଯୁକ୍ତି-ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ମୃତ କାଳ ସାବ୍ୟସ୍ତ ହେଉଛି । ମୋଦୀ ଶାସନରେ ୯୦ ରୁ ଅଧିକ ପେପର ଲିକ୍ ହୋଇସାରିଛି । ୯ କୋଟିରୁ ଅଧିକ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ପରିବାର ପ୍ରଭାବିତ ହୋଇଛନ୍ତି । ବେକାରୀର ନିଆଁ ପୂର୍ବରୁ ହିଁ ଯୁବପିଢ଼ିଙ୍କ ଭବିଷ୍ୟତ ନଷ୍ଟ କରୁଛି । ଓଡିଶା ବିଗତ ଦୁଇ ସପ୍ତାହ ଶିକ୍ଷାମନ୍ତ୍ରୀଙ୍କୁ ଅନୁଧ୍ୟାନ କଲା, କିଛି ପ୍ରତିବାଦ କଲାନି କାରଣ ବିଗତ ୧୧ ବର୍ଷଧରି କେନ୍ଦ୍ରମନ୍ତ୍ରୀ ଭାବରେ ଓଡିଶାର ପ୍ରତିନିଧିତ୍ୱ କରୁଛନ୍ତି । ଓଡିଶାବାସୀ ଚିନ୍ତା କରିଥିଲେ ନିଟ ପରୀକ୍ଷାରେ ବାରମ୍ବାର ଲିକ ଯୋଗୁଁ ସେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇ ଓଡିଶାର ଗାରିମାକୁ ରକ୍ଷା କରିବେ । କିନ୍ତୁ ସେ ତାହା କଲେ ନାହିଁ । ଆଜି ସାରା ଦେଶର ଛାତ୍ର ଓ ଯୁବବର୍ଗ ତାଙ୍କୁ ଶିକ୍ଷାମନ୍ତ୍ରୀ ନକହି ନିକମ୍ମା ମନ୍ତ୍ରୀ କହିବା ଆରମ୍ଭ କଲେଣି ବୋଲି ମିଡ଼ିଆ ବିଭାଗ ଅଧ୍ୟକ୍ଷ ଶ୍ରୀ ଦାସ କହିଥିଲେ ।

### ବର୍ଦ୍ଧିତ ଡେଙ୍ଗୁ ବୋଝକୁ ମୁକାବିଲା କରିବା ପାଇଁ

# ସମନ୍ୱିତ ପଦ୍ଧତି ସମୟର ଆହ୍ୱାନ

ଭୁବନେଶ୍ୱର, (ସବ୍ୟୁ): ଡେଙ୍ଗୁ କେବଳ ଏକ ଋତୁକାଳୀନ ରୋଗ ହୋଇ ରହିନାହିଁ । ଏହା ଏକ ଦ୍ରୁତ ବିକଶିତ ଜନସ୍ୱାସ୍ଥ୍ୟ ସଙ୍କଟ ପାଲଟିଯାଇଛି, ଯାହା ପାଇଁ ସାରା ବର୍ଷ ନିରନ୍ତର ପ୍ରସ୍ତୁତି ଆବଶ୍ୟକ । ବିଶେଷଜ୍ଞଙ୍କ ମତରେ ପରିବର୍ତ୍ତନଶୀଳ ମହାମାରୀ ପଦ୍ଧତି, ଦ୍ରୁତ ସହରୀକରଣ, ଜଳବାୟୁ ପରିବର୍ତ୍ତନଶୀଳତା, ଆନ୍ତର୍ଜାତୀୟ ଭ୍ରମଣ ଏବଂ ବର୍ଦ୍ଧିତ ଭେକଟର ଅନୁକୂଳନ ବିଶ୍ୱରେ ଡେଙ୍ଗୁ ସଂକ୍ରମଣ କ୍ଷେତ୍ରର ପ୍ରସାରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଭାରତରେ ଜଳବାୟୁ ପରିସ୍ଥିତି ଏବଂ ଜନସଂଖ୍ୟା ଘନତା ଯୋଗୁଁ ଡେଙ୍ଗୁ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ରହିଛି । ଏଥିପାଇଁ ଦୃଢ଼ ନିରୀକ୍ଷଣ ବ୍ୟବସ୍ଥା, ପ୍ରାରମ୍ଭିକ ପ୍ରକୋପ ଚିହ୍ନଟ ଯନ୍ତ୍ରପାତି ଏବଂ ଦୃଢ଼ ଜନସ୍ୱାସ୍ଥ୍ୟ ହସ୍ତକ୍ଷେପ ଆବଶ୍ୟକ ।

ଜାତୀୟ ଡେଙ୍ଗୁ ଦିବସ ୨୦୨୬ ପାଳନ ଅବସରରେ, ଏମ୍ସ ଭୁବନେଶ୍ୱରର ଜେନେରାଲ ମେଡିସିନ ବିଭାଗ ପକ୍ଷରୁ ଡେଙ୍ଗୁ ଅପଡେଟ୍ ୨୦୨୬: କ୍ଲିନିକାଲ୍



ଇନସାଇଟ୍ ଏବଂ ଜନସ୍ୱାସ୍ଥ୍ୟ ଦୃଷ୍ଟିକୋଣ ଉପରେ ଜାତୀୟ ସିଏମ୍ଇ ଆୟୋଜନ ଅବସରରେ ଉପସ୍ଥିତ ଦେଶର ପ୍ରମୁଖ ଚିକିତ୍ସକ, ମହାମାରୀ ବିଶେଷଜ୍ଞ, ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ଶିକ୍ଷାବିତମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ । ଏହି ଦିନିକିଆ ଆଲୋଚନାଚକ୍ରରେ ଡେଙ୍ଗୁ ନିବାରଣ, ନିର୍ଣ୍ଣୟ, ଚିକିତ୍ସା ଏବଂ ନିୟନ୍ତ୍ରଣ ରଣନୀତି ଉପରେ ବ୍ୟାପକ ବୈଜ୍ଞାନିକ ଆଲୋଚନା ହୋଇଥିଲା । ଏହି ଅବସରରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସ ଭାରତରେ ଡେଙ୍ଗୁର ବର୍ଦ୍ଧିତ ବୋଝକୁ ମୁକାବିଲା କରିବା ପାଇଁ ଚିକିତ୍ସକ, ମହାମାରୀ ବିଶେଷଜ୍ଞ, ଗବେଷକ, ପ୍ରଶାସକ ଏବଂ ସମାଜକୁ ସାମିଲ ପୂର୍ବକ ସମନ୍ୱିତ ପଦ୍ଧତିର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ।

ଏମ୍ସ ଭୁବନେଶ୍ୱର ମେଡିସିନ୍ ବିଭାଗର ପ୍ରଫେସର ତଥା ଆୟୋଜନ କମିଟି ଅଧ୍ୟକ୍ଷ ଡ. ରଶ୍ମି ରଞ୍ଜନ ମହାନ୍ତି, ଡେଙ୍ଗୁ ଚିକିତ୍ସାରେ ବିକଶିତ ହେଉଥିବା ରୋଗ ନିର୍ଣ୍ଣୟ ଏବଂ ପରିଚାଳନା ପ୍ରୋଟୋକଲ୍ ସମ୍ପର୍କରେ ଚିକିତ୍ସକମାନେ ଅବଗତ ରହିବା ପାଇଁ ଏପରି ନିରନ୍ତର ଡାକ୍ତରୀ ଶିକ୍ଷା କାର୍ଯ୍ୟକ୍ରମ ଅତ୍ୟନ୍ତ ଜରୁରୀ ବୋଲି ପ୍ରକାଶ କରିଥିଲେ । ଆୟୋଜନ କମିଟି ସଂଗଠନ ସମ୍ପାଦକ ତଥା ଏମ୍ସ ଭୁବନେଶ୍ୱର ମେଡିସିନ୍ ବିଭାଗର ସହଯୋଗୀ ପ୍ରଫେସର ଡ. ଦେବାନନ୍ଦ ସାହୁଙ୍କ ଦ୍ୱାରା କାର୍ଯ୍ୟକ୍ରମ ସମନ୍ୱୟ ଏବଂ ବୈଜ୍ଞାନିକ କାର୍ଯ୍ୟାନ୍ୱୟନ ଦକ୍ଷତାର ପରିଚାଳିତ ହୋଇଥିଲା । ଉଦଘାଟନୀ ସମାରୋହରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପୂର୍ବତନ ଆଞ୍ଚଳିକ ପରାମର୍ଶଦାତା ଡ. ଏ. ପି. ଦାଶ ଯୋଗ ଦେଇଥିଲେ । ବିଶେଷଜ୍ଞମାନେ ମିଳିତ ଭାବରେ ଜଳବାୟୁ-ସମ୍ବେଦନଶୀଳ ରୋଗ ନିରୀକ୍ଷଣ, ପ୍ରାଥମିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା, ପରୀକ୍ଷାଗାର କ୍ଷମତା ବୃଦ୍ଧି କରିବା ଏବଂ ଆନ୍ତଃଶାଖାଗତ ଗବେଷଣା ସହଯୋଗକୁ ପ୍ରୋତ୍ସାହିତ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଜାତୀୟ ଡେଙ୍ଗୁ ଦିବସ ପାଳନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା ଏମ୍ସ ଭୁବନେଶ୍ୱରର ଓପିଡିରେ ଆୟୋଜିତ ଜନସଚେତନତା କାର୍ଯ୍ୟକ୍ରମ ।

### ଶେଷ ଠିକଣା ଚାରିଟେବୁଲ ଟ୍ରଷ୍ଟର ରକ୍ତଦାନ ଶିବିର, ୭୦ୟୁନିଟ ସଂଗୃହିତ



କଟକ, (ସ୍ୱପ୍ର): ଖରାଦିନେ ରକ୍ତ ଭଣ୍ଡାରରେ ରକ୍ତ ଅଭାବକୁ ଲକ୍ଷ୍ୟରେ ରଖି ସାମାଜିକ ସଙ୍ଗଠନ ଶେଷ ଠିକଣା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ପଞ୍ଚମୁଖୀ ଖେଳ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ଅଭିମନ୍ୟୁ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ମୋଟ ୭୦ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ସ୍ଥାନୀୟ ରେଡକ୍ରସର ନିର୍ଦ୍ଦେଶକ ଡ଼. ଚନ୍ଦ୍ରିକା ପ୍ରସାଦ ଦାସ ଓ ତାଙ୍କ ଟିମଙ୍କ ଦ୍ୱାରା ଏହି ଶିବିରଟି ପରିଚାଳିତ ହୋଇ ରକ୍ତ ସଂଗୃହିତ ହୋଇଥିଲା । ଏଥିରେ ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ରହି ରକ୍ତଦାନ କରିବା ସହିତ ସହାୟତା କରିଥିଲେ । ଏହି ଅବସରରେ ସମସ୍ତ ରକ୍ତଦାତା ଓ ଏଥିରେ ସହାୟତା କରିଥିବା ବ୍ୟକ୍ତିବିଶେଷଙ୍କୁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଥିଲା ।

# ଜନଜାତୀୟ ଗାରିମା ଅଭିଯାନର ଶୁଭାରମ୍ଭ

ଖୋର୍ଦ୍ଧା, (ସବ୍ୟୁ): ଜନଜାତି ବ୍ୟାପର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ତଥା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଓଡ଼ିଶା ସରକାରଙ୍କ ସହଭାଗିତାରେ ଖୋର୍ଦ୍ଧା ଜିଲ୍ଲାରେ ଜନ ଜାତୀୟ ଗାରିମା ଉତ୍ସବ ଶୁଭାରମ୍ଭ ହୋଇଯାଇଛି । ଅନୁସୂଚିତ ଜନଜାତି ସମ୍ପ୍ରଦାୟଙ୍କ ବ୍ୟକ୍ତିଗତ ତଥା ସାମୁହିକ ଉନ୍ନତି ପାଇଁ ସରକାରଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସେମାନଙ୍କୁ ଅବଗତ କରାଇବା ସହ ଅପହଁଚ ବ୍ୟକ୍ତି ଙ୍କୁ ସବୁ ଯୋଜନାରେ ଅନ୍ତର୍ଭୁକ୍ତ କରିବା ଏହି ଅଭିଯାନ ମୂଳ ଲକ୍ଷ୍ୟ ଉଦ୍ଦେଶ୍ୟ ରହିଛି । ଆଜି ଠାରୁ ୨୫ ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପି ପାଳନ କରାଯିବ ବୋଲି ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ସୂଚନା ଦେଇଛନ୍ତି ।

ଖୋର୍ଦ୍ଧା ଜିଲ୍ଲାର ୬ଗୋଟି ବ୍ଲକର ୧୬ଟି ଆଦିବାସୀ ବହୁଳ ଗ୍ରାମରେ ଜନଜାତୀୟ ଗରିମା ଉତ୍ସବ-୨୦୨୬ ଅନ୍ତର୍ଗତ ଜନଭାଗିଦାରୀ ଅଭିଯାନ- ସବୁଠାରୁ ଦୂର ସର୍ବ ପ୍ରଥମେ ପାଳନ କରାଯିବ । ଭୁବନେଶ୍ୱର ବ୍ଲକ ର ଚୁଡଙ୍ଗ, ଦଲୁଅ, ଭଗବତୀପୁର ଓ ଦାସପୁର, ବାଣପୁର ବ୍ଲକ ନିଳାଦ୍ରୀପ୍ରସାଦ, ତାଳବୋରେଇ, ଗୁରୁପଡା ଓ ବେଙ୍ଗରାଜପଲ୍ଲୀ, ଖୋର୍ଦ୍ଧାବ୍ଲକ ତରକାଇ,ବନ୍ତଲା, ବରହମପୁରା, ଜଟଣୀ ବ୍ଲକ ର ବିଂଝଗିରି, ମିନିଚିନିପାଟଣା, ଗ୍ରାମଡିହ, ବେଗୁନିଆ ବ୍ଲକ ଗୋଡିପୋଖରୀ ଏବଂ ବୋଲଗଡ ବ୍ଲକ ହରିପୁର ଗ୍ରାମ ରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ ।

### ଓଡ଼ିଶାର ଉପକୂଳକୁ ପୁନରୁଦ୍ଧାର କରିବା ପାଇଁ

# ୩୦ ହଜାର ହେନ୍ତାଳ ବନ ଚାରା ରୋପଣ କରିଛି ସିଗ୍ନେଚର ପ୍ୟାକେଜ୍ଡ଼ ପାନୀୟ ଜଳ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା, ଭାରତ : ସିଗ୍ନେଚର ପ୍ୟାକେଜ୍ଡ଼ ପାନୀୟ ଜଳ ଓଡ଼ିଶାର ଅସ୍ତରଙ୍ଗରେ ଏକ ତିନି ବର୍ଷିଆ ହେନ୍ତାଳ ବନ ପୁନରୁଦ୍ଧାର ପ୍ରକଳ୍ପ ଆରମ୍ଭ କରିଛି - ଏହା ରାଜ୍ୟର ପୂର୍ବ ଉପକୂଳରେ ପାଞ୍ଚଟି ଉପକୂଳବର୍ତ୍ତୀ ଗ୍ରାମକୁ ବ୍ୟାପି ଏକ ଗୋଷ୍ଠୀ-ନେତୃତ୍ୱାଧୀନ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ପ୍ରକଳ୍ପ ସକ୍ରିୟ ଭାବରେ ୬୨ ଏକରରୁ ଅଧିକ ଅବକ୍ଷୟପ୍ରାପ୍ତ ଜମିକୁ ପୁନରୁଦ୍ଧାର କରୁଛି, ୩୦,୦୦୦ ରୁ ଅଧିକ ହେନ୍ତାଳ ବନ ଚାରା ରୋପଣ କରୁଛି ଏବଂ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ସ୍ଥାୟୀ ଜୀବିକା କାର୍ଯ୍ୟକ୍ରମ ନିର୍ମାଣ କରୁଛି । ହେନ୍ତାଳ ବନ ବର୍ଷାଜଳ ଅପେକ୍ଷା ଚାରି ଗୁଣ ଅଧିକ ଅଙ୍ଗାରକାମ୍ଳ ଶୋଷଣ କରେ, ଉପକୂଳକୁ କ୍ଷୟରୁ ରକ୍ଷା କରେ ଏବଂ ଜୈବ ବିବିଧତାକୁ ସଂରକ୍ଷଣ କରେ ତଥାପି ସେମାନେ ବିଶ୍ୱର ସବୁଠାରୁ ବିପଦପୂର୍ଣ୍ଣ ଇକୋସିଷ୍ଟମ ମଧ୍ୟରେ ରହିଛନ୍ତି । ଏହି ପଦକ୍ଷେପ ସେହି ଆବଶ୍ୟକତାକୁ ସମ୍ବୋଧିତ କରେ, ସିଗ୍ନେଚର ପ୍ୟାକେଜ୍ ପାନୀୟ ଜଳର ପରିବେଶଗତ ପ୍ରତିବଦ୍ଧତାକୁ, ଭୂମିରେ ମାପଯୋଗ୍ୟ କାର୍ଯ୍ୟରେ ପରିଣତ କରେ । "ଓଡ଼ିଶାରେ ହେନ୍ତାଳ ବନ ପୁନରୁଦ୍ଧାର ପ୍ରକଳ୍ପ ହେଉଛି ଆମର ଏକ ଶକ୍ତିଶାଳୀ ଅଭିବ୍ୟକ୍ତି – ଗୋଷ୍ଠୀ ପରିଚାଳିତ କାର୍ଯ୍ୟ, ନିରନ୍ତର ପ୍ରତିବଦ୍ଧତା ଏବଂ ଅର୍ଥପୂର୍ଣ୍ଣ ପରିବେଶଗତ ପ୍ରଗତି । 'ୱାନ୍ ୱିଥ୍ ନେଚର' ସହିତ, ଆମେ ହେନ୍ତାଳ ବନ ଭଳି ଇକୋସିଷ୍ଟମ ଏବଂ ସେଗୁଡ଼ିକୁ ସୁରକ୍ଷା ଦେବା ପାଇଁ ପ୍ରତିଦିନ କାମ କରୁଥିବା ଲୋକଙ୍କ ନୀରବ ଶକ୍ତିକୁ ପାଳନ କରୁଛୁ," ଡାଏଜିଓ ଇଣ୍ଡିଆର ଭାଇସ୍ ପ୍ରେସିଡେଣ୍ଟ ଏବଂ ପୋର୍ଟଫୋଲିଓ ହେଡ୍ - ମାର୍କେଟିଂ ଆନନ୍ଦିତା ଦତ୍ତ କହିଛନ୍ତି ।

# କୋରିଆରେ 'ଇଣ୍ଡିଆ ଡେ' ଉତ୍ସବରେ ଓଡିଶୀ ନୃତ୍ୟ ପ୍ରଦର୍ଶନ କଲେ ଅଞ୍ଜେଲିନା

ଭୁବନେଶ୍ୱର, (ସବ୍ୟୁ): ନୃତ୍ୟାନ୍ତର ଓଡିଶୀ ଗ୍ରୁପର ଓଡିଆ ନୃତ୍ୟଶିଳ୍ପୀ ଅଞ୍ଜେଲିନା ଦକ୍ଷିଣ କୋରିଆର ସିଓଲରେ ଆୟୋଜିତ 'ଇଣ୍ଡିଆ ଡେ ୨୦୨୬' ଉତ୍ସବରେ ଓଡିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମଟି ସିଓଲସ୍ଥିତ ଭାରତୀୟ ଦୂତାବାସ ଦ୍ୱାରା ଆୟୋଜିତ ହୋଇଥିଲା । ଏହି ଓଡିଶୀ ଦଳରେ ଆଶ୍ୱାସନା, ଅଞ୍ଜେଲିନା, ଶ୍ରେୟାଶୀ ଏବଂ ୫ ବର୍ଷୀୟା ଛୋଟ ଶିଳ୍ପୀ ମିହିକା ମାହନୂର ଅନ୍ତର୍ଭୁକ୍ତ ଥିଲେ । ନୀଳ ଆକାଶ ତଳେ ହାନ୍ ନଦୀ କୂଳରେ ସେମାନଙ୍କର ମନୋମୋହନୀୟ ନୃତ୍ୟ ପ୍ରଦର୍ଶନ ଦର୍ଶକମାନଙ୍କୁ ମୁଗ୍ଧ କରିଦେଇଥିଲା । ସୁନ୍ଦର ପରିବେଶ ଓ ଉଜ୍ଜ୍ୱଳ ସୂର୍ଯ୍ୟକିରଣ ମଧ୍ୟରେ ନୃତ୍ୟର ମାୟା ଅଧିକ ଆକର୍ଷଣୀୟ ହୋଇଉଠିଥିଲା ।

ଲୋକମାନେ ଅଟକି ଯାଇ ସଙ୍ଗୀତ ଓ ନୃତ୍ୟର ମାଧୁର୍ଯ୍ୟ ଉପଭୋଗ କରୁଥିଲେ ଏବଂ ଧୀରେଧୀରେ କାର୍ଯ୍ୟକ୍ରମ ସ୍ଥଳୀକୁ ଆସି ଭିଡ଼ ଜମାଉଥିଲେ । ଦକ୍ଷିଣ କୋରିଆରେ ଭାରତୀୟ ଦୂତାବାସ ପକ୍ଷରୁ ଆୟୋଜିତ ଏହା ପ୍ରଥମ 'ଇଣ୍ଡିଆ ଡେ' କାର୍ଯ୍ୟକ୍ରମ ଥିଲା । କାର୍ଯ୍ୟକ୍ରମ ସ୍ଥଳୀର ଦୁଇ ପାର୍ଶ୍ୱରେ ଭାରତର ୨୮ଟି ରାଜ୍ୟକୁ ପ୍ରତିନିଧିତ୍ୱ କରୁଥିବା ଷ୍ଟଲ୍ ସଜାଯାଇଥିଲା । ଉତ୍ତର, ଦକ୍ଷିଣ, ପୂର୍ବ ଓ ପଶ୍ଚିମ ଭାରତର ସଂସ୍କୃତିକୁ ନଦୀ କୂଳରେ ସୁନ୍ଦର



ଭାବେ ପ୍ରଦର୍ଶିତ କରାଯାଇଥିଲା । ବର୍ତ୍ତମାନ ପ୍ରାୟ ୧୮ ହଜାର ଭାରତୀୟ ଦକ୍ଷିଣ କୋରିଆରେ ବସବାସ କରୁଥିବାବେଳେ ଭାରତରେ ବସବାସ କରୁଥିବା କୋରିଆନ୍‌ମାନଙ୍କ ସଂଖ୍ୟା ତୁଳନାମୂଳକ ଭାବେ କମ୍ ରହିଛି ।

ଅଞ୍ଜେଲିନା କହିଥିଲେ, "ବିଶ୍ୱରେ ଶକ୍ତିର ସମୀକରଣ ପରିବର୍ତ୍ତିତ ହେଉଥିବା ସମୟରେ ଭାରତ ଆଉ ଦୂର ଦେଶ ଭାବେ ରହିନାହିଁ । ଓଡିଶୀ ନୃତ୍ୟ ପ୍ରଦର୍ଶନ ସମୟରେ ଆମେ ଏକ କୋରିଆନ୍ କେ-ପପ୍ ଦଳ ସହ ଭେଟିଥିଲୁ । ଆଶ୍ଚର୍ଯ୍ୟର କଥା ହେଲା, ସେହି ଦଳର ଜଣେ ପ୍ରମୁଖ ସଦସ୍ୟ ମୋର ରାଜ୍ୟର ରାଉରକେଲା ସହରର ଥିଲେ । ଆମେ କିଛି ସୁନ୍ଦର ମୁହୂର୍ତ୍ତ ସହ କାଟିଲୁ । ଗଛଛାୟା ତଳେ ଲୋକମାନେ ଭାରତୀୟ ପାରମ୍ପରିକ ବାଦ୍ୟଯନ୍ତ୍ରର ସୁର ଉପଭୋଗ କରୁଥିଲେ । ଭାରତୀୟ ରାଜଦୂତ ଗୋକର୍ଣ୍ଣଲ ଦାସ କହିଥିଲେ, "ମନ ସହ ମନ ଯେତେବେଳେ ଯୋଡ଼ାଯାଏ, ସେତେବେଳେ ସଂସ୍କୃତିର ସତ୍ୟ ସମ୍ମିଳନ ଘଟେ । ଆଜିର ଏହି ସମାବେଶ କୋରିଆ ଓ ଭାରତୀୟ ସଂସ୍କୃତିର ଏକତାର ପ୍ରତୀକ ।

### ସରକାରୀ ଅଧିକାରୀଙ୍କୁ ବିଜେପି ନେତାଙ୍କ ଦୁର୍ବ୍ୟବହାର ପ୍ରସଙ୍ଗ

# ଭିଡ଼ ହିଂସା ଘଟାଇବାକୁ ଉଦ୍ୟମ କରୁନଥିଲେ ତ ଅରିନ୍ଦମ : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଗତ ୧୬ ତାରିଖରେ ପୁଣିଥରେ ଜଣେ ସରକାରୀ ଅଧିକାରୀ ବିଜେପି ନେତା ଅରିନ୍ଦମ ରାୟଙ୍କ ଦ୍ୱାରା ଦୁର୍ବ୍ୟବହାରର ଶିକାର ହୋଇଛନ୍ତି । ବିଜେପି କ୍ଷମତାକୁ ଆସିବା ପରେ ଦଳର ନେତା ଓ କର୍ମୀ ବାରମ୍ବାର ସରକାରୀ ଅଧିକାରୀଙ୍କୁ ଦୁର୍ବ୍ୟବହାର କରିବା ଓ ଘଟଣାରେ ସରକାର ଚୁପ୍ ରହିବାକୁ ନେଇ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁ ଓ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି, ବିଜେପି ସରକାରରେ ସରକାରୀ ଅଧିକାରୀ ମାନେ ବାରମ୍ବାର ଦୁର୍ବ୍ୟବହାରର ଶିକାର ହେବା ଘଟଣାକୁ ତୀବ୍ର ନିନ୍ଦା କରିଥିଲେ । ବିଜେପି ସରକାରକୁ ଆସିଲା ପରେ ରାଜ୍ୟରେ ରାଜ୍ୟରେ ହିଂସା, ନାରୀ ନିର୍ଯ୍ୟାତନା, ଦୁଷ୍କର୍ମ, ଗଣଦୁଷ୍କର୍ମ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି ।

ଇପ୍ସୀତା ସାହୁ କହିଥିଲେ ଯେ, ବିଜେପି ନେତା ଅରିନ୍ଦମ ରାୟ ଦୁଇ ଦିନ ତଳେ କଟକ ଜିଲ୍ଲାର ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଯେଉଁଭଳି ଭାବେ ଜଣେ ଏବିଡିଓଙ୍କୁ ଦୁର୍ବ୍ୟବହାର କଲେ ତାହା ଅତ୍ୟନ୍ତ ଦୁଃଖଦାୟକ । ସରକାରୀ ଅଧିକାରୀଙ୍କୁ ସେ ଦୁର୍ବ୍ୟବହାର କରିବା ସମୟରେ ଆଠଗଡ଼ର ଜଣେ ବିଜେପି ନେତା ମଧ୍ୟ ସେଠି ଉପସ୍ଥିତ ଥିଲେ । ଜଣେ ସରକାରୀ କର୍ମଚାରୀ ହେବା ପାଇଁ କେତେ ପରିଶ୍ରମ କରିବାକୁ ପଡେ, ତାହା ବିଜେପି ନେତା ମାନେ ଜାଣିନାହାନ୍ତି । ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ ପୋଲିସ୍ ପ୍ରଶାସନ, ପୋଲିସ୍ ମହାନିର୍ଦ୍ଦେଶକ ଓ ମୁଖ୍ୟମନ୍ତ୍ରୀ କାହିଁକି ଚୁପ୍ ରହୁଛନ୍ତି? ଅରିନ୍ଦମ ରାୟ ଯେଉଁ ହିସାବରେ ବ୍ୟବହାର କରୁଥିଲେ ତାହା ଗ୍ରହଣ ଯୋଗ୍ୟ ନୁହେଁ । ଅରିନ୍ଦମ ରାୟ ଆଉ ଗୋଟେ ଭିଡ଼ ହିଂସା କରିବାର ପ୍ରଚେଷ୍ଟାରେ ନଥିଲେ ତ ବୋଲି ବିଜେଡ଼ି ପ୍ରଶ୍ନ କରିଛି । ଡ଼ ଲେନିନ ମହାନ୍ତି କହିଥିଲେ ଯେ, କଟକ ଜିଲ୍ଲାର ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଅରିନ୍ଦମ ରାୟ ଏବିଡିଓଙ୍କୁ ଦୁର୍ବ୍ୟବହାର କରିବା ଓ ଜଣେ ମହିଳା ଜିପିଓଙ୍କ ସହ ଯେଉଁଭଳି ଭାବେ ବଚସା କଲେ ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ।

# ଶ୍ରୀ ଜଗନ୍ନାଥ ସୌରଭ ସମ୍ଭାଇ ସତସଙ୍ଗ ରଥଯାତ୍ରା ଉତ୍ସବ ଭିଡ଼ିଓ ଫିଲ୍ମ ଲୋକାର୍ପିତ



ଭୁବନେଶ୍ୱର, (ସବ୍ୟୁ) : ଲିଙ୍ଗିପୁର ନୂଆଗାଁ ଠାରେ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ଇଣ୍ଡିଆ ପକ୍ଷରୁ ଶ୍ରୀ ଜଗନ୍ନାଥ ସୌରଭ ସମ୍ଭାଇ ସତସଙ୍ଗ ଓ ୧୮୦୫ ରୁ ୧୮୮୭ ପର୍ଯ୍ୟନ୍ତ ରଥଯାତ୍ରା ଉତ୍ସବ ଭିଡ଼ିଓ ଫିଲ୍ମ ୟୁଟୁବରେ ଲୋକାର୍ପିତ ହୋଇଛି । ଏହି ସତସଙ୍ଗରେ ପ୍ରବକ୍ତା ପଣ୍ଡିତ ମିତେଶ ମାନସ ପାତ୍ର ଯୋଗ ଦେଇ ତାଙ୍କର ଆର୍ଶୀବଚନ ପ୍ରଦାନ କରିଥିଲେ । ଡ଼ ନାରାୟଣ ମହାପାତ୍ର, ସୁରେଶ ମିଶ୍ର, ବିଜୟ ମୋହନ ପଣ୍ଡା, ମୃତ୍ୟୁଞ୍ଜୟ ମହାନ୍ତି, ତ୍ରିଲୋଚନ ନାୟକଙ୍କ ଦ୍ୱାରା ସଂଯୋଜନା କରାଯାଇ ଥିଲା । ତେଜେଶ୍ୱନୀ ରଥ, ଅନୁପମା ମିଶ୍ର, ଭାରତୀ ଭୂଷଣ ପଟ୍ଟନାୟକ ଓ ଅନ୍ୟମାନେ ଭଜନ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବଂଶୀଧର ନାୟକ, ଶରତ ମହାପାତ୍ର ଦୁଷ୍ମନ୍ତ କୁମାର ଧୀର ଓ ଅନ୍ୟମାନେ ଯୋଗଦେଇ ଥିଲେ ।

# ନୂଆଦିଲ୍ଲୀରେ ସୋଆକୁ ସିଏସ୍ଆର୍ ସମ୍ମାନ

ଭୁବନେଶ୍ୱର, (ସବ୍ୟୁ) : ଶିକ୍ଷା ଓ ଅନୁସନ୍ଧାନ (ସୋଆ)କୁ ଇଂରାଜୀ ପତ୍ରିକା 'କମ୍ପିଟିସନ୍ ସକ୍‌ସେସ୍ ରିଭ୍ୟୁ' ପକ୍ଷରୁ ସିଏସ୍ଆର୍ ସମ୍ମାନ ପ୍ରଦାନ କରାଯାଇଛି । ରବିବାର ନୂଆଦିଲ୍ଲୀ



ଠାରେ ଆୟୋଜିତ ସିଏସ୍ଆର୍ ସମ୍ମାନ ଉତ୍ସବରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କୁ 'ସିଏସ୍ଆର୍ ଏମିନେଂଟ ଫାଉଣ୍ଡିଙ୍ଗ୍ ଡାଇରେକ୍ଟର ଅଫ୍ ଲିଡିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ' ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ସୋଆ ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟକୁ 'ସିଏସ୍ଆର୍ ଏକ୍ସିଲେନ୍ସ ଇନ୍ ଏଜୁକେସନ୍' ସମ୍ମାନ ପ୍ରଦାନ କରାଯାଇଛି । ସେହିପରି ସୋଆର ଫ୍ୟାକଲ୍ଟି ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି - ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍)କୁ 'ସିଏସ୍ଆର୍ ଲିଡିଂ ଇନ୍‌ଷ୍ଟିଚ୍ୟୁଟ୍ ଫର ଏକ୍ସିଲେନ୍ସ ଇନ୍ କ୍ୟାରିୟର ଡେଭଲପମେଂଟ ' ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍)କୁ ସିଏସ୍ଆର୍ ଟପ୍ ଲିଡିଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ସମ୍ମାନରେ ସମ୍ମାନିତ କରାଯାଇଛି । ସେହିପରି ସୋଆର ଫ୍ୟାକଲ୍ଟି ଅଫ୍ ହୋଟେଲ ମ୍ୟାନେଜମେଂଟ ସୋଆ ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଂଟ (ଏସଏଚ୍ଏମ୍)କୁ ସିଏସଆର ଟପ୍ ହୋଟେଲ ମ୍ୟାନେଜମେଂଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ସମ୍ମାନରେ ସମ୍ମାନିତ କରାଯାଇଛି । ନୂଆଦିଲ୍ଲୀର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ସୋଆର ପ୍ରତିଷ୍ଠାତା ସଭାପତିଙ୍କ ଅଫିସର-ଅନ୍-ସ୍ପେଶାଲ ଡ୍ୟୁଟି ପ୍ରୀତମ ନାୟକ ସିଏସ୍ଆର୍‌ର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତି ବନ୍ଦନା ବଧୱାରଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ । ଏହି ଅବସରରେ ସିଏସ୍ଆର୍ ଗ୍ରୁପ୍‌ର ଅଧ୍ୟକ୍ଷ ଏସ୍.କେ. ସଚଦେବ ଉପସ୍ଥିତ ଥିଲେ ।

### ସତ୍ୟବାଦୀରେ ଆର୍ଟ ଅଫ୍ ଗିଭିଂ ଦିବସ

ସାକ୍ଷୀଗୋପାଳ ,(ସବ୍ୟୁ): ଆଚାର୍ଯ୍ୟ ହରିହର ଶିଶୁ ଭବନ, ସାକ୍ଷୀଗୋପାଳ ପରିସରରେ ରବିବାର ଦିନ ଆର୍ଟ ଅଫ ଗିଭିଙ୍ଗ ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ସତ୍ୟବାଦୀ ଥାନା ଆଇ ଆଇ ସି ସୌମ୍ୟରଞ୍ଜନ ମହାଳିକ ଆଚାର୍ଯ୍ୟ ହରିହର ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମଟିକୁ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବରେ ସତ୍ୟବାଦୀ ପ୍ରେସକ୍ଲବ ର ସଭାପତି କିଶୋର ଚନ୍ଦ୍ର ମହାପାତ୍ର, ଶିଶୁ ଭବନର ସମ୍ପାଦକ ହୃଷିକେଶ ଦାସ , ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା, ଅମର କୁମାର ଶତପଥୀ, ଆଇନଜୀବୀ ଉପେନ୍ଦ୍ର ବିଶାଳ ସଂଯୋଜକ ଆର୍ଟ ଅଫ ଗୀଭିଂ, ସତ୍ୟବାଦୀ ବ୍ଲକ ଯୋଗଦେଇ ଆର୍ଟ ଅଫ ଗୀଭିଙ୍ଗ ଦିବସ ପାଳନ ଅବସରରେ ନିଜନିଜ ମତରଖିଥିଲେ । ଅନୁଷ୍ଠାନ ର ଅଧୀକ୍ଷକ ସୁବୋଧ କୁମାର ସଓ୍ୱାଇଁ,ମିନାକ୍ଷୀ ବାରିକ, କବିତା ପାତ୍ର ,ଲକ୍ଷ୍ମୀଧର ସାହୁ ,ପ୍ରମୋଦ କୁମାର ଜେନା , ସ୍ୱର୍ଣ୍ଣଲତା ନାୟକ,ଚତୁର୍ଭୁଜ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।ଏହି ଅବସରରେ ଅନ୍ତେବାସୀ ମାନଙ୍କୁ ଖାତା, ପେନ ଓ ଅଂଶଗ୍ରହଣ ମାନପତ୍ର ପ୍ରଦାନ କରାଯାଇଥିଲା । ସତ୍ୟବାଦୀ ବ୍ଲକ ସଂଯୋଜକ ଉପେନ୍ଦ୍ର ବିଶାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ୱାର୍ଡ ନଂ -୪୬ ରେ ଓଡ଼ିଶା ଜନତା କଂଗ୍ରେସର କର୍ମୀ ସମ୍ମିଳନୀ

କଟକ, (ସ୍ୱପ୍ର): କଟକ ଚୌଦ୍ୱାର ନିର୍ବାଚନ ମଣ୍ଡଳୀର ସିଏମସି ୱାର୍ଡ ନଂ -୪୬ ସ୍ଥାନୀୟ ଶିଖରପୁର ଠାରେ ଓଡ଼ିଶା ଜନତା କଂଗ୍ରେସର ଏକ ଗୁରୁତ୍ୱପୂର୍ଣ୍ଣ କର୍ମୀ ସମ୍ମିଳନୀ ଓ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛ । ବରିଷ୍ଠ ନେତା ପ୍ରତାପ ଚନ୍ଦ୍ର ପରିଡ଼ାଙ୍କ ପରିଚାଳନା ଏବଂ ଅଜୟ ଗୋଚ୍ଛାୟତଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ଦଳର ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଆଗାମୀ ପୌର ନିର୍ବାଚନରେ କିପରି ଦଳକୁ ତୃଣମୂଳ ସ୍ତରରୁ ଅଧିକ ସଙ୍ଗଠିତ କରାଯିବ ଏବଂ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରାଯାଇପାରିବ, ସେନେଇ ସେ କର୍ମୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ଏହାସହ ଓ୍ୱାର୍ଡର ବିଭିନ୍ନ ସ୍ଥାନୀୟ ସମସ୍ୟାକୁ ସାମ୍ନାକୁ ଆଣି ଦଳ ଓ କର୍ମୀମାନେ ଜନସାଧାରଣଙ୍କ ହିତ ପାଇଁ କାର୍ଯ୍ୟ କରିବା ଉଚିତ ବୋଲି ସେ ଆହ୍ୱାନ ଦେଇଥିଲେ । ସମ୍ମିଳନୀରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ଯୋଗଦେଇ ଦଳୀୟ



ସଂଗଠନକୁ ମଜବୁତ କରିବା ସହ ମହିଳାମାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ବରିଷ୍ଠ ନେତା ନିକୁଞ୍ଜ ପଶାୟତ, ବୀରେନ୍ଦ୍ର ଦାସ, ସେକ ଲିଆକତଉଦ୍ଦିନ ଅହମ୍ମଦ ଯୋଗଦେଇ ୱାର୍ଡରେ ଓଡ଼ିଶା ଜନତା କଂଗ୍ରେସକୁ ସୁଦୃଢ଼ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ । ୱାର୍ଡର ବରିଷ୍ଠ ନେତା ଅଜୟ ଗୋଚ୍ଛାୟତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିଖରପୁର, ଗଣ୍ଡରପୁର ମହାନଦୀବିହାର ପୂଜା କମିଟି ସଭାପତି ଜୟନ୍ତ ପ୍ରଧାନ, କୋଷାଧ୍ୟକ୍ଷ ନଗେଶ ସ୍ୱାଇଁ, ବରିଷ୍ଠ ମୁରବୀ ଅଜୟ ମହାନ୍ତି, ହାଡିବନ୍ଧୁ ମହାନ୍ତିଙ୍କ ସମେତ ବହୁ ସଂଖ୍ୟାରେ ମହିଳା କର୍ମୀ ଓ ସ୍ଥାନୀୟ ଜନସାଧାରଣ ଏହି ସମ୍ମିଳନୀରେ ସାମିଲ ହୋଇ ବୈଠକକୁ ସଫଳ କରିଥିଲେ ।

## ଆମେରିକା ନୌସେନାର ଏୟାର ସୋ'ରେ ଅଘଟଣ

# ମଝି ଆକାଶରେ ଜଳିଗଲା ଦୁଇ ବିମାନ

### ■ ଅଳ୍ପକେ ବର୍ତ୍ତିଲେ ୪ ପାଇଲଟ



ୱାସିଂଟନ : ଆମେରିକାରେ ଆୟୋଜିତ ଏକ ଏୟାର ସୋ' ସମୟରେ, ଆମେରିକାର ନୌସେନାର ଦୁଇଟି ଅତ୍ୟାଧୁନିକ ଯୁଦ୍ଧ ବିମାନ ମଝି ଆକାଶରେ ପରସ୍ପର ସହିତ ଧକ୍କା ହୋଇଥିଲେ। ହଜାର ହଜାର ଲୋକ ଆକାଶରେ ଯୁଦ୍ଧ ବିମାନର ଆଶ୍ଚର୍ଯ୍ୟଜନକ କଳାକୌଶଳ ଦେଖୁଥିବା ସମୟରେ ଏହି ଘଟଣା ଘଟିଥିଲା। ଏହି ଦୁର୍ଘଟଣା ନେଇ କାର୍ଯ୍ୟକ୍ରମ ସ୍ଥାନରେ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା। ଦର୍ଶକମାନେ ଭୟଭୀତ ହୋଇଯାଇ ଦୌଡ଼ାଦୌଡ଼ି ଆରମ୍ଭ କରିଥିଲେ। ରିପୋର୍ଟ ଅନୁସାରେ, ଆଇଡାହୋର ବୋଇସର ଦକ୍ଷିଣ-ପୂର୍ବରେ ଥିବା ମାଉଣ୍ଟେନ୍ ହୋମ୍ ଏୟାର ଫୋର୍ସ ବେସର 'ଗନଫାଇଟର୍ ସ୍କାଏଜ୍ ଏୟାର ସୋ' ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଆମେରିକୀୟ ନୌସେନା ବୋଇଂ ଏଫ୍/ଏ-୧୮ଇ/ଏଫ୍ ସୁପର ହର୍ନେଟ୍ ଏବଂ ବୋଇଂ ଇଏ-୧୮ଜି ଗ୍ରୋୱଲର ମଧ୍ୟରେ ଧକ୍କା ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଦୁଇଟି ବିମାନ ଆକାଶରେ ପରସ୍ପରର ଅତି ନିକଟରେ ଉଡୁଥିବା ବେଳେ ହଠାତ୍ ଧକ୍କା ହୋଇଥିଲା। ଧକ୍କା ହେବା ମାତ୍ରେ ଆକାଶରେ ଅଗ୍ନିକାଣ୍ଡ ଘଟିଥିଲା। ପରେ ଉଭୟ ଜେଟ୍ ଭୂମିରେ ମାଡ଼ ହୋଇ ଜଳି ଉଠିଥିଲା। ଏହି ଦୃଶ୍ୟ ଉପସ୍ଥିତ ଲୋକମାନଙ୍କୁ ସ୍ତବ୍ଧ କରିଦେଇଥିଲା। ଭୟଙ୍କର ଧକ୍କା ସତ୍ତ୍ୱେ, ସବୁଠାରୁ ଆଶ୍ୱସ୍ତିକର କଥା ହେଉଛି ଯେ ୪ କ୍ରୁ ସଦସ୍ୟ ସୁରକ୍ଷିତ ଭାବରେ ବାହାରକୁ ବାହାରିବାରେ ସଫଳ ହୋଇଥିଲେ। ଦେଖଣାହାରୀଙ୍କ ଅନୁସାରେ, ବିମାନଗୁଡ଼ିକ ଭୂମିରେ ମାଡ଼ ହେବା ପୂର୍ବରୁ ଚାରୋଟି ପାରାଚୁଟ୍ ଆକାଶରୁ ତଳକୁ ଖସିଥିବା ଦେଖାଯାଇଥିଲା। ଏହା ସୂଚାଇ ଦିଏ ଯେ ଉଭୟ ବିମାନର ପାଇଲଟ୍ ସମୟ ମଧ୍ୟରେ ବାହାରକୁ ବାହାରିବା ପାଇଁ ସେମାନଙ୍କର ଉପସ୍ଥିତି ବୁଦ୍ଧି ବ୍ୟବହାର କରିଥିଲେ। ବିମାନ ଚଳାଚଳ ସୂତ୍ରଗୁଡ଼ିକ ନିଶ୍ଚିତ କରିଛନ୍ତି ଯେ, ସମସ୍ତ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି।

# ଶୁଭେନ୍ଦୁଙ୍କ କ୍ୟାବିନେଟରେ ୫ ପ୍ରସ୍ତାବକୁ ମଞ୍ଜୁରୀ

### ◆ ମହିଳାଙ୍କ ପାଇଁ ମାସିକ ୩ ହଜାର, ମାଗଣା ବସ୍ ଯାତ୍ରା ◆

କୋଲକାତା : ପଶ୍ଚିମବଙ୍ଗର ଶୁଭେନ୍ଦୁ ଅଧିକାରୀ ସରକାର ତାଙ୍କର ଦ୍ୱିତୀୟ କ୍ୟାବିନେଟ ବୈଠକରେ ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏଥିରେ ମହିଳାଙ୍କ ପାଇଁ ମାସିକ ୩ହଜାର ଟଙ୍କା, ମାଗଣା ବସ୍ ଯାତ୍ରା ଏବଂ ସପ୍ତମ ରାଜ୍ୟ ବେତନ କମିସନ ଗଠନ ଅନ୍ତର୍ଭୁକ୍ତ ରହିଛି। କ୍ୟାବିନେଟ ବୈଠକ ପରେ,ରାଜ୍ୟ ସରକାରଙ୍କ ମହିଳା ଏବଂ ଶିଶୁ କଲ୍ୟାଣ ମନ୍ତ୍ରୀ ଅଗ୍ନିମିତ୍ର ପାଉଲ ଏକ ପ୍ରେସ ବ୍ରିଫିଂରେ ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ସେ କହିଛନ୍ତି, ସରକାର ଅନ୍ନପୂର୍ଣ୍ଣା ଯୋଜନାକୁ ଅନୁମୋଦନ କରିଛନ୍ତି, ଯାହା ଦ୍ୱାରା ଜୁନ୍ ୧ ତାରିଖରୁ ମହିଳାମାନଙ୍କୁ ମାସିକ ୩,୦୦୦ ଟଙ୍କା ସହାୟତା ପ୍ରଦାନ କରାଯିବ। ଜୁନ୍ ୧ ତାରିଖରୁ ସରକାରୀ ବସ୍ରେ ମହିଳାମାନଙ୍କୁ ମାଗଣା ଯାତ୍ରା ଯୋଗାଇବାକୁ ମଧ ନିଷ୍ପତ୍ତି ନିଆଯାଇଛି। ସରକାର ରାଜ୍ୟ ସରକାରଙ୍କ କର୍ମଚାରୀ, ସମ୍ପୃକ୍ତ ସାମ୍ବିଧାନିକ ସଂସ୍ଥା ଏବଂ ଶିକ୍ଷାନୁଷ୍ଠାନ ପାଇଁ ସପ୍ତମ ରାଜ୍ୟ ବେତନ କମିସନ ଗଠନକୁ ଅନୁମୋଦନ



କରିଛନ୍ତି। ଏହା ରାଜ୍ୟ ସରକାରୀ କର୍ମଚାରୀମାନଙ୍କୁ ଲାଭ ଦେବ। ଏହା ବ୍ୟତୀତ, ଧାର୍ମିକ ବର୍ଗୀକରଣ ଉପରେ ଆଧାରିତ ଗୋଷ୍ଠୀଗୁଡ଼ିକୁ ସରକାରୀ ସହାୟତା ବନ୍ଦ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ସିବିଏସଇର ୩ - ଭାଷା ନୀତିକୁ ନେଇ ବିବାଦ

ନୂଆଦିଲ୍ଲୀ: କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ନବମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ୩ଟି ଭାଷା ପଢ଼ିବାକୁ ବାଧ୍ୟତାମୂଳକ କରିଥିବାରୁ ଦେଶର ବିଭିନ୍ନ ସ୍ଥାନରେ ଚର୍ଚ୍ଚା ଓ ଅସନ୍ତୋଷ ଦେଖାଦେଇଛି। ଏହି ନୂଆ ନୀତି ୨୦୨୬ ଜୁଲାଇ ୧ରୁ ଲାଗୁ ହେବ। ନୂତନ ଶିକ୍ଷାବର୍ଷରୁ ଛାତ୍ରଛାତ୍ରୀମାନେ ଆର-୧, ଆର୨ ଓ ଆର୩ ଭାବେ ୩ଟି ଭାଷା ପଢ଼ିବେ, ଯେଉଁଥିରୁ ଅତି କମରେ ୨ଟି ଭାରତୀୟ ଭାଷା ହେବା ଆବଶ୍ୟକ।ଏହି ନିଷ୍ପତ୍ତି ପରେ ଅନେକ ଅଭିଭାବକ ଓ ଛାତ୍ରଛାତ୍ରୀ ଚିନ୍ତା ପ୍ରକାଶ କରିଛନ୍ତି। ସେମାନଙ୍କ କହିବା ଅନୁସାରେ, ଏହା ଛାତ୍ରଛାତ୍ରୀଙ୍କ ଉପରେ ଅଧିକ ପଢ଼ାର ଭାର ପକାଇବ ଓ ମାନସିକ ଚାପ ବଢ଼ାଇପାରେ। କେହି କେହି ଏହି ନୀତିକୁ ପୁନଃବିଚାର କରିବାକୁ ଦାବି କରିଛନ୍ତି। ସୋସିଆଲ୍ ମିଡିଆରେ ମଧ ଏନେଇ ପ୍ରତିକ୍ରିୟା ଆସୁଛି। ଜଣେ ବ୍ୟବହାରକାରୀ କହିଛନ୍ତି, "କ୍ଲାସ୍ ୯ ଓ ୧୦ ପାଇଁ ଏହି ୩-ଭାଷା ନୀତିକୁ ପୁନଃବିଚାର କରନ୍ତୁ।" ଆଉ ଜଣେ ଲେଖିଛନ୍ତି, "ଏଆଇ ଓ ରୋବୋଟିକ୍ସର ଯୁଗରେ ଆମେ ଏଭଳି ଭାଷା ନେଇ ଚାପ ସୃଷ୍ଟି କରୁଛୁ।" ସିବିଏସଇ ପକ୍ଷରୁ କୁହାଯାଇଛି ଯେ ସ୍କୁଲମାନେ ଅନୁମୋଦିତ ତାଲିକାରୁ ଭାଷା ବାଛିପାରିବେ। ବିଦେଶୀ ଭାଷାକୁ ତୃତୀୟ କିମ୍ବା ଚତୁର୍ଥ ବିକଳ୍ପ ଭାବେ ନେଇପାରିବେ। ସେହିପରି, କ୍ଲାସ୍ ୧୦ରେ ତୃତୀୟ ଭାଷା ପାଇଁ କୌଣସି ବୋର୍ଡ ପରୀକ୍ଷା ହେବ ନାହିଁ। ଏହାର ମୂଲ୍ୟାୟନ ସ୍କୁଲ୍ ସ୍ତରରେ ହେବ ଓ ଫଳାଫଳ ଅନ୍ତିମ ସାର୍ଟିଫିକେଟରେ ଦର୍ଶାଯିବ। ତଥାପି, ଅନେକ ସ୍କୁଲରେ ଶିକ୍ଷକ ଅଭାବ ଥିବା କଥାକୁ ସିବିଏସଇ ଗ୍ରହଣ କରିଛି। ଏହାକୁ ଦୂର କରିବା ପାଇଁ ସ୍କୁଲମାନେ ଭର୍ଚୁଆଲ୍ କ୍ଲାସ୍ ଓ ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତ କରିବା ପରାମର୍ଶ ଦିଆଯାଇଛି। ନୂତନ ପାଠ୍ୟପୁସ୍ତକ ଆସିବା ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଷଷ୍ଠ ଶ୍ରେଣୀର ପୁସ୍ତକ ଦ୍ୱାରା ତୃତୀୟ ଭାଷା ଶିଖିବେ। ସମଗ୍ର ଘଟଣାକୁ ନେଇ ଏବେ ଚର୍ଚ୍ଚା ଜୋରଦାର ହୋଇଛି। ଏହି ନୀତି ଛାତ୍ରଛାତ୍ରୀଙ୍କ ପାଇଁ କେତେ ଉପକାରୀ ହେବ, ତାହା ଆଗାମୀ ଦିନମାନଙ୍କରେ ସ୍ପଷ୍ଟ ହେବ।

## ଉମର ଖାଲିଦ ଏବଂ ଶାର୍ଜିଲ ଇମାମଙ୍କ ଜାମିନ ନାମଞ୍ଜୁର ନେଇ ସୁପ୍ରିମକୋର୍ଟଙ୍କ ଅସନ୍ତୋଷ

ନୂଆଦିଲ୍ଲୀ : ସୁପ୍ରିମକୋର୍ଟ ୨୦୨୦ ଦିଲ୍ଲୀ ଦଙ୍ଗା ଅଭିଯୁକ୍ତ ଉମର ଖାଲିଦ ଏବଂ ଶାର୍ଜିଲ ଇମାମଙ୍କୁ ଜାମିନ ନାମଞ୍ଜୁର କରିବା ନିଷ୍ପତ୍ତି ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ନାର୍କୋ-ଆତଙ୍କବାଦ ମାମଲାର ଅଭିଯୁକ୍ତ ଜମ୍ମୁ ଏବଂ କାଶ୍ମୀରର ସୟଦ ଇଫତିଖାର ଆନ୍ଦ୍ରାବିଙ୍କୁ କୋର୍ଟ ଜାମିନ ପ୍ରଦାନ କରାଯାଇଥିବାବେଳେ ଖାଲିଦ ଏବଂ ଶାର୍ଜିଲଙ୍କ ଜାମିନ ନାମଞ୍ଜୁର କରାଯିବା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ୟୁଏପିଏ ଏବଂ ଏନଡିପିଏସ୍ ଆଇନ ଅନୁଯାୟୀ ଅଭିଯୋଗର ସମ୍ମୁଖୀନ ହୋଇଥିବା ଆନ୍ଦ୍ରାବୀଙ୍କୁ ମୁକ୍ତ କରିବା ସମୟରେ, ସୁପ୍ରିମକୋର୍ଟ ତାଙ୍କର ବିଚାର ବିନା ଦୀର୍ଘ କାରାଦଣ୍ଡକୁ ଏକ କାରଣ ଭାବରେ ଉଲ୍ଲେଖ କରିଥିଲେ। ଜୁନ୍ ୨୦୨୦ ରେ ଆନ୍ଦ୍ରାବୀଙ୍କୁ ଗିରଫ କରାଯାଇଥିଲା। ସୁପ୍ରିମକୋର୍ଟ କହିଛନ୍ତି, ୟୁଏପିଏ ମାମଲାରେ ମଧ 'ଜାମିନ ହେଉଛି ନିୟମ ଏବଂ ଜେଲ ହେଉଛି ବ୍ୟତିକ୍ରମ' ନୀତି ପ୍ରଯୁଜ୍ୟ। ଜାନୁଆରି ମାସରେ, ସୁପ୍ରିମକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ଦିଲ୍ଲୀ ଦଙ୍ଗାର ଅଭିଯୁକ୍ତ ଗୁଲଫିଶା ଫାତିମା, ମୀରାନ ହାଇଦର, ଶିଫା-ଉର-ରେହମାନ, ମହମ୍ମଦ ସଲିମ ଖାନ ଏବଂ ଶାଦାବ ଅହମ୍ମଦଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ, ଯେତେବେଳେ ମାମଲାର ମୁଖ୍ୟ ଅଭିଯୁକ୍ତ ଉମର ଖାଲିଦ ଏବଂ ଶାରଜିଲ ଇମାମଙ୍କ ଜାମିନ ଆବେଦନକୁ ଖାରଜ କରିଥିଲେ। ଉଭୟ ସେପ୍ଟେମ୍ବର ୨୦୨୦ ରୁ ଜେଲରେ ଅଛନ୍ତି।



ସୁପ୍ରିମକୋର୍ଟ କହିଛନ୍ତି ଯେ ଯେଉଁ ନ୍ୟାୟିକ ନୀତି ଅନୁଯାୟୀ ଆନ୍ଦ୍ରାବିଙ୍କୁ ଜାମିନ ଦିଆଯାଉଛି ତାହା ତିନି ଜଣିଆ ଖଣ୍ଡପୀଠ ଦ୍ୱାରା ସ୍ଥିର କରାଯାଇଥିଲା। ଉମର ଖାଲିଦଙ୍କ ମାମଲାରେ, ଦୁଇ ଜଣିଆ ଖଣ୍ଡପୀଠ ସେହି ନୀତିକୁ ଅନୁସରଣ କରି ନଥିଲେ। ବିଚାରପତି ବି.ଭି. ନାଗାରତ୍ନା ଏବଂ ବିଚାରପତି ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ ତାଙ୍କ ନିଷ୍ପତ୍ତିରେ ଉମର ଖାଲିଦ ଏବଂ ଶାରଜିଲ ଇମାମଙ୍କୁ ଜାମିନ ନାମଞ୍ଜୁର କରିବା ନେଇ ଅନ୍ୟ ଏକ ଖଣ୍ଡପୀଠର ନିଷ୍ପତ୍ତି ସହିତ ମତଭେଦ ପ୍ରକାଶ କରିଛନ୍ତି। ଜାମିନ ହେଉଛି ନିୟମ ଏବଂ ଜେଲ୍ ହେଉଛି ବ୍ୟତିକ୍ରମ। ଏହା ଧାରା ୨୧ ଏବଂ ୨୨ର ଏକ ସାମ୍ବିଧାନିକ ସିଦ୍ଧାନ୍ତ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏକ ଛୋଟ ଖଣ୍ଡପୀଠ ବୃହତ ଖଣ୍ଡପୀଠ ଦ୍ୱାରା ପ୍ରଦତ୍ତ ଆଇନ ଦ୍ୱାରା ଆବଦ୍ଧ। ନ୍ୟାୟିକ ଶୃଙ୍ଖଳା ଦାବି କରେ ଯେ ବାଧ୍ୟତାମୂଳକ ପୂର୍ବ ଉଦାହରଣ ଅନୁସରଣ କରାଯିବା ଉଚିତ, ଏବଂ ଯଦି କୌଣସି ସନ୍ଦେହ ଥାଏ, ତେବେ ମାମଲାକୁ ଏକ ବଡ଼ ଖଣ୍ଡପୀଠକୁ ପଠାଯିବା ଉଚିତ। ଏକ ଛୋଟ ଖଣ୍ଡପୀଠ ବୃହତ ଖଣ୍ଡପୀଠର ନିଷ୍ପତ୍ତିକୁ ଏଡ଼ାଇପାରିବ ନାହିଁ, ଦୁର୍ବଳ କରିପାରିବ ନାହିଁ କିମ୍ବା ଅଣଦେଖା କରିପାରିବ ନାହିଁ। କୋର୍ଟ କହିଛନ୍ତି ଯେ ୟୁଏପିଏ ଭଳି କଠୋର ଆତଙ୍କବାଦ ବିରୋଧୀ ଆଇନ ଅନୁଯାୟୀ, ଯଦି ବିଚାର ଅତ୍ୟଧିକ ବିଳମ୍ବ ହୁଏ ଏବଂ ନିକଟ ଭବିଷ୍ୟତରେ ଅଭିଯୁକ୍ତଙ୍କୁ ମୁକ୍ତ କରାଯିବାର ସମ୍ଭାବନା କମ୍ ଥାଏ, ତେବେ ଜାମିନ ପ୍ରଦାନ କରାଯାଇପାରିବ।

## ତେଲ ବିକ୍ରିରେ ଦିନକୁ କ୍ଷତି ୮୭୦ କୋଟି

ନୂଆଦିଲ୍ଲୀ: ପେଟ୍ରୋଲ ଓ ଡିଜେଲ ବିକ୍ରିରେ କ୍ଷତି ଅସହ୍ୟ ହେବା ପରେ ତୈଳ କମ୍ପାନିଗୁଡ଼ିକ ନିକଟରେ ଉଭୟ ତେଲର ଲିଟର ପିଛା ଦର ୩ ଟଙ୍କା ବଢ଼ାଇଥିଲେ। ତେବେ ସେହି ଦରବୃଦ୍ଧି କମ୍ପାନିଗୁଡ଼ିକର କ୍ଷତିକୁ ସମ୍ପୂର୍ଣ୍ଣ ଭରଣା କରିପାରିନାହିଁ। ତେଲ କମ୍ପାନିଗୁଡ଼ିକ ଏବେବି ଦିନକୁ ୭୫୦ କେଟି ଟଙ୍କାର କ୍ଷତି ସହୁଛନ୍ତି। ବଜାର ଦରଠାରୁ କମ୍ ଦାମରେ ପେଟ୍ରୋଲ, ଡିଜେଲ୍ ଓ ଏଲ୍ପିଜି ବିକୁଥିବାରୁ ସେମାନଙ୍କର ଏହି କ୍ଷତି ହେଉଛି। ଏ ସମ୍ପର୍କରେ ସୂଚନା ଦେଇ ପେଟ୍ରୋଲିୟମ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି ଯେ ତେଲ କମ୍ପାନିଗୁଡ଼ିକୁ ସଙ୍କଟରୁ ଉଦ୍ଧାର କରିବା ଲାଗି କୌଣସି ପ୍ରସ୍ତାବ ସମ୍ପର୍କରେ ସରକାର ବିଚାର କରୁନାହାନ୍ତି। ଆଗାମୀ ଦିନରେ ଆହୁରି ତେଲ ମହଙ୍ଗା ହେବାର ସମ୍ଭାବନା ସମ୍ପର୍କିତ ପ୍ରଶ୍ନକୁ ସେ ସମ୍ପୂର୍ଣ୍ଣ ଏଡ଼ାଇଯାଇଥିଲେ। ନିକଟରେ ହୋଇଥିବା ଦରବୃଦ୍ଧି ପୂର୍ବରୁ ତେଲ କମ୍ପାନିଗୁଡ଼ିକ ଦିନକୁ ୧୦୦୦ କୋଟି ଟଙ୍କାର କ୍ଷତି ସହୁଥିଲେ। ତାହାକୁ ନେଇ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ଚିନ୍ତା ପ୍ରକଟ କରିଥିଲେ। ଅଚାନକ ତେଲ ଦର ବଢ଼ିବ ନାହିଁ ବୋଲି ସେ ଲୋକମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା ମିଛ ପ୍ରମାଣିତ ହୋଇଥିଲା। ତାଙ୍କ କଥାର କୌଣସି ମୂଲ୍ୟ ରହିନଥିଲା। କାରଣ ସେହି ମନ୍ତବ୍ୟର କିଛି ଦିନ ପରେ ତେଲ କମ୍ପାନିଗୁଡ଼ିକ ତେଲ ଦାମ୍ ୩ ଟଙ୍କା ବଢ଼ାଇଥିଲେ।

# ଭାରତ ଏବେ ନକ୍ସଲ ମୁକ୍ତ : ଶାହ

ନୂଆଦିଲ୍ଲୀ : କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ଛତିଶଗଡ଼ର ଜଗଦଲପୁରରେ ସହିଦଙ୍କ ପରିବାର, କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ (ସିଏପିଏଫ) ର କର୍ମଚାରୀ ଏବଂ ନକ୍ସଲ ହିଂସାରେ ପୀଡିତଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇ, ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା, କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନ, ଗୁଇନ୍ଦା ବ୍ୟୁରୋ (ଆଇବି) ର ନିର୍ଦ୍ଦେଶକ ତପନ ଡେକା, ନକ୍ସଲ ମୁକ୍ତ ରାଜ୍ୟଗୁଡ଼ିକର ପୁଲିସ ମହାନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଏହି ସମାବେଶକୁ ସମ୍ବୋଧିତ କରି ଅମିତ ଶାହ କହିଥିଲେ ଯେ ଆଜି ମୁଁ ଗର୍ବର ସହ କହିପାରିବି ଯେ ଭାରତ ଏବେ ନକ୍ସଲବାଦରୁ ମୁକ୍ତ ହୋଇଛି। ସେ କହିଥିଲେ ଯେ ଏହା ଏକ ସ୍ୱପ୍ନ ଥିଲା, ଯେଉଁଥିପାଇଁ ହଜାର ହଜାର ସୁରକ୍ଷାକର୍ମୀ ନିଜର ସର୍ବସ୍ୱ ତ୍ୟାଗ କରିଥିଲେ। ଶ୍ରୀ ଶାହ କହିଥିଲେ ଯେ ୬ ଦଶନ୍ଧି ଧରି ଦେଶ ରକ୍ତପାତ, ଅବିକଶିତ ବିକାଶ ଏବଂ ନକ୍ସଲ ପ୍ରଭାବିତ ଅଞ୍ଚଳର ଯୁବକମାନଙ୍କ ପାଇଁ ଏକ ଅନ୍ଧକାରମୟ ଭବିଷ୍ୟତ ଭଳି ଦୁଃସ୍ୱପ୍ନ ଦେଇ ଗତି କରିଛି। ଏପରିକି ଅଣ-ନକ୍ସଲ ପ୍ରଭାବିତ ରାଜ୍ୟରେ ରହୁଥିବା ଲୋକମାନେ ମଧ ଏହି ଅଞ୍ଚଳର ଦୁର୍ଦ୍ଦଶା ବିଷୟରେ ଗଭୀର ଚିନ୍ତିତ ରହିଥିଲେ। ସେ ଖୁସି ବ୍ୟକ୍ତ କରିଥିଲେ ଯେ ଏକ ଲକ୍ଷ୍ୟ ଯାହା ଥରେ ଜୀବନକାଳ ମଧ୍ୟରେ ଅସମ୍ଭବ ମନେ ହେଉଥିଲା, ମାତ୍ର ତିନିରୁ ଚାରି ବର୍ଷ ମଧ୍ୟରେ ସାହସୀ ସୁରକ୍ଷା ବାହିନୀ ଦ୍ୱାରା ହାସଲ କରାଯାଇଥିଲା। ଅମିତ ଶାହ କହିଥିଲେ ଯେ ତିନୋଟି ତାରିଖ ଜାନୁଆରୀ ୨୧, ୨୦୨୪, ଅଗଷ୍ଟ ୨୪, ୨୦୨୪ ଏବଂ ମାର୍ଚ୍ଚ ୩୧, ୨୦୨୬ ନକ୍ସଲ ବିଲୋପ ଇତିହାସରେ ସୁବର୍ଣ୍ଣ ଅକ୍ଷରରେ ଲେଖାଯିବ। ଛତିଶଗଡ଼ରେ ଆମ ସରକାର ଗଠନ ହେବା ପରେ, ନକ୍ସଲବାଦ ସମ୍ବନ୍ଧରେ ପ୍ରଥମ ବୈଠକ



ଜାନୁଆରୀ ୨୧, ୨୦୨୪ରେ ଅନୁଷ୍ଠିତ ହୋଇଥିଲା; ମାର୍ଚ୍ଚ ୩୧, ୨୦୨୬ ସୁଦ୍ଧା ନକ୍ସଲବାଦର ମୂଳପୋଛ କରିବାର ସଂକଳ୍ପ ଅଗଷ୍ଟ ୨୪, ୨୦୨୪ରେ ନିଆଯାଇଥିଲା; ଏବଂ ଏହି ସଂକଳ୍ପର ପରିପୂରଣ' ମାର୍ଚ୍ଚ ୩୧, ୨୦୨୬ ରେ ହୋଇଥିଲା- ଏହି ତିନୋଟି ତାରିଖ 'ନକ୍ସଲ-ମୁକ୍ତ ଭାରତ "ଅଭିଯାନର ଇତିହାସରେ ସୁବର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇ ରହିବ।

## ଋଷ୍‌ରେ ୟୁକ୍ରେନ୍ ଡ୍ରୋନ୍ ମାଡ଼ରେ ଓଡ଼ିଆ ଯୁବକ ମୃତ

ନୂଆଦିଲ୍ଲୀ : ରୁଷ ଓ ୟୁକ୍ରେନ ଯୁଦ୍ଧ ମଧ୍ୟରେ ଜଣେ ଓଡ଼ିଆ ଯୁବକଙ୍କ ପ୍ରାଣହାନୀ ଘଟିଛି। ରୋଜଗାର ପାଇଁ ରୁଷ ଯାଇଥିବା ଗଞ୍ଜାମ ଚିକିଟିର ୩୦ ବର୍ଷିୟ ଏ ରାମାୟା ୟୁକ୍ରେନର ଡ୍ରୋନ ମାଡରେ ପ୍ରାଣ ହରାଇଛନ୍ତି। ପରିବାରର ଏକମାତ୍ର ରୋଜଗାର ପୁଅକୁ ହରାଇ ପରିବାର ଲୋକ ଭାଙ୍ଗି ପଡିଛନ୍ତି। ରୁଷ-ୟୁକ୍ରେନ ମଧ୍ୟରେ ଘମାଘୋଟ ଯୁଦ୍ଧ ଚାଲିଛି। ଗତ ଦୁଇ ମାସ ତଳେ ଏ ରମେୟା ନିଜ ସାଙ୍ଗମାନଙ୍କ ସହ ମସ୍କୋର ଇସ୍ତାରୀ ନାମକ ଏକ କମ୍ପାନୀରେ କାର୍ଯ୍ୟ କରିବାକୁ ଯାଇଥିଲେ। ତେବେ ୟୁକ୍ରେନର ଡ୍ରୋନ ମାଡ଼ରେ ଶନିବାର ଯେଉଁ ୪ ଜଣ ମୃତ୍ୟୁବରଣ କରିଥିଲେ ତାହା ମଧ୍ୟରେ ଏ ରମେୟା ଅଛନ୍ତି।

ଶନିବାର ରାତି ପ୍ରାୟ ୩ଟା ସମୟରେ ୟୁକ୍ରେନ ପକ୍ଷରୁ ୬୦୦ରୁ ଅଧିକ ଡ୍ରୋନରେ ମସ୍କୋକୁ ଟାର୍ଗେଟ କରାଯାଇଥିଲା। ଡ୍ରୋନ ମାଡ଼ରେ ନିଆ ଓ ଧୂଆଁରେ ସମଗ୍ର ଅଞ୍ଚଳ ଆଚ୍ଛାଦିତ ହୋଇଥିଲେ। ଘଟଣାକୁ ନେଇ ମସ୍କୋରରେ ଥିବା ଭାରତୀୟ ଦୂତ ବାସ ଦୁଃଖ ପ୍ରକାଶ କରିବା ସହ ନିନ୍ଦା କରିଛନ୍ତି। ରାମେୟା ଯଦି ଶ୍ରମିକ ହିସାବରେ ଯାଇଥିବା ବୈଦେଶିକ ମନ୍ତ୍ରଣାଳୟ ସହ କଥା ହୋଇ ପଦକ୍ଷେପ ନିଆଯିବ ବୋଲି ରାଜ୍ୟ ଶ୍ରମ ମନ୍ତ୍ରୀ କହିଛନ୍ତି। ୟୁକ୍ରେନ-ରୁଷ ଯୁଦ୍ଧ ଜାରି ରହିଛି। ମସ୍କୋର ସହ ଏକାଧିକ ଅଞ୍ଚଳରେ ୟୁକ୍ରେନ ଲଗାତାର ଡ୍ରୋନ ଆକ୍ରମଣ କରୁଛି। ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ରୁଷର ଏୟାର ଡିଫେନ୍ସ ସିଷ୍ଟମ ପ୍ରାୟ ୧୨ରୁ ଅଧିକ ଅଞ୍ଚଳରେ ୫୫୬ ୟୁକ୍ରେନ ଡ୍ରୋନକୁ ଗୁଳି କରି ଖସାଇ ଦେଇଛି।

## ଆମେରିକାରେ ଘେରାବନ୍ଦୀ ନେଇ ଚେତାବନୀ ଦେଲା ଇରାନ

ତେହେରାନ : ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ଥମିବାର ନା ଧରୁନି। ଆମେରିକାକୁ ଧମକ ଦେଇ ଇରାନ କହିଛି ଯେ, ଯଦି ଆମେରିକୀୟ ନୌସେନା ହର୍ମୁଜରେ ଘେରାବନ୍ଦୀ ନହଟାଏ, ତେବେ ଆମେ ଓମାନ ସାଗରକୁ ସେମାନଙ୍କର କବରସ୍ଥାନରେ ପରିଣତ କରିବୁ। ଇରାନ ସେନା ଯୁଦ୍ଧ ପାଇଁ ପ୍ରସ୍ତୁତ ରହିଛି। ତେହେରାନର ଏକ୍ସପେଡିଏନ୍ସି କାଉନସିଲର ସଦସ୍ୟ ଏବଂ ଆଇଆର୍ଜିସିର ପୂର୍ବତନ କମାଣ୍ଡର ମୋହସେନ ରେଜାୟି ଆମେରିକାକୁ ଯଥାଶୀଘ୍ର ଇରାନ ବନ୍ଦରଗୁଡିକରୁ ଅବରୋଧ ଉଠାଇବାକୁ ଚେତାବନୀ ଦେଇ ଏଭଳି କହିଛନ୍ତି।ଇରାନର ସରକାରୀ ଟିଭିରେ ଭାଷଣ ଦେଇ ରେଜାୟି ଆମେରିକାକୁ ସିଧାସଳଖ ଚେତାବନୀ ଦେଇଛନ୍ତି। ଇରାନ ବନ୍ଦରଗୁଡିକ ଉପରେ ଆମେରିକାର ଘେରାବନ୍ଦୀକୁ ସେ ଯୁଦ୍ଧ କାର୍ଯ୍ୟ ବୋଲି କହି ଏହା ତେହେରାନର ଅଧିକାର ବୋଲି କହିଛନ୍ତି। ଆମେରିକା ଯେତେ ଅଧିକ ସମୟ ପାଇଁ ଇରାନ ଉପରେ ନୌସେନା ଅବରୋଧ ଜାରି ରଖିବ, ଏହା ବିଶ୍ୱର ଦେଶଗୁଡ଼ିକର କ୍ଷତି କରିବ। ଏହି ଅଚଳାବସ୍ଥା ସମାପ୍ତ କରିବା ପାଇଁ କୂଟନୈତିକ ପ୍ରୟାସ ଜାରି ରହିଛି। ଏଭଳି କାର୍ଯ୍ୟ ପଛରେ ୱାସିଂଟନର ପ୍ରକୃତ ଉଦ୍ଦେଶ୍ୟ କ'ଣ ରହିଛି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

## ଯଶୱନ୍ତ ବର୍ମା ମାମଲା : ଲୋକସଭା ବାଚସ୍ପତିଙ୍କୁ ତଦନ୍ତ କମିଟି ରିପୋର୍ଟ ପ୍ରଦାନ

ନୂଆଦିଲ୍ଲୀ : ଦିଲ୍ଲୀ ହାଇକୋର୍ଟ ବିଚାରପତି ଯଶୱନ୍ତ ବର୍ମାଙ୍କ ସମ୍ପର୍କରେ ଅଭିଯୋଗର ତଦନ୍ତ କରୁଥିବା ତଦନ୍ତ କମିଟି ସୋମବାର ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିଛନ୍ତି। ବିଚାରପତି (ଅନୁସନ୍ଧାନ ଆଇନ) ୧୯୬୮ ଅନୁଯାୟୀ ସାମ୍ବିଧାନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ରିପୋର୍ଟ ଦିଆଯାଇଛି। ସଂସଦର



ଉଭୟ ଗୃହରେ ଏହି ରିପୋର୍ଟକୁ ଉପସ୍ଥାପନ କରାଯିବ। ବିଚାରପତି ତଦନ୍ତ କମିଟିର ଅଧକ୍ଷ ସୁପ୍ରିମକୋର୍ଟର ବିଚାରପତି ଅରବିନ୍ଦ କୁମାର, ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ କର୍ଣ୍ଣାଟକ ହାଇକୋର୍ଟର ବରିଷ୍ଠ ଓକିଲ ବିଭି ଆଚାର୍ଯ୍ୟ ସଂସଦ ଭବନରେ ବାଚସ୍ପତିଙ୍କୁ ଭେଟି କମିଟିର ରିପୋର୍ଟ ଉପସ୍ଥାପନ କରିଥିଲେ। ସୂଚନା ଥାଉକି, ଏହି କମିଟି ୨୦୨୫ ଅଗଷ୍ଟ ୧୨ ତାରିଖରେ ବାଚସ୍ପତିଙ୍କ ଦ୍ୱାରା ଗଠିତ ହୋଇଥିଲା।

## ପୁଣି ଚର୍ଚ୍ଚାରେ ଈଶା ଅମ୍ବାନୀଙ୍କ ଆଧୁନିକ ରୟାଲ୍ ଲୁକ୍

ମୁମ୍ବାଇ : ନୂଆ ନୂଆ ଲୁକ୍ ଓ ଫ୍ୟାସନ୍ ପାଇଁ ଈଶା ଅମ୍ବାନୀ ବେଶ୍ ଜଣାଶୁଣା। ସବୁଥର ପରି ସେ ପୁଣିଥରେ ତାଙ୍କର ଅଲଗା ଫ୍ୟାସନ୍ ଚଏସ୍ ଦ୍ୱାରା ଚର୍ଚ୍ଚାରେ ଆସିଛନ୍ତି। ଏଥର ସେ ସମ୍ପ୍ରତି କାର୍ଲ୍ ଲାଗରଫେଲ୍ଡଙ୍କ ୧୯୯୬ ଶରତ/ଶୀତ ସଂଗ୍ରହର ଏକ ଭିନ୍ଟେଜ୍ ଚାନେଲ୍ ହାଉଟ୍ କୁଟ୍ୟୁର୍ ପୋଷାକ ପିନ୍ଧି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସୁନାର ଆଭାରେ ତାଙ୍କର ଏହି ଲୁକ୍ ଆଧୁନିକ ଓ ରୟାଲ୍ ଲାଗୁଥିଲା। ଏହି ପୋଷାକଟି ଏକ ଦୁର୍ଲଭ 'ଲେସାଜ୍' କ୍ୱିଲ୍ଟେଡ୍ ପାଣ୍ଟସୁଟ୍, ଯାହା ସହିତ ଗ୍ରିପୋଇକ୍ସ ବେଲ୍ଟ ଥିଲା। ଏହାକୁ 'ଟାବ୍ ଭିନ୍ଟେଜ୍'ଠାରୁ ଆଣାଯାଇଥିବା କୁହାଯାଏ ଏବଂ ଏହାର ମୂଲ୍ୟ ପ୍ରାୟ ୩୧.୫ ଲକ୍ଷ ଟଙ୍କା। ଏହି ଡ୍ରେସ୍ରେ କାର୍ଲ୍ ଲାଗରଫେଲ୍ଡଙ୍କ ଚିହ୍ନଟ ଶୈଳୀ ସ୍ପଷ୍ଟ ଦେଖାଯାଏ। ଚାନେଲ୍ର ଏହି ପୋଷାକରେ ଫ୍ରେଞ୍ଚ କାରିଗରୀ 'ମେଜୋନ୍ ଲେସାଜ୍'ର ସୁନ୍ଦର କାରୁକାର୍ଯ୍ୟ



ଦେଖିବାକୁ ମିଳିଥିଲା। କ୍ୱିଲ୍ଟେଡ୍ ଡିଜାଇନ୍, ଧନାଢ୍ୟ ବ୍ରୋକେଡ୍ ଫିନିଶ୍ ଓ ଆଲଙ୍କାରିକ ସାଜସଜ୍ଜା ଏହାକୁ ଏକ ଅଲଗା ରାଜସିକ ଆକର୍ଷଣ ଦେଇଥିଲା। ତାଙ୍କର ଲୁକ୍କୁ ଆଧୁନିକ କରିବା ପାଇଁ ଈଶା ଅମ୍ବାନୀ ସରଳ ଷ୍ଟାଇଲିଂ ବାଛିଥିଲେ। ସେ ଚାନେଲ୍ର କଳା ସୁଏଡ୍ ମିନି ପାଉଚ୍, ସେଣ୍ଟ ଲୋରେଣ୍ଟ ସନଗ୍ଲାସ୍ ଓ ମାନୋଲୋ ବ୍ଲାହନିକ୍ ସ୍ୟାଣ୍ଡାଲ୍ ସହିତ ଏହି ଲୁକ୍କୁ ପୂର୍ଣ୍ଣ କରିଥିଲେ। ସରଳ ହେୟାର୍ ଷ୍ଟାଇଲ୍ ଓ ମେକଅପ୍ ଏହାକୁ ଆହୁରି ଅଧିକ ଏଲିଗେଣ୍ଟ କରିଥିଲା। ଏହି ଲୁକ୍ରେ ଦାମୀ ଏବଂ ପ୍ରସିଦ୍ଧ ଡିଜାଇନ୍ ଓ ଆଧୁନିକ ଶୈଳୀର ସୁନ୍ଦର ମିଶ୍ରଣ ଦେଖାଯାଇଛି। ଫ୍ୟାସନ୍ ଜଗତରେ 'କ୍ୱାଇଏଟ୍ ଲକ୍ସରି' ଟ୍ରେଣ୍ଡ ଚାଲିଥିବା ବେଳେ, ଈଶା ଅମ୍ବାନୀ ତାଙ୍କ କିଛି ଅଲଗା ଶୈଳୀ ସହିତ ନୂଆ ଉଦାହରଣ ସୃଷ୍ଟି କରିଛନ୍ତି।

# କୋଟି କୋଟି ଡଲାରର ସେୟାର କିଣି ଚର୍ଚ୍ଚାରେ ଟ୍ରମ୍ପ

ୱାସିଂଟନ : ଗୋଟିଏ ପଟେ ସାରା ଦୁନିଆ ସଙ୍କଟରେ ପଡ଼ିଥିବାବେଳେ ଏହାର ମୁଖ୍ୟ ସୂତ୍ରଧର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କ ପରାମର୍ଶଦାତାମାନେ ନିଜ ନିଜର ସମ୍ପତ୍ତି ବଢ଼ାଇବାରେ ଲାଗିଛନ୍ତି। ଏକ ରିପୋର୍ଟରୁ ଜଣା ପଡ଼ିଛି; ଯୁଦ୍ଧର ୯୦ ଦିନ ମଧ୍ୟରେ ଟ୍ରମ୍ପ ଏବଂ ତାଙ୍କ ପରାମର୍ଶଦାତା ମାନେ ୩,୭୦୦ ରୁ ଅଧିକ ଷ୍ଟକ୍ କାରବାର କରି କୋଟି କୋଟି ଡଲାରର ସେୟାର କିଣିଛନ୍ତି। ଏହି ତଥ୍ୟ ପ୍ରକାଶ ପାଇବା ପରେ ଟ୍ରମ୍ପଙ୍କ ଉପରେ ନୂତନ ଯାଞ୍ଚ ଆରମ୍ଭ କରାଯାଇଛି। ବାଣିଜ୍ୟ କାର୍ଯ୍ୟକଳାପର ଏହି ସ୍ତର ୱାଲ ଷ୍ଟ୍ରିଟ୍ ବିଶେଷଜ୍ଞମାନଙ୍କୁ ମଧ ଆଶ୍ଚର୍ଯ୍ୟ କରିଛି। ୱାସିଂଟନରେ ସ୍ୱାର୍ଥ ପାଇଁ ଏହା କେତେଦୂର ଠିକ୍ ସେନେଇ ଚିନ୍ତା ସୃଷ୍ଟି ହୋଇଛି। ବ୍ଲୁମବର୍ଗ ପ୍ରଥମେ ଏହାର ରିପୋର୍ଟ କରିଥିଲା। ଆମେରିକାର କିଛି ବୃହତ୍ତମ ପ୍ରଯୁକ୍ତିବିଦ୍ୟା, ଅର୍ଥ, ମହାକାଶ ଏବଂ ମିଡିଆ କମ୍ପାନିରେ ଲକ୍ଷ ଲକ୍ଷ ଡଲାର ମୂଲ୍ୟର ବାଣିଜ୍ୟ କାର୍ଯ୍ୟକଳାପ କରାଯାଇଥିବା ନେଇ ତଥ୍ୟ ପ୍ରକାଶ ପାଇଥିଲା। ଚଳିତ ବର୍ଷ ଜାନୁଆରିରୁ ମାର୍ଚ୍ଚ




ତିନି ମାସ ମଧ୍ୟରେ, ଟ୍ରମ୍ପ ପ୍ରତିଦିନ ହାରାହାରି ୪୦ ରୁ ଅଧିକ କାରବାର କରିଥିଲେ। ଏହା ପୂର୍ବ ତ୍ରୟମାସିକ ତୁଳନାରେ ବହୁ ଅଧିକ ଥିଲା। ଟ୍ରମ୍ପ ଚଳିତ ତ୍ରୈମାସିକରେ ନିଭିଡିଆ, ଓରାକିଲ୍, ମାଇକ୍ରୋସଫ୍ଟ ଏବଂ ବୋଇଂ ଭଳି କମ୍ପାନିରେ ଅତି କମରେ ୧ ନିୟୁତ ଆମେରିକୀୟ ଡଲାର ମୂଲ୍ୟର ସେୟାର କିଣିଛନ୍ତି। ତାଙ୍କ ପୋର୍ଟଫୋଲିଓରେ ଅମାଜନ, ମେଟା ଏବଂ ୟୁବେର ଭଳି କମ୍ପାନିର ସେୟାର ମଧ ରହିଛି। ଫେବ୍ରୁଆରି ୧୦ରେ ଟ୍ରମ୍ପ ମାଇକ୍ରୋସଫ୍ଟ, ମେଟା ଏବଂ ଆମାଜନରେ ୫ ନିୟୁତ ଡଲାରୁ ୨୫ ନିୟୁତ ଡଲାର ମୂଲ୍ୟର ହୋଲ୍ଡିଂ ବିକ୍ରି କରିଥିଲେ। ନେଟଫ୍ଲିକ୍ସ, ୱାର୍ନର ବ୍ରୋସ୍, ଡିସକଭରୀ ଏବଂ ପାରାମାଉଣ୍ଟ ଗ୍ଲୋବାଲ ଭଳି ପ୍ରମୁଖ ମିଡିଆ ଏବଂ ମନୋରଞ୍ଜନ ଡିଲ୍ରେ ଜଡିତ କମ୍ପାନିଗୁଡ଼ିକରେ ମଧ ସେ ନିବେଶ କରିଥିବା ଜଣାପଡ଼ିଛି। ଏହି କମ୍ପାନିଗୁଡ଼ିକ ମଧ୍ୟରୁ ଅନେକ ଆମେରିକା ସରକାରଙ୍କ ନୀତି, ନିୟମ ଏବଂ ଭୂ-ରାଜନୈତିକ ନିଷ୍ପତ୍ତି ଦ୍ୱାରା ସିଧାସଳଖ ପ୍ରଭାବିତ କ୍ଷେତ୍ରଗୁଡ଼ିକରେ କାର୍ଯ୍ୟ କରିଥାନ୍ତି। ନାଭଭିଡିଆ ଚୀନ୍କୁ ଉନ୍ନତ ଏଆଇ ଚିପ୍ସ ରପ୍ତାନି କରିବା ପାଇଁ ୱାସିଂଟନର ଅନୁମୋଦନ ଆବଶ୍ୟକ କରିଥାଏ। ବୋଇଂ ଆମେରିକା ସରକାରଙ୍କ ପ୍ରତିରକ୍ଷା ଏବଂ ମହାକାଶ ଚୁକ୍ତିନାମା ଉପରେ ନିର୍ଭର କରିଥାଏ। ବ୍ଲୁମବର୍ଗ ଅନୁଯାୟୀ, ଟ୍ରମ୍ପଙ୍କ ବ୍ୟବସାୟ ସରକାରୀ ନୀତି ନିଷ୍ପତ୍ତି ଦ୍ୱାରା ପ୍ରଭାବିତ ଶିଳ୍ପଗୁଡ଼ିକରେ ଅଛି, ଯେତେବେଳେ ତାଙ୍କ ପୁଅ ଟ୍ରମ୍ପ ସଂଗଠନର ଏକ ବଡ଼ ଅଂଶ ତଦାରଖ କରିଥାନ୍ତି।ଇରାନ ଉପରେ ଟ୍ରମ୍ପଙ୍କ ସାର୍ବଜନୀନ ମନ୍ତବ୍ୟ ସହିତ ଜଡିତ ଭିତର ସୂଚନା ବିଷୟରେ ତେଲ ଏବଂ ଷ୍ଟକ୍ ଫ୍ୟୁଚର୍ସ ବଜାରରେ ଅଜବ ବାଣିଜ୍ୟ କାର୍ଯ୍ୟକଳାପ କଳ୍ପନାଜଳ୍ପନାକୁ ପ୍ରୋତ୍ସାହିତ କରିବାର କିଛି ମାସ ପରେ ଏହି ନୂତନ ତଥ୍ୟ ପ୍ରକାଶ ପାଇଛି। ବର୍ଷ ଆରମ୍ଭରେ, ଟ୍ରମ୍ପ ଇରାନ ପ୍ରସଙ୍ଗରେ କହିବା ପୂର୍ବରୁ ବ୍ୟବସାୟୀମାନେ ତେଲ ମୂଲ୍ୟ ହ୍ରାସ ଏବଂ ଆମେରିକୀୟ ଇକ୍ୱିଟି ବଜାର ବୃଦ୍ଧି ଉପରେ ବଡ଼ ଧରଣର ବାଜି ଲଗାଇଥିବା ଜଣାପଡ଼ିଥିଲା। ମନ୍ତବ୍ୟ ପରେ ତେଲ ମୂଲ୍ୟ ହ୍ରାସ ପାଇଥିଲା, ଷ୍ଟକ୍ ବଜାର ବୃଦ୍ଧି ପାଇଥିଲା। ଫଳରେ ବଜାର ସହ ରାଜନୈତିକ ସୂଚନା ଜଡିତ ହେବା ବିଷୟରେ ବିତର୍କ ଆରମ୍ଭ କରିଥିଲା। ଯଦିଓ ଟ୍ରମ୍ପଙ୍କୁ ଏହି ବାଣିଜ୍ୟ ସହିତ ସିଧାସଳଖ ଜଡିତ କରିବାର କୌଣସି ପ୍ରମାଣ ସାର୍ବଜନୀନ ଭାବରେ ପ୍ରକାଶିତ ହୋଇନାହିଁ, ଏହି ଘଟଣା କିପରି ସମ୍ବେଦନଶୀଳ ରାଜନୈତିକ ନିଷ୍ପତ୍ତିକୁ ଆର୍ଥିକ ବଜାର ସହିତ ଜଡିତ କରୁଛି ସେ ବିଷୟରେ ପ୍ରଶ୍ନ ଉଠିଛି।

# ହାଇଦ୍ରାବାଦ ୫ ୱିକେଟରେ ବିଜୟୀ

ଚେନ୍ନାଇ, ୧୮।୫(ଏଜେନ୍ସି) : ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୬୩ତମ ମ୍ୟାଚରେ ଚେନ୍ନାଇ ସୁପର କିଙ୍ଗସକୁ ୫ ୱିକେଟରେ ହରାଇ ସନରାଇଜର୍ସ ହାଇଦ୍ରାବାଦ୍ ବିଜୟୀ ହୋଇଛି। ଚେନ୍ନାଇର ଏମ୍ଏ ଚିଦାମ୍ବରମ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିଣି ଘରୋଇ ଦଳ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ୭ଟି ୱିକେଟ୍ ହରାଇ ୧୮୦ ରନ୍ ସଂଗ୍ରହ କରିଥିଲା। ଏହି



## ଆଇପିଏଲ ମହାସମର

ମ୍ୟାଚ୍ ଜିତିବା ପାଇଁ ହାଇଦ୍ରାବାଦକୁ ୧୮୧ ରନର ଲକ୍ଷ୍ୟ ଥିଲା। ଏହାର ଜବାବରେ ହାଇଦ୍ରାବାଦ ୧୯ ଓଭରରେ ୫ ୱିକେଟ ହରାଇ ୧୮୧ ରନ କରିଥିଲା। ହାଇଦ୍ରାବାଦ ପକ୍ଷରୁ ଇଶାନ କିଶାନ ସର୍ବାଧିକ ୭୦, ହେନରିଚ୍ କ୍ଲାସେନ ୪୭ ଓ ଅଭିଶେକ ଶର୍ମା ୨୬ରନ କରିଥିଲେ।

ଚେନ୍ନାଇ ପାଇଁ ସଂଜୁ ସାମସନ ଏବଂ ଅଧିନାୟକ ଋତୁରାଜ ଗାଏକ୍ୱାର୍ଡ ଇନିଂସ ଆରମ୍ଭ କରିଥିଲେ। ଉଭୟ ପ୍ରାରମ୍ଭିକ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ୩୧ ରନର ଭାଗିଦାରୀ କରିଥିଲେ। ଏଥିରୁ ସଂଜୁ ସାମସନଙ୍କ ବ୍ୟକ୍ତିଗତ ୨୭ ରନ୍ ଥିଲା, ଯିଏକି ୧୩ଟି ବଲ୍ ସାମ୍ନା କରି ୫ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ଚେନ୍ନାଇର ସ୍କୋର ୪୮ ରନରେ ହାଇଦ୍ରାବାଦର ଦ୍ୱିତୀୟ ଶିକାର ହୋଇଥିଲେ ଉର୍ଭିଲ ପଟେଲ (୧୩ ରନ୍)। କାର୍ତ୍ତିକ ଶର୍ମା ଦଳର ତୃତୀୟ ଭାବେ ଆଉଟ୍ ହୋଇଥିଲେ। ସେ ବ୍ୟକ୍ତିଗତ ଭାବେ ୧୯ଟି ବଲ୍ ଖେଳି ୩ଟି ଚୌକା ଏବଂ ୨ଟି ଛକା ବଳରେ ୩୨ ରନ୍ ସଂଗ୍ରହ କରିଥିଲେ। ଚେନ୍ନାଇ ପାଇଁ ଡେୱାଲ୍ଡ ବ୍ରେଭିସ୍ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୨୭ଟି ବଲରୁ ୪୪ ରନ୍ କରିଥିଲେ, ଯେଉଁଥିରେ ୨ଟି ଚୌକା ଏବଂ ୪ଟି ଛକା ସାମିଲ ଥିଲା। ଶିଭବ ଦୁବେ ୨୬ ରନ୍ କରିଥିଲେ। ଏଥି ପାଇଁ ୨୩ଟି ବଲ୍ ସାମ୍ନା କରି ୩ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ଅଧିନାୟକ ଋତରାଜ ଗାଏକ୍ୱାର୍ଡ ୧୫ ରନ୍ ସଂଗ୍ରହ କରିଥିଲେ। ଏଥି ପାଇଁ ସେ ୨୧ଟି ବଲ୍ର ସାମ୍ନା କରିଥିଲେ। ପ୍ରଶାନ୍ତ ବୀର (୧୧ରନ୍) ଓ ଅକିଲ ହୁସେନ (୩ରନ୍) ଅପରାଜିତ ଫେରିଥିଲେ। ହାଇଦ୍ରାବାଦ ପାଇଁ ଅଧିନାୟକ ପେଟ୍ କମିନ୍ସ ସର୍ବାଧିକ ୱିକେଟ୍ ନେଇଥିଲେ। ସେ ୪ ଓଭର ବୋଲିଂ କରି ୨୮ ରନ୍ ଖର୍ଚ୍ଚ କରିଥିଲେ। ସାକିବ ହୁସେନ ୨ଟି, ପ୍ରଫୁଲ୍ଲ ହିଙ୍ଗେ ଏବଂ ଇଶାନ ମାଲିଙ୍ଗା ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।

## ଆଜିର ମ୍ୟାଚ

- ରାଜସ୍ଥାନ-ଲକ୍ଷ୍ନୌ
- ସ୍ଥାନ- ଜୟପୁର
- ସମୟ- ରାତି ୭.୩୦
- ପ୍ରସାରଣ- ଷ୍ଟାର ନେଟୱାର୍କ

## ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ବେଙ୍ଗାଲୁରୁ | ୧୩ | ୯ | ୪ | ୧୮ |
| ଗୁଜରାଟ | ୧୩ | ୮ | ୫ | ୧୬ |
| ହାଇଦ୍ରାବାଦ | ୧୩ | ୮ | ୫ | ୧୬ |
| ପଞ୍ଜାବ | ୧୩ | ୬ | ୬ | ୧୩ |
| ରାଜସ୍ଥାନ | ୧୨ | ୬ | ୬ | ୧୨ |
| ଚେନ୍ନାଇ | ୧୩ | ୬ | ୭ | ୧୨ |
| ଦିଲ୍ଲୀ | ୧୩ | ୬ | ୭ | ୧୨ |
| କୋଲକାତା | ୧୨ | ୫ | ୬ | ୧୧ |
| ମୁମ୍ବାଇ | ୧୨ | ୪ | ୮ | ୮ |
| ଲକ୍ଷ୍ନୌ | ୧୨ | ୪ | ୮ | ୮ |

# ଡବ୍ଲୁପିଏଲ୍ ଦଳ ଲାଗି ପଞ୍ଜାବ କିଙ୍ଗ୍ସର ଆଗ୍ରହ

ନୂଆଦିଲ୍ଲୀ : ମହିଳା ପ୍ରିମିୟର ଲିଗ୍ (ଡବ୍ଲୁପିଏଲ୍)ର ଫ୍ରାଞ୍ଚାଇଜି ସଂଖ୍ୟା ବଢାଇବା ନେଇ ବର୍ତ୍ତମାନ ପାଇଁ କୌଣସି ଯୋଜନା ନଥିବା ବିସିସିଆଇ ସ୍ପଷ୍ଟ କରିଥିବାବେଳେ ଏଥିରେ ଦଳ କିଣିବା ଲାଗି ଆଗ୍ରହ ଦେଖାଇଛନ୍ତି ଆଇପିଏଲ୍ ଫ୍ରାଞ୍ଚାଇଜି ପଞ୍ଜାବ କିଙ୍ଗ୍ସର



ଅନ୍ୟତମ ମାଲିକ ମୋହିତ ବର୍ମନ । ସେ କହିଛନ୍ତି ଯେ କମ ସମୟ ମଧ୍ୟରେ ମହିଳା କ୍ରିକେଟ୍ କ୍ଷେତ୍ରରେ ଡବ୍ଲୁପିଏଲ୍ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚରେ ପରିଣତ ହୋଇଛି। ମହିଳା କ୍ରିକେଟର ବି ଚମତ୍କାର ଅଭିବୃଦ୍ଧି ହୋଇଛି। ପୂର୍ବରୁ ଏଥିରେ ନିବେଶ ନ କରିବା ଅର୍ଥ ଏହା ନୁହେଁ ଯେ ତାଙ୍କର ମହିଳା କ୍ରିକେଟରେ ଆଗ୍ରହ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି," ବ୍ୟକ୍ତିଗତଭାବେ ମୁଁ ଭାବୁଛି ଯେ ମହିଳା କ୍ରିକେଟର ଭବିଷ୍ୟତ ଉଜ୍ଜ୍ୱଳ। ଆମେ ଏକ ମହିଳା ଆଇପିଏଲ୍ ଦଳ କିଣିବାକୁ ପସନ୍ଦ କରିବୁ। "ସୂଚନାଯୋଗ୍ୟ ଯେ ମହିଳା ପ୍ରିମିୟର୍ ଲିଗରେ ଏବେ ପାଞ୍ଚଟି ଫ୍ରାଞ୍ଚାଇଜି ଥିବାବେଳେ ସେଗୁଡ଼ିକ ମଧ୍ୟରୁ ତିନୋଟି ଦଳ ଆଇପିଏଲ୍ ଫ୍ରାଞ୍ଚାଇଜି ସହ ସମ୍ପର୍କିତ। ସେଗୁଡ଼ିକ ହେଉଛି ମୁମ୍ବାଇ ଇଣ୍ଡିଆନ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଦିଲ୍ଲୀ କ୍ୟାପିଟାଲ୍ସ। ଅନ୍ୟ ଦୁଇଟି ଦଳ ଗୁଜରାଟ ଜାୟାଣ୍ଟସ୍ ଓ ୟୁପି ୱାରିୟର୍ସ କୌଣସି ଆଇପିଏଲ୍ ଫ୍ରାଞ୍ଚାଇଜି ସହ ସଂପୃକ୍ତ ନାହାନ୍ତି। ତେବେ ଆଇପିଏଲ୍ ଫ୍ରାଞ୍ଚାଇଜି ମାନଙ୍କ ମଧ୍ୟରେ ଡବ୍ଲୁପିଏଲ୍ ଦଳ କିଣିବା ଆଗ୍ରହ ବଢ଼ିବାରେ ଲାଗିଛି। ଏହା ପୂର୍ବରୁ ଚେନ୍ନାଇ ସୁପରକିଙ୍ଗସ୍ ସିଇଓ କାଶୀ ବିଶ୍ୱନାଥନ୍ ବି ଡବ୍ଲୁପିଏଲ୍ ଦଳ କିଣିବା ଲାଗି ଆଗ୍ରହ ପ୍ରକାଶ କରିଥିଲେ।

# ଉମାଙ୍କୁ ମହିଳା ଆଇରନ ମ୍ୟାନ ଆଖ୍ୟା

ଭୁବନେଶ୍ୱର : ଉମା ହାଜରା ମହିଳା ଆଇରନ ମ୍ୟାନ ଆଖ୍ୟା ଅର୍ଜନ କରିଛନ୍ତି। ଆମେରିକାର ଫ୍ଲୋରିଡ଼ା ଜ୍ୟାକସନିଭଲେଠାର ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୩.୮ କିଲୋମିଟର୍ ସନ୍ତରଣ, ୧୮୦ କିଲୋମିଟର୍ ସାଇକେଲ୍ ଚାଳନା ଓ ୪୨ କିଲୋମିଟର୍ ଦୌଡ଼କୁ ୪୦ ବର୍ଷୀୟା ଉମା ୧୬ ଘଣ୍ଟା ୫୩ ମିନିଟ୍ ୧୬ ସେକେଣ୍ଡ ସମୟରେ ଶେଷ କରିଥିଲେ। ଉମା ଭୁବନେଶ୍ୱର ୟୁନିଟ୍-୮ ଡିଏଭିରେ ସ୍କୁଲ୍ ଶିକ୍ଷା ପରେ ଆଇଟିଇଆର୍ରୁ ଇଂଜିନିୟରିଂ କରିଥିଲେ। ଇନଫୋସିସ୍‌ରେ ବୃତ୍ତିଗତ ଜୀବନ ଆରମ୍ଭ କରି ଏବେ ଆମେରିକାରେ କାର୍ଯ୍ୟରତ ଅଛନ୍ତି। ଉମା ମଧ୍ୟ ଜଣେ ଓଡ଼ିଶୀ ନୃତ୍ୟାଙ୍ଗନା ଭାବେ ପରିଚିତା। ତାଙ୍କ ସଫଳତାରେ ସ୍ୱାମୀ ବିଶ୍ୱଜିତ୍ ମିଶ୍ର ଏବଂ ୯ ବର୍ଷୀୟ ପୁଅ ଖୁସି ଜାହିର କରିଛନ୍ତି। ପଶ୍ଚିମବଙ୍ଗର ମୂଳ ବାସିନ୍ଦା ପରିବାରରୁ ଆସିଥିଲେ ମଧ୍ୟ ଉମାଙ୍କ ସଫଳତା ଅନେକ ଓଡ଼ିଆ ଝିଅଙ୍କ ପାଇଁ ପ୍ରେରଣା ହେବ ବୋଲି ବିଶ୍ୱାସ କରାଯାଉଛି।

# ଶ୍ରେୟସଙ୍କୁ ପ୍ରୀତିଙ୍କ ଉଚ୍ଚବାଚ

ଧର୍ମଶାଳା : ରବିବାର ଧର୍ମଶାଳାରେ ପଞ୍ଜାବ କିଙ୍ଗସ୍ ପୁଣି ଥରେ ପରାଜୟ ବରଣ କରିବା ପରେ ଏହାର ସହ-ମାଲିକାଣୀ ଭୀଷଣ ଅସନ୍ତୁଷ୍ଟ ଥିବା ଦେଖାଯାଇଥିଲା। ପଡ଼ିଆ ମଧ୍ୟରେ ହିଁ ସେ ଅଧିନାୟକ ଶ୍ରେୟସ୍ ଆୟରଙ୍କ ସହ ଉଚ୍ଚସ୍ୱରରେ କିଛି କହୁଥିବା ଦେଖାଯାଇଥିଲା। କିନ୍ତୁ ସେ କ'ଣ କହିଥିଲେ ତାହା ଜଣାପଡ଼ିନାହିଁ। ଗୋଟିଏ ପଟେ ଏହି ଘଟଣା ଚାଲିଥିବାବେଳେ ଅନ୍ୟପଟେ ଦଳର ମୁଖ୍ୟ ପ୍ରଶିକ୍ଷକ ରିକି ପଣ୍ଟିଂ ଅତ୍ୟନ୍ତ ଉଦାସ ମନରେ ବସିଥିବା ଦେଖାଯାଇଥିଲା। ସେ ଦଳର ପ୍ଲେଅଫ୍ ସମ୍ଭାବନାକୁ ନେଇ ହତାଶ ହୋଇପଡ଼ିଥିବା ଲାଗୁଥିଲା। ତେବେ ଏହି ଘଟଣାଟିର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ଲୋକମାନେ ଏହି ଘଟଣାକୁ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ର ମାଲିକ ସଂଜୀବ ଗୋଏଙ୍କା ପଡ଼ିଆ ଭିତରେ ଋଷଭ ପନ୍ତଙ୍କ ସହ କରିଥିବା ଉଚ୍ଚବାଚ ପ୍ରକରଣକୁ ମନେ ପକାଇଛନ୍ତି। ଚଳିତ ଆଇପିଏଲର ପ୍ରଥମ ପର୍ଯ୍ୟାୟରେ ପଞ୍ଜାବ କିଙ୍ଗସ ଲଗାତାର ସାତଟି ବିଜୟ ସହ ଅପରାଜେୟ ମନେ ହୋଉଥିଲା। କିନ୍ତୁ ଗତ ଛ'ଟି ମ୍ୟାଚରେ ଦଳ ଲଗାତାର ପରାଜୟ ବରଣ କରିଛି।

# ନାଟକୀୟ ମୋଡ଼ ନେଉଛି ଆଇପିଏଲ ପ୍ଲେ ଅଫ ରେସ୍

ମୁମ୍ବାଇ, ୧୮।୫(ଏଜେନ୍ସି) : ଚଳିତ ଆଇପିଏଲର ପ୍ଲେ ଅଫ ରେସ୍ ଦିନକୁ ଦିନ ନାଟକୀୟ ମୋଡ ନେବାରେ ଲାଗିଛି। ସ୍ଥିତି ଏପରି ହୋଇଛି ଯେ ଏବେ ପ୍ଲେ ଅଫ ରେସରେ ୭ଟି ଟିମ ରହିଛନ୍ତି। ହେଲେ ପ୍ଲେ ଅଫକୁ କେବଳ ଏମାନଙ୍କ ମଧ୍ୟରୁ ୩ଟି ଦଳ ଯାଇ ପାରିବେ। କାରଣ ଚଳିତ ଆଇପିଏଲରେ ପ୍ରଥମ ଟିମ ଭାବେ ୧୮ ପଏଣ୍ଟ ସହ ଡିଫେଣ୍ଡିଂ ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବା ଆରସିବି ପ୍ଲେ ଅଫରେ ସ୍ଥାନ ସୁରକ୍ଷିତ କରି ନେଇଛି।



ଶୁବମନ ଗିଲଙ୍କ ନେତୃତ୍ୱାଧୀନ ଗୁଜରାଟ ଏବେ ୧୩ଟି ମ୍ୟାଚରୁ ୧୬ ପଏଣ୍ଟ ପାଇଛି। ଯଦି ଦଳ ତା'ର ଶେଷ ମ୍ୟାଚ୍ ଜିତି ନେଉଛି, ତା'ହେଲେ ପ୍ଲେ ଅଫରେ ପ୍ରବେଶ କରିଯିବ। ଯଦି ବି ଦଳ ହାରୁଛି, ତା'ହେଲେ ମଧ୍ୟ ପ୍ଲେ ଅଫରେ ପ୍ରବେଶ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଦଳ ଏବେ ୧୬ ପଏଣ୍ଟ ପାଇଥିବା ବେଳେ ନେଟ ରନ ରେଟ ମଧ୍ୟ ଭଲ ରହିଛି। ତେଣୁ ଏକାଧିକ ଦଳ ୧୬ ପଏଣ୍ଟ ହାସଲ କଲେ ମଧ୍ୟ ଗୁଜରାଟ ପ୍ଲେ ଅଫକୁ ଯିବାର ସମ୍ଭାବନା ଅଧିକ। ସନ ରାଇଜର୍ସ ହାଇଦ୍ରାବାଦ ପାଖରେ ୨ଟି ମ୍ୟାଚ୍ ରହିଛି। ଦୁଇଟି ଯାକ ମ୍ୟାଚ୍ ଜିତିଗଲେ ହାଇଦ୍ରାବାଦ ୧୮ ପଏଣ୍ଟ ସହ ପ୍ଲେ ଅଫରେ ପ୍ରବେଶ କରିବ। ଗୋଟିଏ ଜିତିଲେ ବି ଦଳର ପଏଣ୍ଟ ୧୬ ହୋଇଯିବ। ଏପରି ସ୍ଥିତିରେ ରନ ରେଟ ଆଧାରରେ ହାଇଦ୍ରାବାଦ ପ୍ଲେ ଅଫ ଖେଳିପାରିବ।

ପଞ୍ଜାବ କିଙ୍ଗସ ରବିବାର ଆରସିବି ଠାରୁ ହାରିବା ପଞ୍ଜାବର ପ୍ଲେ ଅଫ ଗଣତିକୁ ଓଲଟ ପାଲଟ କରି ଦେଇଛି। ପ୍ରଥମେ ୭ଟି ମ୍ୟାଚରୁ ପଞ୍ଜାବ ୬ଟି ଜିତିଥିଲା ଓ ଗୋଟିଏ ବର୍ଷା ଯୋଗୁ ବାତିଲ ହୋଇଥିଲା। କିନ୍ତୁ ଲଗାତର ୬ଟି ମ୍ୟାଚ୍ ହାରି ଏବେ ପଞ୍ଜାବ ପ୍ଲେ ଅଫ ରେସରୁ ବାଦ ପଡ଼ିବା ସ୍ଥିତିରେ ରହିଛି। ପଞ୍ଜାବ ତା'ର ଶେଷ ମ୍ୟାଚ୍ ଜିତିଲେ ସର୍ବାଧିକ ୧୫ ପଏଣ୍ଟରେ ହିଁ ପହଞ୍ଚି ପାରିବ। ଏପରି ସ୍ଥିତିରେ ଦଳ ଚାହିଁବ ଯେ ଚେନ୍ନାଇ, ରାଜସ୍ଥାନ ଓ କେକେଆର ୧୪ ପଏଣ୍ଟରୁ ଅଧିକ ନ ପାଆନ୍ତୁ। ଦିଲ୍ଲୀ ମଧ୍ୟ ଶେଷ ମ୍ୟାଚ ଜିତିଲେ ସର୍ବାଧିକ ୧୪ ପଏଣ୍ଟ ପାଇବ। ତେଣୁ ପଞ୍ଜାବ ୧୫ ପଏଣ୍ଟ ସହ ପ୍ଲେଅଫ ଯିବାକୁ ସକ୍ଷମ ହେବ।

ଚେନ୍ନାଇ ସୁପର କିଙ୍ଗସ ନିକଟରେ ଲକ୍ଷ୍ନୌ ଠାରୁ ୭ ୱିକେଟରେ ପରାସ୍ତ ହୋଇଥିଲା। ଏବେ ଦଳ ହାତରେ ୨ଟି ମ୍ୟାଚ୍ ରହିଛି। ଉଭୟ ମ୍ୟାଚ୍ ଜିତିଲେ ୧୬ ପଏଣ୍ଟ ମିଳିବ। ପ୍ଲେ ଅଫ ଖେଳିବା ସମ୍ଭାବନା ମଧ୍ୟ ବଢ଼ିଯିବ। କିନ୍ତୁ ଗୋଟିଏ ମ୍ୟାଚ୍ ଜିତିଲେ ଓ ରାଜସ୍ଥାନ, କୋଲକାତା ଓ ପଞ୍ଜାବ ଯଦି ୧୪ ପଏଣ୍ଟ ମାର୍କ ଅତିକ୍ରମ ନ କରିବେ, ତା'ହେଲେ ଚେନ୍ନାଇର ଭାଗ୍ୟ ନେଟ ରନ ରେଟ ନିର୍ଦ୍ଧାରଣ କରିବ।

ସେହିପରି ରାଜସ୍ଥାନ ରୟାଲ୍ସର ଶେଷ ୫ ମ୍ୟାଚରୁ ୪ଟିରେ ପରାଜୟ ରାଜସ୍ଥାନର ପ୍ଲେ ଅଫ ଆଶାକୁ ଶକ୍ତ ଝଟକା ଦେଇଛି। ରାଜସ୍ଥାନ ଏବେ ୧୨ ପଏଣ୍ଟ ପାଇଥିବା ବେଳେ ଦଳ ପାଖରେ ୨ଟି ମ୍ୟାଚ୍ ରହିଛି। ତେଣୁ ଯେକୌଣସି ପରିସ୍ଥିତିରେ ଦଳକୁ ୨ଟି ଯାକ ମ୍ୟାଚ୍ ଜିତିବାକୁ ପଡ଼ିବ। ୧୬ ପଏଣ୍ଟ ପାଇଲେ ଦଳ ପଞ୍ଜାବ, କୋଲକାତା ଓ ଦିଲ୍ଲୀ ଉପରେ ରହିବ। ଯଦି ରାଜସ୍ଥାନ ଗୋଟିଏ ମ୍ୟାଚ୍ ଜିତିବ, ତା'ହେଲେ ନେଟ ରନ ରେଟର ଲଢ଼େଇ ଦଳ ଚେନ୍ନାଇ ଓ ଦିଲ୍ଲୀ ସହ କରିବ। ଯଦି କୋଲକାତା ଓ ପଞ୍ଜାବ ୧୫ ପଏଣ୍ଟ ପାଇଗଲେ, ତା'ହେଲେ ରାଜସ୍ଥାନର ପ୍ଲେ ଅଫ ସ୍ୱପ୍ନ ଅଧାରେ ରହିଯିବ।

କୋଲକାତା ନାଇଟ ରାଇଡର୍ସ ଏବେ ୧୨ଟି ମ୍ୟାଚରୁ ୧୧ ପଏଣ୍ଟ ପାଇଛି। ବାକି ଦୁଟି ଯାକ ମ୍ୟାଚ୍ ଜିତିଲେ ଦଳର ପଏଣ୍ଟ ସର୍ବାଧିକ ୧୫ରେ ପହଞ୍ଚିବ। ଏପରି ସ୍ଥିତିରେ ଦଳ ଚାହିଁବ ଯେ ରାଜସ୍ଥାନ ଓ ଚେନ୍ନାଇ ୨ଟି ମ୍ୟାଚରୁ ଅତି କମରେ ଗୋଟିଏ ଜିତନ୍ତୁ ଓ ପଞ୍ଜାବ ତା'ର ଶେଷ ମ୍ୟାଚ୍ ହାରିଯାଉ। ଏପରି ସ୍ଥିତିରେ ୧୫ ପଏଣ୍ଟ ସହ ଦଳ ପ୍ଲେ ଅଫ ଯୋଗ୍ୟତା ଅର୍ଜନ କରିବ।

ରାଜସ୍ଥାନକୁ ହରାଇବା ପରେ ଦିଲ୍ଲୀର ଆଶା ବଢ଼ିଛି। କିନ୍ତୁ ଦଳ ପାଖରେ କେବଳ ଗୋଟିଏ ମ୍ୟାଚ୍ ବାକି ରହିଛି। ତେଣୁ ଦିଲ୍ଲୀ ସର୍ବାଧିକ ୧୪ ପଏଣ୍ଟ ପାଇ ପାରିବ। ପ୍ଲେ ଅଫ ଖେଳିବାକୁ ହେଲେ ପ୍ରଥମେ ଦିଲ୍ଲୀକୁ ନିଜର ଶେଷ ମ୍ୟାଚ୍ ଜିତିବାକୁ ପଡ଼ିବ। ସେହିପରି ଚେନ୍ନାଇ, ପଞ୍ଜାବ ଓ ରାଜସ୍ଥାନ ନିଜ ନିଜର ସବୁ ମ୍ୟାଚ୍ ହାରନ୍ତୁ ବୋଲି ଦଳ ଚାହିଁବ। ସେହିପରି କୋଲାକତା ବାକି ଥିବା ୨ଟି ମ୍ୟାଚରୁ ସର୍ବାଧିକ ଗୋଟିଏ ଜିତୁ ବୋଲି ଦିଲ୍ଲୀ ଆଶା କରିବ।

# ସିଲହଟ ଟେଷ୍ଟ : ପାକିସ୍ତାନ ପାଇଁ କର ବା ମର ସ୍ଥିତି

ଢାକା, ୧୮।୫(ଏଜେନ୍ସି) : ସିଲହଟ ଟେଷ୍ଟର ତୃତୀୟ ଦିନରେ ପାକିସ୍ତାନକୁ ଏକ ସ୍ମାରକୀ କାର୍ଯ୍ୟ କରିବାକୁ ପଡ଼ିଲା, ବାଂଲାଦେଶ ଏକ କମାଣ୍ଡିଂ ଅଲରାଉଣ୍ଡ ପ୍ରଦର୍ଶନ କରି ମ୍ୟାଚ୍ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହାସଲ କରିବା ପରେ ବିଜୟ ପାଇଁ ୪୩୭ ରନ ଆବଶ୍ୟକ ଥିଲା। କ୍ଷମ ସମୟରେ, ପାକିସ୍ତାନ ସେମାନଙ୍କର ଖାତା ଖୋଲିପାରିଲା ନାହିଁ, ଓପନର ଆଜାନ ଅବେଁସ ଏବଂ ଅବଦୁଲ୍ଲା ଫଜଲ ଦୁଇଟି ଟେଷ୍ଟିଂ ମେଡେନରୁ ବଞ୍ଚି ରହିବା ପରେ ଖରାପ ଆଲୋକ ପ୍ରାରମ୍ଭିକ ଶେଷକୁ ଖେଳକୁ ବାଧ୍ୟ କରିଥିଲା। ବାଂଲାଦେଶର ଦ୍ୱିତୀୟ ଇନିଂସ ମୁଶଫିକର ରହିମଙ୍କ ମାରାଥନ ପ୍ରୟାସ ଉପରେ ନିର୍ମିତ ହୋଇଥିଲା, ଯିଏ ଚାପ ତଳେ ତାଙ୍କର ସର୍ବୋତ୍ତମ ଟେଷ୍ଟ ଇନିଂସ ମଧ୍ୟରୁ ଗୋଟିଏ ଖେଳିଥିଲେ। ସେ ୨୩୩ ବଲ୍ ରୁ ୧୨ ଚୌକା ଏବଂ ଗୋଟିଏ ଛକା ମାରି ୧୩୭ ରନ ସଂଗ୍ରହ କରିଥିଲେ ଏବଂ ଦୁଇଟି ଅଧିବେଶନରେ ଦୀର୍ଘ ସମୟ ପାଇଁ ଇନିଂସକୁ ସଂଯୋଜିତ କରିଥିଲେ। ମୁଶଫିକର ପ୍ରଥମେ ଲୟରେ ସ୍ଥିର ହେବା ପୂର୍ବରୁ ପ୍ରାରମ୍ଭିକ ଚାପକୁ ଅବଲମ୍ବନ କରିଥିଲେ, ଚତୁରତାର ସହିତ ଷ୍ଟ୍ରାଇକ୍ ଘୂରାଇଥିଲେ ଏବଂ ଲୁଜ୍ ଡେଲିଭରିରୁ ପୁଞ୍ଜି କରିଥିଲେ। ଶେଷରେ ତାଙ୍କ ଇନିଂସ ଶେଷ ହୋଇଥିଲା ଯେତେବେଳେ ସେ ସାଜିଦ ଖାନଙ୍କ ବଲ୍ ରେ କ୍ୟାଚ୍ ହୋଇଥିଲେ, ପାକିସ୍ତାନକୁ ହତାଶ କରିଥିବା ଏକ ଦୀର୍ଘ ଷ୍ଟାଣ୍ଡ ପରେ ଏକ ଜିଦ୍ଖୋର ପ୍ରତିରୋଧ ଭାଙ୍ଗି ଦେଇଥିଲେ। ଅନ୍ୟ ପାର୍ଶ୍ୱରେ, ଲିଟନ୍ ଦାସ ସଂପୂର୍ଣ୍ଣ ଆକ୍ରମଣାତ୍ମକ ପ୍ରତିପକ୍ଷ ପ୍ରଦାନ କରିଥିଲେ। ପ୍ରଥମ ଇନିଂସରେ ଶତକ ହାସଲ କରି, ସେ ୯୨ ବଲରେ ୬୯ ରନ୍ କରିଥିଲେ, ପାଞ୍ଚଟି ଚୌକା ମାରି ସ୍କୋରିଂ ହାରକୁ ସୁସ୍ଥ ରଖିଥିଲେ। ଲିଟନ୍ ଉଭୟ ଗତି ଏବଂ ସ୍ପିନ୍ ବିରୁଦ୍ଧରେ ପୂର୍ଣ୍ଣ ନିୟନ୍ତ୍ରଣରେ ଥିଲେ, କିନ୍ତୁ ତାଙ୍କର ଆକ୍ରମଣାତ୍ମକ ଉଦ୍ଦେଶ୍ୟ ତାଙ୍କୁ କ୍ଷତି ପହଞ୍ଚାଇଥିଲା ଯେତେବେଳେ ସେ ହାସନ ଅଲିଙ୍କ ବଲରେ କ୍ୟାଚ୍ ହୋଇଥିଲେ, ବାଂଲାଦେଶକୁ ୩୫୦ ଅତିକ୍ରମ କରିବାକୁ ଏବଂ ଲିଡକୁ ଆହୁରି ତ୍ୱରାନ୍ୱିତ କରିବାକୁ ଚେଷ୍ଟା କରୁଥିଲେ। ଉଭୟ ବ୍ୟାଟ୍ସମ୍ୟାନ୍ ଆଉଟ୍ ହେବା ପର୍ଯ୍ୟନ୍ତ, ବାଂଲାଦେଶ ମ୍ୟାଚ୍କୁ ପାକିସ୍ତାନର ପହଞ୍ଚିବା ବାହାରେ ରଖି ସାରିଥିଲା। ପାକିସ୍ତାନର ବୋଲିଂ ପ୍ରୟାସ ସଂକ୍ଷିପ୍ତ ଶୃଙ୍ଖଳା ଦେଖାଇଥିଲା କିନ୍ତୁ ଲମ୍ବା ସ୍ପେଲ୍ରେ ସ୍ଥିରତାର ଅଭାବ ଥିଲା। ଖୁରମ ଶାହଜାଦ ଶ୍ରେଷ୍ଠ ପ୍ରଦର୍ଶନକାରୀ ଥିଲେ, ୪ ୱିକେଟ୍ ସହିତ ଶେଷ କରିଥିଲେ, ବାରମ୍ବାର ଅସହଜ ଲେନ୍ଥ ମାରିଥିଲେ ଏବଂ ପ୍ରମୁଖ ଭାଗୀଦାରି ଭାଙ୍ଗିଥିଲେ। ସାଜିଦ ଖାନ ୩ ୱିକେଟ୍ ନେଇଥିଲେ, ଟର୍ଣ୍ଣ ବାହାର କରିଥିଲେ କିନ୍ତୁ ସୂର୍ଯ୍ୟ ତଳେ ଏକ ସହଜ ପୃଷ୍ଠରେ ରନ୍ ମଧ୍ୟ ଦେଇଥିଲେ। ହାସନ ଅଲି ଲିଟନ୍ ଦାସଙ୍କ ଗୁରୁତ୍ୱପୂର୍ଣ୍ଣ ଆଉଟ୍ ସମେତ ୨ ୱିକେଟ୍ ନେଇଥିଲେ, ଯେତେବେଳେ ମହମ୍ମଦ ଆବାସ କଡ଼ା ଲାଇନ୍ ବୋଲିଂ କରିଥିଲେ କିନ୍ତୁ କେବଳ ଗୋଟିଏ ୱିକେଟ୍ ହାସଲ କରିଥିଲେ। ବାଂଲାଦେଶ ଶେଷରେ ୩୯୦ ରନରେ ଅଲଆଉଟ୍ ହୋଇଯାଇଥିଲା, ଶେଷ ୱିକେଟ୍ ପତନ ପୂର୍ବରୁ ଏକ ନିର୍ଣ୍ଣାୟକ ଲାଭ ହାସଲ କରିସାରିଥିଲା। ସଂକ୍ଷିପ୍ତ ଶେଷ ଅଧିବେଶନରେ, ଆଜାନ ଅବୈଁସ ଏବଂ ଅବଦୁଲ୍ଲା ଫଜଲ ଏକମାତ୍ର ଲକ୍ଷ୍ୟ ଭାବରେ ବଞ୍ଚିବା ସହିତ ବାହାରି ଆସିଲେ। ଉଭୟ ତସ୍କିନ ଅହମଦ ଏବଂ ଶୋରିଫୁଲ ଇସଲାମଙ୍କ ଶୃଙ୍ଖଳିତ ସ୍ପେଲ ବିରୁଦ୍ଧରେ ସତର୍କତା ପ୍ରଦର୍ଶନ କରିଥିଲେ।

# ଭରତ ସିଂ ରାଜ୍ୟଗୋଷ୍ଠୀ ଚେସ୍ ସଂଘର ସଭାପତି

ନୂଆଦିଲ୍ଲୀ : ବରିଷ୍ଠ କ୍ରୀଡ଼ା ପ୍ରଶାସକ ଭରତ ସିଂ ଚୌହାନ ସର୍ବସମ୍ମତିକ୍ରମେ ଆଗାମୀ ୪ ବର୍ଷ ପାଇଁ ରାଜ୍ୟଗୋଷ୍ଠୀ ଚେସ୍ ସଂଘ (ସିସିଏ)ର ସଭାପତି ପୁନଃନିର୍ବାଚିତ ହୋଇଛନ୍ତି। ରବିବାର ଶ୍ରୀଲଙ୍କାର ୱାସାକାଦୁଆଠାରେ ଅନୁଷ୍ଠିତ ସିସିଏର ବାର୍ଷିକ ସାଧାରଣ ଅଧିବେଶନ ପରେ ଅନୁଷ୍ଠିତ ନିର୍ବାଚନରେ ଚୌହାନଙ୍କୁ ମନୋନୀତ କରାଯାଇଥିଲା। ସେହିପରି ମାଲେସିଆର ଆଖ୍ରାମସ୍ୟା ମୁଆମାର ଉବେଦିସ ସାନୁସି ଉପସଭାପତି ଓ ଶ୍ରୀଲଙ୍କାର ଜି. ଲକ୍ଷ୍ମଣ ୱିଜେସୂର୍ଯ୍ୟା ମହାସଚିବ



ନିଯୁକ୍ତ ହୋଇଛନ୍ତି। ଦକ୍ଷିଣ ଆଫ୍ରିକାର ଭିକ୍କି ମାଗୁ କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି। ୬୮ ବର୍ଷୀୟ ଚୌହାନ ଏବେ ଅନ୍ତର୍ଜାତୀୟ ଚେସ୍ ମହାସଂଘ( (ଫିଡେ)ର ପରାମର୍ଶଦାତା ବୋର୍ଡର ଅଧ୍ୟକ୍ଷ ଅଛନ୍ତି। ସେ ମଧ୍ୟ ଏସୀୟ ଚେସ୍ ସଂଘର ଉପସଭାପତି ଅଛନ୍ତି।


ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାର ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍କୁ ବିଜ୍ଞାପନ ସହ ୭୮୭୩୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୮୭୩୫୩୩୧୭୪ରେ ଯୋଗାଯୋଗ କରନ୍ତୁ।


## ଜିତେନ ବରାଳ ସ୍ମାରକୀ ଭଲିବଲ ପ୍ରତିଯୋଗିତା

# ନିମାପଡ଼ା ଚାମ୍ପିଅନ

ନିମାପଡା, ୧୮।୫(ସବ୍ୟୁ) : ସ୍ଥାନୀୟ ବାରବାଟୀ ପଡିଆରେ ନିମାପଡା ଆଥ୍ଲେଟିକ ଆସୋସିଏସନ ପକ୍ଷରୁ ଦ୍ୱିତୀୟ ଜିତେନ ବରାଳ ସ୍ମାରକୀ ଏକ ଦିବସୀୟ ଦିବାରାତ୍ର ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା ଗତ



ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୬ ଟି ଦଳ ଭାଗନେଇଥିଲେ। ନାଗପୁର ଭଲିବଲ କ୍ଲବ, ଗୋପ ମା' ଭବାନୀ କ୍ଲବ, ଅଲଣ୍ଡା ମହାବୀର କ୍ଲବ, ନିମାପଡା ଆଥ୍ଲେଟିକ ଆସୋସିଏସନ, ପୁରୀ ଭଲିବଲ କ୍ଲବ, ସରକଣା ଭଲିବଲ କ୍ଲବ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ନିମାପଡା ଆଥ୍ଲେଟିକ ଆସୋସିଏସନ ୨-୦ରେ ଗୋପକୁ ହରାଇ ଚମ୍ପିଆନ ହୋଇଛି। ଖେଳକୁ ସୁକାନ୍ତ କୁମାର ନାୟକ, ରୋସନ କୁମାର ସାହୁ,ପ୍ରଦୀପ୍ତ କୁମାର ପଣ୍ଡା,ସୁକାନ୍ତ କିଶୋର ମିଶ୍ର ପରିଚାଳନା କରିଥିଲେ। ଅତିଥିଭାବେ ବରିଷ୍ଠ ଦଇତାପତି ରାମଚନ୍ଦ୍ର ଦାସମହାପାତ୍ର,ଆଥ୍ଲେଟିକ ଆସୋସିଏସନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସମୀର ରଂଜନ ଦାଶ,ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ୍,ଭଲିବଲ କୋଚର ଅଜୟ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଉକ୍ତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହିତ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିଅନ ନିମାପଡା ଦଳକୁ ନଗଦ ୭ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସ ଅପ ଗୋପ ଦଳକୁ ୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ନିମାପଡା ଆଥ୍ଲେଟିକ ଆସୋସିଏସନର କାର୍ଯ୍ୟକାରୀ ସଭାପତି ଧିରେନ ବରାଳ, ସଂପାଦକ ଜୀବନାନନ୍ଦ ମହାପାତ୍ର,ବିଚିତ୍ରା ନନ୍ଦ ପାତ୍ର ପ୍ରମୁଖ ଏହି ପ୍ରତିଯୋଗିତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୨୩ ବର୍ଷରୁ କମ୍ ପ୍ରତିଯୋଗିତା

# ଟ୍ୱେଣ୍ଟି-୨୦ ଫର୍ମାଟରେ ଖେଳାଯିବ !



ମୁମ୍ବାଇ : ଆସନ୍ତା ଘରୋଇ ଋତୁ (୨୦୨୬-୨୭)ରେ କେତେକ ପରିବର୍ତ୍ତନ ଆଣିବାକୁ ଯାଉଛି ବିସିସିଆଇ। ସୂଚନା ଅନୁସାରେ ଜାତୀୟ ୨୩ ବର୍ଷରୁ କମ ୫୦ ଓଭର ବିଶିଷ୍ଟ ପ୍ରତିଯୋଗିତାକୁ ଟ୍ୱେଣ୍ଟି-୨୦ରେ ପରିବର୍ତ୍ତନ କରାଯାଇପାରେ। ଏ ନେଇ ବୋର୍ଡ ବିଭିନ୍ନ ରାଜ୍ୟ ସଂଘ ଓ ଅନ୍ୟ ଅଂଶୀଦାରମାନଙ୍କ ମତ ଲୋଡ଼ିଛି। ସେମାନଙ୍କ ମତାମତ ମିଳିବା ପରେ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। 'ଷ୍ଟେଟ୍ 'ଏ' ଚାମ୍ପିଅନସିପ୍' ଭାବେ ପରିଚିତ ଏହି ଜାତୀୟ ପ୍ରତିଯୋଗିତା ଏଲିଟ୍ ଓ ପ୍ଲେଟ୍ ଡିଭିଜନରେ ବିଭକ୍ତ ହୋଇଛି। ଗତ ବର୍ଷ ନଭେମ୍ବର-ଡିସେମ୍ବରରେ ଅନୁଷ୍ଠିତ ଏହି ପ୍ରତିଯାଗିତାରେ ତାମିଲନାଡୁ ଏଲିଟ୍ ଡିଭିଜନର ବିଜେତା ଥିବାବେଳେ ମେଘାଳୟ ପ୍ଲେଟ୍ ଡିଭିଜନରେ ଚାମ୍ପିଅନ ହୋଇଥିଲା। ସେହିପରି ତାମିଲନାଡୁ ମଧ୍ୟ ବହୁଦିବସୀୟ ସିକେ ନାଇଡୁ ଟ୍ରଫିର ଚାମ୍ପିଅନ ରହିଛି।


ସମୟ

ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod

IOS

Download Now:
https://play.google.com/store/app/details/id- com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି